# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୩/୨୦୨୨ (୧୬ ପୃଷ୍ଠା) | Sambalpur, Wednesday, August 3/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ବିକାଶଙ୍କୁ ରୌପ୍ୟ ପଦକ

ଭାରତୀୟ ଭାରୋତ୍ତୋଳକ ବିକାଶ ଠାକୁର ପୁରୁଷ ୯୬କେଜି ଶ୍ରେଣୀ ପ୍ରତିଯୋଗିତାରେ ରୌପ୍ୟ ପଦକ ଲାଭ କରିଛନ୍ତି।

୧୪

୧୨

## ଆଲିଆଙ୍କ ଫର୍ମୁଲା

ଚଳଚ୍ଚିତ୍ର ଫ୍ଲପ୍ ହେଲେ ଅଭିନେତାମାନେ ପାରିଶ୍ରମିକ ଫେରାଇଦେବା ଉଚିତ୍ ବୋଲି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ କହିଛନ୍ତି।





ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ୯ ଦଫା ଦାବିରେ ମଙ୍ଗଳବାର ଅଲ୍ ଇଣ୍ଡିଆ ଫେୟାର ପ୍ରାଇସ୍ ଶପ୍ସ ଡିଲର୍ସ ଫେଡେରେଶନ ପକ୍ଷରୁ ଆୟୋଜିତ ଧାରଣା କାର୍ଯ୍ୟକ୍ରମରେ ମଞ୍ଚାସୀନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଇ ତଥା ଫେଡେରେଶନ୍‌ର ଉପାଧ୍ୟକ୍ଷ ପ୍ରହ୍ଲାଦ ମୋଦି।

# ଧାରଣା ଦେଲେ ମୋଦିଙ୍କ ଭାଇ

- ସାରା ଦେଶରେ ପଶ୍ଚିମବଙ୍ଗ ରାଶନ ମଡେଲ ଲାଗୁ ପାଇଁ ଦାବି
- ଭାଇ ପ୍ରଧାନମନ୍ତ୍ରୀ ହେଲେ କ'ଣ ମୁଁ ଭୋକରେ ମରିବି: ପ୍ରହ୍ଲାଦ

**ନୂଆଦିଲ୍ଲୀ,୨।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଇ ତଥା ଅଲ୍ ଇଣ୍ଡିଆ ଫେୟାର ପ୍ରାଇସ୍ ଶପ୍ ଡିଲର୍ସ ଫେଡେରେଶନ (ଏଆଇଏଫ୍‌ପିଏସ୍‌ଡିଏଫ୍)ର ଉପାଧ୍ୟକ୍ଷ ପ୍ରହ୍ଲାଦ ମୋଦି ଦରଦାମ୍ ବୃଦ୍ଧିର ପ୍ରତିବାଦ ସମେତ ତାଙ୍କ ସଂଘର ବିଭିନ୍ନ ଦାବି ନେଇ ମଙ୍ଗଳବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ସେ ଓ ସଂଘର ଅନ୍ୟ ସଦସ୍ୟମାନେ ବ୍ୟାନର ଧରି ସ୍ଲୋଗାନ ଦେଇଛନ୍ତି। ଭାଇ ପ୍ରଧାନମନ୍ତ୍ରୀ ହେଲେ କ'ଣ ହେଲା, ସେ କ'ଣ ଭୋକରେ ମରିବେ କି ବୋଲି ପ୍ରହ୍ଲାଦ କହିଛନ୍ତି। ଖୁବ୍‌ଶୀଘ୍ର ଏଆଇଏଫ୍‌ପିଏସ୍‌ଡିଏଫ୍‌ର ଏକ ପ୍ରତିନିଧି ମଣ୍ଡଳୀ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେବ। ସେଥିରେ ସେମାନଙ୍କର ବଞ୍ଚିବା ଲାଗି ଦୀର୍ଘଦିନର ଦାବି ଉପସ୍ଥାପନ କରାଯିବ। ବର୍ତ୍ତମାନ ବଜାର ଦର ଯେପରି ହେଲାଣି ବଞ୍ଚିବା ଓ ଦୋକାନ ଚଳାଇବା ଅତ୍ୟନ୍ତ ବ୍ୟୟସାପେକ୍ଷ ହେଲାଣି। ଏପରି ସ୍ଥିତିରେ ଆମ ସାମଗ୍ରୀ ବିକ୍ରିରେ କିଲୋଗ୍ରାମ ପ୍ରତି ମାତ୍ର ୨୦ ପଇସା ମାର୍ଜିନ ବଢ଼ାଯିବା ଏକ ନିଷ୍ଠୁର ଉପହାସ। ☞ପୃଷ୍ଠା-୪






# ପ୍ରମାଣ ଅଭାବରୁ ପପୁ ପମ୍‌ପମ ନିର୍ଦ୍ଦୋଷ

**ନାବାଳିକା ଯୌନ ନିର୍ଯାତନା ମାମଲା**

**ଭୁବନେଶ୍ୱର,୨।୮ (ବ୍ୟୁରୋ)**

ନାବାଳିକା ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ହାସ୍ୟ ଅଭିନେତା ତତ୍ତ୍ୱପ୍ରକାଶ ଶତପଥୀ ଓରଫ ପପୁ ପମ୍‌ପମ୍ ଓ ତାଙ୍କ ସହଯୋଗୀ ପ୍ରଦୀପ୍ତ କୁମାର ସ୍ୱାଇଁ ଓରଫ ଗିଟୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଭୁବନେଶ୍ୱର ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ଅଦାଲତ(ପୋକ୍ସୋ) ବିଚାରପତି ବୁଧବାର ଉଭୟଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କୋର୍ଟରେ ଟ୍ରାଏଲ ସମୟରେ ପୀଡ଼ିତା ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ** ଘର ଭିତରୁ


# ଆମେରିକାର ମିଶାଇଲ୍ ମାଡ଼ରେ ଅଲ୍-କାଏଦା ମୁଖ୍ୟ ଜୱାହିରି ନିହତ



**ୱାଶିଂଟନ,୨।୮**

୯/୧୧ ଆକ୍ରମଣରେ ପ୍ରମୁଖ ଭୂମିକା ନେଇଥିବା ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ମୁଖ୍ୟ ଅୟମାନ ଅଲ୍-ଜୱାହିରି ଆଫଗାନିସ୍ତାନରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ନିହତ ହୋଇଛନ୍ତି। କାବୁଲରେ ଆମେରିକାର ସାମରିକ ଅପରେଶନରେ ଜୱାହିରିଙ୍କ ମୃତ୍ୟୁ ଘଟିଥିବା ନେଇ ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ୨୦୧୧ରେ ପାକିସ୍ତାନର ଅବୋଟାବାଦରେ ଆମେରିକୀୟ ସୈନ୍ୟଙ୍କ ସ୍ପେଶାଲ ଅପରେଶନରେ ଅଲ୍-କାଏଦା ପ୍ରତିଷ୍ଠାତା ଓସାମା ବିନ୍ ଲାଡେନ୍ ନିହତ ହେବାର ୧୧ ବର୍ଷ ପରେ ଏହାକୁ ବୈଶ୍ୱିକ ଆତଙ୍କବାଦୀ ନେଟ୍‌ୱର୍କ ପାଇଁ ସବୁଠୁ ☞ପୃଷ୍ଠା-୪

# ସନ୍ଦେହରେ ସଂଖ୍ୟା

## ୧୩ ବର୍ଷରେ ଚାଷୀସଂଖ୍ୟା ସାଢ଼େ ୪ଗୁଣ ବଢ଼ିଛି

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨।୮**

**ରାଜ୍ୟରେ ଧାନ ସଂଗ୍ରହ**

ରାଜ୍ୟରେ ୨୦୦୯-୧୦ରେ ୧,୩୫୭ ଧାନ ସଂଗ୍ରହ କେନ୍ଦ୍ର(ପିପିସି) ଜରିଆରେ ୩ ଲକ୍ଷ ୪୧ ହଜାର ଚାଷୀଙ୍କଠାରୁ ୧୬.୩୧ ଲକ୍ଷ ମେଟ୍ରିକ ଟନ ଧାନ କିଣାଯାଇଥିଲା। ୨୦୨୧-୨୨ରେ ୩,୮୬୨ ପିପିସିରେ ୧୫ ଲକ୍ଷ ୧୫ ହଜାର ଚାଷୀଙ୍କଠାରୁ ୭୧.୦୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ଅର୍ଥାତ୍ ରାଜ୍ୟରେ ଗତ ୧୩ ବର୍ଷ ମଧ୍ୟରେ ପ୍ରାୟ ସାଢ଼େ ୪ ଗୁଣ ଚାଷୀ ସଂଖ୍ୟା ଏବଂ ଧାନ ସଂଗ୍ରହ ପରିମାଣ ବୃଦ୍ଧି ଘଟିଛି। ସଦ୍ୟ ସମାପ୍ତ ବିଧାନସଭାର ମୌସୁମୀ ଅଧିବେଶନରେ ବିଧାୟକ ପ୍ରଫୁଲ୍ଲ ସାମଲ କରିଥିବା ପ୍ରଶ୍ନ(୨୦୩୯)ରେ ସମବାୟ ବିଭାଗରୁ ଦିଆଯାଇଥିବା ଉତ୍ତରରୁ ଉପରୋକ୍ତ ତଥ୍ୟ ଜଣାପଡ଼ିଛି। କିନ୍ତୁ ରାଜ୍ୟ ସରକାରଙ୍କ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୦ରେ ପ୍ରକାଶିତ ୫ ଦଶନ୍ଧିର କୃଷି ପରିସଂଖ୍ୟାନ ଅନୁଯାୟୀ ଓଡ଼ିଶାର ଚାଷଜମି ପରିମାଣ ଲଗାତର ହ୍ରାସ ପାଇ ଆସୁଛି। ଏଥିରୁ ୧୩ ବର୍ଷରେ ପ୍ରାୟ ୪ଗୁଣ ଚାଷୀ ସଂଖ୍ୟା ଏବଂ ଧାନ ଉତ୍ପାଦନ ପରିମାଣ ବୃଦ୍ଧି ପାଇବା ତଥ୍ୟ ବା ସଂଖ୍ୟା ଉପରେ ସନ୍ଦେହ ସୃଷ୍ଟି ହେଉଛି।

ରାସ୍ତା ନିର୍ମାଣ, ଶିଳ୍ପାଞ୍ଚଳ ବୃଦ୍ଧି ଏବଂ ଦ୍ରୁତ ସହରୀକରଣ ଯୋଗୁ ରାଜ୍ୟରେ ଚାଷ ଜମି ପରିମାଣ କମିଆସିଛି। ୫ ଦଶନ୍ଧିର କୃଷି ପରିସଂଖ୍ୟାନର ତଥ୍ୟ ଅନୁଯାୟୀ, ୨୦୦୦-୦୧ରେ ରାଜ୍ୟରେ ମୋଟ ୫୮ ଲକ୍ଷ ୨୯ ହଜାର ହେକ୍ଟର ଚାଷ ଜମି ଥିଲା। ୨୦୦୯-୧୦ରେ ୫୫ ଲକ୍ଷ ୭୪ ହଜାର ହେକ୍ଟର ଏବଂ ୨୦୧୮-୧୯ରେ ୫୩ ଲକ୍ଷ ୬୨ ହଜାର ହେକ୍ଟର ଏବଂ ୨୦୧୯-୨୦ର ପ୍ରାଥମିକ ତଥ୍ୟ ଅନୁଯାୟୀ ୫୩ ଲକ୍ଷ ୩୦ ହଜାର ହେକ୍ଟର ଚାଷ ଜମି ରହିଥିଲା। ଏଥିରୁ ପ୍ରତିବର୍ଷ ଚାଷଜମି ହ୍ରାସ ପାଇ ଆସୁଥିବା ସ୍ପଷ୍ଟ ବୁଝାପଡୁଛି।

ଅନ୍ୟପକ୍ଷରେ ୫ ଦଶନ୍ଧିର କୃଷି ପରିସଂଖ୍ୟାନ ଦେଖିଲେ, ୨୦୦୦-୦୧ରେ ୧୫ ଲକ୍ଷ ୯୦ ହଜାର ହେକ୍ଟର, ୨୦୧୦-୧୧ରେ ୨୦ ଲକ୍ଷ ୮୫ ହଜାର ହେକ୍ଟର ଏବଂ ୨୦୧୮-୧୯ରେ ୨୫ ଲକ୍ଷ ୯୨ ହେକ୍ଟର ଜମିକୁ ବାସ୍ତବିକ ଭାବେ ଜଳସେଚିତ କରାଯାଇପାରିଛି। ଜଳସେଚିତ ଜମି ପରିମାଣ ବୃଦ୍ଧି ପାଇଲେ କୃଷି ଉତ୍ପାଦନ ବଢ଼ିବା ସ୍ୱାଭାବିକ। କିନ୍ତୁ ଏ କ୍ଷେତ୍ରରେ ଲୋକ ବଳର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି। ଦେଖିବାକୁ ଗଲେ ଓଡ଼ିଶାରୁ ବହୁସଂଖ୍ୟକ ଲୋକ କାମ ଅନ୍ୱେଷଣରେ ଗୁଜରାଟ, ମହାରାଷ୍ଟ୍ର, କର୍ନାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁକୁ ଯାଉଛନ୍ତି। ତାହାର ପ୍ରମାଣ ମହାମାରୀ କରୋନାର ପ୍ରଥମ ଲହର ସମୟରେ ଓଡ଼ିଶାକୁ ଅନ୍ୟ ରାଜ୍ୟରୁ ସୁଅ ଛୁଟିଥିବା ସଂଖ୍ୟାରୁ ଜଣାପଡୁଛି। ସାଧାରଣତଃ ସମସ୍ତେ ଏକଥା ଜାଣନ୍ତି ଯେ, କାମ ଅନ୍ୱେଷଣରେ ବାହାରକୁ ଯାଉଥିବା ଲୋକଙ୍କ ମଧ୍ୟରୁ କିଛିଜଣଙ୍କୁ ଛାଡ଼ିଲେ ☞ପୃଷ୍ଠା-୪

# ଲନ୍ ବୋଲ୍ସ, ଟିଟିରେ ଭାରତକୁ ସ୍ୱର୍ଣ୍ଣ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

**ବର୍ମିଂହାମ, ୨।୮ (ପି.ଟି.)**

ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଙ୍ଗଳବାର ମହିଳା ଲନ୍ ବୋଲ୍ସ ଫୋର୍ ଏବଂ ପୁରୁଷ ଟେବୁଲ ଟେନିସ (ଟିଟି) ଟିମ୍ ଇଭେଣ୍ଟରୁ ଭାରତକୁ ସ୍ୱର୍ଣ୍ଣ ପଦକ ମିଳିଛି। ଲନ୍ ବୋଲ୍ସରୁ ପ୍ରଥମଥରପାଇଁ ଭାରତ ସ୍ୱର୍ଣ୍ଣ ପାଇଥିବାରୁ ଏହାକୁ ଐତିହାସିକ ସଫଳତାଭାବେ ବିବେଚନା କରାଯାଉଛି। ଏହି ଇଭେଣ୍ଟରେ ଆରମ୍ଭରୁ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ଭାରତ ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୧୭-୧୦ରେ ପରାସ୍ତ କରିଥିଲା। ଲଭ୍‌ଲି ଚୌବେ, ପିଙ୍କି, ନୟନମଣି ସାଇକିଆ ଓ ରୂପା ରାଣୀ ତିର୍କୀ ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଭାରତ ଏକଦା ୮-୨ରେ ଅଗ୍ରଣୀଲାଭ କରିଥିଲେ ହେଁ ଥାବେଲୋ ମୁଭାଙ୍ଗୋ, ବ୍ରିଜେଟ କାଲିଜ, ଇସ୍‌ମେ କ୍ରୁଗେର ଓ ଜୋହାନା ସ୍ନିମାନଙ୍କୁ ନେଇ ଗଠିତ ଦକ୍ଷିଣ ଆଫ୍ରିକା ଦଳ ଏହାକୁ ୮-୮ରେ ପରିଣତ କରି ମ୍ୟାଚରେ ☞ପୃଷ୍ଠା-୪



ସ୍ୱର୍ଣ୍ଣ ପଦକ ବିଜୟିନୀ ଭାରତୀୟ ଲନ୍ ବୋଲ୍ସ ଖେଳାଳିମାନେ।




# ଆମେରିକାର ପ୍ରତିଶୋଧ





## କେମିତି ଥିଲା ଅପରେଶନ

ଗତ ଜୁଲାଇ ୩୧ ସ୍ଥାନୀୟ ସମୟ ପୂର୍ବାହ୍ଣ ୬ଟା ୧୮ ମିନିଟରେ ୭୧ ବର୍ଷୀୟ ଅଲ୍-ଜୱାହିରିଙ୍କୁ କାବୁଲର ଏକ ସୁରକ୍ଷିତ ସ୍ଥାନରେ ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ଟାର୍ଗେଟ କରି ହତ୍ୟା କରିଛି। ଏହା ଏକ ଗୁପ୍ତ ମିଶନ ଥିଲା। ଏହାଦ୍ୱାରା ଯେପରି କୌଣସି ନାଗରିକଙ୍କ କ୍ଷତି ନ ହେବ ସେଥିପାଇଁ ସତର୍କତା ଅବଲମ୍ବନ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏନେଇ ଗତ ଶନିବାର ନିର୍ଦ୍ଦେଶ ଦେଇଥିଲେ।

## ହେଲ୍‌ଫାୟାର ମିଶାଇଲ



ଅଲ୍-କାଏଦା ମୁଖ୍ୟ ଜୱାହିରିଙ୍କୁ ନିପାତ କରିବା ପାଇଁ ଆମେରିକା ଏକ ଡ୍ରୋନ୍‌ର ସହାୟତା ନେଇଥିଲା। ଉକ୍ତ ଡ୍ରୋନ୍‌ରେ ହେଲ୍‌ଫାୟାର ମିଶାଇଲ୍ ଖଞ୍ଜାଯାଇଥିଲା। ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟସ୍ଥଳକୁ ଭେଦ କରିଥାଏ। କିନ୍ତୁ ଟାର୍ଗେଟ ବେଳେ କୌଣସି ବିସ୍ଫୋରଣ ଘଟି ନ ଥାଏ। ନିର୍ଦ୍ଦିଷ୍ଟ ଭାବେ ଯାହାକୁ ଟାର୍ଗେଟ କରାଯାଉଥିବ ତାଙ୍କ ବ୍ୟତୀତ ଅନ୍ୟ କାହାରି କିଛି କ୍ଷତି ହୋଇ ନ ଥାଏ। ଆତଙ୍କବାଦୀଙ୍କୁ ନିପାତ କରିବାରେ ଏହା ବିଶେଷ ସହାୟକ ହୋଇଥାଏ। ୫ ଫୁଟ୍ ଲମ୍ବ ବିଶିଷ୍ଟ ଏହି ଆର୍୯ଏକ୍ସ ମିଶାଇଲର ଓଜନ ୪୫ କେ.ଜି.।

# ଆଖି ଡାକ୍ତରରୁ ମୃତ୍ୟୁ ସୌଦାଗର

ୱାଶିଂଟନ,୨।୮

ଆମେରିକାର ସ୍ୱତନ୍ତ୍ର ଅପରେଶନରେ ନିହତ ହୋଇଥିବା ଅଲ୍-କାଏଦା ନେତା ଅୟମନ ଅଲ୍-ଜୱାହିରିଙ୍କୁ ଆତଙ୍କବାଦୀ ସଙ୍ଗଠନର ମସ୍ତିଷ୍କ କୁହାଯାଉଥିଲା। ଇଜିପ୍ଟର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମିତ ଜୱାହିରିଙ୍କ ଜେଜେ ରାବିଆ ଅଲ୍-ଜୱାହିରି କାଏରୋସ୍ଥିତ ଅଲ୍-ଜୱାହର ୟୁନିଭର୍ସିଟିରେ ଜଣେ ଇମାମ ଥିଲେ। ତାଙ୍କ ବାପାଙ୍କ ଦାଦା ଅବ୍‌ଦେଲ ରହମାନ ଅଜାମ ଆରବ ଲିଗ୍‌ର ପ୍ରଥମ ସଚିବ ଥିଲେ। ଚକ୍ଷୁ ଚିକିତ୍ସକ ଜୱାହିରି ଇଜିପ୍ଟରେ ଏକ ଇସ୍‌ଲାମିକ୍ ଜେହାଦୀ ଗୋଷ୍ଠୀ ତିଆରି କରିଥିଲେ। ୧୯୯୧ରେ ସେ ଇଜିପ୍ଟର ତତ୍କାଳୀନ ରାଷ୍ଟ୍ରପତି ଅନ୍‌ୱର ସାଦତ୍‌ଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ। ଏଥିପାଇଁ ତାଙ୍କୁ ୩ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ସେ ପାକିସ୍ତାନ ଦେଇ ଆଫଗାନିସ୍ତାନରେ ଆହତ ଆତଙ୍କବାଦୀମାନଙ୍କୁ ଚିକିତ୍ସା କରୁଥିବାବେଳେ ଅଲ୍-କାଏଦା ପ୍ରତିଷ୍ଠାତା ଓସାମା ବିନ୍ ଲାଡେନ୍‌ଙ୍କ ସଂସ୍ପର୍ଶରେ ଆସିଥିଲେ। ଏଥିସହ ଉକ୍ତ ସଙ୍ଗଠନରେ ସାମିଲ ହୋଇଥିଲେ। ୧୯୯୮ରେ କେନିଆ ଓ ତାଞ୍ଜାନିଆସ୍ଥିତି ଆମେରିକା ଦୂତାବାସ ଆକ୍ରମଣରେ



ଓସାମା ବିନ୍ ଲାଡେନ୍‌ଙ୍କ ସହ ଅୟମନ ଅଲ୍-ଜୱାହିରି।

ଜୱାହିରିଙ୍କ ବଡ଼ ଭୂମିକା ଥିଲା। ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାର ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଓ ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନରେ ଅଲ୍-କାଏଦା ପକ୍ଷରୁ ଆକ୍ରମଣ କରାଯାଇଥିଲା। ଆମେରିକା ଏୟାରଲାଇନ୍ସ ବିମାନ ଅପହରଣ କରି ନଭଶ୍ଚୁମ୍ବୀ ଟାୱାରକୁ ଧକ୍କାଦେବା ଫଳରେ ୨୯୯୬ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଭାରତରେ ଇସ୍‌ଲାମିକ୍ ଶାସନ ଚାହୁଁଥିଲେ

ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଇଟି ଯାଇଥିବାବେଳେ



ନିହତ ଅଲ୍-ଜୱାହରି ଆଶ୍ରୟ ନେଇଥିବା କାବୁଲର ଏକ ଘର ବାହାରେ ତାଲିବାନ ଫାଇଟରଙ୍କ କଡ଼ା ପ୍ରହରା।

ଜୱାହିରି ଏହାର ଫାଇଦା ଉଠାଇ ୨୦୧୪ ସେପ୍ଟେମ୍ବରରେ ଭାରତୀୟ ଉପମହାଦେଶରେ ଅଲ୍-କାଏଦାର ଆଞ୍ଚଳିକ ସଙ୍ଗଠନ (ଏକ୍ୟୁଆଇଏସ୍) ପ୍ରତିଷ୍ଠା କରିଥିଲେ। ଅଲ୍-କାଏଦା ଅଲ୍ ଜେହାଦ ନାମରେ ପରିଚିତ ଏହି ଆତଙ୍କବାଦୀ ସଙ୍ଗଠନର ମୂଳ ଲକ୍ଷ୍ୟ ଥିଲା ଭାରତୀୟ ଉପମହାଦେଶରେ ଇସ୍‌ଲାମିକ୍ ଶାସନ ଚଳାଇବା। ଅନେକ ସମୟରେ ଜୱାହିରି ଭାରତ ବିରୋଧୀ ମନ୍ତବ୍ୟ ଦେଇ କଶ୍ମୀରୀ ଯୁବକଙ୍କୁ ଉସୁକାଇଥିବା କେତେକ ଭିଡିଓରେ ଦେଖିବାକୁ ମିଳିଛି। ଭାରତରେ ଏହି ସଙ୍ଗଠନର ମୁଖ୍ୟ ଥିବା ଆସିମ ଉମାର ୨୦୧୯ ସେପ୍ଟେମ୍ବରରେ ଆଫଗାନିସ୍ତାନର ହେଲମଣ୍ଡ ପ୍ରଦେଶରେ ଆମେରିକା-ଆଫ୍‌ଗାନ ସାମରିକ କାର୍ଯ୍ୟାନୁଷ୍ଠାନରେ ନିହତ ହୋଇଥିଲେ। ଏହାବାଦ୍ ୧୯୯୭ରେ ଇଜିପ୍ଟର ଲକ୍ସର ସହରରେ ୬୨ ବିଦେଶୀ ପର୍ଯ୍ୟଟକଙ୍କୁ ହତ୍ୟା କରିବା ମଧ୍ୟ ଜୱାହିରିଙ୍କ ଷଡ଼ଯନ୍ତ୍ର ଥିଲା। ଏହି ମାମଲାରେ ଇଜିପ୍ଟ କୋର୍ଟ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଜୱାହିରି କେବେ ଧରାପଡ଼ି ନ ଥିଲେ।



ଆକ୍ରମଣରେ ବ୍ୟବହୃତ ଡ୍ରୋନ୍।

### କିଏ ହେବେ ଉତ୍ତରାଧିକାରୀ

ଜୱାହିରିଙ୍କ ମୃତ୍ୟୁ ପରେ ଅଲ୍-କାଏଦାର ପରବର୍ତ୍ତୀ ମୁଖ୍ୟ କିଏ ହେବେ ତାକୁ ନେଇ ଆତଙ୍କବାଦୀ ସଙ୍ଗଠନ ଭିତରେ ବିଚାର ବିମର୍ଶ ଆରମ୍ଭ ହୋଇଛି। ବରିଷ୍ଠତା ଦୃଷ୍ଟିରୁ ସୈଫ୍ ଅଲ୍-ଆଦେଲ, ଅବଦଲ-ରହମନ ଅଲ୍-ମଘରେବି ଏବଂ ୟାଜିଦ୍ ମେବାରକ୍‌ଙ୍କ ମଧ୍ୟରୁ ଜଣଙ୍କୁ ଉତ୍ତରାଧିକାରୀ ଚୟନ କରାଯାଇପାରେ ବୋଲି କୁହାଯାଉଛି।

### କର୍ନାଟକର ହିଜାବ ଗର୍ଲଙ୍କୁ ପ୍ରଶଂସା କରିଥିଲେ

ଗତ ଏପ୍ରିଲରେ ଅଲ୍-କାଏଦା ପକ୍ଷରୁ ଜୱାହିରିଙ୍କ ୮.୪୩ ମିନିଟର ଏକ ଭିଡିଓ ଜାରି କରାଯାଇଥିଲା। ଫେବୃୟାରୀରେ କର୍ନାଟକରେ ହିଜାବ ପିନ୍ଧି କଲେଜ ଯାଇଥିବା ଛାତ୍ରୀ ମୁସ୍କାନଙ୍କୁ ଏଥିରେ ସେ ପ୍ରଶଂସା କରିଥିବା ଦେଖିବାକୁ ମିଳିଥିଲା। ତେବେ ଛାତ୍ରୀଙ୍କ ବାପା ଜୱାହିରିଙ୍କ ମନ୍ତବ୍ୟରୁ ଦୂରତା ଅବଲମ୍ବନ କରିଥିଲେ।

> “ଅଲ୍-କାଏଦା ନେତା ଅୟମନ ଅଲ୍-ଜୱାହିରିଙ୍କ ହତ୍ୟା ଏକ ବଡ଼ ନ୍ୟାୟ, ଯାହାକୁ ଆମେରିକୀୟମାନେ ଦୀର୍ଘ ବର୍ଷ ଧରି ଅପେକ୍ଷା କରିଥିଲେ। ଆଫଗାନିସ୍ତାନକୁ ପୁଣିଥରେ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ହେବାକୁ କେବେ ଦିଆଯିବ ନାହିଁ।
>
> -ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି



> “ବିନା ଯୁଦ୍ଧରେ ଆତଙ୍କବାଦର ଅନ୍ତ ଘଟାଯାଇପାରେ। ଅଲ୍-ଜୱାହିରିଙ୍କ ମୃତ୍ୟୁ ହେଉଛି ଏହାର ବଳିଷ୍ଠ ପ୍ରମାଣ। ୯/୧୧ ଆକ୍ରମଣକାରୀଙ୍କୁ ଉଚିତ ଜବାବ ଦେଇଥିବା ବାଇଡେନ୍ ପ୍ରଶାସନର ଏହି ଅପରେଶନ ପ୍ରଶଂସନୀୟ।
>
> -ବାରାକ୍ ଓବାମା, ଆମେରିକାର ପୂର୍ବତନ ରାଷ୍ଟ୍ରପତି



> “ୱାଶିଂଟନ୍ ପକ୍ଷରୁ ଡ୍ରୋନ୍ ଜରିଆରେ ଏହି ଆକ୍ରମଣ ଅନ୍ତର୍ଜାତୀୟ ସିଦ୍ଧାନ୍ତର ଉଲ୍ଲଂଘନ। ଏହା ହେଉଛି ଆମେରିକାର ବିଗତ ୨୦ ବର୍ଷ ବିଫଳ ଅଭିଜ୍ଞତାର ପୁନରାବୃତ୍ତି।
>
> -ଜାବିହୁଲ୍ଲା ମୁଜାହିଦ, ତାଲିବାନ ମୁଖପାତ୍ର





**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୩୪,୧୫,୬୮୨ | ୬୪,୨୨,୭୭୦ | ୫୫,୩୯,୯୫,୩୧୩ |
| ଭାରତ | ୪,୪୦,୫୦,୦୦୯ | ୫,୨୬,୪୩୦ | ୪,୩୩,୮୩,୭୮୭ |
| ଓଡ଼ିଶା | ୧୩,୧୪,୬୮୩ | ୯୧୪୧(+୫୩) | ୧୩,୦୦,୦୨୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

NEET TOPPERS
NEET BIJAYINEE MOHAPATRA 665
NEET RAHUL KU. DORA 647
IIT TOPPERS
AYUSHMAN AGRAWAL IIT Kharagpur
SAMBHRANT DORA IIT Kharagpur
SIMRAN PANIGRAHI IIT Kharagpur
After 10th
+2 Integrated Program
School [XI & XII CBSE]
&
IIT-JEE / NEET
HOSTEL FACILITY BOYS & GIRLS
MADNAWATI PUBLIC SCHOOL
(An English Medium Senior Secondary School)
Learning Partner
VIRAT ALWAYS BEST
Virat MEDICAL, IIT-JEE, FOUNDATIONS
Viratian Educational Services (P) Ltd.
SAMBALPUR
11 YEARS OF EXCELLENCE 1000+ Selection
Toll Free - 1800-889-2466
AINTHAPALI, SAMBALPUR | 0663-2540428, 8280398347
madnawatipublicschool@yahoo.com | www.madnawatipublicschool.com
BUS FACILITY
HOSTEL IN CAMPUS Boys & Girls
HYGIENIC FOOD
AC CLASS ROOM
EXPERIENCED FACULTIES
INDIVIDUAL DOUBT CLEARING
VIRAT STUDY MATERIALS
DAILY ASSIGNMENTS
HELP DESK

# କିଟ୍ ପଲିଟେକ୍ନିକ୍‌କୁ ପ୍ରଥମ ସ୍ଥାନ

## ଓଡ଼ିଶା ପଲିଟେକ୍ନିକ୍ ର୍‍ୟାଙ୍କିଙ୍ଗ୍

**■ ଶ୍ରେଷ୍ଠ ୧୦ରେ ୫ ସରକାରୀ, ୫ ଘରୋଇ ଶିକ୍ଷାନୁଷ୍ଠାନ**

ଭୁବନେଶ୍ୱର, ୨।୮(ବ୍ୟୁରୋ)

ପ୍ରଥମଥର ପାଇଁ ରାଜ୍ୟରେ ଉଭୟ ସରକାରୀ ଓ ବେସରକାରୀ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନଗୁଡ଼ିକର ର୍‍ୟାଙ୍କିଙ୍ଗ୍ କରାଯାଇଛି। ମଙ୍ଗଳବାର ରାଜ୍ୟ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ ପରିଷଦଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ର୍‍ୟାଙ୍କିଙ୍ଗ୍ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି। ଭୁବନେଶ୍ୱର କିଟ୍‌କୁ ର୍‍ୟାଙ୍କ ୧ ମିଳିଥିବାବେଳେ ଯାଜପୁରର ସରକାରୀ ପଲିଟେକ୍ନିକ ଦ୍ୱିତୀୟ ଓ ଖୋର୍ଦ୍ଧାର ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏଜୁକେଶନ ଆଣ୍ଡ୍ ଟେକ୍ନୋଲୋଜି ତୃତୀୟ ସ୍ଥାନରେ ରହିଛି। ତେବେ ଶ୍ରେଷ୍ଠ ୧୦ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ୫ଟି ସରକାରୀ ଓ ୫ଟି ଘରୋଇ ଶିକ୍ଷାନୁଷ୍ଠାନ ରହିଛନ୍ତି। ସେହିପରି ଶେଷ ସ୍ଥାନରେ ଢେଙ୍କାନାଳର ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ରହିଛି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନଗୁଡ଼ିକର ଡିପ୍ଲୋମା ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନର ମାନ ବୃଦ୍ଧି ପାଇଁ ର୍‍ୟାଙ୍କିଙ୍ଗ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏପର୍ଯ୍ୟନ୍ତ ରାଜ୍ୟସ୍ତରରେ ର୍‍ୟାଙ୍କିଙ୍ଗ ପ୍ରଦାନ ବ୍ୟବସ୍ଥା ନ ଥିଲା। ଭାରତ ସରକାରଙ୍କ କ୍ୱାଲିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ସହଯୋଗରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ର୍‍ୟାଙ୍କିଙ୍ଗ ପ୍ରଦାନ ଏକ ମାଇଲଖୁଣ୍ଟ ହେବ। ଏକାଧିକ ମୂଲ୍ୟାଙ୍କନ ପଦ୍ଧତି ଅବଲମ୍ବନ କରାଯାଇ ରାଜ୍ୟର ସମସ୍ତ ୧୦୨ ପଲିଟେକନିକ୍ ଶିକ୍ଷାନୁଷ୍ଠାନର ର୍‍ୟାଙ୍କିଙ୍ଗ ସ୍ଥିର ହୋଇଛି। ଏହା ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି କରିବ। ଆଗାମୀ ବର୍ଷରେ ପଲିଟେକନିକ୍‌ର ପରିବେଶକୁ ମଧ୍ୟ ମୂଲ୍ୟାଙ୍କନରେ ସାମିଲ କରାଯିବ। କାଉନ୍‌ସେଲିଂ ସମୟରେ ଏହି ର୍‍ୟାଙ୍କିଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପଲିଟେକ୍ନିକ୍ ର୍‍ୟାଙ୍କିଙ୍ଗ୍‌ର ଆବଶ୍ୟକତା ଓ ମୂଲ୍ୟାଙ୍କନ ପଦ୍ଧତି ଉପରେ ତଥ୍ୟ ରଖିଥିଲେ। ର୍‍ୟାଙ୍କ୍ ନିର୍ଣ୍ଣୟ ପାଇଁ ନିଆଯାଇଥିବା ୭ଟି ପଦ୍ଧତିକୁ ମଧ୍ୟ ବ୍ୟାଖ୍ୟା କରିଥିଲେ। ସେ କହିଛନ୍ତି, ଯଦିଓ ଆଇଟିଆଇ ଏବଂ ଡିଗ୍ରୀ ଇଞ୍ଜିନିୟରିଂ କଲେଜଗୁଡ଼ିକର ର୍‍ୟାଙ୍କିଙ୍ଗ୍ ପାଇଁ ଜାତୀୟ ସ୍ତରରେ ବ୍ୟବସ୍ଥା ରହିଛି, ତଥାପି ଜାତୀୟ ସ୍ତରରେ ପଲିଟେକ୍ନିକ୍ ର୍‍ୟାଙ୍କିଙ୍ଗ୍ ପାଇଁ କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟସ୍ତରରେ ଏଭଳି ର୍‍ୟାଙ୍କିଙ୍ଗ୍ ପାଇଁ ବିଭାଗ ପ୍ରଥମଥର ପଦକ୍ଷେପ ନେଇଛି। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜି କହିଛନ୍ତି, ତଥ୍ୟ ସଂଗ୍ରହଠାରୁ ଆରମ୍ଭ କରି ଅଭିଯୋଗ ଗ୍ରହଣ ଏବଂ ତା'ପରେ ଚୂଡ଼ାନ୍ତ ସ୍ତରରେ ପହଞ୍ଚିବା ନିମନ୍ତେ ସମସ୍ତ ପଦକ୍ଷେପ ନିଆଯାଇଥିଲା। ନୂଆଦିଲ୍ଲୀ କ୍ୟୁସିଆଇ ସେକ୍ରେଟାରୀ ଜେନେରାଲ୍ ଡ. ଆର୍. ପି. ସିଂ, ଅତିରିକ୍ତ ସଚିବ ତପନ କୁମାର ଶତପଥୀ, ଯୁଗ୍ମ ସଚିବ ରୋଜିନା ଦାସ ଏବଂ ଏସ୍‌ସିଟିଇଭିଟି ସଚିବ ଏସ୍.କେ. ମିଶ୍ର ଉପସ୍ଥିତ ଥିଲେ। ତେବେ ଏହି ର୍‍ୟାଙ୍କିଙ୍ଗ୍‌ରେ କିଟ୍ ପଲିଟେକ୍ନିକ୍ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହିତ ଅଧ୍ୟକ୍ଷ ଡ. ତନ୍ମୟ ମହାନ୍ତି, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ସମସ୍ତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା କେବଳ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ସମ୍ଭବ ହୋଇଛି ବୋଲି ସାମନ୍ତ ପ୍ରକାଶ କରିଛନ୍ତି। ଚଳିତବର୍ଷ କିଟ୍ ପଲିଟେକ୍ନିକ୍‌କୁ କ୍ୟାମ୍ପସ ପ୍ଲେସମେଣ୍ଟ ପାଇଁ ୪୦ ରୁ ଊର୍ଦ୍ଧ୍ୱ କମ୍ପାନୀ ଆସିଥିବାବେଳେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ସର୍ବାଧିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଜ୍‌ରେ ନିଯୁକ୍ତି ସୁଯୋଗ ମିଳିଛି ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି।

# ସେପ୍ଟେମ୍ବର ୧ରୁ ପିଜି ପ୍ରବେଶିକା ପରୀକ୍ଷା

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନାମଲେଖା**

ଭୁବନେଶ୍ୱର, ୨।୮(ବ୍ୟୁରୋ)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖା ନିମନ୍ତେ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ(ସିୟୁଏଟି) ପିଜି-୨୦୨୨ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ତାରିଖ ଘୋଷଣା କରାଯାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏହି ପ୍ରବେଶିକା ପରୀକ୍ଷା ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ସେପ୍ଟେମ୍ବର ୮ରେ ଓନମ ପଡୁଥିବାରୁ ପରୀକ୍ଷା ହେବ ନାହିଁ। ୟୁଜିସି ଚେୟାରମ୍ୟାନ ମମିଦାଲା ଜଗଦେଶ କୁମାର ଏହି ପ୍ରବେଶିକା ପରୀକ୍ଷା ସମ୍ପର୍କରେ ଟୁଇଟ୍ କରି ସୂଚନା ଦେଇଛନ୍ତି। ୨୦୨୨-୨୩ ଶିକ୍ଷାବର୍ଷ ଲାଗି ଦେଶର ୬୬ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖା ନିମନ୍ତେ ସିୟୁଏଟି ପିଜି ପ୍ରବେଶିକା କମ୍ପ୍ୟୁଟର ବେସ୍‌ଡ ହେବ। ଏହି ପରୀକ୍ଷା ଦେବାକୁ ମୋଟ ୩.୫୭ ଲକ୍ଷ ଛାତ୍ରୀଛାତ୍ର ରହିଛନ୍ତି। ଦେଶରେ ୫୦୦ଟି କେନ୍ଦ୍ରରେ ଓ ଦେଶ ବାହାରେ ୧୩ଟି ସହରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ତେବେ ଖୁବ୍‌ଶୀଘ୍ର ପରୀକ୍ଷା ସୂଚୀ ପ୍ରକାଶ ପାଇବ। ପରୀକ୍ଷା ସମ୍ପର୍କରେ ଅପ୍‌ଡେଟ୍ ରହିବା ପାଇଁ ପରୀକ୍ଷାର୍ଥୀମାନେ ଏନ୍‌ଟିଏର ୱେବ୍‌ସାଇଟ http://nta.ac.in, https://cuet.nta.nic.inକୁ ନିୟମିତ ଯାଞ୍ଚ କରିବାକୁ ୟୁଜିସି ଚେୟାରମ୍ୟାନ ପରାମର୍ଶ ଦେଇଛନ୍ତି। ଯଦି ଛାତ୍ରୀଛାତ୍ରଙ୍କର କୌଣସି ବିଷୟରେ ଜାଣିବାକୁ ଥାଏ ତେବେ ସେମାନେ pg@nta.ac.in-କୁ ମଧ୍ୟ ମେଲ୍ କରି ପ୍ରଶ୍ନ ପଚାରିପାରିବେ। ଅନ୍ୟପକ୍ଷରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୟୁଜି ନାମଲେଖା ପାଇଁ ଏକକ ୟୁଜି ପ୍ରବେଶିକା ପରୀକ୍ଷା ଆସନ୍ତା ୪ ତାରିଖରୁ ଆରମ୍ଭ ହେବ। ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରବେଶିକା ପାଇଁ ମଙ୍ଗଳବାର ଆଡ୍‌ମିଟ କାର୍ଡ ରିଲିଜ କରାଯାଇଛି। ଛାତ୍ରୀଛାତ୍ରମାନେ http://cuet.samarth.ac.inରୁ ଆଡ୍‌ମିଟ କାର୍ଡ ଡାଉନଲୋଡ୍ କରିପାରିବେ। ଏ ନେଇ ମଙ୍ଗଳବାର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ଆଡ୍‌ମିଟ କାର୍ଡ ଡାଉନଲୋଡ୍ କରିବାରେ ଅସୁବିଧା ହେଲେ, ଛାତ୍ରୀଛାତ୍ରମାନେ cuet-ug@mta.ac.inକୁ ଇମେଲ୍ କରି ପ୍ରଶ୍ନ ପଚାରିପାରିବେ। ଏହି ପରୀକ୍ଷା ପାଇଁ ୮ଲକ୍ଷ ୧୦ ହଜାର ଛାତ୍ରୀଛାତ୍ର ଆବେଦନ କରିଛନ୍ତି।

NATIONAL INLAND NAVIGATION INSTITUTE
(Inland Waterways Authority of India)
(Ministry of Ports, Shipping and Waterways, Govt. of India)
Gaighat, Patna - 800 007, Tel- 0612-2311200
ADMISSION NOTICE
"RESIDENTIAL COURSE"
(10th PASS STUDENT)
Rating Induction Course for Inland Vessels
Eligibility : 10th Pass, from recognized board
Age Limit : Between 18 years to 25 years as on 04.09.2022 (Age relaxation up to 5 years for SC/ST & 3 years for OBC candidates)
Physical Standards: Medically fit, Eyesight should be 6/6 and no colour blindness.
Course Duration : 3.5 Months
Total Expenditure : ₹27,700/-

| S.N. | Particulars | Fees/Charges (₹) | Remarks |
|---|---|---|---|
| 1. | Course Fee | 10,000 | NINI/IWAI reserves the rights to cancel any exam centre or divert candidates any exam centre to other exam centre in administrative exigency. |
| 2. | Boarding, Lodging & Other | 17,700 | |
| 3. | Examination Centre | Noida, Prayagraj, Kolkata, Kochi, Guwahati & Patna | |

Seat Reservation 15% for SC, 7.5% for ST & 27% for OBC & 10% for EWS
Last date for Submission of Application Form is 04.09.2022. A qualifying test will be held on 11.09.2022. For short listed candidates, Interview will be held on the same day. A sample Application form may be downloaded from www.niniedu.in or collected from NINI Office. Eligible candidates should send their Application form with relevant documents to "The Principal, National Inland Navigation Institute, Gaighat, Patna-800007" or e-mail the same to info@niniedu.in. For more details for the Course and Institute may visit our website www.niniedu.in.
A SAILING CAREER ON INLAND VESSELS
Principal NINI, Patna

# ଓଡ଼ିଶା ସ୍କିଲ୍ସ-୨୦୨୩ ପୋର୍ଟାଲ ଲୋକାର୍ପିତ

**ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଆରମ୍ଭ**

ଭୁବନେଶ୍ୱର, ୨।୮(ବ୍ୟୁରୋ)

ଦକ୍ଷତା ପ୍ରତିଯୋଗିତା 'ଓଡ଼ିଶା ସ୍କିଲ୍ସ-୨୦୨୩' ପାଇଁ ସ୍ୱତନ୍ତ୍ର ପୋର୍ଟାଲ http://competition.skillodisha.gov.inର ଶୁଭାରମ୍ଭ କରାଯାଇଛି। ମଙ୍ଗଳବାର ୱାର୍ଲଡ ସ୍କିଲ୍ ସେଣ୍ଟର(ଡବ୍ଲ୍ୟୁଏସ୍‌ସି)ଠାରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଏହି ପୋର୍ଟାଲକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଯୁବତୀଯୁବକଙ୍କ ପାଇଁ ସମଗ୍ର ଦେଶରେ ନିଜର ଆଭ୍ୟନ୍ତରୀଣ ସାମର୍ଥ୍ୟ ପ୍ରଦର୍ଶନ କରିବା ନିମନ୍ତେ ଓଡ଼ିଶା ସ୍କିଲ୍ସ-୨୦୨୩ ଏକ ପ୍ରକୃଷ୍ଟ ମଞ୍ଚ ସାବ୍ୟସ୍ତ ହେବ। ଜ୍ଞାନକୁ ଧନରେ ପରିଣତ କରିବା ହେଉଛି ସମୟର ଆହ୍ୱାନ। ଠିକ୍ ଦକ୍ଷତା ତାଲିମ ସହିତ ରାଜ୍ୟର ଯୁବପିଢ଼ିମାନେ ଓଡ଼ିଶାରେ ରୂପାନ୍ତରଣର ବାର୍ତ୍ତା ପ୍ରଦାନ କରିବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ)ର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଲେ, ପିରାମିଡ୍‌ର ତଳ ଭାଗକୁ ସ୍ପର୍ଶ କରୁଥିବା ସ୍କିଲ ଗୁରୁତ୍ୱପୂର୍ଣ୍ଣ ଏବଂ ଆମେ ସେମାନଙ୍କ ଉପରେ ଧ୍ୟାନ ଦେବା ଉଚିତ। ଓଡ଼ିଶା ସ୍କିଲ୍ସ-୨୦୨୩ରେ ପ୍ରାୟ ୧୦ହଜାର ଯୁବତୀଯୁବକ ଭାଗ ନେବା ଆମର ସାମୂହିକ ଲକ୍ଷ୍ୟ ହେବା ଉଚିତ୍। ସେମାନେ ଅଣଇଞ୍ଜିନିୟରିଂ ଟ୍ରେଡ୍‌ରେ ଯେପରି ଭାଗ ନେବେ ସେ ନେଇ ପ୍ରୋତ୍ସାହନ ଦେବା ଆବଶ୍ୟକ। ଡବ୍ଲ୍ୟୁଏସ୍‌ସିର ସିଇଓ ରେଘୁ ଜି. କହିଛନ୍ତି, ଓଡ଼ିଶା ସ୍କିଲ୍ସ-୨୦୨୩ରେ ଇଞ୍ଜିନିୟରିଂ ଭିତ୍ତିକ ଟ୍ରେଡ୍ ଛଡ଼ା ଶିକ୍ଷା ମାଧ୍ୟମରେ ସ୍ୱାସ୍ଥ୍ୟ, ଜୁଏଲେରି ଡିଜାଇନ୍, କ୍ୟାବିନେଟ୍ ମେକିଙ୍ଗ୍ ପରି ଅଣ ଇଞ୍ଜିନିୟରିଂ ଟ୍ରେଡ୍‌ରେ ଓଡ଼ିଶାର ଯୁବପିଢ଼ିଙ୍କୁ ସାମିଲ ହେବା ପାଇଁ ପ୍ରୋତ୍ସାହନ ଦିଆଯିବ। ଏଥିପାଇଁ ଅନଲାଇନ୍ ପଞ୍ଜୀକରଣ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ୩୧ ତାରିଖ ଶେଷ ଦିନ ରହିଛି। ୫୨ଟି ସ୍କିଲକୁ ନେଇ ଏହି ପ୍ରତିଯୋଗିତା ଆୟୋଜନ ହେବାର ଯୋଜନା ରହିଛି। ଚଳିତବର୍ଷ ରାଜ୍ୟର ୪ଟି ଜୋନ୍‌ରେ ଏହାକୁ ଆୟୋଜନ କରାଯିବ। ଏହି ପ୍ରତିଯୋଗିତାର ବିଜେତାମାନେ ପ୍ରଥମେ ଆଞ୍ଚଳିକ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିବେ, ଯେଉଁଠାରେ ସେମାନେ ଅନ୍ୟ ରାଜ୍ୟର ବିଜେତାଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଞ୍ଚଳିକ ସ୍ତରର ବିଜେତାମାନେ ଜାତୀୟ ପ୍ରତିଯୋଗିତାରେ ଭାଗ ନେବେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ସ୍ୱାଗତ ଭାଷଣ ଓ ଡେପୁଟି ପ୍ରିନ୍ସିପାଲ ଏସ୍. କେ. ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ପ୍ରିନ୍ସିପାଲ ସଙ୍ଗରନ ଗୋପାଲ ଏବଂ ବିଭିନ୍ନ ଅନୁଷ୍ଠାନର ୭୪ଜଣ ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ।

# ଆଇପିଏସ୍, ଓପିଏସ୍ ଅଫିସର ସ୍ତରରେ ବଦଳି

**■ ପ୍ରହ୍ଲାଦ ମୀନା ବୌଦ୍ଧ ଏସ୍‌ପି, ପ୍ରମୋଦ ରଥ ଦେବଗଡ଼ ଏସ୍‌ପି**

ଭୁବନେଶ୍ୱର,୨।୮(ବ୍ୟୁରୋ)

ରାଜ୍ୟ ସରକାର ଆଇପିଏସ୍ ଏବଂ ବରିଷ୍ଠ ଓପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୧୭ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରହ୍ଲାଦ ସହାଏ ମୀନାଙ୍କୁ ବୌଦ୍ଧ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ବରିଷ୍ଠ ଓପିଏସ୍ ଅଫିସର ପ୍ରମୋଦ କୁମାର ରଥଙ୍କୁ ଦେବଗଡ଼ ଏସ୍‌ପି, ଚିତ୍ତରଞ୍ଜନ ସାମନ୍ତଙ୍କୁ ଏସ୍‌ପି (କମ୍ପ୍ୟୁଟର) ଭୁବନେଶ୍ୱର, ସୁଦାମ ଚରଣ ସାହୁଙ୍କୁ ଦ୍ୱୈତନଗର କ୍ରାଇମ୍ ଡିସିପି, ସଏଦ ମୁଜିବୁର ରେହମନଙ୍କୁ କଟକ ସିଗ୍‌ନାଲ ଏସ୍‌ପି, କିଶୋର ପାଣିଗ୍ରାହୀଙ୍କୁ ଭୁବନେଶ୍ୱର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ) ଏସ୍‌ପି, ମାଧୁରୀ ସାମଲଙ୍କୁ ସିଆଇଡି ଏସ୍‌ପି, ସିବି କଟକ, ଜ୍ଞାନ ରଞ୍ଜନ ମହାପାତ୍ରଙ୍କୁ ଏସପି ସ୍ପେଶାଲ ବ୍ରାଞ୍ଚ ଏବଂ ସୁନୀଲ ଆଚାର୍ଯ୍ୟଙ୍କୁ କଟକ ରେଲ୍‌ୱେ ଏସ୍‌ପି ଭାବେ ବଦଳି କରାଯାଇଛି।

# ୭ରୁ ଜେଇଇ ଆଡ୍‌ଭାନ୍ସଡ ଆବେଦନ

ଭୁବନେଶ୍ୱର, ୨।୮(ବ୍ୟୁରୋ)

ଯୁଗ୍ମ ପ୍ରବେଶିକା ପରୀକ୍ଷା ବା ଜେଇଇ(ଆଡ୍‌ଭାନ୍ସଡ) ୨୦୨୨ ଚଳିତ ମାସ ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତା ୭ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ୭ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଛାତ୍ରୀଛାତ୍ରମାନେ ଆବେଦନ କରିବେ। ୧୨ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଛାତ୍ରୀଛାତ୍ରମାନେ ଫି' ଦାଖଲ କରିବେ। ୨୩ ତାରିଖ ସକାଳ ୧୦ଟାରୁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ପାଖାପାଖି ଅଢ଼େଇ ଲକ୍ଷ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ପେପର-୧ ସକାଳ ୯ଟାରୁ ଅପରାହ୍ନ ୧୨ଟା ଏବଂ ପେପର-୨ ଅପରାହ୍ନ ୨ଟା ୩୦ରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ଚାଲିବ। ସେପ୍ଟେମ୍ବର ୧୧ରେ ଜେଇଇ(ଆଡ଼ଭାନ୍ସଡ) ରେଜଲ୍ଟ ପ୍ରକାଶ ପାଇବ।

ମତ୍ସ୍ୟଚାଷୀମାନେ ଧ୍ୟାନ ଦିଅନ୍ତୁ
DSPL-123

ଓଡ଼ିଶାର ସମସ୍ତ ସରକାରୀ ମାଛଫାର୍ମ ଓ ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ପରିଚାଳିତ ଫାର୍ମଗୁଡ଼ିକରେ ରୋହି, ଭାକୁର, ମିରିକାଳୀ, ଗ୍ରାସ୍‌କାର୍ପ ଓ ଅମୁର କାର୍ପ ଆଦି ଉନ୍ନତ ମାଛ ଯାଆଁଳ ଏବେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ । ମତ୍ସ୍ୟଚାଷୀମାନେ ନିକଟସ୍ଥ ସରକାରୀ ମାଛଫାର୍ମରୁ ସୁଲଭ ମୂଲ୍ୟରେ ମାଛ ଯାଆଁଳ ନେଇ ନିଜ ପୋଖରୀରେ ଚାଷ କରନ୍ତୁ ଓ ଅଧିକ ଅମଳ କରି ଲାଭବାନ୍ ହୁଅନ୍ତୁ ।
ସରକାରୀ ନିର୍ଦ୍ଧାରିତ ଯାଆଁଳ ମୂଲ୍ୟ:

| ଯାଆଁଳ ନାମ | ହଜାର ପ୍ରତି ମୂଲ୍ୟ (ଟଙ୍କାରେ) | | | |
|---|---|---|---|---|
| | ଫ୍ରାଏ (୨୧-୪୦ ମିମି) | ଫିଙ୍ଗରଲିଙ୍ଗ (୪୧-୬୦ ମିମି) | ଫିଙ୍ଗରଲିଙ୍ଗ (୬୧-୮୦ ମିମି) | ଫିଙ୍ଗରଲିଙ୍ଗ (୮୧-୧୦୦ ମିମି) |
| ମିଶ୍ରିତ କାର୍ପ ଯାଆଁଳ | ୨୦୦ | ୩୬୦ | ୪୮୦ | ୯୪୦ |
| ଭାକୁର | ୨୭୦ | ୪୩୦ | ୫୫୦ | ୧୨୦୦ |
| କମନ କାର୍ପ/ଅମୁର କାର୍ପ | ୩୬୦ | ୪୮୦ | ୬୫୦ | କମନ କାର୍ପ-୧୪୦୦ |
| ଗ୍ରାସ କାର୍ପ | ୪୦୦ | ୬୦୦ | ୧୦୦୦ | ୧୪୦୦ |

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।
ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ଫୋନ୍-୦୬୭୪-୨୩୯୩୫୨୨, ୦୬୭୧-୨୪୧୪୦୬୧,ଇ ମେଲ-director.odifish@gmail.com
OIPR-06015/13/0013/2223

Baidyanath 100 years of caring
ପାଇଲସ?
ବସିବାରେ ଯନ୍ତ୍ରଣା?
ବୈଦ୍ୟନାଥ ପିରୋଏଡ୍ସ
• ପାଇଲସର ତୀବ୍ର ଯନ୍ତ୍ରଣାରୁ ଉପଶମ ପାଇବାରେ ସହାୟତା କରେ
• ମାତ୍ର 2 ସପ୍ତାହ* ମଧ୍ୟରେ କାମ କରିବା ଆରମ୍ଭ କରେ
Baidyanath PIRRHOIDS
ବୈଦ୍ୟନାଥ ପିରୋଏଡ୍ସ ଟାବଲେଟ୍ସ

ମାହେଶ୍ୱରୀ +୨ ମହାବିଦ୍ୟାଳୟ
ADMISSIONS OPEN
MAHESWARI +2 SCIENCE & ARTS COLLEGE
Affiliated by C.H.S.E (Odisha)
Sankara Sundargarh
PRATEEK KUMAR PRUSETH BATCH TOPPER
RITU RANI DASH SECOND TOPPER
RANJAN MAHAKUL THIRD TOPPER
Congratulations!!!
100% RESULTS CHSE 2022 53 STUDENTS
41 FIRST CLASS
10 SECOND CLASS
2 THIRD CLASS
COURSE FEES 80000/- (WITH HOSTEL)
SMART CLASSES
HIGHLY EXPERIENCED TEACHERS
SEPARATE HOSTELS FOR BOYS & GIRLS
INTEGRATED COACHING FOR MEDICAL & ENGINEERING
7008286350, 7008259050
9437158472, 7008357842

**ଆଜିର ମନ୍ତବ୍ୟ**

"ମୁଁ ମୋ ନିର୍ବାଚନ ମଣ୍ଡଳୀରେ ଅନେକ କାମ କରିଛି। ତେଣୁ ଲୋକଙ୍କ ଦ୍ୱାରା ନିର୍ବାଚିତ ହେବାକୁ ଦଳୀୟ ଚିହ୍ନ ଆବଶ୍ୟକ କରେନାହିଁ।

– ଏକନାଥ ଶିନ୍ଦେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସାଇପ୍ରତୀକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସାରି ଘର ପାରାକୁ କୁଲା ଢାଉଁ ଢାଉଁ।**

ଯିଏ ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆସିଛି ସେ ସାମାନ୍ୟ ଡରାଣରେ ଭୟଭୀତ ବା ବିଚଳିତ ହୋଇ ନ ଥାଏ। ବଡ଼ ବିପଦ ସହିଥିବା ଲୋକ ପାଖରେ ସାମାନ୍ୟ ବିପଦର ମୂଲ୍ୟ କିଛି ନ ଥାଏ। ଯିଏ ଜଟିଳ ପରିସ୍ଥିତି ଦେଇ ଗତି କରି ଜାଣେ ସାମାନ୍ୟ ଅସୁବିଧାକୁ ଭ୍ରୂକ୍ଷେପ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କେଉଁ ସଉତୁଣୀ ପାଳେ ନାଳେ ଭଉଣୀ ସଉତୁଣୀ ବିଷ ଦେଇ ମାରେ।**

ସାଧାରଣତଃ ଦୁଇ ସଉତୁଣୀଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ଶିରୀ ଦେଖି ସହି ପାରି ନ ଥାନ୍ତି। କିନ୍ତୁ ନିଜ ଭଉଣୀ ଯଦି ସଉତୁଣୀ ସାଜେ ତା'ହେଲେ ପରିସ୍ଥିତି ଆହୁରି ଅଧିକ ସଙ୍କଟାପନ୍ନ ହୋଇଯିବା ସମ୍ଭାବନା ଥାଏ। ପରୋକ୍ଷରେ ବାହାର ଶତ୍ରୁ ଅପେକ୍ଷା ନିଜ ଲୋକର ଶତ୍ରୁତା ଅଧିକ ବେଶି ପ୍ରାଣଘାତୀ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଲନ୍ ବୋଲ୍ସ...

୮-୮ରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲା। ମାତ୍ର ଭାରତୀୟ ଦଳ ଚାପର ବଶବର୍ତ୍ତୀ ନ ହୋଇ ଆକର୍ଷଣୀୟ ପ୍ରଦର୍ଶନ ସହ ବିଜୟ ହାସଲ କରିଥିଲା। ଭାରତୀୟ ପୁରୁଷ ଟେବୁଲ ଟେନିସ ଦଳ ଫାଇନାଲରେ ସିଙ୍ଗାପୁରକୁ ୩-୧ରେ ହରାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ବଜାୟ ରଖିଛି। ବିଶ୍ୱର ୧୨୧ ନମ୍ବର ଖେଳାଳି ହରମିତ ତୃତୀୟ ସିଙ୍ଗଲ୍ସରେ ୧୩୩ ର୍ୟାଙ୍କପ୍ରାପ୍ତ ଝି ୟୁ କ୍ଲାରେନ୍ସ ଚିଉଙ୍କୁ ୧୧-୮, ୧୧-୫, ୧୧-୬ରେ ପରାସ୍ତ କରିବାରୁ ଭାରତର ସ୍ୱର୍ଣ୍ଣ ପଦକ ପକ୍କା ହୋଇ ଯାଇଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତୀୟ ଦଳର ଏହାଥିଲା ତୃତୀୟ ସ୍ୱର୍ଣ୍ଣ ପଦକ। ପ୍ରଥମେ ଅନୁଷ୍ଠିତ ଡବଲ୍ସରେ ହରମିତ ଓ ଜି. ସାଥିଆଁ ବିଜୟ ହାସଲ କରି ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ଅନୁଷ୍ଠିତ ସିଙ୍ଗଲ୍ସରେ ସାଥିଆଁ ୧୨-୧୦, ୭-୧୧, ୧୧-୭, ୧୧-୪ରେ ବିଜୟ ହାସଲ କରିବାରୁ ଭାରତର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ମାତ୍ର ଅଚନ୍ତ ଶରଥ କମଲ ପ୍ରତିପକ୍ଷ କ୍ଲାରେନ୍ସଙ୍କ ନିକଟରୁ ୭-୧୧, ୧୪-୧୨, ୩-୧୧, ୯-୧୧ରେ ହାରିଯିବାରୁ ଭାରତକୁ ପରବର୍ତ୍ତୀ ଗେମ୍ ଜିତିବା ଜରୁରୀ ହୋଇ ପଡ଼ିଥିଲା।

ପ୍ରଥମ ପୃଷ୍ଠାରୁ...

## ଧାରଣା ଦେଲେ...

କେନ୍ଦ୍ର ସରକାର ଆମକୁ ସହାୟତା ଦେଇ ଆର୍ଥିକ ଦୁରବସ୍ଥା ଦୂର କରିବାକୁ ପ୍ରହ୍ଲାଦ କହିଛନ୍ତି। ମାଗଣା ବଣ୍ଟନ ବ୍ୟବସ୍ଥା ଥିବା ପଶ୍ଚିମବଙ୍ଗ ରାଶନ ମଡେଲ ସାରା ଦେଶରେ ଲାଗୁ କରିବା ଲାଗି ଫେଡେରେଶନ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ, କୋଭିଡ୍ ସମୟରେ ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର ରାଜ୍ୟର ହିତାଧିକାରୀମାନଙ୍କ ଘରେ ରାଶନ ପହଞ୍ଚାଇବା ବ୍ୟବସ୍ଥା କରିଥିଲେ। ୨୦୨୧ ନଭେମ୍ବର ୧୬ରୁ ଏହାକୁ 'ଦୁଆରେ ରାଶନ' ଯୋଜନା ଭାବେ କାର୍ଯ୍ୟକାରୀ କରାଯାଇଆସୁଛି। ବୁଧବାର ଏଆଇଏଫ୍‌ପିଏସ୍‌ଡିଏଫ୍‌ର ଜାତୀୟ କାର୍ଯ୍ୟକାରିଣୀ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଭାଇ କହିଛନ୍ତି।

ସେମାନେ ବୁଧବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିବେ ବୋଲି ସଂଘର ସାଧାରଣ ସମ୍ପାଦକ ବିଶ୍ୱମ୍ଭର ବସୁ କହିଛନ୍ତି। କଣ୍ଟ୍ରୋଲ ଦୋକାନ ଜରିଆରେ ଚାଉଳ, ଗହମ, ଚିନି, ଖାଇବା ତେଲ, ଡାଲି ବିକ୍ରିରେ ସେମାନେ ସହୁଥିବା କ୍ଷତି ଭରଣା ଲାଗି କ୍ଷତିପୂରଣ ଦେବାକୁ ସଂଘ ଦାବି କରିଛି। ଅନ୍ୟ ଦାବିଗୁଡ଼ିକ ହେଲା, ସବୁ ରାଜ୍ୟ ପାଇଁ ସମସ୍ତ ବକେୟା ରହିଥିବା ମାର୍ଜିନ ତୁରନ୍ତ ପୈଠ କରାଯାଉ। ଫେୟାର ପ୍ରାଇସ୍ ଦୋକାନ ମାଧ୍ୟମରେ ଖାଇବା ତେଲ, ଡାଲି ଓ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଯୋଗାଇଦିଆଯାଉ। ଚାଉଳ ଏବଂ ଗହମ ପାଇଁ ଗ୍ରାମାଞ୍ଚଳର ଫେୟାର ପ୍ରାଇସ୍ ଡିଲରଙ୍କୁ ସିଧାସଳଖ କ୍ରୟ ଏଜେଣ୍ଟ ଭାବେ କାର୍ଯ୍ୟ କରିବାକୁ ଦିଆଯାଉ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବସୁ କହିଛନ୍ତି।

## ପ୍ରମାଣ ଅଭାବରୁ...

ନାବାଳିକା ନିଜ ମତ ବଦଳାଇବା ସହ ତଦନ୍ତକାରୀ ଅଧିକାରୀ ମଧ୍ୟ ଅଦାଲତରେ ଉପସ୍ଥିତ ନ ହେବାରୁ ସରକାରୀ ଓକିଲ ମାମଲାକୁ ପ୍ରମାଣିତ କରିବାକୁ ବିଫଳ ହୋଇଥିଲେ। ପପୁ ପମ୍‌ପମ୍‌ଙ୍କ ପକ୍ଷରୁ ଓକିଲ ବିକାଶ କୁମାର ରାଉତରାୟ ମାମଲା ଲଢୁଥିଲେ। ଏନେଇ ପପୁ ଗଣମାଧ୍ୟମକୁ କହିଛନ୍ତି, ଅଭିଯୋଗକାରିଣୀ ଝିଅ ଏତଲା ଦେଇ ନ ଥିଲେ। ଏକ ସାଦା କାଗଜରେ ଦସ୍ତଖତ ଦେବାକୁ ଝିଅଙ୍କୁ କୁହାଯାଇଥିଲା। ଅଭିଯୋଗ ମିଛ ଥିବାରୁ ତଦନ୍ତକାରୀ ଅଧିକାରୀ ମଧ୍ୟ କୋର୍ଟ ଆସିଲେନି। ମୁଁ ନିର୍ଦ୍ଦୋଷ ଥିଲି, ନ୍ୟାୟ ବ୍ୟବସ୍ଥା ଉପରେ ବିଶ୍ୱାସ ଥିଲା। ବିନା କାରଣରେ ମୋତେ ୪୩ ଦିନ ଜେଲରେ ରଖାଗଲା। ଗିରଫ ନେଇ ପୋଲିସ ଡିଜିଙ୍କୁ ପଚାରିଥିଲି ହେଲେ ତାଙ୍କ ଉପରେ ପ୍ରେସର ଥିବା କହିଥିଲେ। ଅଭିଯୋଗ, ଏତଲାକାରୀ ଏବଂ ଭୁଲ୍ ଖବରକୁ ତର୍ଜମା କରିବି। ଏହି ୩ଟି ଦିଗକୁ ତର୍ଜମା କରିବା ସହ ଓକିଲଙ୍କ ପରାମର୍ଶ ନେଇ ମାନହାନି ମାମଲା କରିବି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପପୁଙ୍କ ବିରୋଧରେ ଅଭିଯୋଗ ଆଣିଥିବା ସ୍ୱେଚ୍ଛାସେବୀ ସଦସ୍ୟ ବବିତା କର କହିଛନ୍ତି, ମୁଁ ଜଣେ ସାଧାରଣ ନାଗରିକ ହିସାବରେ କୋର୍ଟଙ୍କ ରାୟକୁ ସମ୍ମାନ ଜଣାଉଛି। ଅସଦାଚରଣ କରାଯାଇଥିବା ନାବାଳିକା ଝିଅ କହିବାରୁ ମହିଳା ଥାନାରେ ଅଭିଯୋଗ କରିଥିଲି। ପୀଡ଼ିତା ଯଦି କହିବେ ଯେଉଁ ବୟାନ ଦେଇଥିଲେ ତାହା ତାଙ୍କର ନୁହେଁ, ତେବେ ମୋର କିଛି କହିବାର ନାହିଁ। ହୁଏତ ସେ କୋର୍ଟଙ୍କ ସାମ୍ନାରେ ଚାପରେ ପଡ଼ି କିମ୍ବା ଅନ୍ୟ କୌଣସି କାରଣ ପାଇଁ ବୟାନ ବଦଳାଇଥାଇ ପାରନ୍ତି। ତାଙ୍କୁ ମଧ୍ୟ ଟଙ୍କା ଯଚା ଯାଇଥିଲା। ପୀଡ଼ିତାଙ୍କ ବାପା ଜିଲା ଜଜ୍‌ଙ୍କ ନିକଟରେ ମାମଲା ପ୍ରତ୍ୟାହାର କରିବାକୁ ମଧ୍ୟ ସତ୍ୟପାଠ ଦେଇଥିଲେ। ଝିଅ ଯଦି ଅତ୍ୟାଚାରିତ ହେଉଛି, ଅଥଚ ମା'ବାପା ଦେଖିକି ମନା କରୁଛନ୍ତି। ଆମେ ତୃତୀୟ ବ୍ୟକ୍ତି କେସ୍ ଦେଉଛୁ। ସେଥିରେ ଆମର ଅଧିକ କ'ଣ କହିବା ଦରକାର? ଏହି ରାୟ ବିରୋଧରେ ହାଇକୋର୍ଟ ନିଶ୍ଚୟ ଯିବୁ ବୋଲି ବବିତା କହିଛନ୍ତି।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଜଣେ ନାବାଳିକାଙ୍କୁ ଫିଲ୍ମରେ ଅଭିନୟ କରାଇ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ପପୁ ଓ ଗିଟୁ ଅସଦାଚରଣ କରିଥିବା ନେଇ ୨୦୧୬ ଜୁନ୍ ୨୫ରେ ମହିଳା ଥାନାରେ ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାପରେ ସିଡବ୍ଲ୍ୟୁସି ପକ୍ଷରୁ ମଧ୍ୟ ଘଟଣାରେ ହସ୍ତକ୍ଷେପ କରାଯାଇ ଅଭିଯୋଗ କରାଯାଇଥିଲା। ପୋଲିସ ଏନେଇ ମାମଲା (ନଂ.୧୫୦/୨୦୧୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲା ରୁଜୁ ହେବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ପପୁଙ୍କ ଗିରଫ ଦାବି ଜୋର ଧରିଥିଲା। ଏପରି କି ବିଜେଡି ପକ୍ଷରୁ ପପୁଙ୍କୁ ଦଳରୁ ବହିଷ୍କାର ମଧ୍ୟ କରାଯାଇଥିଲା। କମିଶନରେଟ ପୋଲିସର ଏକ ଟିମ୍ ଜୁନ୍ ୩୦ରେ ପୁରୀ ଜିଲା ବଳିଆପଣ୍ଡା ଥାନା ଅନ୍ତର୍ଗତ ନନ୍ଦିଘୋଷ ଆପାର୍ଟମେଣ୍ଟରେ ଚଢ଼ାଉ କରି ପପୁ ଓ ସହଯୋଗୀ ଗିଟୁଙ୍କୁ ଗିରଫ କରିଥିଲା। କୋର୍ଟ ଚାଲାଣପରେ ଉଭୟଙ୍କୁ ଝାରପଡ଼ା ଜେଲକୁ ପଠାଯାଇଥିଲା। ସେହିବର୍ଷ ଅଗଷ୍ଟ ୧୦ରେ ହାଇକୋର୍ଟ ପପୁ ଓ ଗିଟୁଙ୍କୁ ଜାମିନ ପ୍ରଦାନ କରିଥିଲେ।

## ସନ୍ଦେହରେ ସଂଖ୍ୟା...

ଅନ୍ୟମାନେ ହେଉଛନ୍ତି ଚାଷୀ, ଭାଗଚାଷୀ କିମ୍ବା କୃଷି ଶ୍ରମଜୀବୀ। ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ, ଦରଦାମ ବୃଦ୍ଧି, ଫସଲର ଉପଯୁକ୍ତ ମୂଲ୍ୟ ନ ମିଳିବା ଏବଂ ସରକାରୀ ସୁବିଧାରୁ ବଞ୍ଚିତ ହେବା ଯୋଗୁ ସେମାନେ ଚାଷ କାର୍ଯ୍ୟରୁ ଦୂରେଇ ଯାଉଛନ୍ତି। ତେଣୁ ଏସବୁକୁ ଦେଖିଲେ ଗତ ୧୩ ବର୍ଷରେ ସାଢ଼େ ୪ଗୁଣରୁ ଅଧିକ ଧାନ ଉତ୍ପାଦନ ହେବା ନେଇ ଦିଆଯାଇଥିବା ତଥ୍ୟ ଉପରେ କୃଷକ ସଂଗଠନଗୁଡ଼ିକ ସନ୍ଦେହ କରୁଛନ୍ତି।

ଚର୍ଚ୍ଚା ହେଉଛି ଯେ, ଅନେକ ଯୋଜନାର ଅର୍ଥ ହଡ଼ପ କରିବା ପାଇଁ ନକଲି ଚାଷୀ ସୃଷ୍ଟି କରାଯିବା ସହ ଜାଲ୍ ଟୋକନ୍‌ରେ ଧାନ କିଣାଯାଉଛି। ଏହାର ବହୁ ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଛି। ସେଥିମଧ୍ୟରୁ କୋରାପୁଟ ଜିଲାରେ ୪,୧୬୮ ନକଲି ଚାଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଗତ ଜୁନ୍‌ରେ ରବି ଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିଲା। ଜିଲା ସମବାୟ ସମିତି କର୍ତ୍ତୃପକ୍ଷ(ଡିସିଏସ୍ଏ) ଦ୍ୱାରା ସାଟେଲାଇଟ୍ ସର୍ଭେ ବେଳେ ଜଣାପଡ଼ିଥିଲା ଯେ, ମଣ୍ଡିଗୁଡ଼ିକରେ ଧାନ ବିକ୍ରି କରିବା ପାଇଁ କେତେଗୁଡ଼ିଏ ଜମିକୁ ଦର୍ଶାଇ ଭୂତଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ସେହିପରି ଚାଷୀମାନଙ୍କୁ ଆର୍ଥିକ ସହାୟତା ନିମନ୍ତେ ଉଦ୍ଦିଷ୍ଟ କାଳିଆ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ନକଲି ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କଠାରୁ ଟଙ୍କା ଫେରସ୍ତ ପାଇଁ ସରକାର ୨୦୨୦ ଜୁଲାଇରେ ବ୍ୟବସ୍ଥା କରିଥିଲେ। ଆଉ ଏକ ଉଦାହରଣ ଯାଜପୁର ଜିଲାର ବଡ଼ଚଣା ପାକ୍ସକୁ ନିଆଯାଇପାରେ। ବଡ଼ଚଣା ବ୍ଲକର ବାଘୁଆ ଗ୍ରାମର ୧୫ ଚାଷୀ ୫।୪।୨୦୨୧ରେ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକଙ୍କ ନିକଟରେ ଜାଲ୍ ଟୋକନ୍ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ପୈତୃକ ଚାଷଜମିକୁ ଦର୍ଶାଇ ଅନ୍ୟ କେତେଜଣ ଲୋକଙ୍କ ନାମରେ ଜାଲ୍ ଟୋକନ ପ୍ରସ୍ତୁତ କରାଯାଇ ଧାନ କିଣାଯାଇଥିଲା। ସମିତିରୁ ଟୋକନ ପାଇ ଧାନ ବିକ୍ରି କରିଥିବା ବ୍ୟକ୍ତିମାନେ ଏହି ଜମି ମାଲିକଙ୍କ ନାତି, ପୁତୁରା ଆଦି ସମ୍ପର୍କ ଥିବା ଦର୍ଶାଯାଇଥିଲା। ଏହି ଅଭିଯୋଗ ମିଳିବା ପରେ ରାଜ୍ୟ ସମବାୟ ସମିତି(କ୍ରେଡିଟ୍)ର ଉପନିବନ୍ଧକ ୨୦।୫।୨୦୨୧ରେ ଯାଜପୁର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି(ଏଆର୍‌ସିଏସ୍)ଙ୍କୁ ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଫାଇଲ ତଳେ ଦବି ରହିଛି। ସେହିଭଳି ଖରିଫ ଋତୁ ୨୦୨୦-୨୧ରେ ଧାନ ସଂଗ୍ରହରେ ଯାଜପୁର, ବରଗଡ଼, ଭଦ୍ରକ, ଗଞ୍ଜାମ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାର ୩୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୪୬୬୧.୨୨ କୁଇଣ୍ଟାଲ ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଭେଣ୍ଡର ରିସିପ୍ଟ ଜାରି କରିଥିଲେ। ସମ୍ପୃକ୍ତ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ପୃଷ୍ଟି ୨୩।୪।୨୦୨୧ରେ ମିଶନ ଶକ୍ତି କମିଶନରଙ୍କୁ ସୁପାରିସ କରିଥିଲେ। ଏହି ସୁପାରିସକୁ ଆଧାର କରି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ଦାସ ୧୮।୬।୨୦୨୧ରେ ଉପରୋକ୍ତ ୭ ଜିଲାର ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସବୁରୁ ଆଶଙ୍କା କରାଯାଉଛି ଯେ, ଅନେକ ହଜାର ଚାଷୀଙ୍କ ନାମରେ ଜାଲିଆତି କରି ଏଭଳି ଧାନ କିଣା ଦୁର୍ନୀତି ଲୁଚିଯାଇଛି।

ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ଚରଣ ରାୟ କୁହନ୍ତି, ସାଢ଼େ ୪ଗୁଣ ଚାଷୀ ସଂଖ୍ୟା ବୃଦ୍ଧି ପାଇବା ଗ୍ରହଣଯୋଗ୍ୟ ନୁହେଁ। ସେଥିରେ ଅଧିକାଂଶ ନକଲି ଚାଷୀ ରହିଥିବେ। ବିଭାଗୀୟ ଅଧିକାରୀମାନେ ନିଜ ସୁବିଧା ପାଇଁ ହିସାବ କିତାବ କରି ତଥ୍ୟ ଦାଖଲ କରୁଛନ୍ତି ବୋଲି ରାୟ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି(ଏଆର୍‌ସିଏସ୍) ପ୍ରଶାନ୍ତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ନକଲି ଚାଷୀ ସଂକ୍ରାନ୍ତରେ ଅଭିଯୋଗ ହେଉଛି। ସେ ନେଇ ଉପଯୁକ୍ତ ତଦନ୍ତ ଏବଂ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ କୃଷକ ପରିବାରର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇବା ସହିତ ଚାଷୀ ସଂଖ୍ୟା ମଧ୍ୟ ବଢ଼ିଛି। ଏହାସହ ଆଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ସହ ହାଇବ୍ରିଡ୍ ଚାଷ ଯୋଗୁ ଧାନ ଉତ୍ପାଦନରେ ବୃଦ୍ଧି ଘଟିଥିବା ମଲ୍ଲିକ କହିଛନ୍ତି।

## ଆମେରିକାର ମିଶାଇଲ୍...

ବଡ଼ ପ୍ରହାର ବୋଲି କୁହାଯାଉଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ହ୍ୱାଇଟ୍ ହାଉସ୍‌ର ବ୍ଲୁ ରୁମ୍ ବାଲ୍‌କୋନିରୁ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି, ଲାଡେନ୍‌ଙ୍କ ମୃତ୍ୟୁ ପରେ ଅଲ୍-କାଏଦାର ନେତୃତ୍ୱ ନେଇଥିବା ଜୱାହିରି ସପରିବାର କାବୁଲର ଏକ ସୁରକ୍ଷିତ ଘରେ ଆଶ୍ରୟ ନେଇଥିଲେ। ଆମେରିକାର ଗୋଇନ୍ଦା ସଂସ୍ଥା ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ଅଧିକାରୀମାନେ ତାଙ୍କ ଉପସ୍ଥିତି ନେଇ ସୂଚନା ପାଇଥିଲେ। ସାରା ବିଶ୍ୱର ହିତ ସକାଶେ ଜୱାହିରିଙ୍କୁ ଯୁଦ୍ଧଭୂମିରୁ ହଟାଇବା ପାଇଁ ଗତ ସପ୍ତାହରେ ଏହି ଅପରେଶନକୁ ଅନୁମତି ଦିଆଯାଇଥିଲା। ଜୱାହିରି ଶନିବାର ସନ୍ଧ୍ୟାରେ ଉକ୍ତ ଘରର ବାଲ୍‌କୋନିରେ ଥିବାବେଳେ ତାଙ୍କୁ ଟାର୍ଗେଟ କରି ଡ୍ରୋନ୍‌ରୁ ୨ଟି ମିଶାଇଲ୍ ମାଡ଼ କରାଯାଇଥିଲା। ସେ ନିହତ ହେବା ସହ ୯/୧୧ ପୀଡ଼ିତଙ୍କୁ ନ୍ୟାୟ ମିଳିଛି। ଯିଏ ଆମେରିକାର କ୍ଷତି ସାଧନ କରିବ ତାଙ୍କୁ ଏପରି ଦଶା ଭୋଗିବାକୁ ପଡ଼ିବ। ଏଭଳି ଜବାବ ଦେବା ପାଇଁ ଆମେରିକା ସକ୍ଷମ। ଆତଙ୍କବାଦୀ ଯେଉଁଠି ଲୁଚିଥିଲେ ବି ଆମେ ଖୋଜି ବାହାର କରିବୁ ବୋଲି ବାଇଡେନ୍ ଘୋଷଣା କରିଛନ୍ତି। ଏଥିସହ ଉକ୍ତ ଅପରେଶନକୁ ସଫଳ କରିଥିବା ଗୋଇନ୍ଦା ଅଧିକାରୀମାନଙ୍କ ଅସାଧାରଣ ଦକ୍ଷତାକୁ ବାଇଡେନ୍ ପ୍ରଶଂସା କରିଛନ୍ତି। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କ କିଛି କ୍ଷତି ଘଟାଯାଇ ନାହିଁ ବୋଲି ଆମେରିକୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ କହିଛନ୍ତି, ଜୱାହିରିଙ୍କ ମୃତ୍ୟୁ ପରେ ବିଶ୍ୱ ସୁରକ୍ଷିତ ହୋଇଛି। କାବୁଲରେ ତାଙ୍କୁ ସୁରକ୍ଷା ଦେଇ ତାଲିବାନ୍ ଅନ୍ତର୍ଜାତୀୟ ସମୁଦାୟକୁ ଦେଇଥିବା ପ୍ରତିଶ୍ରୁତିର ଉଲ୍ଲଂଘନ କରିଛି। ଆଫଗାନିସ୍ତାନକୁ ଆତଙ୍କବାଦରୁ ମୁକ୍ତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତିବଦ୍ଧତାକୁ ବଜାୟ ରଖିଛୁ ବୋଲି ବ୍ଲିଙ୍କେନ ଟୁଇଟ୍ କରିଛନ୍ତି।

ପ୍ରକାଶ ଯେ, ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାର ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଓ ପେଣ୍ଟାଗନ ସମେତ କେତେକ ସ୍ଥାନରେ ଅଲ୍-କାଏଦା ପକ୍ଷରୁ ଆକ୍ରମଣ କରାଯାଇଥିଲା। ଏଥିରେ ୨୯୯୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ୨୦୧୧ ମେ'ରେ ଆମେରିକା ଲାଡେନ୍‌ଙ୍କୁ ହତ୍ୟା କରି ଏହାର ପ୍ରତିଶୋଧ ନେଇଥିଲା। ଲାଡେନ୍‌ଙ୍କ ଡାହାଣ ହାତ ଭାବେ ପରିଚିତ ଇଜିପ୍ଟର ୭୧ ବର୍ଷୀୟ ଡାକ୍ତର ଅଲ୍-ଜୱାହିରି ୯/୧୧ ଆକ୍ରମଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଲାଡେନ୍‌ଙ୍କ ମୃତ୍ୟୁ ପରେ ସେ ଅଲ୍-କାଏଦାର ନେତୃତ୍ୱ ନେଇ ଆତଙ୍କବାଦୀ ସଙ୍ଗଠନର ଦୃଶ୍ୟମାନ ଅନ୍ତର୍ଜାତୀୟ ପ୍ରତୀକ ପାଲଟିଥିଲେ। ଦଶନ୍ଧି ଧରି ସେ ଆମେରିକା ବିରୋଧୀ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲେ। ୨୦୦୦ ଅକ୍ଟୋବରରେ ଆଡେନ୍‌ରେ ୟୁଏସ୍‌ଏସ୍ କୋଲ୍ ନାଭାଲ ବିଧ୍ୱଂସକକୁ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇ ୧୭ ଆମେରିକୀୟ ନାବିକଙ୍କ ଜୀବନ ନେଇଥିବା ଆକ୍ରମଣ ମଧ୍ୟ ଜୱାହିରି ରଚିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବି ପୁଷ୍ୟା ନକ୍ଷତ୍ରସ୍ଥ ହେତୁ କାର୍ଯ୍ୟ ସମ୍ପନ୍ନରେ ବିଳମ୍ବ ଘଟିବ। ଶୁକ୍ରଙ୍କ ତୃତୀୟ ସ୍ଥିତି ଜନିତ କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ରାଦି କାର୍ଯ୍ୟ ସମସ୍ୟାମୁକ୍ତ ରହିବ। ଆଶା କରିଥିବା ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରିବେ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବୃଷ**
ହସ୍ତା ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କ ବିଚାରଧାରାକୁ ଠିକ୍ ମାର୍ଗରେ ପରିଚାଳିତ କରିବ। ଫଳତଃ ସଫଳ ଆଲୋଚନା, ସମସ୍ୟା ସମାଧାନ, ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ପିଲାଙ୍କ ଗୌରବ ସାମୟିକ ସାନ୍ତ୍ୱନାର କାରଣ ହେବ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ପ୍ରତିବନ୍ଧକ ଦେଖାଦେଇପାରେ।

**ମିଥୁନ**
ମଘା ନକ୍ଷତ୍ରସ୍ଥ ବୁଧ ଆଜି ଅସାବଧାନତା କିମ୍ବା ଅନ୍ୟମନସ୍କତା ହେତୁ କୌଣସି ଜିନିଷ ହଜିଯାଇପାରେ। ବିଭିନ୍ନ ପାରିବାରିକ ସମସ୍ୟାକୁ ନେଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବନ୍ଧୁଙ୍କ ପକ୍ଷପାତିତା କାରଣରୁ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ବୟସ୍କଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

**କର୍କଟ**
କେତୁଙ୍କ କୁପ୍ରଭାବରେ କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟ ଚିନ୍ତାକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା ସମାଲୋଚିତ ହେବାକୁ ପଡ଼ିପାରେ। ଆର୍ଥିକ ଦିଗଟି ଭଲ ରହିବ, କିନ୍ତୁ ବାକି ଥିବା ଟଙ୍କା ଫେରିପାଇବେ ନାହିଁ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ**
ଧନାଧିପତି ରାଶିରେ ରହି ଅର୍ଥପ୍ରାପ୍ତିର ମାର୍ଗଦର୍ଶନ ସହ ବନ୍ଧୁବତ୍ସଳ କରାଇବେ। ନିରପେକ୍ଷ ଚିନ୍ତା ଧାରା ଅନ୍ୟମାନଙ୍କୁ ନ ସୁହାଇବା କାରଣରୁ ପରୋକ୍ଷ ଭାବରେ ବିତର୍କର ସମ୍ମୁଖୀନ ହେବେ। ତଥାପି ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। କୌଣସି ଆନୁଷ୍ଠାନିକ କାମ କିମ୍ବା କୌଣସି ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି।

**କନ୍ୟା**
ମଙ୍ଗଳ ଅଷ୍ଟମସ୍ଥ ଯୋଗୁ ନିଜ ଲୋକମାନେ ବିରୁଦ୍ଧାଚରଣ କରିବା ସହ ଭ୍ରାତୃସମ୍ପର୍କ ମଧ୍ୟ ଭଲ ରହିବ ନାହିଁ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି। ଖାଦ୍ୟର ବିଷମତା ହେତୁ ପେଟ ଗୋଳମାଳ ଦେଖାଦେଇ ପାରେ। ଅବଶ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମି କମି ଆସିବ।

**ତୁଳା**
ଅଷ୍ଟମସ୍ଥ ରାହୁମଙ୍ଗଳ ହେତୁ ଆଜିର ଯାତ୍ରା କଷ୍ଟପ୍ରଦ ହେବା ସହ ବ୍ୟବସାୟରେ କଳି ଲାଗିପାରେ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ପାରିବାରିକ ଜୀବନରେ ତିକ୍ତତା ଦେଖାଦେବ। ଅବଶ୍ୟ ଧର୍ମକାମ ଓ ସତ୍‌ସଙ୍ଗର ସାନ୍ନିଧ୍ୟ ମନକୁ ଆଶ୍ୱାସନା ଦେବାରେ ସମର୍ଥ ହେବ।

**ବିଛା**
ଏକାଦଶ ଚନ୍ଦ୍ର ହେତୁ ଆଶାପୂରଣ ସହ ମାନସିକ ସ୍ଥିତି ଭଲ ରହିବ। ଅନୁରାଧାର ଆନୁଷ୍ଠାନିକ କାମରେ କିମ୍ବା ନୂତନ କାମରେ ପ୍ରତିବନ୍ଧକ କାରଣରୁ ବ୍ୟସ୍ତ ହୋଇପାରନ୍ତି। ସଂଗଠନ, ମାଲି ମକଦ୍ଦମା କିମ୍ବା ସଭାସମିତିରେ ସମୟ ଅତିବାହିତ ହୋଇପାରେ। ଅଫିସ୍ କାମ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ଧନୁ**
ଚନ୍ଦ୍ର କେନ୍ଦ୍ରରେ ଗୁରୁ ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ଯେଉଁ କାମରେ ହାତ ଦିଅନ୍ତୁ ସଫଳତା ନିଶ୍ଚିତ। ଅର୍ଥଲାଭ, ସମ୍ମାନ ପ୍ରାପ୍ତି ସହ ବନ୍ଧୁମିଳନ ଘଟିପାରେ। କଳା, ସାହିତ୍ୟ, କ୍ରୀଡ଼ା କିମ୍ବା ଚଳଚ୍ଚିତ୍ର କ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର**
ସପ୍ତମାଧିପ ଭାଗ୍ୟସ୍ଥାନରେ ଗୁରୁଦୃଷ୍ଟ ହେତୁ ଦୂରେଇ ରହୁଥିବା ପ୍ରିୟବ୍ୟକ୍ତିଟି ପାଖେଇ ଆସିବ। ମନ ବୁଝିଲା ଭଳି କିଛି ପ୍ରତିଶ୍ରୁତି, ମିଷ୍ଟାନ୍ନ ଭୋଜନ ମାଧ୍ୟମରେ ଲୋକପ୍ରିୟତା ହାସଲ କରିବେ। ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। କିନ୍ତୁ ଧନିଷ୍ଠା ନକ୍ଷତ୍ରର ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ।

**କୁମ୍ଭ**
ଷଷ୍ଠାଧିପ ଚନ୍ଦ୍ର ଅଷ୍ଟମରେ ରହି ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ସନ୍ତାନଙ୍କ ସମସ୍ୟାର ସମାଧାନ ହୋଇପାରିବ। ଫଳପ୍ରଦ ଆଲୋଚନା ଏବଂ ସାମାଜିକ ସ୍ତରରେ ଆଦରଣୀୟ ରହିବେ। କିନ୍ତୁ ଯାନ ବାହନରେ ସତର୍କ ରହିବା ଭଲ। ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟୟ ବରାଦ କରିପାରନ୍ତି।

**ମୀନ**
କେନ୍ଦ୍ରରେ ଶୁକ୍ର ଏବଂ ସପ୍ତମ ଚନ୍ଦ୍ର ହେତୁ ସାମଗ୍ରୀକ ଦୃଷ୍ଟିରୁ ଦିନଟି ଭଲରେ ଅତିବାହିତ ହେବ। ସବୁ ଭଲ ଥିଲେ ମଧ୍ୟ ଅତୀତର କୌଣସି ଅଭୁଲା କଥା ମନକୁ ବାରମ୍ବାର ଆଲୋଡ଼ିତ କରିପାରେ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ ପୀଡ଼ାନୁଭବ ହୋଇପାରେ।


# classifieds Everyday
0674-2580101, 2549302



MATRIMONIAL

**GROOM WANTED**

Wanted brahmin groom for a beautiful brahmin bride 1994/M.Com/ Service. 9090690029. D-68294

Government ଚାକିରିଆ ବୟସ- 34 ଏକୁଟିଆ ରହୁଥିବା Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7894489867. D-1157

ବୟସ-30, Government Nurse ଥିବା Divorcee ନିଃସନ୍ତାନ କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 9178372931. D-1173

automobile

**HIRE**

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944

real estate

**SALE**

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

**5000sqft. (50ft. X100ft.) gharabari, s t h i t i b a n yellowzone, 100% clear single Patta owner plot for sale with boundary, filling & outhouse c o m p l e t e d . Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/- . Contact owner. 9040026465 (BABU BHAI).** D-1039

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ନଖରା East କଲେଜଠାରୁ 2.5k.m. ଦୂରତାରେ @870/- ପାଚେରି ଥାଇ Govt. Medical ନିକଟରେ ଘରବାରି ପ୍ଲଟ୍ ମିଳୁଛି। 9348152874. D-73291

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283

**One Snacks A/C Showroom with running condition sale Immediately with all infra and stocks, Kalinga Vihar, Bhubaneswar. 7 8 9 4 0 2 2 6 6 2 (*Approx- 9lacks).** D-1158

BDA Yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73628

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ s q f t . 1 0 0 0 / - . 8 1 1 4 9 2 9 1 8 6 .** D-73946

ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। **9437765989.** D-73289

construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116

to-let

ଭୁବନେଶ୍ୱର ଖଣ୍ଡଗିରି ଜୟଦେବ ବାଟିକା ନିକଟରେ Restaurant ଭଡ଼ାରେ ନେବାପାଇଁ ଯୋଗାଯୋଗ କରନ୍ତୁ। Mob: 7008555042. D-73630

3BHK Ground Floor Ratnakarbaga-2 Tankapaniroad Bhubaneswar-18 plinth area 1180sft. 2covered grilled verandahs 200sft. total 1380sft. covered Car parking space. M: 9937024304. D-73710

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

healthcare

Newly open full body massage 1099 free massage one. Mo: 9583808247. D-1164

Newly opened full body massage center by expert therapist. 7381172169. D-73629

Fullbody massage relax your body, mind by best therapist. 7008773793. D-73626

**Relax, Refresh your body, mind at Saikrupa Spa with best therapies. 8 9 8 4 0 6 8 0 7 7 .** D-1121

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly open full body massage ladies and gents. 8327740003, 8093860513. D-73947

astrology

ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7 9 7 8 7 3 6 1 7 7 . D-68295

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଲାଞ୍ଚ ନେବା ବେଳେ ମହିଳା ଆର୍‌ଆଇ ଗିରଫ


ଡଲି ସେଠୀ

ବାଲେଶ୍ୱର ଅଫିସ, ୨।୮: ଜଣେ ନାବାଳକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ରିପୋର୍ଟ ଦେବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ସଦର ବ୍ଲକ ଅଧୀନ ବଇଞ୍ଚା ସର୍କଲର ମହିଳା ଆର୍‌ଆଇ ଡଲି ସେଠୀ ଭିଜିଲାନ୍ସ ଦ୍ୱାରା ମଙ୍ଗଳବାର ଗିରଫ ହୋଇଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ସଦର ବ୍ଲକ ପାଖିରାବାଡ଼ ପଞ୍ଚାୟତ ନିଶ୍ଚିନ୍ଦା ଗ୍ରାମର ଦୀନବନ୍ଧୁ ବେହେରାଙ୍କ ସାଢ଼େ ୩ବର୍ଷର ପୁଅ ଗତ ଏପ୍ରିଲ ୧୨ରେ ଦାଣ୍ଡରେ ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ପୁଅର ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ଦୀନବନ୍ଧୁ ସ୍ଥାନୀୟ ବଇଞ୍ଚା ଆର୍‌ଆଇଙ୍କ ନିକଟକୁ ଯାଇଥିଲେ। ଆର୍‌ଆଇ କାଗଜପତ୍ର ବାବଦକୁ ଦୀନବନ୍ଧୁଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୦ହଜାର ଟଙ୍କା ମାଗିଥିଲେ। ଏନେଇ ଦୀନବନ୍ଧୁ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ଦୀନବନ୍ଧୁ ୧୦ହଜାର ଟଙ୍କା ନେଇ ଆର୍‌ଆଇ ସେଠୀଙ୍କ ନିକଟରେ ପହଞ୍ଚିଲା ବେଳେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଟଙ୍କା ଜବତ କରିବା ସହ ସେଠୀଙ୍କୁ ଗିରଫ କରିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସରେ ମାମଲା (ନଂ. ୨୧/୨।୮।୨୦୨୨) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଏଥିସହିତ ଏକକାଳୀନ ଭିଜିଲାନ୍ସ ବିଭାଗ ପକ୍ଷରୁ ଆର୍‌ଆଇଙ୍କ ଅଫିସ୍ ଓ ବାସଗୃହରେ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।

# ସଂକୀର୍ତ୍ତନ ଗୁରୁଙ୍କ ମୃତଦେହ ଜବତ

- ଅବୈଧ ପ୍ରେମ ସମ୍ପର୍କରୁ ହତ୍ୟା ସନ୍ଦେହ, ବାପ, ପୁଅ ସମେତ ୩ ଅଟକ

ଦେବଗଡ଼,୨।୮(ଡି.ଏନ୍.ଏ.): ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଠିଆନାଳ ଗ୍ରାମ କେନ୍ଦୁପତ୍ର ଫଡ଼ି ନିକଟରୁ ମଙ୍ଗଳବାର ଜଣେ ସଂକୀର୍ତ୍ତନ ଗୁରୁଙ୍କର କ୍ଷତାକ୍ତ ମୃତଦେହ ଜବତ କରାଯାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତକ ହେଲେ ଠିଆନାଳ ଗ୍ରାମର ଅପିନ୍ଦ୍ର ବାଘ(୪୨)। ପୋଲିସ ଅନୁଗୋଳ ଜିଲା ଛେଣ୍ଡିପଦା ଥାନାଞ୍ଚଳର କେରଜାଙ୍ଗ ଗ୍ରାମର ବାପ, ପୁଅ ଓ ସେମାନଙ୍କର ଜଣେ ସମ୍ପର୍କୀୟଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପିନ୍ଦ୍ର ସଂକୀର୍ତ୍ତନ ଶିଖାଉଥିବାବେଳେ କେରଜାଙ୍ଗ ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍ତ୍ରୀ ସହ ଅବୈଧ ପ୍ରେମ ସମ୍ପର୍କ ରହିଥିଲା। ଫଳରେ ସେହି ବ୍ୟକ୍ତି କ୍ରୋଧାନ୍ୱିତ ହୋଇ ଅପିନ୍ଦ୍ରଙ୍କୁ ଜୀବନରେ ମାରିବାକୁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ ସୋମବାର ରାତିରେ ସମ୍ପୃକ୍ତ ବ୍ୟକ୍ତି, ତାଙ୍କ ପୁଅ ଓ ଜଣେ ସମ୍ପର୍କୀୟ ଠିଆନାଳ ଗ୍ରାମର କେନ୍ଦୁପତ୍ର ଫଡ଼ି ନିକଟକୁ ଅପିନ୍ଦ୍ରଙ୍କୁ ଡାକି ହତ୍ୟା କରିଥିଲେ ବୋଲି ମୃତକଙ୍କ ପରିବାର ଲୋକେ ଏତଲା ଦେଇଛନ୍ତି। ମଙ୍ଗଳବାର ଅପିନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୧୩ ପ୍ରକଳ୍ପକୁ ଜମି ଯୋଗାଇଲେ ସରକାର

- ନିବେଶ ହେବ ପ୍ରାୟ ୭୬୬ କୋଟି
- ସୃଷ୍ଟି ହେବ ୮୬୦୦ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୨।୮(ବ୍ୟୁରୋ)

ରାଜ୍ୟରେ ପୋଷାକ ପ୍ରସ୍ତୁତି, ଲଜିଷ୍ଟିକ୍ ପାର୍କ, ସଫ୍ଟୱେର ପ୍ରସ୍ତୁତି ଓ ଡିଜିଟାଲ୍ ମାର୍କେଟିଂ, ଖେଳ ସାମଗ୍ରୀ ଉତ୍ପାଦନ, କାର୍ବନ ବ୍ଲକ୍ ଉତ୍ପାଦନ, ପିଭିସି ଏବଂ ଏଚ୍‌ଡିପିଇ ପାଇପ୍ ନିର୍ମାଣ, ଘରୋଇ ସରଞ୍ଜାମ ପ୍ରସ୍ତୁତି ଏବଂ ଡାଟା ସେଣ୍ଟର ଆଦି ୧୩ଟି ପ୍ରକଳ୍ପକୁ ରାଜ୍ୟ ସରକାର ଜମି ଯୋଗାଇ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟି ବୈଠକରେ ଏହି ନୂଆ ପୁଞ୍ଜିନିବେଶ ପ୍ରକଳ୍ପ ପାଇଁ ଜମି ଆବଣ୍ଟନ କରାଯାଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୭୬୬ କୋଟି ଟଙ୍କା ବିନିଯୋଗ ହେବା ସହ ୮୬୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଛଡ଼ା ଏହି ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ କଞ୍ଚାମାଲ ଯୋଗାଣ, ପଦାର୍ଥ ପରିବହନ, ବ୍ୟବସାୟ କେନ୍ଦ୍ର,ଗମନାଗମନ ଆଦି ମାଧ୍ୟମରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ପରୋକ୍ଷ ରୋଜଗାରର ସୁଯୋଗ ପାଇବେ। ଲୋକସେବା ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ପ୍ରୟୋଜନୀୟତା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଦକ୍ଷତା ବିଷୟରେ ସବିଶେଷ ସୂଚନା ଦେଇଥିଲେ। ଜମି ଆବଣ୍ଟନ ପ୍ରସ୍ତାବକୁ ଅନୁମୋଦନ ଦେଇ ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନୂଆ ପ୍ରତିଷ୍ଠା ହେଉଥିବା ଏହି ଶିଳ୍ପ ସଂସ୍ଥାଗୁଡ଼ିକରେ ଅଧିକରୁ ଅଧିକ ଓଡ଼ିଆ ଯୁବତୀଯୁବକଙ୍କ ନିଯୁକ୍ତି ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ପର୍ଯ୍ୟଟନ ବିଭାଗ ସଚିବ ସୁରେନ୍ଦ୍ର କୁମାର, ବୈଦ୍ୟୁତିକ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶାସନ ସଚିବ ମନୋଜ ମିଶ୍ର, ଇଡ୍‌କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭୂପେନ୍ଦ୍ର ପୁନିଆଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ।

# ଜଳ ସମ୍ପଦ ବିଭାଗରେ ନିଯୁକ୍ତ ହେଲେ ୧୦୬ ଜେଇ

ଭୁବନେଶ୍ୱର,୨।୮(ବ୍ୟୁରୋ)

ଜଳ ସମ୍ପଦ ବିଭାଗରେ ୧୦୬ ଜଣ ନୂତନ ମେକାନିକାଲ କନିଷ୍ଠ ଯନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ନିଯୁକ୍ତିପତ୍ର ସହିତ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ଟେକ୍ନୋଲୋଜି ମାଧ୍ୟମରେ ସମସ୍ତେ କାମ କରିବା ଆବଶ୍ୟକ। କଠିନ ପରିଶ୍ରମ ସହ ୫-ଟି ଆଧାରରେ ସ୍ୱଚ୍ଛତା ଆଣିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ନଦୀରେ ୩୦ଟି ଇନ୍‌ଷ୍ଟ୍ରିମ ପ୍ରୋଜେକ୍ଟ ଚାଲିଥିବା ବେଳେ ଆହୁରି ୧୬ଟି ପାଇପଲାଇନରେ ରହିଛି। ଏହା କେବଳ ଜଳ ସଂରକ୍ଷଣ କରିବ ନାହିଁ, ଗ୍ରାମାଞ୍ଚଳକୁ ଜଳ ଯୋଗାଣ ସହିତ ଭୂତଳ ଜଳ ସ୍ତର ବୃଦ୍ଧି କରିବାରେ ସହାୟକ ହେବ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଚାଷୀଙ୍କୁ ଜଳସେଚନ ଯୋଗାଇବା ଜଳ ସମ୍ପଦ ବିଭାଗର ପ୍ରମୁଖ କାର୍ଯ୍ୟ। ଏଥିସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କର ଧନଜୀବନକୁ କିପରି ସୁରକ୍ଷିତ କରାଯାଇ ପାରିବ ସେ ନେଇ ବିଭାଗର ମଧ୍ୟ ଦାୟିତ୍ୱ ରହିଛି। ରାଜ୍ୟରେ ୨୫୦୦ ଡ୍ୟାମ୍ ରହିଛି। ଲୋୟର ସୁକତେଲ, ଦେଓ, କାନପୁର ଓ ଘଟକେଶ୍ୱର ଭଳି କେତେକ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜଳ ଭଣ୍ଡାରଗୁଡ଼ିକର ନିର୍ମାଣ କାର୍ଯ୍ୟ ସିଭିଲ ଇଞ୍ଜିନିୟର କଲେ ମଧ୍ୟ ହାଇଡ୍ରୋଲିକ ଷ୍ଟ୍ରକ୍ଚର ଓ ଗେଟ୍ ନିର୍ମାଣ କାର୍ଯ୍ୟ ମେକାନିକାଲ ଇଞ୍ଜିନିୟରମାନେ ତଦାରଖ କରିବେ। ନୂତନ ଜ୍ଞାନକୌଶଳର ଉପଯୋଗ କରି ନିଜର ଦକ୍ଷତା ବୃଦ୍ଧି କରିବା ସହ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ପ୍ରଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭୂତଳ ଜଳ ସ୍ତରକୁ ବଢ଼ାଇବା ଦିଗରେ କାମ କରିବାକୁ ଗୁରୁତ୍ୱ ଦେଇଛନ୍ତି ନବୀନ। କାର୍ଯ୍ୟକ୍ରମରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବିଭାଗୀୟ ସଚିବ ଉପସ୍ଥିତ ଥିଲେ। ୫-ଟି ସଚିବ ଭି. କେ. ପାଣ୍ଡିଆନ ନବନିଯୁକ୍ତ ଇଞ୍ଜିନିୟରଙ୍କ ସହିତ ଆଲୋଚନା କରି ନିଜ ଉପରେ ବିଶ୍ୱାସ ରଖି କାମ କରିବାକୁ ପରାମର୍ଶ ଦେଇଛନ୍ତି। ବିଭାଗୀୟ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ।

# ସ୍କୁଲରୁ ନିଖୋଜ ଛାତ୍ରଙ୍କ ମୃତଦେହ ଜବତ

ହେମଗିର,୨।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଗର୍ଜନବାହାଲ ହାଇସ୍କୁଲ ହଷ୍ଟେଲରୁ ନିଖୋଜ ଜଣେ ଛାତ୍ରଙ୍କ ମୃତଦେହ ମଙ୍ଗଳବାର ସକାଳେ ଏକ କୁସୁମ ଗଛ ମୂଳରୁ ପୋଲିସ ଜବତ କରିଛି। ମୃତ ଛାତ୍ର ଜଣକ ହେଲେ ଉକ୍ତ ସ୍କୁଲର ଅଷ୍ଟମ ଶ୍ରେଣୀର ଦୁର୍ଗା ପ୍ରସାଦ ଖଣ୍ଡା (୧୩)। ତାଙ୍କ ଘର ଝାରସୁଗୁଡା ଜିଲା ବେଲପାହାଡ଼ ନିକଟ ଗୁମେଡେରାରେ। ସେ ସ୍କୁଲ ହଷ୍ଟେଲରେ ରହୁଥିଲେ।

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ**

ସୋମବାର ରାତିରେ ହଷ୍ଟେଲର ଉପସ୍ଥାନ ପକାଯିବା ବେଳେ ସେ ନ ଥିବା ଜଣାପଡିଥିଲା। ସ୍କୁଲ କର୍ତ୍ତୃପକ୍ଷ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସକାଳେ ସ୍କୁଲଠାରୁ କିଛି ଦୂରରେ ଥିବା କୁସୁମ ଗଛତଳେ ଛାତ୍ରଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ କିଛି ଲୋକ ଦେଖି ସ୍କୁଲକୁ ସୂଚନା ଦେଇଥିଲେ। ପରେ ଖବରପାଇ ହେମଗିର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରେ ଛାତ୍ରଙ୍କ ପରିବାର, ସମ୍ପର୍କୀୟ ଲୋକେ ପହଞ୍ଚି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ହେମଗିର ତହସିଲଦାର ଭିକ୍ଟୋରିଆ ଏକ୍କା, ଥାନା ଅଧିକାରୀ ରମାକାନ୍ତ ସାଏ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସ୍କୁଲ ତରଫରୁ ୫୦ ହଜାର, ରେଡକ୍ରସ ତରଫରୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କୁସୁମ ଗଛକୁ ଲାଗି ୧୧କେଭି ବିଜୁଳି ତାର ଯାଇଥିବାରୁ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି ବୋଲି କୁହାଯାଉଛି। କିନ୍ତୁ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଦୁର୍ଘଟଣାରେ ଅଧ୍ୟାପିକାଙ୍କ ମୃତ୍ୟୁ

ବାରିପଦା ଅଫିସ,୨।୮

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଅଧ୍ୟାପିକା ମନୀଷା ଶର୍ମା(୩୨)ଙ୍କର ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ଅଧ୍ୟାପିକା ଶର୍ମା ସ୍କୁଟିରେ ଯାଉଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି।

# ଦୋଳାରେ ବୁହା ହେଲେ ଗର୍ଭବତୀ


ଭାରରେ ଗର୍ଭବତୀଙ୍କୁ ନିଆଯାଉଛି।

- କନ୍ଧମାଳରେ ପୁଣି ଜନନୀ ଯନ୍ତ୍ରଣା
- ରାସ୍ତା ନ ଥିବାରୁ ପହଞ୍ଚିଲାନି ଆମ୍ବୁଲାନ୍ସ

ଫୁଲବାଣୀ ଅଫିସ/ବାଲିଗୁଡା (ଡି.ଏନ.ଏ.),୨।୮

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକର ସାରଙ୍ଗ ଥାନା ଟେଟେରା ଗାଁକୁ ଭଲ ରାସ୍ତା ନ ଥିବାରୁ ପୁଣି ଜଣେ ଗର୍ଭବତୀଙ୍କୁ ଦୋଳାରେ ନିଆଯାଇଛି। ମୁଖ୍ୟରାସ୍ତାଠାରୁ ଟେଟେରା ଗାଁ ପ୍ରାୟ ୨/୩ କିମି ଦୂରରେ ରହିଛି। ଆଜି ଯାଏ ଏହି ଗ୍ରାମକୁ ରାସ୍ତା ନିର୍ମାଣ ହୋଇନାହିଁ। ମଝିରେ ନଦୀ ଯାଇଛି। ଗ୍ରାମର ଅରୁଣ ପ୍ରଧାନଙ୍କ ସ୍ତ୍ରୀ ଆରତୀଙ୍କ ସୋମବାର ପ୍ରସବ ବେଦନା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆଶାକର୍ମୀଙ୍କୁ ଜଣାଇବା ସହ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ମୁଖ୍ୟ ରାସ୍ତାରେ ଅଟକି ଥିଲା। ଆମ୍ବୁଲାନ୍ସ କର୍ମଚାରୀ ଏବଂ ଗ୍ରାମର ଲୋକେ ଆରତୀଙ୍କୁ ଭାରରେ କାନ୍ଧେଇ ଜଙ୍ଗଲ ରାସ୍ତା, ନଦୀ ଅତିକ୍ରମ କରି ଆମ୍ବୁଲାନ୍ସ ପାଖରେ ପହଞ୍ଚି ଥିଲେ। ତାଙ୍କୁ ତୁରନ୍ତ ସାରଙ୍ଗଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆରତୀ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ଉଭୟ ସୁସ୍ଥ ଅଛନ୍ତି।

# ମାଟିତଳୁ ମିଳିଲା ବିପୁଳ ବିସ୍ଫୋରକ

**ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନ**

କୋରାପୁଟ,୨।୮(ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ ଏବେ ମାଓବାଦୀଙ୍କ ଶହୀଦ ସପ୍ତାହ ଚାଲିଛି। ତଲାସି ବେଳେ ମାଟିତଳେ ମାଓବାଦୀମାନେ ଲୁଚାଇ ରଖିଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ଏସ୍‌ପି ବରୁଣ ଗୁଣ୍ଟୁପାଲି ସୂଚନା ଦେଇଛନ୍ତି। କୋରାପୁଟ ଡିଭିଏଫ୍ ପୋଲିସ ଓ ବିଏସ୍‌ଏଫ୍-୧୫୧ ବାଟାଲିୟନର ଯବାନମାନଙ୍କ ମିଳିତ ତଲାସୀବେଳେ ଜିଲାର ବୈପାରିଗୁଡା ବ୍ଲକ ଗରମପାଣି ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ପୋତାଯାଇଥିବା ବିସ୍ଫୋରକ ସାମାଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ୯ଟି ପଏଣ୍ଟ ବଲ ଆମ୍ମୁନେଶନ, ୯୫ ଜିଲେଟିନ, ୪୮ଟି ଏକେ- ୪୭ର ଗୁଳି, ୧୦୮ଟି ପଏଣ୍ଟ ୨୨ ଇଞ୍ଚର ଗୁଳି, ୨ଟି ଚାର୍ଜର କ୍ଲିପ, ୨ଟି ବଡ ଓଆରଇ ଜେଲ (ବିସ୍ଫୋରକ ତରଳ ପଦାର୍ଥ), ଦେଢ କେଜି ଓଜନର ନଟ୍ ବୋଲଟ ଆଦି ରହିଛି। ଗତ ୩୧ ତାରିଖରେ ମିଳିଥିବା ଗୋଇନ୍ଦା ସୂଚନା ମୁତାବକ କୋରାପୁଟ ଡିଭିଏଫ୍ ପୋଲିସ ଓ ବୈପାରିଗୁଡା ବ୍ଲକର ରାମଗିରିରେ ଅବସ୍ଥାପିତ ବିଏସଫ- ୧୫୧ ବାଟାଲିୟନ ଯବାନ ମିଳିତ ଭାବେ ବ୍ଲକର ଆମ୍ବଗନ୍ଦିଲି, ମାଳିଗୁଡା ଓ ଗରମପାଣି ଆଦି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ କୋମ୍ବିଂ ଓ ତଲାସି ଅଭିଯାନ ଚଳାଇଥିଲେ। ବର୍ତ୍ତମାନ ମଧ୍ୟ ଜିଲାର ବୈପାରିଗୁଡାର ସମୀବର୍ତ୍ତୀ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ରହିଥିବା ସେ କହିଛନ୍ତି। ଛତିଶଗଡ ଅଞ୍ଚଳର କ୍ୟାଡର ମାଓବାଦୀମାନେ ଏସବୁ ଅଞ୍ଚଳକୁ ଆସି ବିଭିନ୍ନ ଗ୍ରାମରେ ବୈଠକମାନ କରୁଥିବା ଗୋଇନ୍ଦା ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ପୋଲିସ ଖୋଳତାଡ କରିଥିଲା। ଏହି ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ବିଏସ୍‌ଫ୍-୧୫୧ ବାଟାଲିୟନର ଓଆଇସି ପ୍ରବୀଣ କୁମାର, ରବୀନ୍ଦ୍ର କୁମାର ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତରୁଣ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨୮ ତାରିଖରୁ ଅବିଭକ୍ତ କୋରାପୁଟ ଜିଲାରେ ମାଓବାଦୀଙ୍କ ପକ୍ଷରୁ ଶହୀଦ ସପ୍ତାହ ପାଳନ ହେଉଛି। ବୁଧବାର ଏହା ଶେଷ ହେବ। ମାଓବାଦୀମାନେ ଏହି ସପ୍ତାହ ଅବସରରେ ବିଭିନ୍ନସ୍ଥାନରେ ସଭାସମିତି କରି ସେମାନଙ୍କ କ୍ରମେଡମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅନେକ ସ୍ଥାନରେ ଅଘଟଣ ଘଟାଇବା ଯୋଜନା କରୁଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
- Candidates must have minimum 3-5 years experience in Space Selling for Print Media.
- MBA candidates fluent in English with a drive for marketing may also apply.
Apply immediately to :
recruitment@dharitri.com
Attractive salary commensurate with experience

HOME TUTOR REQUIRED
For Standard 1 Student at Fire Station Chhaka, only Central School Teacher may
Contact No. - 6372629986

WANTED
A SUPERVISOR FOR RE-ROLLING MILL AT JAGATPUR, CUTTACK
CONTACT:9937399588

WANTED
LADIES FOR OFFICIAL WORK
FOODING, ACCOMMODATION FREE+ 7500 TO 15000/-
Nakhara, Cuttack
7809525452

APPOINTMENT
Required part time OFFICE ASSISTANCE for BBSR, 2 Hours, 3 times a week (MON, WED, FRI).
Contact: 9937203178

WALK IN INTERVIEW JCB
Kalinga Group, JCB division requires following candidates for Bhubaneswar, Berhampur, Dhenkanal, Bhadrak, Boudh, Jajpur and Paradeep.
**Sales Executive:** Diploma & ITI up to 2-3 years experience in Automobile commercial vehicle, Construction Equipment, Tractor & Agriculture equipment all are sales background.
**Date of Interview-3rd Aug 2022,TIME-10 AM TO 2 PM**
**Service Engineer:** ITI/Diploma or equivalent & minimum 3-4 yrs experience in vehicle maintenance. **Date of Interview-4th Aug 2022, TIME-10 AM TO 2 PM**
**Spare Parts Executive:** ITI/Diploma/Graduate & having 4-5 years experience in Spare parts.
**Date of Interview-5th Aug 2022, TIME-10 AM TO 2 PM**
(Salary is not a constraint for desirable experience or fresher candidates.)
KA GROUP KALINGA AUTOMOBILES
Plot-B, Unit-1, Rajpath, Bhubaneswar,
Phone No: 9937292011 & 7735733180
**Date of Interview for all post- 3rd, 4th & 5th Aug 2022**
Time: 10 am to 2 pm or Send your CV:hrofficer@kttorissa.com

ଶ୍ରମ ଠିକାଦାର ଆବଶ୍ୟକ
ଆମର ଡିଫେନ୍ସ ହାଇ ରାଇଜ୍ ଆର୍.ସି.ସି. ବିଲ୍ଡିଂ ୱାର୍କ ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ ଠାରେ ନିର୍ମାଣ କାର୍ଯ୍ୟ ପାଇଁ।
:: ଆବଶ୍ୟକ ଦସ୍ତାବିଜ ::
ସମସ୍ତ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ପୋଲିସ ସତ୍ୟାପନ ପ୍ରମାଣପତ୍ର ବାଧ୍ୟତାମୂଳକ। ଯୋଗାଯୋଗ ନଂ.: 8900911789/7382905724

Requirement of Labour Sub Contractors
For Our Industrial Defence High Rise R.C.C. Building Works at Visakhapatnam, Andhrapradesh.
Required Documents:
Local Police Verification certificate is must for all workers. Contact No. 8900911789/7382905724

WANTED
ଧରିତ୍ରୀ DHARITRI LIVE Web Channel
is looking for
VIDEOGRAPHERS
- Videographers with 2-3 years experience in tv/ web channels required.
- Responsibilities will include shooting and handling camera & lighting team. A thorough expertise in camera-light handling will be prefered.
Apply immediately to :
recruitment@dharitri.com
Pay & perks will be the best in the industry for deserving candidates.

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाईट देखने हेतु स्कैन करें Scan to visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରି ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୩-୨୪ର ଖାଲି ପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XII)
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରି ଅଫିସର/ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅକ୍ଟୋବର ୨୦୨୨/ନଭେମ୍ବର ୨୦୨୨ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ ସଂଶୋଧନ ସମେତ | ୦୨।୦୮।୨୦୨୨ରୁ ୨୨।୦୮।୨୦୨୨ |
| ଦରଖାସ୍ତ ଦେୟ/ଇଣ୍ଟିମେସନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୨।୦୮।୨୦୨୨ରୁ ୨୨।୦୮।୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର୍ ଡାଉନଲୋଡ୍* | ସେପ୍ଟେମ୍ବର/ଅକ୍ଟୋବର ୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ସେପ୍ଟେମ୍ବର/ଅକ୍ଟୋବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଅକ୍ଟୋବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅକ୍ଟୋବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ଫଳାଫଳ | ନଭେମ୍ବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ନଭେମ୍ବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର ୨୦୨୨ |
| ପରୀକ୍ଷାଫଳ ଘୋଷଣା - ମେନ୍ | ଡିସେମ୍ବର ୨୦୨୨ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ/ଫେବୃୟାରୀ ୨୦୨୩ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ଫେବୃୟାରୀ ୨୦୨୩ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୩ |

*ଯିଦି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୨।୦୮।୨୦୨୨ — ନିର୍ଦ୍ଦେଶକ

THE ASKA CO-OPERATIVE SUGAR INDUSTRIES LTD.
P.O.: Nuagam (Aska) - 761111, Dist.- Ganjam, State: Odisha
Email Id: askasugar@yahoo.co.in
GSTIN: 21AAAAT5989L1ZO
Letter No. GAD/F-200/679 — Date: 01.08.2022
ADVERTISEMENT FOR CONTRACTUAL APPOINTMENT
Fresh applications are invited from eligible candidates for filling of the post of "1) Personnel Manager, 2) Marketing Manager, 3) Chief Engineer, 4) Asst. Engg. (E.E.), 5) Asst. Engg. (Mech.), 6) 1st Class Bolier Attd., 7) Instrument Mechanic, 8) Foreman (Mech.), 9) Safety Officer, 10) Distillery Chemist, 11) Mfg. Chemist, 12) PAN I/c, 13) ETP Chemist, 14) Lab. Chemist, 15) Asst. PAN Man, 16) Mfg. Asst. (Clarification Section), 17) Mfg. Asst. (Centrifugal Section), 18) Evaporator Operator" on Contractual Basis for a period of one year and likely to be extended after satisfactory performance. The eligible candidates may apply in prescribed application form duly filled in and send through Speed Post/Registered Post/Courier only on or before 20.08.2022. For details, please visit our website (www.askasugar.com).
Sd./- Managing Director

See Career Appointment on every Wednesday & Saturday

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ



# ଘର ଭିତରୁ

ଦରବୃଦ୍ଧି ପ୍ରସଙ୍ଗକୁ ନେଇ ଲୋକ ସଭାରେ ୧ ଅଗଷ୍ଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ, ଅନେକ ଦେଶଠାରୁ ଭାରତୀୟ ଅର୍ଥନୀତି ଭଲ ରହିଛି ଓ ଏହା ଦ୍ରୁତ ଅଭିବୃଦ୍ଧି କରିପାରିଛି। ତେଣୁ ଭାରତରେ ମାନ୍ଦାବସ୍ଥା ଆସିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଥିଲେ। ସରକାର ନିଜ ସଫଳତାର ଡଙ୍କ ବଜାଉଥିବା ବେଳେ ବାସ୍ତବରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁ ଦେଶବାସୀ କିଭଳି ଦୟନୀୟ ଅବସ୍ଥାରେ ଅଛନ୍ତି ତାହା ସମସ୍ତେ ହୃଦ୍‌ବୋଧ କରୁଛନ୍ତି। ଏଭଳି ସ୍ଥିତିରେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବାରରୁ ସରକାର ବିରୋଧୀ ଅସନ୍ତୋଷ ଦେଖିବାକୁ ମିଳିଛି। ତାଙ୍କ ନିଜ ସାନ ଭାଇ ପ୍ରହ୍ଲାଦ ମୋଦି ୨ ଅଗଷ୍ଟରେ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ସରକାରଙ୍କ ନୀତିକୁ ବିରୋଧ କରି ପ୍ରତିବାଦରେ ବସିବା ଫଳରେ ପ୍ରତିବାଦ ଅଧୁଆରେ ପଡ଼ିଛନ୍ତି। ଅଲ୍ ଇଣ୍ଡିଆ ଫେୟାର ପ୍ରାଇସ୍ ଶପ୍ ଡିଲର୍ସ ଫେଡେରେଶନ (ଏଆଇଏଫ୍‌ପିଏସ୍‌ଡିଏଫ୍)ର ପ୍ରହ୍ଲାଦ ଉପସଭାପତି ଅଛନ୍ତି। ତାଙ୍କ ମହାସଂଘର ୯ଟି ଦାବି ରହିଛି। ସେଥିମଧ୍ୟରେ ସୁଲଭ ମୂଲ୍ୟ ଦୋକାନରେ ବିକ୍ରି ହେଉଥିବା ସାମଗ୍ରୀ ଉପରେ ମିଳୁଥିବା କମିଶନ ଅତି କମ୍ ଥିବାରୁ ତାହାକୁ ବଢ଼ାଇବା ପାଇଁ ଦାବି କରାଯାଇଛି। ଏକ କିଲୋଗ୍ରାମ୍ ରାଶନ ବିକିଲେ ପୂର୍ବରୁ ୭୦ ପଇସା ମିଳୁଥିବା ବେଳେ ଏବେ ତାହା ୯୦ ପଇସା ଚାଲୁଛି। ହେଲେ ମହାସଂଘ ଚାହୁଁଛି ତାହାକୁ ସରକାର ୪ ଟଙ୍କା କରନ୍ତୁ। ଏଥିସହିତ ଏହି ସୁଲଭ ମୂଲ୍ୟ ଦୋକାନରେ ଖାଇବା ତେଲ, ଡାଲି ଓ ଏଲ୍‌ପିଜି ଯୋଗାଣ କରିବା ଲାଗି ଫେଡେରେଶନ ପକ୍ଷରୁ ଦାବି କରାଯାଇଛି। ଦରଦାମ ଲୋକଙ୍କୁ ବାଧୁଥିବାରୁ ରିହାତି ମୂଲ୍ୟରେ ସାମଗ୍ରୀ ପାଇବା ସକାଶେ ସମସ୍ତେ ଆଶା କରୁଥିବା ବିଷୟକୁ ମହାସଂଘ ହୃଦ୍‌ବୋଧ କରିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଏକ ଏଲ୍‌ପିଜି ସିଲିଣ୍ଡର ଉପରେ ପାଖାପାଖି ୨୦୦ ଟଙ୍କା ରିହାତି ମିଳୁଥିବା ବେଳେ ଏହା କମି ୧୩ ଟଙ୍କା ୯୫ ପଇସାରେ ପହଞ୍ଚିଛି। ଦେଖିବାକୁ ଗଲେ ସମଗ୍ର ଦେଶ ପାଇଁ ଯୋଡ଼ିହୋଇ ଏହି ପରିମାଣ ବିରାଟକାୟ ହୋଇପାରେ। କିନ୍ତୁ ବ୍ୟକ୍ତିଗତ ଖାଉଟି ସକାଶେ ଏହା ନ ଦେବା ଭଳି। ଅତ୍ୟାବଶ୍ୟକ ଦରବୃଦ୍ଧି ସହିତ ରନ୍ଧନ ଗ୍ୟାସ୍ ମୂଲ୍ୟ ବଢ଼ିଯିବା ଜନସାଧାରଣଙ୍କୁ ଯଥେଷ୍ଟ ବାଧୁଛି। ପ୍ରହ୍ଲାଦ ମୋଦିଙ୍କ ମହାସଂଘ 'ପଶ୍ଚିମବଙ୍ଗ ରାଶନ ମଡେଲ' ଭଳି ସମଗ୍ର ଦେଶରେ ତାହା କାର୍ଯ୍ୟକାରୀ ହେବା ଉପରେ ଗୁରୁତ୍ୱ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, କୋଭିଡ୍ ସମୟରେ ୨୦୨୦ ଜୁନ୍‌ରେ ମମତା ବାନାର୍ଜୀ ସରକାର ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ଥିବା ଲୋକଙ୍କ ଘରେ ମାଗଣାରେ ରାଶନ ସାମଗ୍ରୀ ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ସମୟରେ ନଭେମ୍ବର ୨୦୨୧ରେ ସେହି କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ କରି 'ଦୁଆରେ ରାଶନ' ନାମରେ ବିନା ମୂଲ୍ୟରେ ସେହି ବର୍ଗଙ୍କ ନିକଟରେ ସାମଗ୍ରୀ ପହଞ୍ଚାଉଛନ୍ତି। ଏବେ ଏଆଇଏଫ୍‌ପିଏସ୍‌ଡିଏଫ୍ ଦାବି କରୁଛି ସମଗ୍ର ଦେଶରେ ଏହା କାର୍ଯ୍ୟକାରୀ ହେଲେ ସାଧାରଣ ବଣ୍ଟନ ବ୍ୟବସ୍ଥା ସୁଗମ ହୋଇପାରିବ।

ଉପରଲିଖିତ ବିଷୟକୁ ଆଲୋଚନା କଲେ ପଶ୍ଚିମବଙ୍ଗ ମଡେଲକୁ ଅନୁକରଣ କରିବା ଲାଗି ମହାସଂଘ ପକ୍ଷରୁ ହୋଇଥିବା ଦାବି କେନ୍ଦ୍ର ସରକାରଙ୍କ ତଣ୍ଟିରେ କଣ୍ଟା ଲାଗିଲା ଭଳି ମନେହେଉଥିବ। କାରଣ ମୋଦିଙ୍କର 'ଗୁଜରାଟ ମଡେଲ' ଥାଉଥାଉ ତାଙ୍କର ସର୍ବୋଚ୍ଚ ଶତ୍ରୁ ମମତାଙ୍କ 'ବେଙ୍ଗଲ ମଡେଲ' ସପକ୍ଷରେ ନିଜ ଭାଇ ମତ ଦେବା ଧର୍ମ ବିରୋଧୀ ବୋଲି ମନେହେଉଥିବ। କାରଣ ହିନ୍ଦୁ ଧର୍ମରେ ବଡ଼ ଭାଇଙ୍କ ପାଖରେ ସାନ ଭାଇ ଲକ୍ଷ୍ମଣଙ୍କ ଭଳି ସବୁକିଛି ଛାଡ଼ିଛୁଡ଼ି ସେବା କରିବା କଥା। କିନ୍ତୁ ରାଜନୀତିରେ ଏହାର ଓଲଟା ରୂପ ଦେଖି ଆଜି ଦେଶ ହସୁଛି। ଯେତେବେଳେ ବାହ୍ୟଶକ୍ତିଙ୍କ ବିରୋଧ କାଟୁ କରେ ନାହିଁ ସେତେବେଳେ ସତ୍ୟର ଶକ୍ତି ଘର ଭିତରୁ ଆବିର୍ଭାବ ହୁଏ।

# ୟୁକ୍ରେନ୍ ପରେ ତାଇୱାନ୍

ଆମେରିକା ପାର୍ଲାମେଣ୍ଟ କଂଗ୍ରେସର ବାଚସ୍ପତି ନାନ୍ସି ପେଲୋସି ଏବେ ଏସିଆ ଗସ୍ତରେ ଅଛନ୍ତି। ଅଗଷ୍ଟ ୧ରେ ସେ ସିଙ୍ଗାପୁରରେ ପହଞ୍ଚି ସେଠାକାର ରାଷ୍ଟ୍ରପତି ହ୍ୟାଲିମାହା ୟାକୋବ, ପ୍ରଧାନମନ୍ତ୍ରୀ ଲି ସିଏନ ଲୁଙ୍ଗ ଏବଂ କ୍ୟାବିନେଟ ମନ୍ତ୍ରୀଙ୍କୁ ଭେଟିଛନ୍ତି। ବରିଷ୍ଠତାକୁ ବିଚାରକୁ ନେଲେ ଆମେରିକା ରାଷ୍ଟ୍ରପତି ଓ ଉପ ରାଷ୍ଟ୍ରପତିଙ୍କ ପରେ ତୃତୀୟ ସ୍ଥାନରେ ରହିଛନ୍ତି କଂଗ୍ରେସର ବାଚସ୍ପତି। ଏଣୁ ତାଙ୍କ ଏସିଆ ଗସ୍ତକୁ ଚାଇନା ଭିନ୍ନ ଦୃଷ୍ଟିରେ ଦେଖୁଥିବାବେଳେ ତାଇୱାନ ସମ୍ପୂର୍ଣ୍ଣ ନୀରବ ରହିଥିଲା। ଇତିମଧ୍ୟରେ ନାନ୍ସି ତାଇୱାନରେ ପହଞ୍ଚିସାରିଛନ୍ତି। ତାଇୱାନକୁ ସମର୍ଥନ ଜଣାଇବା ଲାଗି ପୂର୍ବରୁ ବହୁ ଅଧିକାରୀ ସେଠାକୁ ଯାଇଥିଲେ ମଧ୍ୟ ନାନ୍ସିଙ୍କ ତାଇୱାନ ଗସ୍ତକୁ ନେଇ ଚାଇନା ବହୁ ମାସ ପୂର୍ବରୁ ବ୍ୟସ୍ତତା ଦେଖାଇବା ଆରମ୍ଭ କରିଛି। ନାନ୍ସି ଯଦି ତାଇୱାନ ମାଟିରେ ପହଞ୍ଚନ୍ତି, ତେବେ ଚାଇନା ଯୁଦ୍ଧ ଆରମ୍ଭ କରିବ ବୋଲି ବହୁ ମାସ ଧରି କହିଆସୁଛି। ଏହା ପୂର୍ବରୁ ତାଇୱାନ୍‌କୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ଛାୟାଯୁଦ୍ଧ ଲାଗି ରହିଛି, ଯାହା ଅର୍ଥନୈତିକ ଓ ସାମରିକ କ୍ଷେତ୍ରରେ ସ୍ପଷ୍ଟ ହୋଇଛି। କରୋନା ମହାମାରୀ ପରେ ଚାଇନାକୁ ଟାର୍ଗେଟ କରି ଆସିଛି ଆମେରିକା। କିନ୍ତୁ ୨୦୨୧ ଅକ୍ଟୋବରରେ ପିପୁଲ୍‌ସ ରିପବ୍ଲିକ ଅଫ୍ ଚାଇନାର ପ୍ରତିଷ୍ଠା ଦିବସ ପାଳନ ଅବସରରେ ତାଇୱାନ୍ ଚାରିପାଖରେ ଚାଇନାର ଯୁଦ୍ଧବିମାନ ଉଡ଼ିବା ଘଟଣା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ବେଶି ବିଗାଡ଼ିଦେଇଥିଲା। ଚଳିତ ବର୍ଷ ଜୁନ୍‌ରେ ସିଙ୍ଗାପୁରରେ ଅନୁଷ୍ଠିତ ସୁରକ୍ଷା ସମ୍ମିଳନୀରେ ଚାଇନା ପ୍ରତିରକ୍ଷାମନ୍ତ୍ରୀ ଏବଂ ଆମେରିକାର ପରରାଷ୍ଟ୍ର ସଚିବଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ଚାଇନା ସବୁବେଳେ ତାଇୱାନ୍‌କୁ ତା'ର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଭାବି ଆସିଛି। ତାକୁ ସ୍ୱାଧୀନ ଘୋଷଣା କଲେ ଚାଇନା ଯୁଦ୍ଧ କରିବାକୁ ପଛେଇବ ନାହିଁ ଓ ଶେଷ ଯାଏ ଲଢ଼େଇ କରିବ ବୋଲି ଚାଇନାର ବରିଷ୍ଠ ସେନା ଅଧିକାରୀ ଲିଉ କୁଇଙ୍ଗ୍‌ସଙ୍ଗ ପ୍ରକାଶ କରିଥିଲେ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ତାଇୱାନ ସପକ୍ଷ ମତ ସ୍ଥିତିକୁ ଆହୁରି ଜଟିଳ କରିଥିଲା। ତାଇୱାନ୍‌କୁ ସମର୍ଥନ କରିବାକୁ ଯାଇ ବାଇଡେନ ମତ ଦେଇଥିଲେ ଯେ, ଯଦି ଚାଇନା ଆକ୍ରମଣ କରେ ତେବେ ଆମେରିକା ତରଫରୁ ତାଇୱାନ୍‌କୁ ସାମରିକ ସହଯୋଗ ମିଳିବ। ଏସବୁ ବାଦ୍ ନାନ୍ସିଙ୍କ ଏବକାର ଗସ୍ତକୁ ନେଇ ଦେଖାଦେଇଥିବା ଉତ୍ତେଜନା ସାରା ଏସିଆକୁ ଏକ ପ୍ରକାର ଖଣ୍ଡାଧାରରେ ଠିଆ କରାଇଦେଇଛି। ଅନ୍ୟପକ୍ଷରେ ଚାଇନାର ଧମକ ଓ ଆହ୍ୱାନ ବିଶ୍ୱର ଦୁଇ ବୃହତ୍ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ଏକ ମୁହାଁମୁହିଁ ଯୁଦ୍ଧ ଭଳି ପରିସ୍ଥିତି ଜନ୍ମାଇଛି। ଚାଇନା କମ୍ୟୁନିଷ୍ଟ ପାର୍ଟିର ଜଣେ ଦୃଢ଼ ସମାଲୋଚକ ଭାବେ ଜଣାଶୁଣା ନାନ୍ସି ତାଇୱାନରେ ପହଞ୍ଚି ଇତିହାସ ସୃଷ୍ଟି କରିଛନ୍ତି। ୧୯୯୭ରେ ତତ୍କାଳୀନ ବାଚସ୍ପତି ନ୍ୟୁଟ୍ ଗ୍ରୀନ୍‌ରିଚ ତାଇୱାନ ଗସ୍ତ କରିଥିଲେ। କିନ୍ତୁ ୧୯୯୭ର ଚାଇନା ଓ ୨୦୨୨ ଚାଇନା ମଧ୍ୟରେ ଯଥେଷ୍ଟ ଅନ୍ତର ରହିଛି।

ଚାଇନା ରାଷ୍ଟ୍ରପତି ଶି ଜିନପିଙ୍ଗ୍ ତାଙ୍କ ଅମେରିକା ପ୍ରତିପକ୍ଷ ଜୋ ବାଇଡେନଙ୍କୁ 'ନିଆଁ ସହ ଖେଳ ନାହିଁ' ବୋଲି ସତର୍କ କରିଦେଇଛନ୍ତି। କୁହାଯାଇପାରେ ୨ କୋଟି ୩୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ତାଇୱାନ ଏକ ସମ୍ଭାବ୍ୟ ଆକ୍ରମଣ ଅପେକ୍ଷାରେ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୟୁକ୍ରେନ ସହିତ ରୁଷିଆ ଆରମ୍ଭ କରିଥିବା ଯୁଦ୍ଧ ସମଗ୍ର ପଶ୍ଚିମ ୟୁରୋପ ଦେଶଗୁଡ଼ିକୁ ସେହି ଭଉଁରି ଭିତରକୁ ଟାଣିଆଣିଛି। ଖୋଲାଖୋଲି ରୁଷିଆ ବିରୋଧରେ ଯୁଦ୍ଧରେ ସାମିଲ ହୋଇ ନ ଥିଲେ ମଧ୍ୟ ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ ଏବଂ ଅନ୍ୟ ଦେଶଗୁଡ଼ିକର ନେତା ୟୁକ୍ରେନ ଗସ୍ତରେ ଯାଇ ନୈତିକ ସମର୍ଥନ ଜଣାଇଛନ୍ତି। ଅନ୍ୟପଟେ ଭିତିରିଆ ଭାବେ ଆର୍ଥିକ ଏବଂ ସାମରିକ ସହଯୋଗ ମଧ୍ୟ କରୁଛନ୍ତି। ଏଥିସହିତ ଆମେରିକା ଏହି ଯୁଦ୍ଧରେ ନିଜେ ସାମିଲ ହୋଇ ନ ଥିଲେ ମଧ୍ୟ ପ୍ରତ୍ୟକ୍ଷ ଭାବେ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛି। ୟୁକ୍ରେନ୍ ଯୁଦ୍ଧରେ ସମଗ୍ର ପାଶ୍ଚାତ୍ୟ ଦେଶଗୁଡ଼ିକ ବନ୍ଧା ହୋଇଯାଇଥିବାବେଳେ ଏପଟେ ଏସିଆରେ ଯଦି ତାଇୱାନକୁ ନେଇ ଏକ ନୂଆ ବିବାଦ ସୃଷ୍ଟି ହୁଏ, ସେଥିରେ ଭାରତଠାରୁ ଆରମ୍ଭ କରି ଜାପାନ ପର୍ଯ୍ୟନ୍ତ ବିଭିନ୍ନ ଦେଶ ଟାଣି ହୋଇଯାଇପାରନ୍ତି। ଏସବୁ ପରିସ୍ଥିତିର ଲାଭ ଆମେରିକା ନେଇପାରେ। କାରଣ ଯେତେ ଏହିଭଳି ଯୁଦ୍ଧ ରାଜନୀତି ହେବ ସେତେ ବେଶି ଆମେରିକାର ଅସ୍ତ୍ରଶସ୍ତ୍ର ବିକ୍ରି ହେବ। ଏହି ବିକ୍ରିବଟା ଏସିଆକୁ ଗ୍ରାସ କଲେ ଭାରତ ପାଇଁ ଅଧିକ ଦୁର୍ଦ୍ଦିନ ଆଣିବ।

# ଆମ ବିଦ୍ୟାଳୟ ହାଲଚାଲ



ଅକ୍ଷୟ କୁମାର ମିଶ୍ର

ଅଳ୍ପ ଦିନ ତଳେ ଊଣାଅଧିକେ ସବୁ ଖବରକାଗଜରେ ଆମ ଗଣତନ୍ତ୍ରର ଏକ ବିକଳ ଦୃଶ୍ୟ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଖବରଟି ହେଲା, ଏତେଦିନ ଧରି ଯେଉଁ ଗାଁକୁ ବିଜୁଳି ଆଲୁଅ ଯାଇନଥିଲା, ରାଷ୍ଟ୍ରପତି ପ୍ରାର୍ଥୀ ହେବାମାତ୍ରେ ରାତାରାତି ସେହି ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଗଲା। ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଥିବା ବେଳେ ଏହା ଘଟିଲା ନାହିଁ। କିନ୍ତୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ ପୂର୍ବରୁ ଅନ୍ଧାର ହଟିଲା। ଆଲୁଅ ଜଳିଲା। ଯା'ହେଉ ରାଷ୍ଟ୍ରପତି ପଦବୀର କରିସ୍ମା ରାଜ୍ୟବାସୀ ଅନୁଭବ କଲେ। ଠିକ୍ ଏହି ସମୟରେ ଆଉ ଏକ ଘଟଣା ସମ୍ପର୍କରେ ରାଜ୍ୟବାସୀ ଅବଗତ ହେବା ଉଚିତ। ଅବଶ୍ୟ ଏମିତି ଖବର ଦୈନନ୍ଦିନ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି। କେଉଁଠି ସାତଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ, କେଉଁଠି ଜଣେ ଶିକ୍ଷକରେ ଚାଲିଛି ପାଞ୍ଚଟି ଶ୍ରେଣୀ। ହେଲେ ଏମିତି ଏକ ବିଦ୍ୟାଳୟ କଥା ଆଲୋଚନା କରିବା, ଯାହା ଯାହିତାଇ ଏକ ବିଦ୍ୟାଳୟ ନୁହେଁ। ଏକ ଐତିହ୍ୟସମ୍ପନ୍ନ ବିଦ୍ୟାଳୟ, ଯେଉଁଠି ଆମ ଦେଶର ଚତୁର୍ଥ ରାଷ୍ଟ୍ରପତି ଭି. ଭି. ଗିରି ଅଧ୍ୟୟନ କରିଥିଲେ। ବିଶିଷ୍ଟ ବୈଜ୍ଞାନିକ ପଦ୍ମବିଭୂଷଣ ଏସ୍. ଆର. ରାଓ ଛାତ୍ର ଥିଲେ। ବିଦ୍ୟାଳୟର ନାମ କେ. ସି. ହାଇସ୍କୁଲ, ବ୍ରହ୍ମପୁର। ଗଞ୍ଜାମ ଜିଲା। ୧୮୫୬ରେ ପ୍ରତିଷ୍ଠିତ ସର୍ବପୁରାତନ ଏହି ବିଦ୍ୟାଳୟ ଅବସ୍ଥା କଥା ଆଜି ଭାବିଲେ ନିଜକୁ ବିଶ୍ୱାସ କରି ହେବ ନାହିଁ। ଆମ ସଂସ୍କୃତି ହେଉଛି ପୂଜ୍ୟପୂଜାର ସଂସ୍କୃତି। ଯେଉଁ ଗାଁ ଅବା ସହରରେ ମହାମନୀଷୀମାନେ ଜନ୍ମ ଗ୍ରହଣ କରିଥିଲେ, ସେହି ମାଟି ଆମ ପାଇଁ ତୀର୍ଥକ୍ଷେତ୍ର। ସେମାନେ ଅଧ୍ୟୟନ କରିଥିବା ବିଦ୍ୟାଳୟଟିକୁ ଏକ ଆଦର୍ଶ ବିଦ୍ୟାଳୟ ରୂପେ ଗଢ଼ି ତୋଳିବାକୁ ଆମ ଭିତରେ ଥାଏ ପ୍ରଚୁର ପ୍ରବଣତା। କିନ୍ତୁ ଏଠାରେ ବ୍ୟତିକ୍ରମ। ରାଷ୍ଟ୍ରପତି ଅଧ୍ୟୟନ କରିଥିବା ବିଦ୍ୟାଳୟଟି ଏକ ମଡେଲ ସ୍କୁଲ ହେବା ତ ଦୂରର କଥା, ନିଜର ପୂର୍ବ ଗୌରବକୁ ମନେପକାଇବା ପାଇଁ ତା' ନିକଟରେ ଆଉ କେହି ନାହାନ୍ତି। ଜଣେ ଜଣେ କରି ସମସ୍ତ ଶିକ୍ଷକ ସେଠାରୁ ଅବସର ନେଇ ଯାଇଛନ୍ତି। ଅନ୍ୟ ବିଦ୍ୟାଳୟରୁ ଦୁଇ ଜଣ ଶିକ୍ଷକଙ୍କୁ ଡେପୁଟେସନରେ ଦେଇ ବିଦ୍ୟାଳୟର ସ୍ଥିତି ରକ୍ଷା ନିମନ୍ତେ ଉଦ୍ୟମ ଚାଲିଛି। ସବୁଠାରୁ ବିଡ଼ମ୍ବନା ହେଉଛି ସେହି ବିଦ୍ୟାଳୟ ପରିସରରେ ଚାଲିଛି ଏକ ଘରୋଇ ଇଂଲିଶ୍ ମାଧ୍ୟମ ବିଦ୍ୟାଳୟ।

ଏ ଅବସ୍ଥା କାହିଁକି? ୧୬୬ ବର୍ଷର ଗୋଟିଏ ପୁରୁଣା ସ୍କୁଲରେ ଶିକ୍ଷକ ନାହାନ୍ତି ଏ କଥା କ'ଣ ବିଶାସଯୋଗ୍ୟ? ପାଠକେ କହିବେ ସରକାର ତ ହଜାର ହଜାର ଶିକ୍ଷକ ନିଯୁକ୍ତି ଦେଉଛନ୍ତି, ଏ ବିଦ୍ୟାଳୟ ଭାଗରେ କ'ଣ ଜଣେ ବି ପଡୁନି? ହଁ, କଥାଟି ସତ। କେବଳ ଏହି ବିଦ୍ୟାଳୟ ନୁହେଁ, ରାଜ୍ୟରେ ଏମିତି ୬୪୮ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଅଛି, ଯେଉଁଠି ସରକାର ଆଜକୁ ୩୦ ବର୍ଷ ହେଲା କୌଣସି ଶିକ୍ଷକ ନିଯୁକ୍ତ କରନ୍ତି ନାହିଁ। ୧୯୯୨ରେ ଶେଷ ଥର ପାଇଁ ସିଲେକ୍ସନ ବୋର୍ଡ ଜରିଆରେ ଏହି ଧରଣର ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ହୋଇଥିଲା। ସୂଚନାଯୋଗ୍ୟ, ସେ ସମୟରେ ଅଳ୍ପ କେତୋଟି ପୁରୁଣା ସରକାରୀ ବିଦ୍ୟାଳୟକୁ ଛାଡ଼ିଦେଲେ ଅବଶିଷ୍ଟ ବିଦ୍ୟାଳୟ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଥିଲା। ୧୯୯୪ ଜୁନ ୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସାହସିକ ପଦକ୍ଷେପ ଯୋଗୁ ୨,୯୨୯ଟି ଉଚ୍ଚ ବିଦ୍ୟାଳୟ ସରକାରୀ ଘୋଷିତ ହେଲା। କିନ୍ତୁ ୪୮ଟି ବିଦ୍ୟାଳୟ ଏଥିରୁ ବାଦ୍‌ପଡ଼ିଲେ ସେମାନଙ୍କ ପରିଚାଳନା କମିଟିର ଅନିଚ୍ଛା କାରଣରୁ। ସେହି ବର୍ଷ ଜୁନ ୧ ତାରିଖ ଦିନ ଅର୍ଥାତ୍ ସାତ ଦିନ ପୂର୍ବରୁ ସେହି ସମାନ ସରକାର ୬୧୦ଟି ଉଚ୍ଚ ବିଦ୍ୟାଳୟକୁ ପୂର୍ଣ୍ଣଅନୁଦାନ ଦେଲେ। ନ୍ୟାୟତଃ ଏମାନେ ସେତେବେଳେ ସରକାରୀ ଘୋଷଣା ହେବା କଥା, ତାହା ହେଲାନାହିଁ। ପରବର୍ତ୍ତୀ ସମୟରେ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଯୋଗୁ ଏମାନଙ୍କ ମଧ୍ୟରୁ ୮ଟି ବିଦ୍ୟାଳୟକୁ ସରକାର ବାଧ ହେଲେ ସରକାରୀ ଘୋଷଣା କରିବାକୁ। ନ୍ୟାୟାଳୟକୁ ସମ୍ମାନ ଜଣାଇ ସରକାର ସମାନ ସ୍ଥିତିରେ ଥିବା ସମସ୍ତ ବିଦ୍ୟାଳୟକୁ ସରକାରୀ କରିବା ଉଚିତ ଥିଲା। ତାହା ତ ହେଲାନାହିଁ, ପରନ୍ତୁ ଯେଉଁ ସିଲେକ୍ସନ ବୋର୍ଡ ଜରିଆରେ ଏହିସବୁ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ହେଉଥିଲା, ତାକୁ ୧୯୯୭ରେ ଭାଙ୍ଗି ଦିଆଗଲା। ଆପଣା ହସ୍ତେ ଜିହ୍ୱାଛେଦି, କେ ଅଛି ତାର ପ୍ରତିବାଦୀ। ସରକାର ଜାଣିଶୁଣି ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଉପରେ ପୂର୍ଣ୍ଣଚ୍ଛେଦ ଟାଣିଦେଲେ। କହିବାକୁ ଗଲେ, ଏହି ବିଦ୍ୟାଳୟଗୁଡ଼ିକ ପାଇଁ ଅଘୋଷିତ ମୃତ୍ୟୁର ପରୱାନା ଧରାଇ ଦିଆଗଲା।



୨୦୦୪ରୁ ପ୍ରାଥମିକ ବିଦ୍ୟାଳୟ ପାଇଁ ଶିକ୍ଷା ସହାୟକ ଓ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଲା। କିନ୍ତୁ ଅନୁଦାନପ୍ରାପ୍ତ ବିଦ୍ୟାଳୟ କଥା ସରକାର ସମ୍ପୂର୍ଣ୍ଣ ଭୁଲିଗଲେ। ଏମିତି ଅବସ୍ଥା ହେଲାଣି, ଆଉ ଦୁଇ ତିନି ବର୍ଷ ଯଦି ସରକାର ଆଖି ବୁଜିଦେବେ, ଏମାନଙ୍କ ଭିତରୁ ଅଧିକାଂଶ ବିଦ୍ୟାଳୟ ଆପଣାଛାଏଁ ବନ୍ଦ ହୋଇଯିବ। ଏଥିସହିତ ଆହୁରି ୨୬୦୮ଟି ଉଚ୍ଚ ବିଦ୍ୟାଳୟ ରାଜ୍ୟରେ ଅଛି, ଯେଉଁଗୁଡ଼ିକୁ ସରକାର ୨୦୦୪ରେ ଓ ପରବର୍ତ୍ତୀ ସମୟରେ ବ୍ଲକ ଗ୍ରାଣ୍ଟ ଦେଇଛନ୍ତି ଏବଂ ଯେଉଁଗୁଡ଼ିକୁ ସରକାର ଏବେ ଆଉ ଏକ ଭିନ୍ନ ନାମ ଦେଇ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ବୋଲି କହୁଛନ୍ତି ସେମାନଙ୍କ ସତ୍ତା ମଧ୍ୟ ଲୁପ୍ତ ହେବ। ଅର୍ଥାତ୍ ପାଖାପାଖି ଅର୍ଦ୍ଧେକ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତିକୁ ନେଇ ସରକାର ସମ୍ପୂର୍ଣ୍ଣ ନୀରବ। ଏହି ଅଳ୍ପ ଦିନ ତଳେ ବିଧାନସଭାରେ କିଛି ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବିଭାଗୀୟ ମନ୍ତ୍ରୀ ଯାହା କହିଲେ ଆମକୁ ତାଜୁବ କଲା। ମନ୍ତ୍ରୀଙ୍କ ମତରେ ଏହି ସମସ୍ତ ବିଦ୍ୟାଳୟରେ ପାଠପଢ଼ାରେ ଅସୁବିଧା ନହେବା ପାଇଁ ସରକାର ଅତିଥି ଶିକ୍ଷକ ନିଯୁକ୍ତି ଦେଉଛନ୍ତି। ଏହା ଅର୍ଦ୍ଧସତ୍ୟ। ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସରକାର ଅତିଥି ଶିକ୍ଷକ ଭାବରେ ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ଦିଅନ୍ତି ଏହା ସତ୍ୟ। କିନ୍ତୁ ବର୍ଷରେ କେତେମାସ ଏହି ନିଯୁକ୍ତି ଦିଆଯାଏ ଏକଥା ସରକାର କହିବା ଆବଶ୍ୟକ। ଏହା ଦ୍ୱାରା ନିୟମିତ ଶିକ୍ଷାଦାନ ଯେ ଅସମ୍ଭବ, ଏକଥା ଆଜିଯାଏ ସରକାର ବୁଝିବାକୁ ପ୍ରସ୍ତୁତ ନୁହନ୍ତି।

ଏବେ ଆସନ୍ତୁ ଏହି ସମସ୍ତ ବିଦ୍ୟାଳୟର ଇତିହାସ ସମ୍ପର୍କରେ ଜାଣିବା। ୧୯୫୦ ବେଳକୁ ଆମ ରାଜ୍ୟରେ ମାତ୍ର ୧୦୬ଟି ମାଧ୍ୟମିକ ବିଦ୍ୟାଳୟ ଥିଲା। ଏହି କେତୋଟି ହାତଗଣତି ବିଦ୍ୟାଳୟକୁ ନେଇ ଶିକ୍ଷାର ପ୍ରସାର ଆଦୌ ସମ୍ଭବ ନଥିଲା। ସେତେବେଳେ ଅର୍ଥନୈତିକ ଭାବେ ଏକ ଦୁର୍ବଳ ରାଜ୍ୟର ସରକାର ଚିନ୍ତା କରିଥିଲେ। ଶିକ୍ଷାର ପ୍ରସାର ପାଇଁ ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ା। ଏଣୁ ୧୯୫୨ ମସିହାରେ ସରକାର ଏକ ଆଇନ କରିଥିଲେ, ଯେଉଁଥିରେ ସରକାର ଆହ୍ୱାନ ଦେଲେ ରାଜ୍ୟବାସୀ ଚାହିଁଲେ ନିଜ ନିଜ ଅଞ୍ଚଳରେ ବିଦ୍ୟାଳୟ ଖୋଲିପାରିବେ। ତାହାହିଁ ହେଲା। ରାଜ୍ୟର ଶିକ୍ଷାନୁରାଗୀମାନେ ଜାଗା, ଜମି, ଅର୍ଥ, ଶ୍ରମ ଓ ସମୟ ଦେଇ ବିଦ୍ୟାଳୟ ଗଢ଼ିଲେ। ଆଜି ଆମେ ଯେଉଁ ୨୯୨୯ ସରକାରୀ ବିଦ୍ୟାଳୟ, ୬୪୮ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ୨୬୦୮ଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ଏଯାଏଁ ଆଦୌ ଅନୁଦାନ ପାଇନଥିବା ୧୯୪ଟି ଉଚ୍ଚ ବିଦ୍ୟାଳୟ ଦେଖୁଛନ୍ତି ଏସବୁ ରାଜ୍ୟବାସୀ ଗଢ଼ିଛନ୍ତି, ସରକାର ସ୍ୱୀକୃତି ଦେଇଛନ୍ତି। ଫଳରେ ଶିକ୍ଷାର ପ୍ରସାର ଘଟିଛି। କିନ୍ତୁ ସମ୍ପ୍ରତି ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଅବସ୍ଥା କ'ଣ ହେବାକୁ ଯାଉଛି, ତାହା ସହଜରେ ବୁଝିହେବ ଯଦି ଗଞ୍ଜାମ ଜିଲାରେ ଅବସ୍ଥିତ କେ. ସି. ହାଇସ୍କୁଲକୁ ଥରେ ପରିଦର୍ଶନରେ ଯିବା। ଯଦି ସରକାର ଆନ୍ତରିକତାର ସହ ଚାହୁଁଥା'ନ୍ତି ସାର୍ବଜନୀନ ଶିକ୍ଷାର ବିକାଶ, ତେବେ ଏହି ବିଦ୍ୟାଳୟଗୁଡ଼ିକୁ ବଞ୍ଚାଇ ରଖିବା ଆବଶ୍ୟକ। ଏଥିପାଇଁ ସରକାରଙ୍କୁ ଦୁଇଟି ରାସ୍ତା ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ। (୧) ଏ ସମସ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା, (୨) ନୂତନ ନିୟମ ଆଣି ଖାଲି ପଡ଼ିଥିବା ପଦବୀ ପୂରଣ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ: ୭୦୦୮୦୭୩୫୯୧

# ହସ-ବିଷ



ହରେକୃଷ୍ଣ ଦାସ

ବୁଦ୍ଧଦେବ କାଳେ କହିଥିଲେ ଯେ, କାହାକୁ ଦାନ କରିବା ପାଇଁ ଆମ ପାଖରେ ଥିବା ସବୁଠୁ ବଡ଼ ସମ୍ପଦ ହେଉଛି ଆମର ହସ। ତେବେ ସମସ୍ୟା ହେଲା ଯେ ଅନେକ ମନଜିଣା ସ୍ମିତହାସ୍ୟ ତଳେ ଲୁଚିଥିବା ବିଷାକ୍ତ ମନକୁ ସହଜରେ ପଢ଼ିହୁଏନି କି ସବୁ କପଟ ଭାବନାକୁ ଠଉରେଇ ହୁଏନି। ତେଣୁ ଜଣକର ହସ ହସ ମୁହଁର ନିରୀହତାର ଭ୍ରମରେ ଭଳି ନ ଯାଇ ମନେରଖିବା ଉଚିତ ଯେ ମୁହଁରେ ଚମତ୍କାର ହସ ଖେଳାଉଥିବା ଲୋକଟା ସଇତାନ ବି ହୋଇଥାଇପାରେ (one may smile and smile and be a villain)। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ପ୍ରକାର ଲୋକମାନେ ନିଜ ମିଛରେ ଭରପୂର ହୃଦୟକୁ ଲୁଚେଇବା ପାଇଁ ନିଜର 'ମିଛମୁହଁ'ଟେ ବ୍ୟବହାର କରିଥାଆନ୍ତି। ନିଜର ମିଛ ସାମାଜିକ ପରିଚୟକୁ ବଜାୟ ରଖିବାର ଅହଂକାର ଯୋଗୁ ଏମାନେ ନିଜ ସମ୍ପର୍କିତ ବାସ୍ତବତାକୁ ଲୁଚେଇ ରଖିବାକୁ ଯଥା ସମ୍ଭବ ପ୍ରୟାସ କରନ୍ତି। ଫଳରେ, ଅନେକଙ୍କ ପାଖରେ ଏମିତିକି ନିଜ ପରିବାର ଓ ବନ୍ଧୁବର୍ଗଙ୍କ ପାଖରେ ଏମାନଙ୍କ ଅସଲ ଚେହେରା ଅନାବିଷ୍କୃତ ହୋଇ ରହିଯାଏ। ଯେହେତୁ ମନର ଭାବନା ଓ ଗଠନକୁ ଜଣକର ମୁହଁ ଦେଖି ଠିକ୍ ଭାବେ ପଢ଼ିବା ପାଇଁ କୌଣସି ବ୍ୟବସ୍ଥା ନାହିଁ, ଏମାନଙ୍କର ଭଣ୍ଡାମି ସହଜରେ ଧରା ପଡେନି। ଇଏ ଏମିତି ଗୋଟେ ବ୍ୟାଧି ଯାହା ଆମ ପାରିବାରିକ ଓ ସାମାଜିକ ଜୀବନକୁ ଯଥେଷ୍ଟ ଅଶାନ୍ତ କରିଦେଉଛି।

ସେଦିନ ଅସ୍ୱାଭାବିକ ଭାବେ ବିବ୍ରତ ଦିଶୁଥିବା ପତ୍ନୀଙ୍କୁ ବ୍ୟସ୍ତ ହେବାର କାରଣ ପଚାରିବାରୁ ସେ କହିଲେ, 'ଆଜି ସନ୍ଧ୍ୟାରେ ତାଙ୍କ ଘରକୁ ଯିବାପାଇଁ ଆମ କଲୋନୀର ମିଳିର ମା' ବହୁତ ବାଧ କରି ଡାକିଛି। ଅନେକ ଥର ବାହାନା କଲାପରେ ଏଥର ମନା କରିପାରିଲିନି।' ହସିଦେଇ କହିଲି, 'ଏଥିରେ ପୁଣି ବ୍ୟସ୍ତ ହେବାର କ'ଣ ଅଛି? ସେ ତ ଜଣେ ବେଶ୍ ଭଦ୍ର ମହିଳା। ମୋତେ ଯେତେବେଳେ ବି ଦେଖନ୍ତି, ହସିଦେଇ ନମସ୍କାର କରି ମୁହଁ ତଳକୁ କରି ଆଡ଼େଇ ହୋଇ ଚାଲିଯାଆନ୍ତି।' 'ହୁଁ, ଭଦ୍ର ମହିଳା ନା ଆଉ କିଛି! କେବଳ ଚୁଗୁଲି କରିବା ଛଡା ତା'ର ଆଉ କିଛି କାମ ନାହିଁ। ସଂସାରଯାକର ସମସ୍ତଙ୍କ ଘରର ଛିଦ୍ର ସଂଗ୍ରହ କରିବା ତା'ର ଏକମାତ୍ର କାମ।' ମୁଁ ପଚାରିଲି, 'ତମ ନାଁରେ କ'ଣ ଚୁଗୁଲି କରୁଚି?' 'ମୋ ନାଁରେ ନୁହେଁ ମ, ତା'ର କୋଉ ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ଘରର ଗୁମର କଥା ସେ ନ ଜାଣିଛି ଭଲା। ଦିନେ କହିଲା, 'ଜାଣିଛ ନାନୀ, ମୋ ବଡ଼ ଭଉଣୀର ବୋହୂଟା ଭାରି ମୁହଁଖୋର। ପ୍ରତି କଥାରେ ମୁହେଁ ମୁହେଁ ଜବାବ ଦିଏ ଯେ କାହାକୁ ବି ଛାଡେନି। ଥରେ ତାକୁ ତା' ଶ୍ୱଶୁର କ'ଣ ଟିକେ କହିଲେ ବୋଲି ତାଙ୍କ ସାମ୍ନାରେ ଯାହା ତ ଗାରୁଗାରୁ ହେଲା, ମୋ ଆଗରେ ଆସି କହିଲା କ'ଣ ନା ତାକୁ ଆଉ ଥରେ କିଛି କହିଲେ ସେ ତା' ଶାଶୁ ଶ୍ୱଶୁରଙ୍କୁ ଜୋତାରେ ପିଟିବ। ଏମାନଙ୍କ ପାଖରେ ରହିବନି ବୋଲି ସେ ତା' ସ୍ୱାମୀକୁ ମନେଇ



ଦୂରରେ ରହୁଛି ପରା।...ମୋ ମାମୁପୁଅ ଭାଇର ଘର ଅବସ୍ଥା ବହୁତ ଖରାପ। ତା' ବୋହୂ ଉପରେ ତା'ର ଖରାପ ନଜର। ସେମାନଙ୍କ ପାଖକୁ ଭାଇ କାହିଁକି ଏତେଥର ଯାଉଛି ବୋଲି ପୁଅବୋହୂଙ୍କ ଭିତରେ ସବୁବେଳେ ଭୀଷଣ ଝଗଡା।...ଖାଲି କ'ଣ ସେତିକି! ମୋ ଭିଣୋଇଙ୍କର ବି କାହା ସହ କାଳେ କିଛି ସମ୍ପର୍କ ଅଛି ବୋଲି ମୋ ଭଉଣୀ ତାଙ୍କୁ ସନ୍ଦେହ କରି କୁଆଡ଼େ ବି ଏକୁଟିଆ ଛାଡିବାକୁ ଚାହେଁନି।' ମଜା କଥା ହେଲା ଯେ ଯୋଉ ଭାଇ ଭଉଣୀଙ୍କ ବିରୋଧରେ ସେ ଏତେ ବିଷୋଦ୍‌ଗାର କରୁଛି, ସେମାନଙ୍କ ସହ ଆତ୍ମୀୟତା ଦେଖେଇବାକୁ ପ୍ରାୟ ପ୍ରତିଦିନ ଫୋନରେ ଗପୁଛି। ସେଇ ଭାଇ, ଭଉଣୀ ଓ ତା'ର ପୁଅ ବୋହୂଙ୍କ ଆଖିରେ କି ଅନ୍ଧପୁଟୁଳି ବାନ୍ଧି ଦେଇଛି ଯେ ସେମାନେ ଏହାର ହସ ତଳର ବିଷ ତ ଦେଖିପାରୁ ନାହାନ୍ତି, ବରଂ ସେମାନଙ୍କ ଭିତରେ ଏକ ବିଚିତ୍ର ପ୍ରକାରର ମଧୁର ସମ୍ପର୍କ ଅଛି। ତା'ର ସବୁବେଳେ ଏମିତି ପରଘର ବିଷୟରେ ଚର୍ଚ୍ଚା ବୋଲି ତାକୁ ଦେଖିଲା ମାତ୍ରେ ମତେ ଭୟ ଲାଗେ ଯେ କାଳେ ମୋ ବିଷୟରେ ବି କୋଉଠି ଚୁଗୁଲି କରୁଥିବ!

ହଁ, ତା' ବି ଅବଶ୍ୟ ହେବା ସମ୍ଭବ। ଅଧିକାଂଶ ଲୋକଙ୍କର ଚରିତ୍ର ଏମିତି। ମଧୁର ହସ ହସି, ମିଠାମିଠା କଥା କହି ଆମ ପଛପଟେ ଆମ ବିରୋଧରେ ବିଷୋଦ୍‌ଗାର କରିବାକୁ ଅନେକ ଲୋକ ଭଲପାଆନ୍ତି। ନିଜ ଜୀବନ ଅପେକ୍ଷା ଏମାନେ ଅନ୍ୟମାନଙ୍କ ଜୀବନ ବିଷୟରେ ବେଶି ଆଗ୍ରହ ଦେଖାନ୍ତି, ତା' ପୁଣି ଅନ୍ୟମାନଙ୍କ ବିରୋଧରେ ଚର୍ଚ୍ଚା କରିବାର ଆଗ୍ରହ। ଏମାନଙ୍କ ସାଙ୍ଗସାଥୀ, ସମ୍ପର୍କୀୟ ତଥା ପରିଚିତ ଲୋକମାନେ ଦୁଃଖ କଷ୍ଟରେ ଅଛନ୍ତି ବୋଲି ଜାଣିଲେ ହିଁ ଏମାନେ ଖୁବ୍ ଖୁସି ହୁଅନ୍ତି। ସେଇଥିପାଇଁ ଅନ୍ୟମାନଙ୍କ ବିରୋଧରେ ତଥ୍ୟ ସଂଗ୍ରହ କରୁଥାଆନ୍ତି। ନିଜର ଭଲ ଘରଦ୍ୱାର, ଗାଡି, ବ୍ୟାଙ୍କ ବାଲାନ୍ସ ଯେତେ ଥିଲେ ବି ଅନ୍ୟମାନଙ୍କର ଏଇସବୁ ଜିନିଷ ସହ ତୁଳନା କରି ହିଁ ଏମାନେ ସୁଖ ବା ଦୁଃଖ ଅନୁଭବ କରନ୍ତି। ଏମିତିଆ ବିଷାକ୍ତ ଲୋକଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଉଚିତ। ନ ହେଲେ ତମେ ନିଜେ ବି କେତେବେଳେ ଫସିଯାଇପାର। ମନେରଖ ଯେ- ପାବକୋ ଲୌହ ସଂସର୍ଗାତ୍ ମୁଦ୍‌ଗରୈରଭିହନ୍ୟତେ। ଅର୍ଥାତ, କେବଳ ଲୁହା ସଂସର୍ଗରେ ଆସିବା ଯୋଗୁ ହିଁ ଅଗ୍ନି ଦେବଙ୍କୁ ମଧ୍ୟ ପ୍ରହାର ସହିବାକୁ ପଡ଼ିଥାଏ।

'ତା'ର କିଛି କାମ ନାହିଁ ତ, ଦିନଯାକ ଘରେ ଖାଲି ବସୁଛି। ତେଣୁ ତା ସଇତାନ ମୁଣ୍ଡଟା ଏ ପ୍ରକାରେ ଖେଳଉଛି।' 'ବିଷଣ୍ଣ ବଦନରେ କହିଲେ ପତ୍ନୀ।' ଏତିକି ବେଳେ ଝିଅ ଧାଇଁ ଆସି କହିଲା, 'ମାମା, ମିଲି ଘରକୁ ତୁ ଆଜି ଯାଆନା। ତାଙ୍କ ଘରକୁ ବୋଧେ କିଏ ଆସିଛନ୍ତି ଯେ ଆଣ୍ଟି କାହା ସହ ଖୁବ୍ ଜୋରରେ ପାଟିତୁଣ୍ଡ କରୁଛନ୍ତି। ମତେ ଡର ଲାଗୁଛି।' ଝିଅକୁ କୋଳେଇ ନେଇ ପତ୍ନୀ କହିଲେ, ବ୍ୟସ୍ତ ହୁଅନା, ମୋର ତାଙ୍କ ଘରକୁ ଯିବା ସବୁଦିନ ପାଇଁ ବନ୍ଦ।'

ଅଧ୍ୟାପକ, ଇଂରାଜୀ ବିଭାଗ
ନିଆଳି କଲେଜ, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ଏମିତି ହାତ ଯେଉଁଥିରେ କାଠ ବି ଜୀବନ୍ତ ରୂପ ନେଉଛି। କାଠରେ ନିଖୁଣ ଭାବେ ବିଭିନ୍ନ ମୂର୍ତ୍ତି ଖୋଦେଇକରି ଏବେ ଦେଶ କାହିଁକି ବିଶ୍ୱରେ ସୁଖ୍ୟାତି ପାଇଛନ୍ତି କଶ୍ମୀରର ମହମ୍ମଦ ୟୁସୁଫ ମୁରାନ। ଏମିତି କି ତାଙ୍କ ଦ୍ୱାରା ନିର୍ମିତ ଜିନିଷ ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଛି। ବଡ଼ କଥା ହେଉଛି ମୁରାନ ଜଣେ ମୂକ ଓ ବଧିର। ରହୁଛନ୍ତି କେନ୍ଦ୍ରୀୟ କଶ୍ମୀରର ବଡ଼ଗାଁଓରେ। ତାଙ୍କୁ ଏବେ ବୟସ ୫୫। ଏହି କଳା ସେ ପ୍ରଥମେ ପିତା ଓ ପରେ ବଡ଼ଭାଇଙ୍କଠାରୁ ଶିକ୍ଷା କରିଛନ୍ତି। କାଠ ତିଆରି କଶ୍ମୀର ହୁକାର ଦାମ ୮୦,୦୦୦ ଟଙ୍କା ରହିବାବେଳେ ସେଣ୍ଟ ଜର୍ଜ ଅଫ୍ ଲିଡା ତିଆରି କରିବା ଲାଗି ୫ ବର୍ଷ ଲାଗିଛି ଓ ଏହାର ମୂଲ୍ୟ ରହିଛି ୬.୫ ଲକ୍ଷ ଟଙ୍କା। ୨୦୦ ବର୍ଷ ହେଲା ପିଢ଼ି ପରେ ପିଢ଼ି ତାଙ୍କ ପରିବାର ଏହି କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ମୁରାନ ଏହି କଳାକୁ ବର୍ତ୍ତମାନ ଏକ ଭିନ୍ନ ସ୍ତରରେ ପହଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଅଫ୍‌ଲାଇନ ଓ ଅନ୍‌ଲାଇନରେ ତାଙ୍କ ନିକଟକୁ ଏବେ ଦେଶ ବିଦେଶରୁ ବହୁ ଅର୍ଡର ଆସୁଛି। ଆରବ ଏବଂ ୟୁରୋପୀୟ ଦେଶଗୁଡ଼ିକରୁ ଅଧିକାଂଶ ଅର୍ଡର ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଅଗଷ୍ଟ ୧୯୯୭

- ଆଲଜେରିଆର ରାଜଧାନୀଠାରୁ ଅଳ୍ପ ଦୂରରେ ଅବସ୍ଥିତ ବ୍ଲିଦା ଓ ଆଇନ ଡେଫ୍ଲା ସହରରେ ଗଣହତ୍ୟା ସଂଘଟିତ ହୋଇ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି।
- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ତାମିଲ ବିଦ୍ରୋହୀମାନଙ୍କ ଆତ୍ମଘାତୀ ଆକ୍ରମଣରେ ୨୦୦ରୁ ଊର୍ଦ୍ଧ୍ୱ ଗେରିଲା ଓ ୫୧ ସୈନିକ ନିହତ।
- ପୂର୍ବତନ ଅଧିନାୟକ ତଥା ଚାରିଥର ଅଲିମ୍ପିଆନ ଫୁଲବ୍ୟାକ୍ ପରଗତ ସିଂଙ୍କୁ ଭାରତୀୟ ହକି ଫେଡେରେଶନ (ଆଇଏଚ୍‌ଏଫ୍) ପକ୍ଷରୁ ସିନିୟର ହକି ଦଳର ନୂତନ କୋଚ ଭାବେ ନିଯୁକ୍ତି ପ୍ରଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 3 | | 2 | | | | 9 | |
| | | | | | 9 | 1 | | |
| | 6 | | | | | | 8 | 4 |
| 5 | | | | | 3 | | 4 | |
| | 8 | | | | 4 | 9 | | |
| 6 | | | | 7 | | | | |
| | | 9 | | | | 3 | | 1 |
| 7 | | 5 | | 2 | | | | |
| | | | | | 1 | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 9 | 6 | 2 | 7 | 5 | 1 | 8 |
| 2 | 8 | 6 | 5 | 9 | 1 | 3 | 7 | 4 |
| 5 | 7 | 1 | 4 | 3 | 8 | 6 | 2 | 9 |
| 8 | 6 | 2 | 3 | 7 | 9 | 4 | 5 | 1 |
| 9 | 4 | 7 | 1 | 8 | 5 | 2 | 3 | 6 |
| 1 | 5 | 3 | 2 | 4 | 6 | 9 | 8 | 7 |
| 3 | 1 | 8 | 9 | 5 | 4 | 7 | 6 | 2 |
| 7 | 9 | 5 | 8 | 6 | 2 | 1 | 4 | 3 |
| 6 | 2 | 4 | 7 | 1 | 3 | 8 | 9 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### କୃଷିର ବିକାଶ ପ୍ରତି ଧ୍ୟାନ ଦିଆଯାଉ

ମହାଶୟ,

ସରକାର କୃଷି ଓ କୃଷକଙ୍କ ବିକାଶ ପ୍ରତି ଧ୍ୟାନ ଦିଅନ୍ତୁ। ଯଥା ସମୟରେ ସାର, ବହନ, ଜଳସେଚନର ସୁବିଧା ଏବଂ ଅମଳ ପରେ ମଣ୍ଡି ସହ ବିକ୍ରିର ବ୍ୟବସ୍ଥା କରାଯାଉ।

ଛତିଶଗଡ଼ର ହୀନ ଚକ୍ରାନ୍ତ ବିରୋଧରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯାଉ। ଛତିଶଗଡ଼ ପାଣି ଅଟକାର ଆମ କୃଷିରେ ଘୋର ବିଭ୍ରାଟ ସୃଷ୍ଟି କରୁଛି। କୃଷିର ବିକାଶ ଲାଗି ସରକାର ମହାନଦୀରେ ଅଧିକ ଅନିକଟ କରିବା ଲାଗି ପଦକ୍ଷେପ ନେଲେ ଜଳସେଚନର ସୁବ୍ୟବସ୍ଥା ହୋଇପାରିବ। ଜଳସେଚନର ଅଗ୍ରଗତି କୃଷିର ନିଶ୍ଚିତ ଉନ୍ନତି ଆଣିପାରିବ।

-ଡ. ବାବାଜୀ ଚରଣ ସେଠୀ, ଶ୍ରୀରାମନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଅନ୍ଧକାରେ
ଗନ୍ଧ କା'ର
ଆସିଲା ଏଥି ଛୁଟି
ଚରଣ କା'ର କମଳ ସମ
ଉଠିଲା ଆହା ଫୁଟି! -(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମହିଳାଙ୍କ ସମେତ ୬ ଗିରଫ

ସମ୍ବଲପୁର,୨।୮(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଡ଼ଭଗାସ୍ଥିତ ସମଲେଶ୍ୱରୀ ଢାବା ପରିସରରେ ଏକ କାର ଭିତରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏମାନଙ୍କ ମଧ୍ୟରେ ୪ ଜଣ ଯୁବକ, ସହଯୋଗ କରିଥିବା ଢ଼ାବା ମାଲିକ ଓ ଜଣେ ମହିଳା ଅଛନ୍ତି। ସେମାନେ ହେଲେ ଗୋଡଭଗା ଗୋଲକ ନଗରର ଆକାଶ ଦାଶ (୨୮), ସମ୍ବଲପୁର ଟାଉନ ଥାନା ମୁଦିପଡ଼ାର ମନୋଜ କଟା(୨୭), ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ନାନାଝାର ଗ୍ରାମର ସନ୍ନ୍ୟାସୀ ପଧାନ (୨୭), ସମ୍ବଲପୁର ଜିଲା ଅତାବିରା ଥାନା ଲକ୍ଷ୍ମଣ ନଗରର ବିନୋଦ ଝରା (୨୦), ଢ଼ାବା ମାଲିକ ବୁର୍ଲା ଥାନା ସମଲେଶ୍ୱରୀ ନଗରର ଜଗଦୀଶ ମହାନନ୍ଦ (୫୪) ଓ କୁଚିଣ୍ଡା ଥାନା ସାତକମାର ମହିଳା ଶ୍ରୀତା ଦାସ (୩୫)। ଘଟଣାରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଛି। ପୋଲିସ ସୂଚନାକ୍ରମେ ଗତ ୩୦ତାରିଖ ରାତିରେ ହୀରାକୁଦ ଷ୍ଟେଶନ ନିକଟରେ ରହୁଥିବା ନାବାଳିକାଙ୍କ ସହ ପୂର୍ବରୁ ପରିଚୟ ଥିବା ଜଣେ ମହିଳାଙ୍କ ଭେଟ ହୋଇଥିଲା। ଉଭୟ କିଛି ସମୟ କଥା ହେବା ପରେ ପୂର୍ବ ଯୋଜନାକ୍ରମେ ମହିଳା ଜଣକ ନାବାଳିକାଙ୍କୁ ଖାଇବା ପାଇଁ ଗୋଡଭଗା ନିକଟ ସମଲେଶ୍ୱରୀ ଢ଼ାବାକୁ ଡ଼ାକି ନେଇଥିଲେ। ଏହି ସମୟରେ ୪ ଜଣ ଯୁବକ କାର୍ ଧରି ସେଠାରେ ପହଞ୍ଚିଥିଲେ। ସେମାନେ ଢାବାରୁ ନାବାଳିକାଙ୍କୁ ଟେକିନେଇ କାର୍ ଭିତରେ ବଳାତ୍କାର କରିଥିଲେ। ଏହାପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମହିଳା ଜଣଙ୍କ ମଧ ନାବାଳିକାଙ୍କୁ ଛାଡି ଚାଲିଯାଇଥିଲେ। ପୋଲିସ ପାଟ୍ରୋଲିଂ ଟିମ୍ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ବୁର୍ଲା ଭିମସାରକୁ ନେଇଥିଲା। ଚିକିତ୍ସା ପରେ ସେମାନେ ନାବାଳିକାଙ୍କ ତାଙ୍କ ଘରେ ଛାଡିଥିଲେ। ୩୧ତାରିଖରେ ନାବାଳିକା ଜଣକ ଘଟଣା ସମ୍ପର୍କରେ କହିବା ପରେ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୧୧/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।



ଗିରଫ ଅଭିଯୁକ୍ତମାନେ।

### କାର୍ ଭିତରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା




ଜବତ କାର୍ ।

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲା ଭାଜପା

ରାଉରକେଲା ଅଫିସ,୨।୮

### ସୋନୁ ବଡାଇକ ହତ୍ୟା ଘଟଣା

ରାଉରକେଲା ସେକ୍ଟର-୧୫ ଅଞ୍ଚଳର ସୋନୁ ବଡାଇକ ହତ୍ୟା ମାମଲାକୁ ୫ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଏହି ଘଟଣାରେ ମଙ୍ଗଳବାର ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଭେଟି ଆଲୋଚନା କରିଛନ୍ତି। ନିଜ ଜୀବନକୁ ବିପଦ ଥିବା ଜାଣି ପୂର୍ବରୁ ସୋନୁ ପୋଲିସକୁ ଅବଗତ କରାଇଥିଲେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ସୋନୁ ମୃତ୍ୟୁ ପୂର୍ବରୁ ଦେଇଥିବା ଏଫଆଇଆରକୁ ମଧ୍ୟ ପୋଲିସ ଗ୍ରହଣ ନ କରି ଫେରାଇ ଦେବା କେତେଦୂର ଯଥାର୍ଥ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ସୋନୁ ମରିଥିବା ଆଖପାଖ ସ୍ଥାନରେ ପଡିଥିବା ରକ୍ତଛିଟାରୁ ତାଙ୍କୁ ହତ୍ୟାକରି ଏକ ସଜନାଗଛରେ ଟାଙ୍ଗି ଦିଆଯାଇଥିବା ସନ୍ଦେହ ହେଉଛି। ତେଣୁ ମୃତକଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଦଳ ପକ୍ଷରୁ ଏସ୍‌ପିଙ୍କୁ ଅବଗତ କରାଯାଇଛି। ଏ ନେଇ ରାଉରକେଲା ଏସ୍‌ପି ଭାମୁ ଇନ୍ସପେକ୍ଟର ପାର୍ବତୀ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ୩ ଜଣିଆ କମିଟି ଗଠନ କରି ଉକ୍ତ ଘଟଣାର ପ୍ରକୃତ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଘଟଣାରେ ପ୍ରକୃତ ନ୍ୟାୟ ମିଳିବ ବୋଲି ଏସ୍‌ପି ଦଳୀୟ କର୍ମକର୍ତ୍ତାଙ୍କୁ ଆଶ୍ୱାସନା ଦେଇଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ରାଉରକେଲା ଅଫିସ,୨।୮:** ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ବନ୍ଧବସା ଗ୍ରାମରେ ମଙ୍ଗଳବାର ଜଣେ ଯୁବକ ପୋଖରୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ବୁଦ୍ଧିରାମ ସାଣ୍ଡିଲ(୩୧)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨।୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ମଙ୍ଗଳବାର ସକାଳ ସାଢ଼େ ୬ଟାରେ ବୁଦ୍ଧିରାମ ଘର ନିକଟ ବଗିଚାକୁ ପାଣି ମଡାଇବା ପାଇଁ ଯାଇଥିଲେ। ଉକ୍ତ ବଗିଚା ପାଖରେ ଥିବା ଏକ ପୋଖରୀରୁ ପାଣି ଆଣିବା ପାଇଁ ଯାଇଥିବାବେଳେ ତାଙ୍କୁ ହଠାତ୍ ବାତ ମାରିଥିଲା। ଫଳରେ ସେ ପୋଖରୀରେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପୁଅ କ୍ଷେତ୍ରୁ ସାଣ୍ଡିଲ ଥାନାରେ ଅଭିଯୋଗ କରିଥିଲେ।

### ଚିକିତ୍ସାଧୀନ ଅସହାୟ ବୃଦ୍ଧ ମୃତ

**ରାଉରକେଲା ଅଫିସ,୨।୮:** ସେକ୍ଟର-୭ ଥାନା ଅନ୍ତର୍ଗତ ଚିପ୍ ଟାଇପ ମାର୍କେଟ ପରିସରରେ ରହୁଥିବା ଜଣେ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ହେଲେ କୈଳାସ ବେହେରା(୬୫)। ସେ ସେକ୍ଟର-୬ ନଂ ଚିପ୍‌ଟାଇପ ମାର୍କେଟରେ କିଛି ଦିନ ହେବ ପଡି ରହିଥିଲେ। ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଜୁଲାଇ ୨୯ରେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩।୨୨) ରୁଜୁ କରିଛି। ବୃଦ୍ଧଙ୍କର କେହି ନ ଥିବାରୁ ସ୍ୱେଚ୍ଛାସେବୀମାନେ ମୃତଦେହ ଦାହ କରିଥିଲେ।

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଉଲୁଣ୍ଡା/ବୀରମହାରାଜପୁର,୨।୮ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ କୁମରକେଲି ଗାଁରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କୁମରକେଲି ଗ୍ରାମର କାଲୁ ସୁରଜାଲଙ୍କ ସ୍ତ୍ରୀ ନିରୁ(୩୦)। ମୃତା ମହିଳାଙ୍କ ଗୋଟିଏ ଛୋଟ ପୁଅ ଅଛି। ମିଳିଥିବା ସୂଚନା ଅନୁଯାୟୀ, ଘରେ ଶାଶୁ ଶଶୁର ପହ୍ଲା ରୋଇବାକୁ ବିଲକୁ ଯାଇଥିଲେ। ହେଲେ ଗରମ ଯୋଗୁ ନିରୁ ଘରେ ଥିବା କୁଲର ଚଳାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ପଡୋଶୀ ବୀରମହାରାଜପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ସ୍କୁଲ ପୁନଃ ଖୋଲିବାକୁ ଜିଲାପାଳଙ୍କୁ ନିବେଦନ

**ଜାମଟିକ୍ରା,୨।୮(ଡି.ଏନ.ଏ.):** ଅତାବିରା ବ୍ଲକ ଅଧୀନ ଲଚିଦା ପଞ୍ଚାୟତର କଲଙ୍ଗାପାଲି ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା ୨୦ରୁ କମ୍ ଥିବା ଦର୍ଶାଇ ୨୦୨୦ରେ ଏହାକୁ ବନ୍ଦ କରାଯାଇଛି। ଫଳରେ ଗାଁର କୁନିକୁନି ଛାତ୍ରୀଛାତ୍ର ୨କି.ମି. ଦୂରରେ ଥିବା କତାବଗା ସ୍କୁଲକୁ ପାଠ ପଢିବାକୁ ଯାଉଛନ୍ତି। ବର୍ଷା ହେଲେ ଗାଁ ନଳିଆରେ ବଢି ପାଣି ଆସୁଥିବାରୁ ସେମାନେ ସ୍କୁଲକୁ ଯାଇପାରନ୍ତିନାହିଁ। ଏପରିକି ପିଚୁ ରାସ୍ତାରେ ଚାଲି ଚାଲି ଯିବାବେଳେ ପିଲାମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏବେ ଗାଁରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ପ୍ରାୟ ୩୦ ଥିବାରୁ ବନ୍ଦ ଥିବା ଉକ୍ତ ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

### ସୋହେଲା ହାଇସ୍କୁଲରୁ ଚୋରି

**ସୋହେଲା,୨।୮(ଡି.ଏନ.ଏ.):** ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟରୁ ରବିବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ସ୍କୁଲ ଭିତରେ ପଶି ଟିଭି, ଷ୍ଟାବିଲାଇଜର, ଇନଭର୍ଟର, ବ୍ୟାଟେରୀ, ସାଉଣ୍ଡ ସିଷ୍ଟମ ଆଦି ଲକ୍ଷାଧିକ ଟଙ୍କାର ଜିନିଷ ଚୋରି କରି ନେଇଯାଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ରାଜେଶ ସାହୁ ସୋମବାର ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଏ ସମ୍ପର୍କରେ ସୋହେଲା ଥାନାଧିକାରୀ ହାଡ଼ିବନ୍ଧୁ ଗଡ଼ତିଆଙ୍କୁ ପଚାରିବାରୁ କେତେକଙ୍କୁ ଅଟକ ରଖାଯାଇଛି, ବହୁତ ଶୀଘ୍ର ଦୋଷୀଙ୍କୁ ଧରାଯିବ ବୋଲି ସେ କହିଛନ୍ତି ।

# କ୍ୟାମ୍ପସ୍ ପ୍ଲେସମେଣ୍ଟ ମନୋନୀତ

ରାଉରକେଲା ଅଫିସ,୨।୮

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ ପେଟ୍ରୋକେମିକାଲ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ୬ମାସ ପାଠ୍ୟକ୍ରମ ପାଇଁ ୧୦ ଜଣ ଛାତ୍ରୀଛାତ୍ର କ୍ୟାମ୍ପସ୍ ପ୍ଲେସମେଣ୍ଟରେ ମନୋନିତ ହୋଇଛନ୍ତି। ସିପିଆଇଟି ଭାରତ ସରକାରଙ୍କ ରାସାୟନିକ ଓ ସାର ମନ୍ତ୍ରାଣାଳୟ ଅଧୀନସ୍ଥ ପେଟ୍ରୋକେମିକାଲ୍ସ ବିଭାଗର ଏକ ଶିକ୍ଷାନୁଷ୍ଠାନ। ଆରଏସ୍‌ପି ଜଲଦା ଓ ଝିରପାଣି ପୁନର୍ବସତି କଲୋନୀର ୧୦ ଜଣ ଛାତ୍ରୀଛାତ୍ର ପ୍ଲାଷ୍ଟିକ ପ୍ରକ୍ରିୟାକରଣ ବିଭିନ୍ନ କାରକ, ଏହାର ନିର୍ମାଣ ଉପରେ ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ଶିକ୍ଷା ଗ୍ରହଣ କରିଥିଲେ। ସେମାନେ ପ୍ଲାଷ୍ଟିକ ପ୍ରକ୍ରିୟାକରଣ ଦକ୍ଷତା ଅର୍ଜନ କରିବା ସହ କମ୍ପ୍ୟୁଟର ସଫ୍ଟୱେର ଡିଜାଇନ ପ୍ରସ୍ତୁତି ଠାରୁ ଆରମ୍ଭ କରି ବିଭିନ୍ନ ଲେଦ୍ ମେଶିନ ମାଧ୍ୟମରେ ପ୍ରୋଗାମିଂ ଇଞ୍ଜେକସନ୍ ମୋଲ୍‌ଡିଂ, ମେଶିନ ରକ୍ଷଣାବେକ୍ଷଣ ଭଳି ବିଭିନ୍ନ ଦିଗରେ ଜ୍ଞାନ ଆହୋରଣ କରିଥିଲେ। ଆରଏସ୍‌ପି ପ୍ରୟୋଜିତ ପ୍ରଥମ ବ୍ୟାଚ୍‌ରେ ୧୦ ଜଣ ଛାତ୍ରୀଛାତ୍ରୀ ୨୦୨୧ ଡିସେମ୍ବର ୯ରେ ପାଠ୍ୟକ୍ରମରେ ଯୋଗଦାନ କରିଥିଲେ। କରୋନା କଟକଣା ପାଇଁ ପାଠ୍ୟକ୍ରମ ମଝିରେ ସାମାନ୍ୟ ପ୍ରଭାବିତ ହୋଇଥିଲେ ମଧ୍ୟ ୨୦୨୨ ଜୁଲାଇ ମାସରେ ଏହି ପାଠ୍ୟକ୍ରମ ଶେଷ ହୋଇଥିଲା।

# ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଅମଲା ସଂଘ ବୈଠକ

ସମ୍ବଲପୁର,୨।୮(ବ୍ୟୁରୋ)

ପଶ୍ଚିମ ଓଡିଶା ବିଦ୍ୟୁତ୍ ଅମଲା ସଂଘ ବୈଠକ ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର ପ୍ରକାଶ ରାୟଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିପିଡବ୍ଲ୍ୟୁଓଡିଏଲ୍‌ରେ କାର୍ଯ୍ୟରତ ସମସ୍ତ ଆଉଟସୋର୍ସ ହେଲପରଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ସୁବାସ କୁମାର ତିୱାରୀ ୱେସ୍କୋ/ଟିପିଡବ୍ଲ୍ୟୁଓଡିଏଲ୍‌ରେ ୧୫ବର୍ଷ ଧରି କାର୍ଯ୍ୟରତ ୬୯୪/୭୭୦ ଓଏସ୍‌ଏଚ୍‌ଙ୍କ ଚାକିରି ସର୍ତ୍ତାବଳୀ ଓ ଆର୍ଥିକ ଅଭିବୃଦ୍ଧି, ସମାନ କାମକୁ ସମାନ ଦରମା ଦେବା ସମ୍ବନ୍ଧରେ ଆଲୋଚନା କରିଥିଲେ । ଉପଦେଷ୍ଟା ଅନିଲ ଦେବତା ଓ ଉପସାଧାରଣ ସମ୍ପାଦକ ମକୁନ୍ଦ ମିର୍ଦ୍ଧା ବିବରଣୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଶିଷ ପଟ୍ଟନାୟକ, ମାନସ ଦେବତା, ରାଜେଶ ଦୋରା, ସତ୍ୟାନନ୍ଦ ଦୀପ, ଅଶ୍ୱିନୀ ପ୍ରଧାନ, ଶ୍ରୀରାମ ମହାପାତ୍ର ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଯୋଗଦେଇଥିବା ପ୍ରତିନିଧିମାନେ।

# ହିଣ୍ଡାଲ୍‌କୋ ପକ୍ଷରୁ ଗ୍ରାମ୍ୟ ରାସ୍ତା ନିର୍ମାଣର ଭୂମିପୂଜନ

ସମ୍ବଲପୁର,୨।୮(ବ୍ୟୁରୋ)

ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ନିକଟସ୍ଥ ଗୁଣ୍ଡରୁପଡା (ଖଡିଆପଡା)ଠାରେ ଗ୍ରାମ୍ୟରାସ୍ତା ନିର୍ମାଣ ନିମନ୍ତେ ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ହୀରାକୁଦ ଯିବା ପାଇଁ ମାଟି ରାସ୍ତା ବ୍ୟବହାର କରୁଥିଲେ। ଫଳରେ ବର୍ଷାଦିନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ହିଣ୍ଡାଲକୋ କ୍ଲଷ୍ଟର ମୁଖ୍ୟ କୈଳାଶନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଣ୍ଡାଲ୍‌କୋ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ହାତକୁ ନେଇଛି। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋର ମହାପ୍ରବନ୍ଧକ ନିରାପତ୍ତା ବିଭାଗର କର୍ନେଲ ସନ୍ଦୀପ ତିୱାରୀ ଅତିଥି ଭାବେ ଯୋଗଦେଇ ଗ୍ରାମର ପୂର୍ବତନ ସରପଞ୍ଚ ଏତୁଆ ଖଡ଼ିଆଙ୍କ ସହ ମିଶି ଭୂମିପୂଜନ କରିଥିଲେ। ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ ମହାପାତ୍ର ଓ ସରୋଜ ଆଚାର୍ଯ୍ୟଙ୍କ ସମେତ ସିଏସ୍‌ଆର ବିଭାଗର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।




ଗୁଣ୍ଡରୁପଡାଠାରେ ଗ୍ରାମ୍ୟରାସ୍ତା ନିର୍ମାଣ ନିମନ୍ତେ ଭୂମିପୂଜନ କରାଯାଉଛି।

# ହସ୍ପିଟାଲରେ ଜଳିଗଲା ଜେନେରେଟର

ଝାରସୁଗୁଡ଼ା ଅଫିସ,୨।୮

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ଇବ୍‌ଭ୍ୟାଲି କ୍ଷେତ୍ରାଧୀନ ବ୍ରଜରାଜନଗର ମଣ୍ଡଳିଆ ସେଣ୍ଟ୍ରାଲ୍ ହସ୍ପିଟାଲ୍‌ରେ ମଙ୍ଗଳବାର ୧ଟା ସମୟରେ ହଠାତ୍ ଡିଜେଲ ଜେନେରେଟର(ଡିଜି)ରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଥିଲା। ଏ ସମ୍ପର୍କରେ ହସ୍ପିଟାଲ୍ କର୍ତ୍ତୃପକ୍ଷ କମ୍ପାନୀର ରେସ୍କ୍ୟୁ ଷ୍ଟେଶନକୁ ଖବର ଦେଇଥିଲେ। ଓରିଏଣ୍ଟ ରେସ୍କ୍ୟୁ ଷ୍ଟେଶନରୁ ପାଣି ଟ୍ୟାଙ୍କର ଆସି ନିଆଁକୁ ଆୟତ୍ତ କରିଥିଲା। ଫଳରେ ହସ୍ପିଟାଲ୍ ଅଞ୍ଚଳ ବଡ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲା। ଏ ନେଇ ହସ୍ପିଟାଲ୍ ସିଏମ୍‌ଏସ୍ ଡା. ଜୟଦୀପ ଦେ କହିଛନ୍ତି, ଜେନେରେଟରରେ ନିଆଁ ଲାଗିବା ପରେ ରେସ୍କ୍ୟୁ ଷ୍ଟେଶନକୁ ଜଣାଇ ଦିଆଯାଇଥିଲା। ନିଆଁ କିଭଳି ଲାଗିଲା ଓ କ୍ଷୟକ୍ଷତି ସମ୍ପର୍କରେ ହସ୍ପିଟାଲ୍ ବିଦ୍ୟୁତ୍ ବିଭାଗ ମ୍ୟାନେଜର କହିପାରିବେ। ବିଦ୍ୟୁତ୍ ବିଭାଗ ମ୍ୟାନେଜର ରବିରଞ୍ଜନ କହିଛନ୍ତି, ହସ୍ପିଟାଲ୍‌ରେ ଦିନ ୧ଟାରେ ବିଦ୍ୟୁତ୍ ଚାଲିଯାଇଥିଲା। ପରେ ଜଣେ କର୍ମଚାରୀ ଜେନେରେଟର ଚଳାଇବାକୁ ଯାଇଥିବାବେଳେ ହଠାତ ଶର୍ଟସର୍କିଟ୍ ହୋଇ ନିଆଁ ଲାଗିଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ କ୍ଷୟକ୍ଷତି ହୋଇଥିବା ସେ କହିଛନ୍ତି।



ହସ୍ପିଟାଲ୍ ପରିସରରେ ଥିବା ଡିଜିରେ ନିଆଁ ଲାଗିଛି।

# ଭୋଟର ପାଇଁ ବର୍ଷକୁ ୪ଥର ଆବେଦନ କରିହେବ

ରାଉରକେଲା ଅଫିସ,୨।୮

ରାଉରକେଲା ଉଦିତନଗର ସ୍ଥିତ ଆଇଟିଡିଏ ହଲ୍ ସମ୍ମିଳନୀ କକ୍ଷରେ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପୂର୍ବରୁ ଭୋଟ ତାଲିକାରେ ନାମ ପଞ୍ଜୀକରଣ ଲାଗି ଜାନୁଆରୀ ୧ ତାରିଖକୁ ନିଆଯାଇଥିଲା। ଜାନୁଆରୀ ୧ ପରେ ୧୮ ବର୍ଷ ପୂରଣ କରୁଥିବା ବହୁ ଯୁବତୀଯୁବକ ପରବର୍ତ୍ତୀ ବର୍ଷର ଭୋଟ ସଂଶୋଧନ ପ୍ରକ୍ରିୟାକୁ ଅପେକ୍ଷା କରୁଥିଲେ। ଚଳିତ ବର୍ଷଠାରୁ ୧୮ ବର୍ଷ ଯୁବତୀଯୁବକ ବର୍ଷକୁ ୪ଥର ଯଥା ଜାନୁଆରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବର ୧ ତାରିଖରେ ଭୋଟର ତାଲିକାରେ ନିଜକୁ ସାମିଲ କରିପାରିବେ। ସେହିପରି ନୂତନ ଭୋଟର ତାଲିକାରେ ସଂଶୋଧନ, ପଞ୍ଜୀକରଣ, ତାଲିକାରୁ ନାମ ବାଦ୍‌ଦେବା, ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ପାଇଁ ଫର୍ମ ନଂ-୮ରେ ଆବେଦନ କରିପାରିବେ। ପୂର୍ବରୁ ନୂତନ ଭୋଟର ପଞ୍ଜୀକରଣ ଓ ଗୋଟିଏ ନିର୍ବାଚନ ମଣ୍ଡଳରୁ ଅନ୍ୟ ଗୋଟିଏ ନିର୍ବାଚନ ମଣ୍ଡଳୀକୁ ସ୍ଥାନାନ୍ତର ପାଇଁ ଫର୍ମ-୬ ବ୍ୟବହାର କରାଯାଇପାରିବ। ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଯୋଗ୍ୟ ବ୍ୟକ୍ତିମାନେ ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ଆପ୍ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜରିଆରେ ଭୋଟର ପରିଚୟ ପାଇଁ ଆବେଦନ କରିପାରିବେ। ଆଧାରକାର୍ଡ ସହ ଭୋଟର କାର୍ଡ ସଂଯୋଗୀକରଣ ପାଇଁ ନୂତନ ସଂଶୋଧିତ ଫର୍ମ ୬(ଖ) ପ୍ରଚଳନ କରାଯାଇଛି। ଏକ ବୁଥ୍‌ରୁ ଅନ୍ୟ ବୁଥ୍‌କୁ ବଦଳି ହୋଇଥିଲେ ଓ ମୃତ ବ୍ୟକ୍ତିଙ୍କ ନାମ କାଟିବା ପାଇଁ ଫର୍ମ-୭କୁ ବ୍ୟବହାର କରାଯାଇପାରିବ। ଏହି ଖବରଦାତା ସମ୍ମିଳନୀରେ ଇଲେକଶନ ବିଭାଗ ଡିଲିଂ ଆସିଷ୍ଟାଣ୍ଟ ରଞ୍ଜନ କୁମାର ସେଠୀ,ଏମ୍‌ଡି ହାସିମ୍ ଖାନଙ୍କ ସମେତ ପାନପୋଷ ଉପଜିଲାପାଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଏମ୍‌ସିଏଲ୍ ପ୍ରସ୍ତାବିତ ଜମି ଅଧିଗ୍ରହଣକୁ ବିରୋଧ

ଝାରସୁଗୁଡ଼ା ଅଫିସ,୨।୮

ଏମ୍‌ସିଏଲ ବିସ୍ଥାପିତ ଓ ସୁଖବାସୀଙ୍କୁ ଥାଇଥାନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ କୁଡାଲୋଇ ମୌଜାର ସରକାରୀ ଜମି ଅଧିଗ୍ରହଣ ଲାଗି ଲଖନପୁର ତହସିଲରେ ଆବେଦନ କରଛନ୍ତି। ଏ ନେଇ ତହସିଲ୍ ତରଫରୁ କୁଡାଲୋଇ ମୌଜାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସ୍ଥାନୀୟ ପଞ୍ଚାୟତକୁ ଏକ ନୋଟିସ୍ ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି କୁଡାଲୋଇ ମୌଜାର ଖାତା ନଂ୩୫୩, ପ୍ଲଟ୍ ନଂ୧୨୦୪ରୁ ୨୮.୮୦ଡିସିମିଲ୍ ଜମିକୁ ବିସ୍ଥାପିତ ଓ ସୁଖବାସୀଙ୍କ ଉଦ୍ଦେଶ୍ୟରେ ଘରଡିହ ଜମି ଯୋଗାଇଦେବା ପାଇଁ ପ୍ରସ୍ତାବ ଆଗତ ହୋଇଛି। ଏହା ଉପରେ ଯଦି ମୌଜାବାସୀଙ୍କର କୌଣସି ଆପତ୍ତି ରହିଛି ତା'ହେଲେ ୩୦ଦିନ ମଧ୍ୟରେ ତହସିଲଦାରଙ୍କ କୋର୍ଟରେ ଆବେଦନ କରିପାରିବେ। ଏ ସମ୍ପର୍କରେ ଜାଣିବା ପରେ ଏହାକୁ ବିରୋଧକରି ମଙ୍ଗଳବାର ତହସିଲଦାରଙ୍କ ନିକଟରେ ଗ୍ରାମର ବିରଞ୍ଚି ସାହୁ ଓ ସୁରେନ୍ଦ୍ର ସାହୁ ପ୍ରମୁଖ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଏମ୍‌ସିଏଲ୍ କୋଇଲା ଖଣି ସମ୍ପ୍ରସାରଣ ହେବା ଫଳରେ ବହୁଗ୍ରାମ ବିସ୍ଥାପିତ ହୋଇ ମାଟିରେ ମିଶିଗଲାଣି। ଏହିସବୁ ବିସ୍ଥାପିତ ଓ ସୁଖବାସୀ କୁଡାଲୋଇ ମୌଜାରେ ଆସି ବସବାସ କରୁଛନ୍ତି। ଫଳରେ କୁଡାଲୋଇ ମୌଜାର ଜମି ସଙ୍କୁଚିତ ହେବାରେ ଲାଗିଛି। ଏହାର ପ୍ରଭାବ ସିଧାସଳଖ ମୌଜାର ଅଧିବାସୀଙ୍କ ଉପରେ ପଡୁଛି । ଏଥିରେ କୁଡାଲୋଇ ସମେତ ଅନେକ ଗ୍ରାମ ପ୍ରଭାବିତ ହେବାରେ ଲାଗିଛି। ଏଭଳି ସ୍ଥିତିରେ ପୁଣି ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି କୁଡାଲୋଇ ମୌଜାର ସରକାରୀ ଜମି ଉପରେ ପଡିଛି। ଏହାକୁ କମ୍ପାନୀ ଉଦ୍ଦେଶ୍ୟରେ କଦାପି ଦିଆଯିବ ନାହିଁ ବୋଲି ଗ୍ରାମବାସୀ ତହସିଲଦାରଙ୍କୁ ଜଣାଇଛନ୍ତି।




କୁଡାଲୋଇ ଗ୍ରାମବାସୀ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଉଛନ୍ତି।

### ତହସିଲଦାରଙ୍କୁ ଲିଖିତ ଆପତ୍ତି କଲେ ଗ୍ରାମବାସୀ

# ଅଜଣା ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ,୨।୮

ବରଗଡ଼ ସଦର ଥାନା ଅନ୍ତର୍ଗତ ନୂଆ ଗୁଡ଼େଶିରା କେନାଲରୁ ଉଦ୍ଧାର ହୋଇଥିବା ଅଜଣା ମୃତଦେହକୁ ମଙ୍ଗଳବାର ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ସତ୍କାର କରିଛନ୍ତି। ବରଗଡ଼ ନଦୀପଡ଼ା ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା। ଅନୁଷ୍ଠାନର ମାନସ ମେହେର, ରାଜେଶ ପ୍ରଧାନ, ଆତିସ ଦାଶ, ମୀନକେତନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଗତ ୨୯ତାରିଖରେ ଏହି ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ ତାକୁ ଜବତ କରି ବରଗଡ଼ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଥିଲା। ମାତ୍ର ମୃତଦେହର ପରିଚୟ ମିଳି ନ ଥିଲା। ସଦର ଥାନା ପୋଲିସ ସୂଚନା ଦେବା ପରେ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ପହଞ୍ଚି ମୃତଦେହ ସତ୍କାର କରିଥିଲେ।

# ସ୍ୱଚ୍ଛତା ଉପରେ କୁଇଜ୍ ପ୍ରତିଯୋଗିତା




**ବରଗଡ଼ ଅଫିସ,୨।୮:** ବରଗଡ଼ ଜିଲା ଲେବିଡ଼ି ହାଇସ୍କୁଲରେ ମଙ୍ଗଳବାର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର, ବରଗଡ଼ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଶ୍ରୀଅରବିନ୍ଦ ପାଠଚକ୍ରର ୫୫ତମ ବାର୍ଷିକୋତ୍ସବ

ବରପାଲି,୨।୮(ଡି.ଏନ.ଏ.)

ଶ୍ରୀଅରବିନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେଲେ ଏହି ସମାଜ ଆପେ ସୁଧୁରିଯିବ ବୋଲି ଶ୍ରୀଅରବିନ୍ଦ ପାଠଚକ୍ରର ୫୫ତମ ବାର୍ଷିକୋତ୍ସବରେ ବିଶିଷ୍ଟ ବକ୍ତା ମତପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ସାମୂହିକ ଧ୍ୟାନ ପ୍ରାର୍ଥନା କରାଯାଇଥିଲା। ସନ୍ଧ୍ୟାରେ ପାଠଚକ୍ର ସଭାପତି ବାଲକିଶୋର ଖାଡଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ତଥା ଶ୍ରୀ ଅରବିନ୍ଦ ସାଧକ ରାଧାକାନ୍ତ ମିଶ୍ର ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ସାବିତ୍ରୀ ମହାକାବ୍ୟ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଧ୍ୟାନ ପ୍ରାର୍ଥନା ପରେ ଦୁର୍ଗାସ୍ତୋତ୍ର ପାଠ କରାଯାଇଥିଲା। ଏଥିରେ ନିତ୍ୟାନନ୍ଦ ମିର୍ଦ୍ଧା, ଯୁଧିଷ୍ଠିର ସ୍ୱାଇଁ, ବିଜୟ ସାହୁ, ରୋହିତ ମହାରଣା, ଉଦ୍ଧବ ପଟେଲ, ବିଭୂତି ଭୂଷଣ ମିଶ୍ର, ଗୋକୁଳାନନ୍ଦ ସ୍ୱାଇଁ, ଚିତ୍ରାନନ୍ଦ ସାହୁ, ସରୋଜ ତ୍ରିପାଠୀ, ପରମାନନ୍ଦ ସ୍ୱାଇଁ, ସହଦେବ ପାଢ଼ୀଙ୍କ ସମେତ ବହୁ ସଭ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ଜାଭେଲିନ ଥ୍ରୋ ପ୍ରତିଯୋଗିତା, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୭ଟା।
- ସମ୍ବଲପୁର ମହାନଗର ବସ୍ତିବାସିନ୍ଦା ମହାସଂଘର କର୍ମଶାଳା, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୧ଟା।
- ସମ୍ବଲପୁରୀ ହବ୍ ପକ୍ଷରୁ ସମ୍ବଲପୁରୀ ଦିନ୍, ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ପୂର୍ବାହ୍ନ ୧୧ଟା।

# ଉତ୍ତ୍ୟକ୍ତ ଲୋକଙ୍କ ଏନ୍‌ଏଚ୍ ଅବରୋଧ

ଝାରସୁଗୁଡ଼ା ଅଫିସ,୨।୮

ଝାରସୁଗୁଡ଼ା ଟାଉନ ଥାନାର ୪୯ନଂ ଜାତୀୟ ରାଜପଥ କୁମୁଡାପାଲି ନିକଟରେ ମଙ୍ଗଳବାର ସକାଳେ ଏକ କାର୍ ଧକ୍କାରେ ବାଇକ୍ ଚାଳକ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସିରିଆପାଲି ଗ୍ରାମର ଫାଲ୍‌ଗୁନି ପଟେଲ(୫୦)। ଦୁର୍ଘଟଣା ପରେ ଉତ୍ତେଜିତ ଲୋକେ କ୍ଷତିପୂରଣ ଦାବିରେ ପୂର୍ବାହ୍ନ ୧୦ଟାରୁ ଜାତୀୟ ରାଜପଥ (ଏନ୍‌ଏଚ୍) ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଖବରପାଇ ପୋଲିସ୍ ପ୍ରଶାସନ ତରଫରୁ ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଟାଉନ୍ ଥାନା ଆଇଆଇସି ସାବିତ୍ରୀ ବଳ, ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା, କୋଲାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ, ଲଇକେରା ଥାନା ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆଲୋଚନା ପରେ କ୍ଷତିପୂରଣ ବାବଦକୁ ଦୁର୍ଘଟଣା ଘଟାଇଥିବା ଡାକ୍ତର ୮୦ହଜାର ଟଙ୍କା ଓ ଜିଲା ରେଡ୍‌କ୍ରସ୍‌ରୁ ୨୦ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ମୃତକଙ୍କ ପରିବାରକୁ ବୀମା ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ୩ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଫଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

### କାର୍ ଧକ୍କାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

ଏ ନେଇ ଝାରସୁଗୁଡା ଟାଉନ ଥାନାରେ ଏକ ମାମଲା (ନଂ୪୪୧/୨୨) ରୁଜୁ ହୋଇଛି । ପୋଲିସ୍ ଦୁର୍ଘଟଣା ଗ୍ରସ୍ତ ଓଡି୨୩ଇ-୨୩୦୨ନଂ ବାଇକ୍ ଓ ଓଡି୨୩ଏଚ୍-୯୩୭୬ନଂ କାର୍‌କୁ ଜବତ କରିଛି। ସୂଚନାଯୋଗ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡା. ସିଦ୍ଧେଶ୍ୱର ପ୍ରଧାନ କାର୍ ଧରି ଝାରସୁଗୁଡାରୁ କୁଚିଣ୍ଡା ଯାଉଥିଲେ। ଏହି ସମୟରେ ସିରିଆପାଲିରୁ ଝାରସୁଗୁଡା ଆସୁଥିବା ପୂର୍ବତନ ପରମାଣପୁର ସରପଞ୍ଚ ପଟେଲଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଗୁରୁତର ପଟେଲଙ୍କୁ ତୁରନ୍ତ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ହାତୀ ଆକ୍ରମଣରେ ମନ୍ଦିର ପୂଜକ ମୃତ

ସମ୍ବଲପୁର,୨।୮(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ବଡସାହି ସେକ୍ସନ ଅନ୍ତର୍ଗତ ସାପଲହରା ଶିବ ମନ୍ଦିର ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ପୂଜକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୁରଲୀଧର ପୂଜାରୀ (୭୦)। ସୂଚନା ଅନୁଯାୟୀ ସାପଲହରା ଶିବ ମନ୍ଦିର ପୂଜକ ଥିବା ମୁରଲୀଧର ସନ୍ଧ୍ୟା ପ୍ରାୟ ସାଢେ ୬ଟା ବେଳେ ପୂଜା ସାରି ଘରକୁ ଫେରୁଥିବା ସମୟରେ ହାତୀ ସହ ମୁହାମୁହିଁ ହୋଇଥିଲେ। ହାତୀ ତାଙ୍କ ଛାତି ଓ ଅଣ୍ଟାକୁ ମାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ଡାକ ବିଭାଗ ଘରୋଇକରଣ ବିରୋଧରେ ୧୦ରେ ଧର୍ମଘଟ

ସମ୍ବଲପୁର,୨।୮(ବ୍ୟୁରୋ)

ଡାକ ବିଭାଗ ଘରୋଇକରଣକୁ ତୀବ୍ର ବିରୋଧ କରାଯିବ। ଚଳିତ ମାସ ୧୦ ତାରିଖରେ ସମସ୍ତେ ଏକଜୁଟ ହୋଇ ଏକ ଦିବସୀୟ ଧର୍ମଘଟକୁ ସଫଳ କରିବାକୁ ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘ, ପୋଷ୍ଟମ୍ୟାନ ଏବଂ ଏମ୍‌ଟିଏସ୍ ଓଡିଶା ସର୍କଲ ଆହ୍ୱାନ ଦେଇଛି। ଏ ନେଇ ମଙ୍ଗଳବାର ଡାକ କର୍ମଚାରୀମାନେ ସମ୍ବଲପୁର ଜେଲ ଛକ ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତି ସମ୍ମୁଖ ରାସ୍ତା ପାର୍ଶ୍ୱରେ ସମବେତ ହୋଇ ସ୍ଲୋଗାନ ଦେଇଥିଲେ।

## ସଂକ୍ଷେପରେ

### କେନ୍ଦୁପତ୍ର ବୋଝେଇ ଟ୍ରକ୍ ଜବତ: ୨ ଗିରଫ

**ରେଢ଼ାଖୋଲ,୨।୮(ଡି.ଏନ.ଏ.):** ଚୋରା ଚାଲାଣ ହେଉଥିବା ବେଳେ ଏକ କେନ୍ଦୁପତ୍ର ବୋଝେଇ ଟ୍ରକ୍‌କୁ ବନ ବିଭାଗ ଜବତ କରିଛି। ଏ ଘଟଣାରେ ବିଭାଗ ପକ୍ଷରୁ ୨ ଜଣଙ୍କୁ ଗିରଫ କରାଯାଇଛି। ତେବେ ବିଭାଗ ପକ୍ଷରୁ ସେମାନଙ୍କ ନାମ ପ୍ରକାଶ କରାଯାଇ ନାହିଁ। ସୂଚନାମତେ ରେଢାଖୋଲ ଥାନା କଦଳିଗଡ ଅଞ୍ଚଳରୁ ସୋମବାର ବିଳମ୍ବିତ ରାତିରେ ଡବ୍ଲ୍ୟୁ୧୧ବି-୦୯୪୭ନଂ. ଟ୍ରକରେ ପ୍ରାୟ ୭୦ କୁଇଣ୍ଟାଲ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ଏସିଏଫ୍ ଦେବୀ ପ୍ରସାଦ ରାଉତ ସୂଚନା ପାଇଥିଲେ। ବନ କର୍ମଚାରୀଙ୍କ ସହ ଏସିଏଫ୍ ରାଉତ ଟ୍ରକ୍ ପିଛା କରିଥିଲେ। ବୌଦ୍ଧ ଜିଲା ପୁରୁଣାକଟକ ଥାନା ମାଧପୁରଠାରୁ ସେମାନେ କେନ୍ଦୁପତ୍ର ବୋଝେଇ ଟ୍ରକ୍‌କୁ ଜବତ କରିଥିଲେ। ଏଥିରେ ଅନ୍ୟ କେହି ସମ୍ପୃକ୍ତ ଥିବା ସନ୍ଦେହ କରି ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

### ଅଜିତ ବେହୁରା ଏମ୍‌ସିଏଲ୍‌ର ନୂଆ ବିତ୍ତ ନିର୍ଦ୍ଦେଶକ



**ସମ୍ବଲପୁର,୨।୮(ବ୍ୟୁରୋ):** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)ର ନୂତନ ବିତ୍ତ ନିର୍ଦ୍ଦେଶକ ଭାବେ ଅଜିତ କୁମାର ବେହୁରା ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ କମ୍ପାନୀ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ସେ ଏମ୍‌ସିଏଲ୍ ଅର୍ଥ ବିଭାଗର ଉପମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। କୋଲ ଇଣ୍ଡିଆ ଲିମିଟେଡର ସହାୟକ କମ୍ପାନୀ ଏମ୍‌ସିଏଲ୍‌ରେ ସେ ୧୯୯୬ରେ ଆକାଉଣ୍ଟସ୍ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏମ୍‌ସିଏଲ୍‌ର ସହାୟକ କମ୍ପାନୀ ଏମ୍‌ଏନ୍‌ଏଚ୍ ଶକ୍ତି ଲିମିଟେଡର ମୁଖ୍ୟ ଅର୍ଥ ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି।

### ଏକଲବ୍ୟ ମଡେଲ ଆବାସିକ ସ୍କୁଲ ପାଇଁ ଜାଗା ଚିହ୍ନଟ

**ଜମନକିରା,୨।୮(ଡି.ଏନ.ଏ.):** ଜମନକିରା ବ୍ଲକ ସଦର ମହକୁମାରେ ଏକଲବ୍ୟ ମଡେଲ ସ୍କୁଲ ପାଇଁ ମଙ୍ଗଳବାର ଜମି ଚିହ୍ନଟ କରାଯାଇଛି। ୨ବର୍ଷ ପୂର୍ବରୁ କେନ୍ଦ୍ର ସରକାରଙ୍କ ଏକଲବ୍ୟ ସ୍କୁଲ ଯୋଜନା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଜଙ୍ଗଲ କିସମ ଥିବା ଯୋଗୁ ସ୍କୁଲ କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା। ଜମି ଚିହ୍ନଟ ସମୟରେ ସ୍ଥାନୀୟ ତହସିଲଦାର ଡ. ସୌମ୍ୟାରୁପା ରଥ, ଅତିରିକ୍ତ ତହସିଲଦାର ଗୋପୀନାଥ ଖାକା, ଫରେଷ୍ଟର ସୁନୀତା ନାୟକ, ଡବ୍ଲ୍ୟୁଇଓ ଐଶର୍ଯ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପାଇଁ ଆବଶ୍ୟକ ପଡୁଥିବା ଏ୧୨.୫୦ଡି. ଜମି ରାଜସ୍ୱ ବିଭାଗ ପକ୍ଷରୁ ଦେଖାଇଥିବା ଜଣାଯାଇଛି।

### ଜମନକିରା ବସ୍‌ଷ୍ଟାଣ୍ଡ ପାଇଁ ନୂତନ ଜାଗା ଚିହ୍ନଟ

**ଜମନକିରା,୨।୮(ଡି.ଏନ.ଏ.):** ଜମନକିରା ଥାନା ସମ୍ମୁଖରେ ନୂତନ ବସ୍‌ଷ୍ଟାଣ୍ଡ ନିମାଣ ପାଇଁ ମଙ୍ଗଳବାର ରାଜସ୍ୱ ଓ ସଡ଼କ ପରିବହନ ବିଭାଗ ପକ୍ଷରୁ ୨ଏକର ଜମି ଚିହ୍ନଟ କରାଯାଇଛି। ବସ୍‌ଷ୍ଟାଣ୍ଡ ହେଲେ ଶହ ଶହ ଯାତ୍ରୀ ଉପକୃତ ହୋଇପାରିବେ। ଜମି ଚିହ୍ନଟ ସମୟରେ ସମ୍ବଲପୁର ଆର୍‌ଟିଓ ରାମଦାସ ଟୁଡୁ, ତହସିଲଦାର ଡ. ସୌମ୍ୟାରୁପା ରଥ, ଅତିରିକ୍ତ ତହସିଲଦାର ଗୋପୀନାଥ ଖାକା, ସଡ଼କ ଓ ପରିବହନ ବିଭାଗ ଅଧିକାରୀ, ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପଞ୍ଚାୟତ ପ୍ରତିନିଧିଙ୍କ ୫-ଟି ସ୍କୁଲ ପରିଦର୍ଶନ

ନାକଟିଦେଉଳ,୨।୮(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀଠାରେ ଥିବା ଉଚ୍ଚବିଦ୍ୟାଳୟ ୫-ଟିରେ ରୂପାନ୍ତରିତ ହେବା ପରେ ମଙ୍ଗଳବାର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ପରିଦର୍ଶନ କରିଛନ୍ତି। ସମ୍ବଲପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲୋକପ୍ରତିନିଧି ବିଦ୍ୟାଳୟର ୨ଟି ସ୍ମାର୍ଟ କ୍ଲାସ୍‌ରୁମ୍, ଗୋଟିଏ ଇ ଲାଇବ୍ରେରୀ, କମ୍ପ୍ୟୁଟର କକ୍ଷ ଓ ବିଜ୍ଞାନ ପାଠାଗାର ମଧ୍ୟ ବୁଲି ଦେଖିଥିଲେ। ଏଥିସହିତ ବିଦ୍ୟାଳୟ ପରିସରରେ ଥିବା ସାଇକେଲ ଷ୍ଟାଣ୍ଡ, ପାନୀୟ ଜଳ ବ୍ୟବସ୍ଥା, ଅତ୍ୟାଧୁନିକ ଶୌଚାଳୟ, ସିସି ଟିଭି ସହିତ ଅନ୍ୟାନ୍ୟ ଭିତ୍ତିଭୂମି ଦେଖିଥିଲେ। ଶିକ୍ଷକମାନଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ କିପରି ଶିକ୍ଷାଦାନ କରାଯାଉଛି ତାହା ମଧ୍ୟ ଦେଖିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ, ଉପାଧକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ସାହେବୀ ସରପଞ୍ଚ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମପ୍ରସାଦ ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ନାକଟିଦେଉଳ ଜୋନ-୨ ଜିଲାପରିଷଦ ସଭ୍ୟା ଟକେଶ୍ୱରୀ ମେହେର,ବଳମ ସରପଞ୍ଚ ଅନୁପମା ଗଡ଼ନାୟକ, ସମିତିସଭ୍ୟା ଭାରତୀ ନାଏକ, ସରାପାଲି ସରପଞ୍ଚ ଶିବାନୀ ବାରିକ, କିସିଣ୍ଡା ସରପଞ୍ଚ ରୀନା ନାଏକ ଓ ସମିତିସଭ୍ୟା ଯାଜ୍ଞସେନୀ କୁଅଁର, ପାଣିମୁରା ସରପଞ୍ଚ ଜଗନ୍ନାଥ ପ୍ରଧାନ, ବିଡ଼ିଓ ବିବେକାନନ୍ଦ ସାହୁ, ଅତିରିକ୍ତ ବିଡିଓ ବିଦ୍ୟାଧର ରାଉତରାୟ ପ୍ରମୁଖ ସାମିଲ ହୋଇଥିଲେ।



ପିଲାମାନଙ୍କ ସହ ସ୍କୁଲ ପରିଦର୍ଶନରେ ଆସିଥିବା ଜନପ୍ରତିନିଧିମାନେ।

# ସମ୍ବଲପୁରୀ ନାଚଗୀତରେ ଦର୍ଶକ ବିମୋହିତ

ଝାରସୁଗୁଡ଼ା ଅଫିସ,୨।୮

ସମ୍ବଲପୁରୀ ଭାଷା ସାହିତ୍ୟ ସାଧକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଦିବସ ଉପଲକ୍ଷେ ଅଗଷ୍ଟ ୧ରେ ମଙ୍ଗଳବଜାରସ୍ଥିତ ଜିଲା କ୍ରୀଡ଼ା ପ୍ରେକ୍ଷାଳୟରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଆୟୋଜକ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଉଦ୍ୟୋକ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ଉପଢୌକନ ଓ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ରାଇଝାଇ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ବାଦ୍ୟର ତାଳେତାଳେ ସମ୍ବଲପୁରୀ ନୃତ୍ୟ ଓ ସଂଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ମଧ୍ୟ ସମ୍ବଲପୁରୀ ନାଚଗୀତ ପରିବେଷଣ କରିଥିଲେ। କବିତା ଆସରରେ କବିମାନେ ଭାଗନେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

ସିନେ ତାରକା ମନୋଜ ମିଶ୍ର, ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ବିଶ୍ୱାଳ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡ଼ା ପୌର ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ସୁବାସ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ 'କାଠର ଚୌକି' ପରିବେଶିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଷ୍ଟାର ଅତିଥି ମନୋଜ ମିଶ୍ରଙ୍କ ସମେତ ସମସ୍ତ କଳାକାରଙ୍କୁ ଉପଢୌକନ ଓ ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଫ୍ୟାଶନ ଶୋ, ରାମ୍ପ ୱାକ ସହିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।


କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ।

## ପଡ଼ାକୁ ନାହିଁ ରାସ୍ତା ଓ ପାନୀୟ ଜଳ ସୁବିଧା

ନାକଟିଦେଉଳ,୨।୮(ଡି.ଏନ୍.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ବେଠିଆବେର୍ଣ୍ଣ ଗ୍ରାମର ଗଡ଼ନାୟକ ପଡ଼ାକୁ ସବୁଦିନିଆ ରାସ୍ତା ନ ଥିବାବେଳେ ପାନୀୟଜଳ ସୁବିଧା ନାହିଁ। ଏ ନେଇ ପଡ଼ାର ଲୋକେ ଗୁହାରି କରିଆସୁଥିଲେ ମଧ୍ୟ ସୁଫଳ ପାଇ ନ ଥିବା କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ବେଠିଆବେର୍ଣ୍ଣ ଛକଠାରୁ ପ୍ରାୟ ୫ଶହ ମିଟର ଦୂରରେ ରହିଛି ଗଡ଼ନାୟକ ପଡ଼ା। ଏହି ପଡ଼ାରେ ପ୍ରାୟ ୬ଟି ପରିବାର ଆଜକୁ ଦୀର୍ଘ ୪୦ବର୍ଷ ହେବ ବସବାସ କରିଆସୁଛନ୍ତି। ତେବେ ମୁଖ୍ୟ ରାସ୍ତାରୁ ସାହିକୁ ଯିବାପାଇଁ ରାସ୍ତା ଖଣ୍ଡିଏ ନାହିଁ। ଜମି ହୁଡ଼ା ଉପରେ ଚାଲି ଚାଲି ଯାତାୟାତ କରୁଛନ୍ତି। ପାନୀୟଜଳ ପାଇଁ ପଡ଼ାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଡ଼ାରେ ଖୋଲାକୂଅ କିମ୍ବା ନଳକୂପ ନାହିଁ। ରାସ୍ତା ନ ଥିବାରୁ ପଡ଼ାକୁ ନଳକୂପ ଖନନ ଗାଡ଼ି ଯାଇପାରୁନାହିଁ। ଫଳରେ ଲୋକେ ବର୍ଷସାରା ନାଳରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଏହି ସମସ୍ୟା ନେଇ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗତ ତା୧୧।୭।୨୨ରିଖରେ ରେଢାଖୋଲଠାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ପଡ଼ାବାସୀ ସମ୍ବଲପୁର ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନାହିଁ। ଏ ସମ୍ପର୍କରେ ବିଡ଼ିଓ ବିବେକାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏହା ଉପରେ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ।

# ବ୍ୟବସାୟୀଙ୍କ ୪ ଗାଡ଼ି ପୋଡ଼ିଦେଲେ


ପୋଡିଯାଇଥିବା ଗାଡ଼ି।

ସମ୍ବଲପୁର,୨।୮(ବ୍ୟୁରୋ)

ସମ୍ବଲପୁର ଜିଲା ଠେଲକୋଲୋଇ ଥାନା ଅନ୍ତର୍ଗତ ଲପଙ୍ଗାର ଯୁବ ବ୍ୟବସାୟୀ ଟିକେଶ ବେହେରା (ପିଣ୍ଟୁ)ଙ୍କ ୪ ଦାମୀ କାର୍‌କୁ କେହି ଦୁର୍ବୃତ୍ତ ପୋଡିଦେଇଛନ୍ତି। ସୂଚନା ଅନୁସାରେ ସୋମବାର ପିଣ୍ଟୁଙ୍କ ଏକ ଇନୋଭା (ଓଡି୧୫ଏଚ୍-୮୦୮୧), ଏକ ଭର୍ଣ୍ଣା କାର (ଓଡି୧୫ଏଫ୍-୮୦୮୧), ବିଲେରୋ (ଓଡି୧୫ଏମ୍-୮୦୮୧), ବୋଲେରୋ ଏସ୍‌ଏଲ୍‌ଏସ୍ (ଓଡି୧୫ଏସ୍-୪୫୧୮) ଗାଡିଗୁଡିକ ଲପଙ୍ଗାସ୍ଥିତ ତାଙ୍କ ଅଫିସ ସମ୍ମୁଖରେ ଛିଡା ହୋଇଥିଲା। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଆସି ଉକ୍ତ ଗାଡିଗୁଡିକୁ ପୋଡ଼ି ଦେଇଛନ୍ତି। ଗାଡି ମାଲିକ ରାଜ୍ୟ ବାହାରେ ଥିବାରୁ ଥାନାରେ ଲିଖିତ ଅଭିଯୋଗ କରିପାରି ନାହାନ୍ତି। ବ୍ୟବସାୟିକ ଶତ୍ରୁତା କିମ୍ବା ରାଜନୈତିକ ବିରୋଧୀ କାରଣରୁ ଏହି ଘଟଣା ଘଟିଥିବା ଆଲୋଚନା ହେଉଛି। ଠେଲକୋଲୋଇ ଥାନା ଅଧିକାରୀ ବି. ମିଶ୍ର କହିଛନ୍ତି, ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇନାହିଁ। ଆମ ପାଖରେ ସୂଚନା ରହିଛି। ଗାଡି ମାଲିକଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି କହିଥିଲେ।

# ଆଦିବାସୀ ଭବନଠାରେ ସମ୍ବଲପୁରୀ ଦିନ୍

କୁଚିଣ୍ଡା,୨।୮(ଡି.ଏନ.ଏ.)

ଆଦିବାସୀ ସାଂସ୍କୃତିକ ସମାଜ ପକ୍ଷରୁ କୁଚିଣ୍ଡା ଆଦିବାସୀ ଭବନଠାରେ ସୋମବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ବିଶିଷ୍ଟ କବି ସତ୍ୟନାରାୟଣ ବହିଦାରଙ୍କ ଜନ୍ମତିଥି ଅବସରରେ ଏହାକୁ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରାର ଏକ ପ୍ରତୀକ ଭାବେ ପାଳନ କରାଯାଉଛି। ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟଅତିଥି, ରଜନୀ ପଟେଲ, ସୁଗଟ କୁମାର ପଟେଲ, ସରୋଜ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ ଦିନ ପାଳନର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏଥିରେ ସତ୍ୟନାରାୟଣ ବହିଦାରଙ୍କ ସ୍ୱରଚିତ ସମ୍ବଲପୁରୀ ଗୀତ ଗାନ କରାଯାଇଥିଲା। ଶେଷରେ ଉପସଭାପତି ରମେଶ ଚନ୍ଦ୍ର ପଧାନ ଧନ୍ୟବାଦ ଦେଇଥିଲେ।

# ଲରିଆପାଲିଠାରେ ବିଶ୍ୱ ସ୍ତନ୍ୟପାନ ଦିବସ

କୁଚିଣ୍ଡା,୨।୮(ଡି.ଏନ.ଏ.)

ବାମରା ବ୍ଲକ ଲରିଆପାଲି ପଞ୍ଚାୟତର ମୁରାମ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ମଙ୍ଗଳବାର ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ନେଇ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଡବ୍ଲୁଏସ୍ କ୍ଷେତ୍ର କର୍ମଚାରୀ ଅକ୍ଷୟ କୁମାର ସୂତାର ଅଧକ୍ଷତା କରିଥିଲେ। ଲରିଆପାଲି ପଞ୍ଚାୟତ ଏଏନ୍‌ଏମ୍ ମାତିଲଦା ଡୁଙ୍ଗଡୁଙ୍ଗ, ଅଙ୍ଗନୱାଡି କର୍ମୀ ପୂର୍ଣ୍ଣିମା କିଣ୍ଡୋ ଯୋଗଦେଇ ପ୍ରସୂତି ମହିଳାଙ୍କ ସ୍ତନ୍ୟପାନ, ସ୍ୱାସ୍ଥ୍ୟ ଓ ପୃଷ୍ଟିକର ଖାଦ୍ୟ ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହାଛଡା ସ୍ତନ୍ୟପାନର ଉପକାର ଓ ଅପକାର, ଜନ୍ମରୁ ଛଅ ମାସ ପର୍ଯ୍ୟନ୍ତ ଶିଶୁକୁ ମା' କ୍ଷୀର ଦେବା, ଗର୍ଭବତୀ ସମୟରେ ପୁଷ୍ଟିକର ଖାଦ୍ୟର ଅଭାବ ଓ ଟୀକାକରଣ ବିଷୟରେ ଆଲୋଚନା କରିଥିଲେ। ଏଥିରେ ୨୩ ଜଣ ଗର୍ଭବତୀ ଓ ପ୍ରସୂତି ମହିଳା ଅଂଶଗ୍ରହଣ କରିଥିଲେ। ଶେଷରେ ବିନିତା ଖଡ଼ିଆ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

## ବିଭିନ୍ନ ସ୍ଥାନରେ ସମ୍ବଲପୁରୀ ଦିନ୍

ସମ୍ବଲପୁର,୨।୮(ବ୍ୟୁରୋ)

ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତିଥିରେ ସମ୍ବଲପୁର ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ରେ ସମ୍ବଲପୁରୀ ଦିନ ପାଳିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କ ସହିତ ସମସ୍ତ କର୍ମଚାରୀ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଅଫିସ କାର୍ଯ୍ୟ କରିଥିଲେ। ପଶ୍ଚିମ ଓଡିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ବୁର୍ଲାସ୍ଥିତ ମୁଖ୍ୟାଳୟଠାରେ ସମ୍ବଲପୁର ଦିନ୍ ପାଳିତ ହୋଇଯାଇଛି। ଅଧିକାରୀ ଓ କର୍ମଚାରୀମାନେ ସମ୍ବଲପୁରୀ ପୋଷାକ ପିନ୍ଧି କାର୍ଯ୍ୟ କରିଥିଲେ। ସମସ୍ତେ ପରସ୍ପରକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଇ-ଲର୍ଣ୍ଣିଂ ସେଣ୍ଟରଠାରେ ସମ୍ବଲପୁରୀ ଦିନ୍ ପାଳନ ହୋଇଥିଲା। କୁଳପତି ପ୍ରଫେସର ବଂଶୀଧର ମାଝି ଯୋଗଦେଇ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସାହିତ୍ୟ କୃତୀ ବିଷୟରେ ଆଲୋକପାତ କରିଥିଲେ।

# ଫସଲ ବୀମାରାଶି ନ ମିଳିଲେ ଆନ୍ଦୋଳନ


ବୈଠକରେ ଯୋଗଦେଇଥିବା କୃଷକ ସଂଗଠନ କର୍ମକର୍ତ୍ତା।

ଜମନକିରା,୨।୭(ଡି.ଏନ.ଏ.)

ଜମନକିରା ବ୍ଲକ ଅଞ୍ଚଳରେ ଚାଷୀମାନେ ପ୍ରଧାନ ମନ୍ତ୍ରୀ ଫସଲ ବୀମାରୁ ବଞ୍ଚିତ ଅଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ମଙ୍ଗଳବାର ଜମନକିରା ବ୍ଲକ କୃଷକ ସୁରକ୍ଷା ସଂଗଠନ ସଭାଗୃହରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବୈଠକରେ କୁଚିଣ୍ଡା ଉପଖଣ୍ଡ ସ୍ତରୀୟ ଚାଷୀମାନେ ଯୋଗଦେଇ ଆଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ ଚାଷୀ ୨୦୨୧ ମସିହାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ବୀମା ରାଶି ପାଇନାହାନ୍ତି। ମଧ୍ୟବର୍ତ୍ତୀ କାଳୀନ ସହାୟତା ଇନ୍‌ପୁଟ ସବ୍‌ସିଡି ପାଇବାରୁ ମଧ ବଞ୍ଚିତ ଅଛନ୍ତି। ଏବେ ବର୍ଷା ଅଭାବରୁ ଧାନଗଛ ମରିବାକୁ ବସିଲାଣି। ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ବିହିତ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ।

## ସଂକ୍ଷେପରେ

### ଅଙ୍ଗନଦୀ ଘାଟରୁ ଯୁବକଙ୍କ ମୃତଦେହ ଜବତ

ଡୁଙ୍ଗୁରିପାଲି,୨।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କର୍ଲାଜୁରୀ ନିକଟ ଅଙ୍ଗନଦୀରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ କର୍ଲାଜୁରୀ ଗ୍ରାମର ରଶିକ ଚନ୍ଦ୍ର ଗୁରୁ (୪୨)। ପ୍ରକାଶ ଯେ, ରଶିକ ସକାଳେ ଅଙ୍ଗ ନଦୀକୁ ଗାଧୋଇବାକୁ ଯାଇଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। କେତେଜଣ ବ୍ୟକ୍ତି ନଦୀରେ ଗାଧୋଉ ଥିବା ବେଳେ ସେ ବୁଡି ଯାଇଥିବା ସନ୍ଦେହ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଡୁଙ୍ଗୁରିପାଲି ଅଗ୍ନିଶମ ବାହିନୀ ନଦୀରେ ଖୋଜାଖୋଜି କରି ରଶିକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଡୁଙ୍ଗୁରିପାଲି ପୋଲିସକୁ ଖବର ଦେଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### କୋକସରାରେ ନୂତନ ତହସିଲଦାର

କୋକସରା,୨।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟରେ ରାକେଶ ପରୁଆ ନୂତନ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ତହସିଲଦାର ମନୋଜ ପାଢ଼ୀଙ୍କୁ କନ୍ଧମାଳ ଜିଲା ଟିକାବାଲି ବିଡିଓ ହୋଇ ବଦଳି ହେବା ପରେ ତାଙ୍କ ସ୍ଥାନରେ କୋକସରା ତହସିଲଦାର ଭାବେ ପରୁଆ ଯୋଗ ଦେଇଛନ୍ତି। କୋକସରା ତହସିଲ ଅଧୀନରେ ଆସୁଥିବା ବିଭିନ୍ନ ରାଜସ୍ୱ ସର୍କଲ ଜନସାଧାରଣଙ୍କୁ ଉତ୍ତମ ସେବା ସହ ଯେ କୌଣସି ସମୟରେ ଯାହା ସହାୟତା ତହସିଲ ପକ୍ଷରୁ ମିଳିବା କଥା ତାହା ହିତାଧିକାରୀଙ୍କୁ ଦିଆଯିବ ବୋଲି ପରୁଆ କହିଛନ୍ତି। ଏଥିସହ ସେ ଜନସାଧାରଣଙ୍କ ସହଯୋଗ କାମନା ମଧ କରିଛନ୍ତି।

### ଜଗତକଲ୍ୟାଣ ଗ୍ରୁପ୍ ପକ୍ଷରୁ ଫଳବୃକ୍ଷ ରୋପଣ

ଲହୁଣୀପଡ଼ା,୨।୮(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ସୁରୁପତଳା ଗ୍ରାମରେ ଅବସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ଜଗତକଲ୍ୟାଣ ଗ୍ରୁପ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ବଳଭଦ୍ର କିଷାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମ୍ପାଦକ ଶରତ କୁମାର କିସାନ ପରିଚୟ ଓ ବୈଠକର ଉଦ୍ଦେଶ୍ୟରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସ୍ଥିତ ଅତିଥିମାନେ ବୃକ୍ଷର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ । ଆଗାମୀ ଭବିଷ୍ୟତ ପାଇଁ ବୃକ୍ଷ ରୋପଣ ଓ ବନସୁରକ୍ଷା ନିହାତି ଆବଶ୍ୟକ ବୋଲି କହିବା ବୃକ୍ଷ ରୋପଣ ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ। ସଭା ଶେଷରେ କୋଷାଧକ୍ଷ ରୂପଧର କିସାନ ଧନ୍ୟବାଦ ଅର୍ପଣ କରିଥିଲେ। ସାମୂହିକ ଭାବେ ସୁରୁପତଳା ଗ୍ରାମର ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରିବା ସହିତ ଗ୍ରାମର ଫୁଟବଲ ପଡିଆ ଚତୁଃପାର୍ଶ୍ୱରେ ଆମ୍ବ, ପଣସ, ଲେମ୍ବୁ, ଜାମୁ ପିସ୍ତାବାଦାମ, କୁସୁମ, ଇତ୍ୟାଦି ଫଳ ବୃକ୍ଷ ରୋପଣ କରିଥିଲେ। ଏହି ଫଳବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ତୀର୍ଥ ଚରଣ କିସାନ, ଭୂବନାନନ୍ଦ କିସାନ, ପବିତ୍ର କିସାନ, ବିଦେଶୀ କିସାନ, ମାରୁତୀ ବାରିକ, ଆଦିତ୍ୟ ବେହେରା, ଉତ୍ତମ ମହାକୁଳ ସମେତ ଜଗତକଲ୍ୟାଣ ଗ୍ରୁପ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମୀକ୍ଷା

### ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ଦେବଗଡ଼ ଗସ୍ତ

ଦେବଗଡ଼,୨।୮(ଡି.ଏନ.ଏ.)

ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ ମଙ୍ଗଳବାର ଦିନିକିଆ ଦେବଗଡ଼ ଗସ୍ତରେ ଆସି ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏହା ସହ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିବା ଜଣାପଡିଛି। ପୂର୍ବାହ୍ନରେ ତ୍ରିପାଠୀ ରିଆମାଳ ବ୍ଲକ ପରା ପଞ୍ଚାୟତ ଅନ୍ତର୍ଗତ ତାଳବାହାଳୀ ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ କରାଯାଇଥିବା ମାଛ ଚାଷ, କୁଣ୍ଢେଇଗୋଲା ପଞ୍ଚାୟତ ଅନ୍ତର୍ଗତ କୁରଡ଼ପଶି ଗ୍ରାମରେ କରାଯାଇଥିବା ଲେୟାର ଫାର୍ମିଂ, କୁଣ୍ଢେଇଗୋଲା ଗ୍ରାମର କମଳା ବଗିଚା, ଲୁଲଙ୍ଗ ପଞ୍ଚାୟତ ଅନ୍ତର୍ଗତ ଶିମିଳିତା ଗ୍ରାମର ମାଛ ଚାଷ ବୁଲି ଦେଖିବା ପରେ ଦେବଗଡ଼ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ପଞ୍ଚାୟତ ସ୍ତରର ନିର୍ବାଚିତ



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ଜନପ୍ରତିନିଧି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହା ସହ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲାପାଳ ସୌମେଶ ଉପାଧ୍ୟାୟ, ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସୋ, ଅତିରିକ୍ତ ଜିଲାପାଳ ରେବୀକା ବିଲୁଙ୍ଗ, ଜିଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ ଓ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ମଞ୍ଚାସୀନ ଥିଲେ। ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ତ୍ରିପାଠୀ ଦେବଗଡ଼ ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ନିର୍ମିତ ଅଡିଟରିୟମ ପରିଦର୍ଶନ କରିଥିଲେ। ସେହିପରି ତିଳେଇବଣି ବ୍ଲକ ମୁଖ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଜଣେ ଯୁବ ଉଦ୍ୟୋଗୀ କରିଥିବା ଲେୟାର ଫାର୍ମିଙ୍ଗ ପରିଦର୍ଶନ କରିବା ସହ ଦେବଗଡ଼ ନୂଆ ବାଲିରୋଇସ୍ଥିତ ଅଡ଼ିଟୋରିୟମ ଓ ବାରକୋଟ ବ୍ଲକ କାଉଁସିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଟସିଂ ଗ୍ରାମରେ ଫୁଲଚାଷ କରାଯାଇଥିବା ଫୁଲ ବଗିଚା ପରିଦର୍ଶନ କରିଥିଲେ। ତ୍ରିପାଠୀ ତାଙ୍କ ଦେବଗଡ଼ ଗସ୍ତ ଅବସରରେ ପରିଦର୍ଶନ କରିଥିବା ବିଭିନ୍ନ ଯୋଜନାଗୁଡିକରେ ସନ୍ତୋଷ ପ୍ରକାଶ କରିଥିଲେ। ଦେବଗଡ଼ ଜିଲାର ଉନ୍ନତି ପାଇଁ ଆବଶ୍ୟକ ଯେକୌଣସି ଯୋଜନା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲାରେ ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ କ୍ଷେତ୍ରରେ ଅଧିକ ସମ୍ଭାବନା ଥିବାରୁ ଏଥିପ୍ରତି ବିଭାଗୀୟ ଅଧିକାରୀ ବିଶେଷ ଯତ୍ନବାନ ହୋଇ ଚାଷୀଙ୍କୁ ଏ ଦିଗରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭିନ୍ନଭିନ୍ନ ଆପତ୍ତି ଅଭିଯୋଗ ସମ୍ବନ୍ଧୀୟ ଦରଖାସ୍ତ ଗ୍ରହଣ କରିଥିଲେ ।

### ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସାମୂହିକ ବନ୍ଦେ ମାତରମ କାର୍ଯ୍ୟକ୍ରମ

ସୁନ୍ଦରଗଡ,୨।୮(ଡି.ଏନ.ଏ. )

ସ୍ୱାଧୀନତାର ୭୫ତମ ବର୍ଷ ଅବସରରେ ସାରା ଭାରତ ବର୍ଷରେ ପାଳିତ ହେଉଛି ଅମୃତ ମହୋତ୍ସବ। ୧୫ ଅଗଷ୍ଟ ୨୦୨୧ରୁ ଏକ ବର୍ଷ ପର୍ଯ୍ୟନ୍ତ ଏହି ଉତ୍ସବ ପାଳିତ ହେଉଛି। ଏହି କ୍ରମରେ ସୋମବାର ସକାଳ ୭ଟାରେ ସୁନ୍ଦରଗଡ଼ ସହରରେ ସାମୂହିକ ବନ୍ଦେ ମାତରଂ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ସୁନ୍ଦରଗଡ଼ବାସୀ ଯୋଗଦାନ ଦେଇ ବନ୍ଦେ ମାତରଂ ଗାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଡ଼. ଚିରବ୍ରତ ଦତ୍ତ କହିଥିଲେ ଯେ ବନ୍ଦେ ମାତରଂ ଗୀତରେ ପ୍ରେରଣା ପାଇ ଅଗଣିତ ଭାରତବାସୀ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ଏହି ଅବସରରେ ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଆମେ ମନେ ପକେଇବା ଉଚିତ। ପ୍ରତ୍ୟେକ ନାଗରିକ ଏହି ଅବସରରେ କିଛି ସଂକଳ୍ପ ନେବା ପାଇଁ ସେ ଅନୁରୋଧ କରିଥିଲେ। ଆମେ ସମସ୍ତେ ନିଜ ମାତୃଭାଷାର ସମ୍ମାନ କରିବା ଉଚିତ। ମାତୃଭାଷାରେ ହିଁ ସ୍ୱାକ୍ଷର ତଥା ନାମଫଳକ ତିଆରି କରିବା ଆବଶ୍ୟକ। ମାଙ୍ଗଳିକ କାର୍ଯ୍ୟରେ ନିଜ ମାତୃଭାଷାରେ ନିମନ୍ତ୍ରଣପତ୍ର ଦେବା ଠିକ। ଏହା ବ୍ୟତୀତ ସ୍ୱଦେଶୀ ବ୍ୟବହାର ଏବଂ ପର୍ଯ୍ୟାବରଣ ସୁରକ୍ଷା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ପଲିଥିନ ବ୍ୟବହାର ନ କରିବା, ଜଳ ସଂରକ୍ଷଣ କରିବା ତଥା ପ୍ରତ୍ୟେକ ବ୍ୟକ୍ତି ପ୍ରତିବର୍ଷ କିଛି କିଛି ବୃକ୍ଷରୋପଣ କରିବା ପାଇଁ ସେ ଆଗ୍ରହ ରଖିଥିଲେ। ନାରାୟଣ ଚନ୍ଦ୍ର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନଗରର ଅନେକ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମୟ ପ୍ରଦାନ କରିଥିଲେ।

# ଗ୍ରାମାଞ୍ଚଳରେ ଅବାଧ ମଦ କାରବାର ବୃଦ୍ଧି

### ପୋଲିସ, ଅବକାରୀ ବିଭାଗ ନିଷ୍କ୍ରିୟ

ଲେଫ୍ରିପଡା,୨।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅଞ୍ଚଳରେ ଦେଶୀ ବିଦେଶୀ ମଦର କାରବାର ଗତ କିଛି ବର୍ଷରେ ଅହେତୁକ ଭାବେ ବୃଦ୍ଧି ପାଉଥିବା ଜଣାପଡିଛି। ଲାଇସେନ୍ସପ୍ରାପ୍ତ ମଦ ଦୋକାନ ସୀମିତ ସଂଖ୍ୟାରେ ଥିବା ସତ୍ତ୍ୱେ ଅଞ୍ଚଳର ଯେକୌଣସି ସ୍ଥାନରେ କୁଚିଆମାନେ ଅବାଧରେ ମଦ ବିକ୍ରି କରୁଥିବାର ଦେଖିବାକୁ ମିଳୁଛି। ଏପରିକି ଗ୍ରାମାଞ୍ଚଳର ଗଳିକନ୍ଦିରେ ବିଦେଶୀ ମଦ ଉପଲବ୍ଧ ଥିବା ଏବଂ ଲୋକେ ସେଠାରେ ନିର୍ଭୟରେ ମଦ୍ୟପାନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଡୁରୁବଗାର ନିର୍ଦ୍ଦିଷ୍ଟ ଲାଇସେନ୍ସପ୍ରାପ୍ତ ମଦ ବେପାରୀଙ୍କ ତତ୍ତ୍ୱାବଧାନରେ ଏହି ବିଦେଶୀ ମଦ କାରବାର ଚାଲୁଥିବାର ଶୁଣିବାକୁ ମିଳୁଛି। ଗ୍ରାମାଞ୍ଚଳର କୋଣ ଅନୁକୋଣରେ ଏହି ବେପାରୀ କୁଚିଆମାନଙ୍କୁ ବେଆଇନ ଭାବେ ମଦ ଚାଲାଣ କରିଆସୁଥିବାବେଳେ ଅବକାରୀ ଓ ପୋଲିସର ସୁରକ୍ଷାର ଦାୟିତ୍ୱ ଏହି ମଦ ବ୍ୟବସାୟୀ ନେଇଥିବା ଜଣାପଡିଛି। ଏହି ବିଭାଗକୁ ହାତବାରିସି କରି ଖୁଲମଖୁଲା ଭାବେ ବେଆଇନ ମଦ କାରବାର ଚାଲୁଛି। ଏଥିପାଇଁ କୁଚିଆମାନେ ନିଜ ବେପାର ଅନୁପାତରେ ଚାନ୍ଦା ଦେଇ ନିର୍ଭୟରେ ବେପାର କରୁଛନ୍ତି। ଏଠାରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ନ ଥିବାବେଳେ ଅନେକ ବଡବଡ କୁଚିଆ ବେଆଇନ ଭାବେ ମଦ ବିକୁଥିବାର ଦେଖିବାକୁ ମିଳୁଛି। ଲାଇସେନ୍ସପ୍ରାପ୍ତ ଦୋକାନ ଖୋଲିବାର ପ୍ରସ୍ତାବକୁ ଗ୍ରାମବାସୀ ବିରୋଧ କରୁଥିବାବେଳେ ଏହି ନିର୍ଦ୍ଦିଷ୍ଟ ମଦ ବେପାରୀ ଗ୍ରାମାଞ୍ଚଳର କୁଜିନେତାଙ୍କୁ ହାତେଇ ଏବଂ କିଛି ରାଜନୈତିକ ଗୋଷ୍ଠୀଙ୍କ ସହାୟତାରେ କୁଚିଆଙ୍କ ମାଧ୍ୟମରେ ବେଆଇନ ଭାବେ ମଦ ବିକ୍ରି କରୁଥିବାର ଅଭିଯୋଗ ହେଉଛି। ପୋଲିସ ଓ ଅବକାରୀ ବିଭାଗର ମାସିକ ଚାନ୍ଦା ପାଇଁ ବିଦେଶୀ ମଦ କୁଚିଆବ୍ୟବସାୟୀମାନେ ମାସିକ ପାଞ୍ଚ ହଜାର ଚାନ୍ଦା ଦେଉଥିବା ଅନେକ କୁଚିଆ ବେପାରୀ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ମଦ କାରବାର ବିରୁଦ୍ଧରେ ଅଭିଯୋଗକାରୀଙ୍କୁ ମଦ ବେପାରୀଙ୍କ ତରଫରୁ ଧମକ ଚମକ ମିଳିବା ଏବଂ ଅନେକ ସ୍ଥଳରେ ମାଡପିଟ କରିବା ସାଧାରଣ ଘଟଣା ପାଲଟିଛି । ଲାଇସେନ୍ସପ୍ରାପ୍ତ ବଡ ମଦ ମାଫିଆଙ୍କ ହାତ ଏହି କୁଚିଆଙ୍କ ପିଠିରେ ଥିବା ଯୋଗୁଁ ସେମାନେ କାହାକୁ ଖାତିର କରୁ ନାହାନ୍ତି ଏବଂ ଅବାଧରେ ମଦ ବିକ୍ରୀ କରି ଚାଲିଛନ୍ତି । ତେବେ ଏତେ ପରିମାଣରେ ମଦ ଚାଲାଣ କେମିତି ହେଉଛି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ । କାରଣ ଲାଇସେନ୍ସପ୍ରାପ୍ତ ମଦ ଦୋକାନର ମଦ ବିକ୍ରିର ବିବରଣୀ ଅବକାରୀ ବିଭାଗକୁ ଦିଆଯାଉଛି । ତେଣୁ ଗ୍ରାମାଞ୍ଚଳରେ ବିପୁଳ ପରିମାଣରେ ମଦ ବିକ୍ରି ହେବା ପାଇଁ ମଦ ଆସୁଛି କେଉଁଠାରୁ ବୋଲି ପ୍ରଶ୍ନ ଉଠୁଛି। ସୁନ୍ଦରଗଡ ଜିଲାକୁ ଲାଗିଥିବା ଛତିଶଗଡରେ ବେଆଇନ ମଦ କାରଖାନା ଥିବା ଏବଂ ସେଠାରୁ ନକଲି ବିଦେଶୀ ମଦ ଜିଲାକୁ ଆସୁଥିବା କଥା ଅନେକ ସମୟରେ କୁହାଯାଉଛି। ପ୍ରଶାସନ ଏ ଦିଗରେ ଗମ୍ଭୀରତାର ସହ ଦୃଷ୍ଟି ଦେଇ ପଦକ୍ଷେପ ନେବା ଆବଶ୍ୟକତା ରହିଛି ।

# ଅସୁସ୍ଥ ୨କାଉନସିଲର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

### ପନ୍ଦର ଦଫା ଦାବିନେଇ କାଉନସିଲରଙ୍କ ଆମରଣ ଅନଶନ ନବମ ଦିନରେ

ଦେବଗଡ଼,୨।୮ (ଡି.ଏନ.ଏ)

ଦେବଗଡ଼ ପୌର ପରିଷଦ ମହା ଦୁର୍ନୀତିର ତଦନ୍ତ ସହ ୧୫ ଦଫା ଦାବି ନେଇ ପୌର ପରିଷଦର ୭ କାଉନସିଲରଙ୍କ ଆମରଣ ଅନଶନ ମଙ୍ଗଳବାର ନବମ ଦିନରେ ପହଞ୍ଚିଛି। ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନାହିଁ। ଜିଲା ପ୍ରଶାସନ ଜାଣିଶୁଣି ଅନଶନକାରୀଙ୍କୁ ଉପେକ୍ଷା ଜରୁଥିବା ଅଭିଯୋଗ କରି ଅନଶନକାରୀ କାଉନସିଲର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅନଶନକାରୀ କାଉନସିଲରଙ୍କୁ କଂଗ୍ରେସ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ସମର୍ଥନ କରୁଥିବାରୁ ଆଗାମୀ ଦିନରେ ଜିଲା ପ୍ରଶାସନ ଓ ପୌର ରାଜନୀତିରେ ନୂଆଁମୋଡ଼ ଘଟିବାର ସମ୍ଭାବନା ଦେଖାଯାଇଛି। ଦୁଇ ଜଣ କାଉନସିଲର ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡାଙ୍କ ଦେହ ଅସୁସ୍ଥ ହେବାରୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ମଙ୍ଗଳବାର ରାଜ୍ୟ ଭାଜପା ସଙ୍ଗଠନ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ସାହୁ, ଜିଲା ଉପସଭାପତି ଭାରତ ଭୂଷଣ ପ୍ରଧାନ, ବିରଞ୍ଚି ବେହେରା, ସାଧାରଣ ସମ୍ପାଦକ ସମୀର ସାହୁ, ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ କାଉନସିଲରମାନଙ୍କ ସହିତ ଆଲୋଚନା କରିଥିଲେ।



ଦୁଇ କାଉନସିଲର ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଯୋଗ୍ୟ ଯେ ଦେବଗଡ଼ ଦୈନିକ ପରିବା ବଜାର ଟେଣ୍ଡରରେ ଅନିୟମିତତା ହୋଇଥିବାରୁ ଏହି ଟେଣ୍ଡର ରଦ୍ଦ ସହ ପୌର ପରିଷଦର ପୂର୍ବତନ କର୍ମଚାରୀଙ୍କ ଅବସରକାଳିନ ଅର୍ଥ ହଡପ ଅଭିଯୋଗରେ ଫେରାର ଥିବା ପୌର ପରିଷଦର ଫେରାର ଆକାଉଣ୍ଟାଣ୍ଟ ବିନୋଦ ନାଗର ଗିରଫ ଦାବି ସହ ଅନ୍ୟାନ୍ୟ ଦାବିରେ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ, ବରିଷ୍ଠ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, କାର୍ତ୍ତିକ ମହାକୁଳ, ମଧୁସୂଦନ ବାଘ, ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡା ଓ ପିଙ୍କି ସାହୁ ପ୍ରମୁଖ ଗତ ଜୁଲାଇ ୨୫ ତାରିଖରୁ ପୌର କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି ।

### ସରକାରୀ ଅର୍ଥ ଆତ୍ମସାତ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ସୁନ୍ଦରଗଡ,୨।୮(ଡି.ଏନ.ଏ.)

ଗତ ୨୦୦୪ ମସିହାରେ ସୁନ୍ଦରଗଡ଼ ସଦର ବ୍ଲକରେ ଘଟିଥିବା ଏକ ସରକାରୀ ଅର୍ଥ ଆତ୍ମସାତ ମାମଲାର ଶୁଣାଣି କରି ଜିଲା ମୁଖ୍ୟ ବିଚାରପତି ସରୋଜିନୀ ପତି ଅଭିଯୁକ୍ତ କପିଳ ବାଗଙ୍କୁ ନିର୍ଦ୍ଦୋଷରେ ଖଲାସରେ କରିଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ,୨୦୦୩-୦୪ ଅଡିଟ ରିପୋର୍ଟ କୁ ଆଧାର କରି ତତ୍କାଳୀନ ସଦର ବ୍ଲକ ବିଡିଓ ତରୁଣକାନ୍ତୀ ମିତ୍ର କ୍ୟାସିୟର କପିଳ ବାଗ ୪ଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ସୁନ୍ଦରଗଡ ଟାଉନ ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଅଭିଯୁକ୍ତ କ୍ୟାସିୟର ବାଗଙ୍କ ବିରୋଧରେ ଥାନାରେ ଏକ ମାମଲା ରୁଜୁ କରିଥିଲା। ମଙ୍ଗଳବାର ସିଜେଏମ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ବାଗଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ସୁକାନ୍ତ କୁମାର ମହାପାତ୍ର ଏହି ମାମଲା ପରିଚାଳନା କରୁଥିଲେ।

### ଭେଡାବାହାଲରେ ବିଜୁ ଜନତା ଦଳ ପକ୍ଷରୁ ଚାରାରୋପଣ

ସୁନ୍ଦରଗଡ଼,୨।୮(ଡି.ଏନ.ଏ.)

ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ସୁନ୍ଦରଗଡ଼ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ସଦର ନିର୍ବାଚନ ମଣ୍ଡଳୀର ଭେଡ଼ାବାହାଲସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟୋପ୍ପୋ ଏବଂ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ସଭାପତି ରାଜୀବ ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁ, ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ବିଜୁ ଛାତ୍ର ଜନତା ଦଳ ସଭାପତି ସେହେବାଜ ହୁସେନ, ସୀତାକାନ୍ତ ପଟେଲ, ମହିଳା ନେତ୍ରୀ ସସ୍ମିତା ପଟେଲ, ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ଶିବାଜୀ ନାଏକ, ମୁକେଶ ପୁରୋହିତ, ରୋଶନ ସାହୁ, ସୁଦାମ ଭୋଇ, ଧୀରଜ ପ୍ରସାଦ, ବିନୋଦ ଟୋପ୍ପୋ, ଜୟଦେବ ବାରିକ, ଶୁଭମ ଗୁରୁ, ଦାରିକାନାଥ ଶର୍ମା, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବର୍ଷା ପାଇଁ ଅଶ୍ୱତ୍ଥ ଗଛମୂଳେ ପୂଜାର୍ଚ୍ଚନା

କୁତ୍ରା, ୨।୮ (ଡି.ଏନ.ଏ.)

ଶ୍ରାବଣ ମାସ ଶେଷ ହେବାକୁ ବସିଲାଣି କିନ୍ତୁ ବର୍ଷାର ଦେଖାନାହିଁ। ବର୍ଷା ନ ହେବାରୁ ଚିନ୍ତାରେ ଚାଷୀ। ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ କୁତ୍ରା ବ୍ଲକ ୧୭ଟି ଜାକ ପଞ୍ଚାୟତରେ ଚାଷକାମ ଅଟକି ଯାଇଛି। ଲୋକେ ମୌସୁମି ବର୍ଷା ଅପେକ୍ଷା କରିଥିଲେ ହେଁ ବର୍ଷାର ଲୁଚକାଳିଖେଳ ଯୋଗୁ ସମସ୍ତେ ରୁଆ, ବେଉଷଣ କରିପାରିନାହାନ୍ତି। ସମଗ୍ର କୁତ୍ରା ବ୍ଲକରେ ବର୍ତ୍ତମାନ ମରୁଡିର ପଦଧ୍ୱନି ଦେଖାଦେଇଛି। ବିନା ବର୍ଷାରେ ଜଳିଯାଉଛି ଧାନତଳି। ଜମି ଫାଟି ଆଁ କଲାଣି। ରୁଆ ବେଉଷଣ ଠପ ହୋଇଯାଇଛି। ଶ୍ରାବଣ ସରିବା ଉପରେ ବର୍ଷାର ଦେଖାନାହିଁ। ସେଥିପାଇଁ ମଙ୍ଗଳବାର କୁତ୍ରା ବ୍ଲକ ଅନ୍ତର୍ଗତ ଧରାଅଡା ଗ୍ରାମରୁ ୨ଶହରୁ ଉର୍ଦ୍ଧ୍ୱ ମହିଳା ଇନ୍ଦ୍ର ଦେବତାଙ୍କୁ ଖୁସିକରିବା ପାଇଁ ପୋଖରୀରୁ ପାଣିଆଣି ଅଶ୍ୱତଥ ଗଛମୂଳେ ପୂଜାର୍ଚ୍ଚନା କରିଛନ୍ତି।



ମହିଳାମାନେ ପୋଖରୀରୁ ପାଣିଆଣି ଅଶ୍ୱତ୍ଥ ଗଛମୂଳେ ପୂଜାର୍ଚ୍ଚନା କରୁଛନ୍ତି।

# ସମ୍ବଲପୁରୀ ଦିନ୍ ପାଳନ ମହୋତ୍ସବ: ଦୁଲୁକିଲା ସାଂସ୍କୃତିକ ଭବନ

ସୁନ୍ଦରଗଡ଼, ୨।୮(ଡି.ଏନ.ଏ.)

ସୁନ୍ଦରଗଡ଼ ସଂସ୍କୃତି ଭବନଠାରେ ସମ୍ବଲପୁରୀ ଦିନ ସୋମବାର ଧୁମଧାମ୍‌ରେ ପାଳନ କରାଯାଇଛି। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ତିଥିକୁ ସମ୍ବଲପୁରୀ ଦିନର ମାନ୍ୟତା ଦିଆଯାଇଛି। ଗତ ତିନି ବର୍ଷ ହେବ ଏହି ମହୋତ୍ସବକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚର ତତ୍ତ୍ୱାବଧାନରେ ରୋଶନ ସାହୁଙ୍କ ସଂଯୋଜନାରେ ଏଠାରେ ପାଳନ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ରଙ୍ଗାରଙ୍ଗ ମହୋତ୍ସବକୁ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ନଗରପାଳ ତନୟା ମିଶ୍ର, ଉପନଗରପାଳ ଲଲାଟେନ୍ଦୁ ପରିଡା, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଏବଂ ସମ୍ମାନିତ ବକ୍ତା ଭାବରେ ଇଂ ଦିଲ୍ଲୀପ ପଟେଲ ଓ ଦୁର୍ଗା ମାଧବ ପଣ୍ଡା ଯୋଗଦାନ କରିଥିଲେ। ଅତିଥିମାନେ ଏହି ଦିବସର ମହତ୍ୱ ଏବଂ ସମ୍ବଲପୁରୀ କଳା, ସଂସ୍କୃତି ବୟନ ଶିଳ୍ପର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା। ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ସମ୍ବଲପୁରୀ ବେଶ ଓ ପରିପାଟି। କୁନି ପିଲାମାନଙ୍କ ପୋଷାକ ପରିଧାନ ଓ ଚାଲି ବେଶ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସିଲକୁ ଜୀତ, ଲିପ୍ସା ଦାସ, ସ୍ମୃତି ପଣ୍ଡା। ସମ୍ବଲପୁରୀ ଦିନ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍ଧବ ଭିତ୍ରିଆ, ବିବେକ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ବଲପୁରୀ ଦିନ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ପାର୍ଥ ଚାଟାର୍ଜୀଙ୍କୁ ଚପଲ ଫିଙ୍ଗିଲେ ମହିଳା

କୋଲକାତା, ୨।୮




ପଶ୍ଚିମବଙ୍ଗ ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ (ବାମ)ଓ ତାଙ୍କୁ ଚପଲ ଫିଙ୍ଗିଥିବା ମହିଳା।

କୋଟି କୋଟି ଟଙ୍କାର ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ମଙ୍ଗଳବାର ଜଣେ ମହିଳା ଚପଲ ଫିଙ୍ଗିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଲାଗି ପାର୍ଥଙ୍କୁ କୋଲକାତାର ଇଏସ୍ଆଇ ହସ୍ପିଟାଲ ନିଆଯାଉଥିବାବେଳେ ଶୁଭ୍ରା ଦେବୀ ନାମ୍ନୀ ମହିଳା ତାଙ୍କୁ ଚୋର ଡାକିବା ସହ ତାଙ୍କ କାର୍ ଉପରକୁ ଚପଲ ଫିଙ୍ଗିଥିଲେ। ପାର୍ଥ ଗରିବ ଲୋକଙ୍କ ଟଙ୍କା ନେଇଛନ୍ତି। ଚପଲ ତାଙ୍କ ମୁଣ୍ଡରେ ବାଜିଥିଲେ ଅଧିକ ଖୁସି ହୋଇଥାନ୍ତି ବୋଲି ମହିଳା ଜଣକ କହିଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ତାଙ୍କୁ କ'ଣ ପାଇଁ ଶୀତତାପ ନିୟନ୍ତ୍ରିତ କାର ଓ ହ୍ୱିଲ୍‌ଚେୟାରରେ ନିଆଯାଉଛି ବୋଲି ଶୁଭ୍ରା ପ୍ରଶ୍ନ କରିଥିଲେ।

# ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଏଏପିର ପ୍ରଥମ ପ୍ରାର୍ଥୀ ତାଲିକା

ଅହମଦାବାଦ, ୨।୮

ଆଗାମୀ ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ମଙ୍ଗଳବାର ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ୧୦ ଜଣିଆ ତାଲିକାରେ ଆଦିବାସୀ, ପଛୁଆ ଏବଂ ଅନୁସୂଚିତ ଜାତିର ନେତାଙ୍କୁ ସାମିଲ କରାଯାଇଛି। ରାଜ୍ୟ ଏଏପି ଉପାଧ୍ୟକ୍ଷ ଭେମଭାଇ ଚୌଧୁରୀଙ୍କୁ ଦେଓଦର ଆସନ, ଜଗମାଲ ଭାଲାଙ୍କୁ ସୋମନାଥ ଆସନ, ଅର୍ଜୁନ ରାଥଭ ଏବଂ ସାଗର ରାବରିଙ୍କୁ ଛୋଟାଉଦେପୁର ଏବଂ ବେଚ୍ରାଜି ଆସନରୁ ପ୍ରାର୍ଥୀ କରାଯାଇଛି। ଖୁବ୍ ଶୀଘ୍ର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଦଳ ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ରାଜ୍ୟ ଭାଜପା ଶାସିତ ଗୁଜରାଟରେ ଏଏପି ପ୍ରଥମ ଦଳ ଭାବେ ପ୍ରାର୍ଥୀ ଘୋଷଣା କରିଛି।

ଗୁଜରାଟ ଭୋଟ ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା ହୋଇନାହିଁ। ୨୦୧୭ରେ ଡିସେମ୍ବର ମାସରେ ଭୋଟ ହୋଇଥିଲା। ସୋମବାର ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁଜରାଟ ଗସ୍ତରେ ଯାଇ ଗିର୍ ସୋମନାଥ ଜିଲାରେ ଏକ ରାଲିକୁ ଉଦ୍‌ବୋଧନ ଦେଇଥିଲେ। ତାଙ୍କ ଦଳ କ୍ଷମତାକୁ ଆସିଲେ ବେରୋଜଗାରୀ ଭତ୍ତା ଏବଂ ଗୁଜରାଟର ପ୍ରତ୍ୟେକ ଯୁବତୀ ଯୁବକଙ୍କୁ ନିଯୁକ୍ତି ଗ୍ୟାରେଣ୍ଟି ଦିଆଯିବ ବୋଲି କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି।

# ଲୋକଙ୍କ ପକେଟରେ ନିଆଁ ଲାଗିଛି

## ଦରଦାମ ବୃଦ୍ଧି ନେଇ ଅଧୀର ରଞ୍ଜନଙ୍କ କଟାକ୍ଷ

ନୂଆଦିଲ୍ଲୀ, ୨।୮



ଦେଶରେ ଦରଦାମ ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ଉତ୍ତର ସମ୍ପର୍କରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଭାଜପା ସରକାରଙ୍କ ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ଏକ ଚ୍ୟାନେଲକୁ ସାକ୍ଷାତକାର ଦେଇ ଅଧୀର ରଞ୍ଜନ ସରକାରଙ୍କୁ ଦୋଷାରୋପ କରି କହିଛନ୍ତି ଯେ ସରକାର ସମସ୍ତ ଭୁଲ ତଥ୍ୟ ଉପସ୍ଥାପିତ କରିଛନ୍ତି। ଏହା ସମ୍ପୂର୍ଣ୍ଣ ନିରର୍ଥକ ଉତ୍ତର। ଲୋକଙ୍କୁ ପଚାରନ୍ତୁ ମୁଦ୍ରାସ୍ଫୀତି ସହିତ ସେମାନଙ୍କର ଅବସ୍ଥା କ'ଣ? ପରିସଂଖ୍ୟାନ ମାଧ୍ୟମରେ ସବୁକିଛି ଭଲ ଦେଖାଇବାକୁ ଏହା ଏକ ପ୍ରୟାସ। ଆପଣମାନେ ବଜାରକୁ ଯାଆନ୍ତୁ, ସେଠାରେ ଦେଖିବେ, ଲୋକଙ୍କ ପକେଟରେ ନିଆଁ ଲାଗିଯାଇଛି। ଲୋକଙ୍କ ଆର୍ଥିକ ଅବସ୍ଥା ବିଗିଡି ଯାଇଛି। ଆଉ ସରକାର ସବୁ ପ୍ରସଙ୍ଗରେ ୟୁପିଏକୁ ଢାଲ ଭାବରେ ଆଣୁଛନ୍ତି। ଏକ ସମୟରେ ସିଲିଣ୍ଡର ଦାମ ୩୫୦ ଟଙ୍କାରୁ ୪୦୦ ଟଙ୍କା ଥିଲା। ସେହି ସମୟରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କ'ଣ ଥିଲା ଏବଂ ଆଜି ସେସବୁର ଦାମ କ'ଣ ହୋଇଛି ତାହା ବିଚାର କରନ୍ତୁ। ସେହି ସମୟରେ ମୁଦ୍ରାର ହାର କ'ଣ ଥିଲା ଏବଂ ବର୍ତ୍ତମାନ କ'ଣ ତାହା ଖୋଜିବାକୁ ପଡ଼ିବ। ଏହି ଅଦରକାରୀ ତଥ୍ୟକୁ ଉପସ୍ଥାପନ କରି ଦେଶର ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ସରକାରଙ୍କ ଏକ ଷଡଯନ୍ତ୍ର। ତେଣୁ ଆମେ ଦେଖିଲୁ ଯେ ସେମାନେ ସଂସଦରେ ପ୍ରକୃତ କଥା ହେଉନାହାଁନ୍ତି। ତେଣୁ ଆମେ ବିରୋଧ କରି ବାହାରକୁ ଗଲୁ।

# ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବର୍ଦ୍ଧନା ଦିଲ୍ଲୀଗଲେ ବିଧାୟକ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଦିଲ୍ଲୀ ଅଭିମୁଖେ ବାହାରିଥିବା ବାଚସ୍ପତି ବିକ୍ରମ କେଶରୀ ଆରୁଖ ।

ଭୁବନେଶ୍ୱର, ୨।୮ (ବ୍ୟୁରୋ)

### ଆଜି ପୂର୍ବାହ୍ନ ୧୧ଟା ୩୦ ରେ ଭେଟିବେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ମଙ୍ଗଳବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ୨୪ ଜଣ ବିଜେଡି, ଭାଜପା ଓ କଂଗ୍ରେସର ବିଧାୟକ ଟିମ୍ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡ଼ିର ୧୫ ଜଣ, ଭାଜପା ୬ ଜଣ, କଂଗ୍ରେସର ୩ ଜଣ ବିଧାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟା ୩୦ ମିନିଟରେ ରାଷ୍ଟ୍ରପତି ଭବନରେ ମୁର୍ମୁଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ଟିମ ସହିତ ବିଧାନସଭା ସଚିବଙ୍କ ସମେତ ୪ ଜଣ ଅଧିକାରୀ ମଧ୍ୟ ଯାଇଛନ୍ତି।

# ଅପରେଶନ ଲୋଟସକୁ ଆମେ ଭୟ କରୁନୁ: ହେମନ୍ତ

ନୂଆଦିଲ୍ଲୀ, ୨।୮ : ଝାଡଖଣ୍ଡରେ ସରକାରଙ୍କୁ ଅସ୍ଥିର କରିବା ପାଇଁ ଅପରେଶନ ଲୋଟସ ଅଭିଯାନ ଚଳାଇଥିବା ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଆମେ ଅପରେଶନ ଲୋଟସକୁ ଭୟ କରୁ ନାହିଁ। ଝାଡଖଣ୍ଡର ୩ କଂଗ୍ରେସ ବିଧାୟକଙ୍କ ପାଖରୁ ବିପୁଳ ପରିମାଣର ନଗଦ ଟଙ୍କା ଜବତ କରାଯିବା ପରେ ସେ କହିଥିଲେ ଯେ କଂଗ୍ରେସ ବିଧାୟକମାନେ ସେମାନଙ୍କ ଉଦ୍ଦେଶ୍ୟରେ ସଫଳ ହୋଇପାରିବେ ନାହିଁ ଏବଂ ଏହା ପୂର୍ବରୁ ପୋଲିସ ସେମାନଙ୍କୁ ଧରିଥିଲା। ହେମନ୍ତ ସୋରେନ ଏହି ମାମଲାରେ ଭାଜପାକୁ କଡ଼ା ସମାଲୋଚନା କରିଥିଲେ। ଗଣତନ୍ତ୍ରକୁ ଧ୍ୱଂସ କରିବାକୁ ଭାଜପା ଷଡ଼ଯନ୍ତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ଆମେ ବିଚଳିତ ନୁହଁ। ଏହାପୂର୍ବରୁ ସୋମବାର ହେମନ୍ତ ତାଙ୍କ ସରକାରକୁ ଅସ୍ଥିର କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ। ସେ କହିଥିଲେ ଯେ କ୍ଷମତା ବିନା ଭାଜପା ବର୍ତ୍ତମାନ ପାଣି ବିନା ମାଛ ପରି ହେଉଛି। ଭାଜପା ଏକ ନୂଆ ପ୍ରକାରର ରାଜନୈତିକ ପରିଭାଷା ଲେଖିବାକୁ ଚେଷ୍ଟା କରୁଛି ଯାହା ଦେଶର ଗଣତନ୍ତ୍ର ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ। ଆଜି ଅଣ-ଭାଜପା ରାଜ୍ୟଗୁଡ଼ିକର ପରିସ୍ଥିତି ଆମ ସମସ୍ତଙ୍କ ସାମ୍ନାରେ ଅଛି। ଝାଡଖଣ୍ଡରେ ମଧ୍ୟ ଆମ ସରକାର ଗଠନ ହେବା ଦିନଠାରୁ ଭାଜପା ଏହାକୁ କ୍ଷମତାଚ୍ୟୁତ କରିବାକୁ ଚେଷ୍ଟା କରୁଛି।

# ରାଜ୍ୟରେ ସାମ୍ବିଧାନିକ ଶାସନ ଚାଲୁନାହିଁ: ମୋହନ




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଓ ଅନ୍ୟମାନେ।

### ଜନଜାତି କମିଶନ ସଦସ୍ୟଙ୍କୁ ବିରୋଧ

ଭୁବନେଶ୍ୱର, ୨।୮ (ବ୍ୟୁରୋ): ସୋମବାର କେନ୍ଦୁଝରେ ଜିଲାର ତେଲକୋଇ ବ୍ଲକରେ ଏସ୍‌ଟି କମିଶନ ସଦସ୍ୟ ଅନନ୍ତ ନାୟକ ଆଦିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜନଶୁଣାଣି ପାଇଁ ଯାଇଥିଲେ। ବଳଭଦ୍ରପୁର ଏବଂ ଓରିଆ ଅଞ୍ଚଳରେ ଶାସକ ଦଳର ନେତାଙ୍କ ଦ୍ୱାରା କିଛି ପ୍ରାୟୋଜିତ ଆଦିବାସୀ ଲୋକ ଅନନ୍ତ ନାୟକଙ୍କୁ ଅଟକାଇବା ସହ ତାଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି। ଏସ୍‌ଟି କମିଶନ ସଦସ୍ୟଙ୍କୁ ଜିଲା ପ୍ରଶାସନ ସୁରକ୍ଷା ଦେବାରେ ବିଫଳ ହୋଇଛି। ଗୋଇନ୍ଦା ବିଭାଗ ବାରମ୍ବାର ବିଫଳ ହେଉଛି କାହିଁକି। କାଞ୍ଜିପାଣି ପୋଲିସ ଷ୍ଟେଶନର ୧୦୦ମିଟର ଦୂରରେ ଘଟଣା ଘଟିବା ଓ ପୂର୍ବରୁ ଅନୁମତି ନ ନେଇ ଏତେ ଲୋକ ରୁଣ୍ଡ ହେବା ପୋଲିସ ବିଭାଗ କେମିତି ଜାଣିପାରିଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅଭାବନୀୟ ଘଟଣା ପାଇଁ ଜିଲାପାଳ ଏବଂ ଜିଲା ପୋଲିସର ଭୂମିକା ସନ୍ଦେହ ଘେରକୁ ଆସିଥିବା ବେଳେ ରାଜ୍ୟରେ ସାମ୍ବିଧାନିକ ଶାସନ ଚାଲୁନାହିଁ ବୋଲି ମୋହନ କହିଛନ୍ତି। କେନ୍ଦୁଝର ଆଦିବାସୀ ଅଧ୍ୟୁଷିତ ଜିଲା। ପ୍ରଶାସନ ବିରୋଧରେ ସ୍ଥାନୀୟ ଆଦିବାସୀ ଲୋକଙ୍କ ବାରମ୍ବାର ଅଭିଯୋଗ କାରଣରୁ ଲୋକଙ୍କ ସାମ୍ବିଧାନିକ ଅଧିକାରର ରକ୍ଷା ପାଇଁ ଏସ୍‌ଟି କମିଶନ ସଦସ୍ୟ କେନ୍ଦୁଝର ଜିଲା ଗସ୍ତ କରୁଛନ୍ତି। ସରକାର ଏବଂ ସ୍ଥାନୀୟ ପ୍ରଶାସନର ଅସଲ ମୁଖା ଖୋଲିଯିବା ଭୟରେ ଅସ୍ତବ୍ୟସ୍ତ ହୋଇ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ କେନ୍ଦୁଝର ଜିଲା ପ୍ରଶାସନ ଏଭଳି ଘଟଣା ଘଟାଇବାରେ ପ୍ରଚ୍ଛଦପଟ ନାୟକ ସାଜିଛି ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ୨୨ବର୍ଷ ଧରି ଆଦିବାସୀଙ୍କ ବିକାଶ ଦିଗରେ ଆନ୍ତରିକତା ଦେଖାଉ ନାହାନ୍ତି। ଗ୍ରାମସଭା ଓ ପଲ୍ଲିସଭା ଅନୁଷ୍ଠିତ ହେଉନାହିଁ। ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ଆଦିବାସୀମାନେ ବଞ୍ଚିତ ହେଉଛନ୍ତି। ପେସା ଆଇନ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଖଣି ଖାଦାନରେ ୧୦୦ ପ୍ରତିଶତ ମେଶିନରେ କାମ କରିବା ସହ ଶ୍ରମିକମାନଙ୍କୁ କାମରୁ ବାହାର କରିଦିଆଯାଉଛି। ଏକ ସପ୍ତାହ ତଳେ ହରିଚନ୍ଦନପୁରରେ ମଧ୍ୟ ନାୟକଙ୍କୁ ବିରୋଧ କରାଯାଇଥିଲା। ଶାସକ ବିଜେଡିର କିଛି ନେତା ଓ କର୍ମୀ ପ୍ରାୟୋଜିତ ଭାବେ ଏଭଳି ବିରୋଧ କରିବା ସହିତ ଜନଜାତି କମିଶନଙ୍କ କାମରେ ବାଧା ସୃଷ୍ଟି କରୁଛନ୍ତି ବୋଲି ମୋହନ କହିଛନ୍ତି। ଜନଜାତି ସ୍ୱାର୍ଥ ବିରୋଧୀ କାର୍ଯ୍ୟରୁ ରାଜ୍ୟ ସରକାର ନିବୃତ୍ତ ନ ହେଲେ ଭାଜପା ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ମାଝି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ୍ ଦାସ, ରାଜ୍ୟ ଗଣମାଧ୍ୟମ ସହ ମୁଖ୍ୟ ସୁଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୧୨ — **ବିଜ୍ଞାପନ** — ତା: ୨୮।୦୭।୨୨

No. CAD-1336: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍-୨୦ (L-20), କପିଳ ପ୍ରସାଦ ଷ୍ଟାଫ ହାଉସିଂ ସ୍କିମ୍, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପ୍ରେମ ଚନ୍ଦ୍ର ପଟ୍ଟନାୟକ, ପିତା: ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସା/ପୋ.: ପାରଳାଖେମୁଣ୍ଡି, ଥାନା: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତିଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରେମ ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପଦ୍ମଲୋଚନ ସାହୁ, ପିତା: ୰ଶ୍ରୀଧର ସାହୁ, ସା: ବଡ଼ଡିହ ପାଟଣା, ପୋ.: ବନମାଳିପୁର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0238/2223

## GOVERNMENT OF ODISHA
### "e"-PROCUREMENT NOTICE
### WORKS DEPARTMENT

E-mail: ceworldbankprojects@gmail.com

5th corrigendum to Bid Identification No. CE-W.B.P. (O) - 27/2021-22
File No - P-IM-Misc.10/2008 (Pt.)

**No.B-428:** The tender invited for the work at (Sl No.12) i.e. Improvement to Deobandha-Chandahandi Road (ODR) from 22/00 Km to 32/00 Km in the District of Nabarangpur under NABARD Assistance, Tender ID No.2022_EIC-CL_75618_12 is hereby cancelled.

Sd./- Chief Engineer
World Bank Project, Odisha
OIPR-34003/11/0032/2223

## OFFICE OF THE TAHASILDAR, BAHANAGA

Letter No.1599/ Dt.22.07.22

ତହସିଲ କାର୍ଯ୍ୟାଳୟ ବାହାନଗାର ସରକାରୀ କାର୍ଯ୍ୟାଳୟର ପରିଚାଳନା ପାଇଁ ଚୁକ୍ତିଭିତ୍ତିକ ଏକ ଚାରିଚକିଆ ହାଲୁକା ଯାନ (TUV–300, BOLERO, SUMO GOLD, ERTIGA) ବ୍ୟବହାର ପାଇଁ TENDER ଆହ୍ୱାନ କରିଛନ୍ତି, ଯାହାର ସମ୍ପୂର୍ଣ୍ଣ ତଥ୍ୟ (ବିବରଣୀ http://baleswar.nic.inରେ ଉପଲବ୍ଧ ଅଛି ।

Sd./- Tahasildar, Bahanaga

## N.A.C. OFFICE ; KOTPAD

Ph. No. 06860-283036. Fax No. 06860-283036
E.Mail- kotpadnac@gmail.com

### "e" PROCUREMENT NOTICE
BID IDENTIFICATION NO - KPDNAC/30/2022-23
Tender ID - 2022_ORULB_80254

**No.C-922:** Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in.**

| | | |
|---|---|---|
| 1. | Nature of the work | :- Civil |
| 2. | No. of works | :- 1 No. |
| 3. | Estimated Cost | :- As per DTCN |
| 4. | Period of completion | :- As per DTCN |
| 5. | Date & time of availability of the bid documents in the portal | :- From 11.00 hours of dt.03.08.2022 to 17.00 hours of dt.12.08.2022 |
| 6. | Last Date / Time for receipt of bids in the Portal | :- Dt.12.08.2022 upto 17.00 hour |
| 7. | Bids received online shall be opened on | :- Dt.17.08.2022 at 11.00 hour |
| 8. | Name & address of the officer inviting Bid | :- Executive Officer, N.A.C., Kotpad |

Further the details can be seen from the procurement portal: www.tendersodisha.gov.in.

Sd./- Executive Officer, N.A.C., Kotpad
OIPR-13182/11/0006/2223

## OFFICE OF THE SUPERINTENDING ENGINEER, JHARSUGUDA (R&B) DIVISION

E-mail ID: eepwdjsg2014@gmail.com, Telephone: 06645-271242
Kalimandir Road, Jharsuguda - 768202

No. 3017 — Dt.28.07.2022

### 1st Corrigendum to e-Procurement Notice
### BID No. EE R&B-JSG-03 of 2022-23

No. B-427: The e-Procurement Notice BID No. EE R&B-JSG-03 of 2022-23 invited by the Superintending Engineer, Jharsuguda (R&B) Division is hereby modified as follows due to some unavoidable circumstances the tender could not be uploaded and the same is here by extended from **10.00 A.M. 02.08.2022 to 17.00 hours 17.08.2022** and critical date hereby modified as **10.00 A.M. 28.07.2022 to 17.00 hours 12.08.2022**. The Online bid will be opened by the assigned officer in the Office of the Executive Engineer, Jharsuguda (R&B) Division at **11.30 A.M. on Dt.19.08.2022** in place of **Dt.16.08.2022**.
The bid documents will be available in the website **https://tendersodisha.gov.in**.
All other terms and conditions in DTCN remain unchanged.

Sd./- Executive Engineer
Jharsuguda (R&B) Division
OIPR-34094/11/0005/2223

## DSPL-117

ନ୍ୟାୟ ସବ କେ ଲିଏ — ACCESS TO JUSTICE FOR ALL

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୨

ତା୧୩।୦୮।୨୦୨୨ରିଖ (ଶନିବାର)

### ବିଶେଷ ସୂଚନା

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।
୩. ତା୧୩।୦୮।୨୦୨୨ରିଖ (ଶନିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ, ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬ ଏବଂ ୯୪୩୭୯୫୯୭୩୧
OIPR-18008/13/0008/2223

## ZILLA SWASTHYA SAMITI, SUBARNAPUR
### OFFICE OF THE CDM & PHO, SUBARNAPUR
### DPMU, NATIONAL HEALTH MISSION

E-mail: nhm.subarnapur@gmail.com

No:610/DPMU/NHM/22 — Date:02.08.2022

### CONTRACTUAL ENGAGEMENT

**No.E-362:** Applications are invited for filling up the following posts under Zilla Swasthya Samity, Subarnapur on contractual basis for a period of 11 months with monthly remuneration as noted against each and subject to renewal as per Society norms basing on the performance and subject to continuance of the programme. Lower age limit for all the posts is 21 years.

| Sl. No. | Name of the post | Vacancy |
|---|---|---|
| 1 | Medical Officer - NPCDCS | 1 |
| 2 | Medical Officer - SNCU | 3 |
| 3 | MO -MBBS at DEIC | 1 |
| 4 | Pediatrician at DEIC | 1 |
| 5 | Audiologist & Speech Therapist- DEIC | 1 |
| 6 | Physiotherapist - DEIC | 1 |
| 7 | Dental Technician | 1 |
| 8 | Clinical Psychologist - NMHP | 1 |
| 9 | Psychiatric Nurse - NMHP | 1 |
| 10 | Community Nurse - NMHP | 1 |
| 11 | ANM - RBSK | ST-2 |
| 12 | Pharmacist - RBSK | ST-1 & SC-1 |
| 13 | ANM - MHU | 5 (ST-1, SC-1. SEBC-1 &UR-2) |
| 14 | Pharmacist - MHU | UR-2 |
| 15 | Counselor- Integrated Counseling Centre | 3 |
| 16 | Social Worker - RBSK + NTCP | 1 |
| 17 | Data Manager - IDSP | 1 |
| 18 | PPP Coordinator | 1 |
| 19 | STS (RNTCP) | 1 |
| 20 | Finance cum Logistic Asst- NVBDCP | 1 |
| 21 | BAM/Accountant | 1 |

Interested candidates can log on to www.subarnapur.nic.in for details of vacancies, eligibility criteria, Age, selection procedure, application form etc. and submit the application along with all supportive documents on or before 22.08.2022 by 5 P.M. The undersigned reserves the right to cancel any or all the applications / positions at any stage of recruitment process without assigning any reason thereof.

Sd./- Chief District Medical & Public Health Officer
Cum District Mission Director, NHM, Subarnapur
OIPR-10118/11/0015/2223

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସରେ ମଧ ଦଲାଲ ଷ୍ଟ୍ରିଟ୍‌ର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଶେଷକରି ଅନ୍ତର୍ଜାତୀୟ ତୈଳ ବଜାରରେ କ୍ରମାଗତ ଦର ହ୍ରାସ ଏବଂ ଭାରତୀୟ ମୁଦ୍ରାର ଉନ୍ନତି ଯୋଗୁ ଷ୍ଟକ୍ ମାର୍କେଟର ୨ୟ କାର୍ଯ୍ୟଦିବସରେ ମଧ କାରବାର ସାମାନ୍ୟ ଭଲ ରହିଛି। ମଙ୍ଗଳବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ .୫୦% ଶେୟାର ବୃଦ୍ଧି ଘଟିଛି। ଫଳରେ ସେନ୍‌ସେକ୍ସ ୨୧ (୨୦.୮୬) ପଏଣ୍ଟ ବୃଦ୍ଧି ଘଟି ୫୮,୧୩୬ (୫୮,୧୩୬.୩୬) ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୫ (୫.୪୦) ପଏଣ୍ଟ ବଢ଼ି ୧୭,୩୪୫ (୧୭,୩୪୫.୪୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

# ୫ଜି ନେଟ୍‌ୱର୍କ ପ୍ରଚଳନ ପାଇଁ ପ୍ରସ୍ତୁତ ହେଉଛି ଜିଓ

**ମୁମ୍ବାଇ,୨।୮**

ଦେଶର ସର୍ବବୃହତ୍ ଟେଲିକମ୍ ସେବା ବା ଡିଜିଟାଲ ସେବା ଯୋଗାଣକାରୀ କମ୍ପାନୀ ଜିଓ, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ଦ୍ୱାରା ପରିଚାଳିତ ୫ଜି ନିଲାମରେ ଭାଗନେଇ ୭୦୦ ମେଗାହର୍ଜ, ୮୦୦ ମେଗାହର୍ଜ, ୧୮୦୦ ମେଗାହର୍ଜ, ୩୩୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜ ବ୍ୟାଣ୍ଡରେ ସର୍ବାଧିକ ସ୍ପେକ୍ଟ୍ରମ ଅଧିଗ୍ରହଣ ହାସଲ କରିଛି। ଜିଓ ଉପରୋକ୍ତ ସ୍ପେକ୍ଟ୍ରମଗୁଡିକୁ ୨୦ ବର୍ଷ ନିମନ୍ତେ ବ୍ୟବହାର ଅଧିକାର ହାସଲ ଲାଗି ୮୮,୦୭୮ କୋଟି ଟଙ୍କା ପ୍ରଦାନ କରିବ। ସ୍ପେକ୍ଟ୍ରମ ନିଲାମ ସର୍ତ୍ତାବଳୀ ଅନୁଯାୟୀ ସ୍ପେକ୍ଟ୍ରମ ବାବଦ ଦେୟ ସୁଧ ସମେତ ୨୦ଟି ସମାନ ବାର୍ଷିକ କିସ୍ତିରେ ଦାଖଲ କରିବାକୁ ହେବ। ଏହି ସ୍ପେକ୍ଟ୍ରମ ବ୍ୟବହାର ଅଧିକାର ହାସଲ ଦ୍ୱାରା ଜିଓ ବିଶ୍ୱର ସର୍ବାଧୁନିକ ୫ଜି ନେଟ୍‌ୱର୍କ ନିର୍ମାଣ ଦିଗରେ ସମର୍ଥ ହେବ ଏବଂ ଓ୍ୱାୟାରଲେସ୍ ବ୍ରଡ୍‌ବ୍ୟାଣ୍ଡ ସଂଯୋଗୀକରଣ କ୍ଷେତ୍ରରେ ଭାରତର



ଆକାଶ ଏମ୍ ଅମ୍ବାନୀ

ବିଶ୍ୱସ୍ତରୀୟ ନେତୃତ୍ୱ ସ୍ଥାନକୁ ଅଧିକ ମଜଭୁତ କରିବ। ଜିଓର ୫ଜି ନେଟ୍‌ୱର୍କ ପରବର୍ତ୍ତୀ ପିଢ଼ିର ଡିଜିଟାଲ ସଲ୍ୟୁସନ୍ସକୁ ସମର୍ଥ କରାଇବ ଯାହା ଏକ ୫ଟ୍ରିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଭାରତର ଏଆଇ-ପରିଚାଳିତ ଅଭିଯାନକୁ ତ୍ୱରାନ୍ୱିତ କରିବ। ଜିଓ ଲୋ-ବ୍ୟାଣ୍ଡ, ମିଡ୍-ବ୍ୟାଣ୍ଡ ଏବଂ ଏମ୍‌ଏମ୍‌ୱେଭ ସ୍ପେକ୍ଟ୍ରମର ଏକ ଅନନ୍ୟ ସମ୍ମିଶ୍ରଣ ଅଧିଗ୍ରହଣ କରିଛି, ଯାହା ଏହାର ପରିବ୍ୟାପ୍ତ ଫାଇବର ନେଟ୍‌ୱର୍କ ଏବଂ ସ୍ୱଦେଶୀ ପ୍ରଯୁକ୍ତି ପ୍ଲାଟ୍‌ଫର୍ମ ସହ ମିଶି ସର୍ବତ୍ର ୫ଜି ସେବା ସମସ୍ତଙ୍କ ପାଇଁ ଯୋଗାଇଦେବ। ଏହାର ଅତୁଳନୀୟ ୭୦୦ ମେଗାହର୍ଜ ସ୍ପେକ୍ଟ୍ରମ ଉପସ୍ଥିତି ସହ ଜିଓ ଦ୍ରୁତଗତି, କମ୍ ଲାଟେନ୍ସି ଏବଂ ବ୍ୟାପକ ସଂଯୋଗ ସହିତ ସର୍ବଭାରତୀୟ ସ୍ତରରେ ବାସ୍ତବ ୫ଜି ସେବା ଯୋଗାଇବାରେ ଏକମାତ୍ର ଅପରେଟର ହେବ। ଏହି ଅଧିଗ୍ରହଣ ଜରିଆରେ ଜିଓ ମାଲିକାନାରେ ଥିବା ମୋଟ ସ୍ପେକ୍ଟ୍ରମ ଉପସ୍ଥିତି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ୨୬,୭୭୨ ମେଗାହର୍ଜ ହୋଇଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ଅଧ୍ୟକ୍ଷ ଆକାଶ ଏମ୍ ଅମ୍ବାନୀ କହିଛନ୍ତି, ଆମେ ସର୍ବଦା ବିଶ୍ୱାସ କରି ଆସିଛୁ ଯେ ଯୁଗାନ୍ତକାରୀ ପ୍ରଯୁକ୍ତିର ସାମର୍ଥ୍ୟକୁ ଲାଗୁ କରାଗଲେ ଭାରତ ବିଶ୍ୱରେ ଏକ ଅଗ୍ରଣୀ ଅର୍ଥନୈତିକ ଶକ୍ତି ହୋଇପାରିବ। ଏହି ସୁଦୂରପ୍ରସାରୀ ଲକ୍ଷ୍ୟ ଏବଂ ଏକନିଷ୍ଠତା ଜିଓକୁ ଜନ୍ମ ଦେଇଛି। ଜିଓର ୪ଜି ସେବାର ବେଗ, ପରିମାଣ ଏବଂ ସାମାଜିକ ପ୍ରଭାବ ବିଶ୍ୱର ଯେକୌଣସି ସ୍ଥାନ ତୁଳନାରେ ଅତୁଳନୀୟ। ସମ୍ପ୍ରତି ଏକ ବୃହତର ଲକ୍ଷ୍ୟ ଏବଂ ମଜଭୁତ ନିର୍ଣ୍ଣୟ ସହିତ ଜିଓ ୫ଜି ଯୁଗକୁ ଭାରତ ଅଗ୍ରସର ହେବା ଦିଗରେ ନେତୃତ୍ୱ ନେବାକୁ ଯାଉଛି। ସେହିପରି ସର୍ବଭାରତୀୟ ସ୍ତରରେ ୫ଜି ସେବା ପ୍ରଚଳନ ସହ ଆମେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରିବୁ। ଜିଓ ବିଶ୍ୱ ଶ୍ରେଣୀର ସୁଲଭ ୫ଜି ଏବଂ ୫ଜି ସମର୍ଥିତ ସେବାଗୁଡିକ ପ୍ରଚଳନ କରିବାକୁ ପ୍ରତିବଦ୍ଧ ରହିଛି। ଆମେ ସେବା, ପ୍ଲାଟ୍‌ଫର୍ମ ଏବଂ ସମାଧାନ ଯୋଗାଇଦେବୁ ଯାହା ଭାରତର ଡିଜିଟାଲ ବିପ୍ଳବ, ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ମାନୁଫାକ୍ଚରିଂ ଏବଂ ଇ-ପ୍ରଶାସନ ଆଦି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ଏବଂ ତାହା ସହିତ ସମ୍ମାନାସ୍ପଦ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଭାରତ ଅଭିଯାନ ପ୍ରତି ଆଉ ଏକ ଗର୍ବ କଲା ଭଳି ଅବଦାନ ରଖିବ।

## ଆର୍‌ଏମ୍‌ଏଲ୍‌ର 'ୱାନ୍-ଷ୍ଟପ୍ ସମାଧାନ'

**ଭୁବନେଶ୍ୱର,୨।୮:** ଦେଶର ପ୍ରମୁଖ ଖଣି କମ୍ପାନୀ ଏବଂ ଇସ୍ପାତ ନିର୍ମାତା ରୁଙ୍ଗଟା ମାଇନ୍ସ ଲିମିଟେଡ୍ (ଆର୍‌ଏମ୍‌ଏଲ୍) ପକ୍ଷରୁ କେନ୍ଦୁଝରର ବଡ଼ବିଲଠାରେ ଏକ ମୁକ୍ତାକାଶ ବ୍ୟାୟାମଶାଳା (ଜିମ୍ନାସିୟମ୍)ର ବିକଶିତ କରାଯାଇଛି। ଏହାକୁ କମ୍ପାନୀ ତା'ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ କରିଥିବା କୁହାଯାଇଛି। ଉକ୍ତ ମୁକ୍ତାକାଶ ବ୍ୟାୟାମଶାଳା ପରିସରରେ ଷ୍ଟେପ୍-ଟ୍ରେନର, ଏୟାର ୱାକର, ଲେଗ୍ ପ୍ରେସ୍, ଆବ୍ସ ଟ୍ରେନର, ଚେଷ୍ଟ ପ୍ରେସ୍, ଫନ୍ ରୋଅର, ପେଣ୍ଡୁଲମ୍, ସୋଲ୍ଡର ପ୍ରେସ୍, ରାଇଡର, ଟ୍ୱିଷ୍ଟର ଓ ସ୍ପିନର ଆଦି ଭଳି ବାହ୍ୟ ବ୍ୟାୟାମ ଉପକରଣ ଉପଲବ୍ଧ ରହିଛି। ସେହିଭଳି ସେଠାରେ ବସିବା ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ଶୌଚାଳୟ ଓ ଆଲୋକ ବ୍ୟବସ୍ଥା ମଧ୍ୟ କରାଯାଇଛି। ଉକ୍ତ ଅଞ୍ଚଳରେ ଫିଟ୍‌ନେସ୍‌କୁ ନେଇ ସଚେତନ ଥିବା ଲୋକମାନଙ୍କ ପାଇଁ ଏହି ବ୍ୟାୟାମଶାଳା 'ୱାନ୍-ଷ୍ଟପ୍ ସମାଧାନ' ଭାବେ କାର୍ଯ୍ୟ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଟିପିଏନ୍‌ଓଡିଏଲ୍‌ର 'ଏଫ୍‌ଏଲ୍‌ସି ଟେଷ୍ଟିଂ ଭ୍ୟାନ୍'



**ଭୁବନେଶ୍ୱର,୨।୮**

ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଏକ ଅତ୍ୟାଧୁନିକ 'ଏଫ୍‌ଏଲ୍‌ସି ଟେଷ୍ଟିଂ ଭ୍ୟାନ୍'କୁ ଉଦ୍‌ଘାଟନ କରାଯାଇଛି। ଏପରିକି ଉନ୍ନତମାନର ଭ୍ରାମ୍ୟମାଣ ଭୂତଳ ବିଦ୍ୟୁତ୍ ତାର ତ୍ରୁଟିଚିହ୍ନଟ ବ୍ୟବସ୍ଥାର ସଦ୍ୟତମ ଭର୍ସନର ଶୁଭାରମ୍ଭ ହୋଇଯାଇଛି। ଏହା ଯଥା ସମ୍ଭବ ସର୍ବନିମ୍ନ ସମୟସୀମା ଭିତରେ ଟିପିଏନ୍‌ଓଡିଏଲ୍‌ର ସମସ୍ତ କଷ୍ଟକର ଓ ଅପହଞ୍ଚ ଭୂତଳ ତାର ସେକ୍ସନର ଭୂତଳ ନେଟ୍‌ୱର୍କରେ ତାର ପରୀକ୍ଷା, ତ୍ରୁଟି ଚିହ୍ନଟ, କେବୁଲ୍ ରୁଟ୍ ଟ୍ରେସିଂ ଓ ଚିହ୍ନଟ କାର୍ଯ୍ୟକଳାପ ପାଇଁ ମୁତୟନ କରାଯିବ ଯାହା ଦ୍ରୁତ ପୁନରୁଦ୍ଧାର ଓ ଭରସାଯୋଗ୍ୟତାରେ ଉନ୍ନତି ଆଣିବାରେ ସହାୟକ ହେବ।

ଏ ସମ୍ପର୍କରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର କହିଛନ୍ତି, ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନେଟ୍‌ୱର୍କ ଓ ଉନ୍ନତ କେବୁଲ୍ ଆଣିବା ଦିଗରେ ଟିପିଏନ୍‌ଓଡିଏଲ୍ ଆଜି ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ତା'ର ପରୀକ୍ଷା ଓ କାର୍ଯ୍ୟକ୍ଷମ କରିବା ସହ ତ୍ରୁଟି ଚିହ୍ନଟ, କେବୁଲ ଟ୍ରେସିଂ ଏବଂ ନିଦାନ ପାଇଁ ଏହି ନୂଆ ଏଫ୍‌ଏଲ୍‌ସି ଟେଷ୍ଟିଂ ଭ୍ୟାନ୍ ଜୀବନକୁ ସହଜ କରିବ ଏବଂ ତାର ବିଭ୍ରାଟ ସମୟକୁ କମ୍ କରିବ। ଏହି ତ୍ରୁଟି ଚିହ୍ନଟ ବ୍ୟବସ୍ଥାରେ ୮୦ କେଭି ପର୍ଯ୍ୟନ୍ତ ଓ ଭିଏଲ୍‌ଏଫ୍ ୫୪ କେଭିରେ ୦.୧ ହର୍ଜ ସହ ୩୨କେଭି ପର୍ଯ୍ୟନ୍ତ ପରୀକ୍ଷା ବ୍ୟବସ୍ଥା ରହିଛି। ଏହା ହେଉଛି ଓଡ଼ିଶାରେ ସମସ୍ତ ଡିସ୍‌କମ୍‌ରେ ପ୍ରଥମ ଧରଣର ଉନ୍ନତ ଏଫ୍‌ଏଲ୍‌ସି ଯାନ।

## ସୋନିର ନ୍ୟୁ ବ୍ରାଭିଆ ଏକ୍ସଆର୍ ଓଲେଡ୍ ଏ୮୦କେ ସିରିଜ

**ନୂଆଦିଲ୍ଲୀ,୨।୮:** ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଉତ୍ପାଦକ କମ୍ପାନୀ 'ସୋନି ଇଣ୍ଡିଆ 'ର କଗ୍‌ନେଟିଭ୍ ପ୍ରୋସେସର ଏକ୍ସଆର୍ ଦ୍ୱାରା ପ୍ରାୟୋଜିତ ନ୍ୟୁ ବ୍ରାଭିଆ ଏକ୍ସଆର୍ ଓଲେଡ୍ ଏ୮୦କେ ସିରିଜର ଶୁଭାରମ୍ଭ ହୋଇଯାଇଛି। ନୂତନ ଭାବେ ବଜାରକୁ ଆସିଥିବା ଏହି ଓଲେଡ୍ ଟିଭି ସିରିଜ୍ ସରଳ କଗ୍‌ନେଟିଭ୍ ପ୍ରୋସେସର ଏକ୍ସଆର୍ ଭିଜନ୍ ଏବଂ ସାଉଣ୍ଡକୁ ପରବର୍ତ୍ତୀ ସ୍ତର ପର୍ଯ୍ୟନ୍ତ ନେଇଥାଏ, ଯାହାକି ମନୁଷ୍ୟର ମସ୍ତିଷ୍କ ପରି ଚିନ୍ତା କରିଥାଏ ଏବଂ ଏପରି ମନ୍ତ୍ରମୁଗ୍ଧକାରୀ ଅନୁଭବ ପ୍ରଦାନ କରିଥାଏ। ଶ୍ରେଷ୍ଠ ଶ୍ରେଣୀରେ ଅଲ୍ଟ୍ରା-ବାସ୍ତବବାଦୀ ଚିତ୍ର ଗୁଣ ସହ ଲାଇଫ୍ ଲାଇକ୍ କ୍ରାଷ୍ଟରେ ପରିପୂର୍ଣ୍ଣ, ନୂତନ କଗ୍‌ନେଟିଭ୍ ପ୍ରୋସେସର ଏକ୍ସଆର୍ ମଧ ସାଉଣ୍ଡ-ଟୁ-ପିକ୍ଚର ରିଆଲିଟି ସହ ଅବିଶ୍ୱସନୀୟ ସାଉଣ୍ଡ ପ୍ରଦାନ କରିଥାଏ। ସୋନିର ଏହି ଏକ୍ସଆର୍-୬୫ଏ୮୦କେ ଓ ଏକ୍ସଆର୍-୭୭ଏ୮୦କେର ମୂଲ୍ୟ ଯଥାକ୍ରମେ ୨,୭୯,୯୯୦ ଓ ୬,୯୯,୯୦୦ ଟଙ୍କା ରହିଛି।




## ଓଏମ୍‌ସିରେ ନିରାପତ୍ତା ସମ୍ପର୍କିତ କର୍ମଶାଳା



**ଭୁବନେଶ୍ୱର,୨।୮**

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ 'ସେଫ୍ଟି କନ୍‌କ୍ଲେଭ-୨୨' ଶୀର୍ଷକ ଏକ ଦିନିକିଆ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଗମର ଅଧ୍ୟକ୍ଷ ଡି. କେ. ସିଂହ ଓ ଏମ୍‌ଡି ବଲ୍‌ୱନ୍ତ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏମ୍‌ସିର ନିର୍ଦ୍ଦେଶକ (ଅର୍ଥ) ସତ୍ୟଜିତ ମହାନ୍ତି, ନିର୍ଦ୍ଦେଶକ (ବୈଷୟିକ ପରିଚାଳନା) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ପର୍ସନେଲ) ଆଲୋକ କୁମାର ପାଲ ଏବଂ ନିର୍ଦ୍ଦେଶକ (ଟେକ୍ନିକାଲ ପି ଆଣ୍ଡ ପି) ଡ. କ୍ଷୀରୋଦ ଚନ୍ଦ୍ର ବ୍ରହ୍ମାଙ୍କ ସମେତ ନିଗମର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ ଉପସ୍ଥିତ ଥିଲେ। ଓଏମ୍‌ସିକୁ ଆନ୍ତର୍ଜାତିକ ମାନରେ ପହଞ୍ଚାଇବା ଲାଗି ସୁରକ୍ଷା ପରିଚାଳନାରେ ନିରନ୍ତର ଉଦ୍ୟମ କରିବାର ଆବଶ୍ୟକତା ରହିଛି ବୋଲି ଓଏମ୍‌ସିର ଅଧ୍ୟକ୍ଷ ସିଂହ ମତବ୍ୟକ୍ତ କରିଛନ୍ତି। ସେହିଭଳି ନିଗମର ଏମ୍‌ଡି ବଲ୍‌ୱନ୍ତ କହିଛନ୍ତି, କାର୍ଯ୍ୟ କ୍ଷେତ୍ରରେ ଶୂନ ଆଘାତ ଲକ୍ଷ୍ୟ ହାସଲ କରିବା ଲାଗି କମ୍ପାନୀ ସର୍ବଦା ସୁରକ୍ଷା ପରିଚାଳନା ବ୍ୟବସ୍ଥା, ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଆଦି ପ୍ରଯୁକ୍ତି ଜ୍ଞାନକୌଶଳର ବ୍ୟବହାର କରୁଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଖଣି କମ୍ପାନୀର ସୁରକ୍ଷା ଅଧିକାରୀମାନେ ଉକ୍ତ କର୍ମଶାଳାରେ ଅଂଶଗ୍ରହଣ କରି ନିଜ ନିଜର ମତ ଓ ଅଭିଜ୍ଞାତ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ପରିଶେଷରେ ନିଗମ ପକ୍ଷରୁ ବିଭିନ୍ନ ବର୍ଗରେ ସଫଳତା ହାସଲ କରିଥିବା ଦକ୍ଷ କର୍ମଚାରୀ ଓ ସହଯୋଗୀ ସଂସ୍ଥାଗୁଡ଼ିକୁ ମଧ ପୁରସ୍କୃତ କରାଯାଇଥିଲା।

## କାଜଲ ଅଗ୍ରୱାଲ ମୋବିଲାର ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ

**ଭୁବନେଶ୍ୱର,୨।୮**

ଅଗ୍ରଣୀ ମୋବାଇଲ ଆସେସୋରିଜ ବ୍ରାଣ୍ଡ ମୋବିଲାର ମାର୍କେଟିଂ ଓ ବ୍ରାଣ୍ଡିଂ ପଦକ୍ଷେପ ମାଧ୍ୟମରେ ଏହାର ବଜାର ସ୍ଥିତିକୁ ମଜଭୁତ କରିବାରେ ଲାଗିଛି। କମ୍ପାନୀର ସ୍ଥିତିକୁ ଅଧିକ ମଜଭୁତ କରିବା, ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କମ୍ପାନୀ ଭାରତୀୟ ଅଭିନେତ୍ରୀ କାଜଲ ଅଗ୍ରୱାଲଙ୍କୁ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ରୂପେ ଘୋଷଣା କରିଛି। ଏହି ସହଭାଗିତା ଅନୁଯାୟୀ ପ୍ରିଣ୍ଟ, ଡିଜିଟାଲ ଓ ଇଲେକ୍ଟ୍ରୋନିକ ମିଡିଆ ସହ ଏଟିଏଲ୍ ଓ ବିଟିଏଲ୍ ମଧ୍ୟରେ ଯୋଗାଯୋଗ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟରେ ପ୍ରସାର ବୃଦ୍ଧି ହୋଇପାରିବ। କାଜଲ ଅଗ୍ରୱାଲଙ୍କ ସହ ମୋବିଲାର ଏହି ସହଯୋଗ କେବଳ ବ୍ରାଣ୍ଡ ଅନୁମୋଦନକୁ ଅଧିକ ମଜଭୁତ କରିବ ନାହିଁ ଅନ୍ୟପକ୍ଷରେ ନୂଆ ତଥା ସମ୍ଭାବ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ସାହାଯ୍ୟ କରିବ। ଅଗ୍ରଣୀ ବ୍ରାଣ୍ଡ ମୋବିଲା ସହ ସହଯୋଗିତାକୁ ନେଇ କାଜଲ ଅଗ୍ରୱାଲ କହିଛନ୍ତି, ଏହା ମୋ ପାଇଁ ଉତ୍ସାହଜନକ, କାରଣ ଏହାଦ୍ୱାରା ମୁଁ ନୂତନ ବର୍ଗ ସହ କାର୍ଯ୍ୟ କରିବା ସୁଯୋଗ ପାଇପାରିବି। ମୋବିଲାର ସଫଳତା ପାଇଁ ମୋର ପ୍ରୟାସ ଜାରି ରହିବ। ଏ ସମ୍ପର୍କରେ ମୋବିଲାର ସହ ପ୍ରତିଷ୍ଠାତା ଜିଗ୍ନେଶ ଶାହ ଓ ହେତାଲ ଶାହା କହିଛନ୍ତି, କାଜଲ ହେଉଛନ୍ତି ଜଣେ ଖ୍ୟାତନାମା ବ୍ୟକ୍ତି। ମୋବିଲା ସହ ତାଙ୍କର ଏହି ସହଯୋଗିତା ଆମକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇବ। ଆମେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚି ନିଜକୁ ଉପସ୍ଥାପନ କରିପାରିବୁ। ସେହିଭଳି ମୋବିଲାର ମୁଖ୍ୟ ମାର୍କେଟିଂ ଅଫିସର ବିଶାଳ ଗୁପ୍ତା କହିଛନ୍ତି, କାଜଲ ଅଗ୍ରୱାଲଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଆମକୁ ବଜାରରେ ଉତ୍ସାହ ସୃଷ୍ଟି କରିବାରେ ସହାୟକ ହେବ। ଆମର ଆଗାମୀ ଉତ୍ପାଦଗୁଡ଼ିକ ଉପରେ ଆମେ ଅଧିକରୁ ଅଧିକ ଧ୍ୟାନ ଦେଇପାରିବୁ।

## ଫୁରସତ୍

# ୮୦ % ପିଉଛନ୍ତି ବିଷାକ୍ତ ଜଳ

- ବିଗୁଡୁଛି ପାନୀୟ ଜଳର ମାନ
- ଭୂତଳ ଜଳରେ ରହିଛି ପ୍ରଚୁର ପରିମାଣରେ ହାନିକାରକ ପଦାର୍ଥ
- ଗ୍ରାମବାସୀ ଅଧିକ ପ୍ରଭାବିତ

**ନୂଆଦିଲ୍ଲୀ:** ଜଳ ହିଁ ଜୀବନ। ଜଳ ବିନା ଜୀବନଜଗତ ବଞ୍ଚିବା କଷ୍ଟକର। କିନ୍ତୁ ବର୍ତ୍ତମାନ ସମୟରେ ଜଳକୁ ନେଇ ଯେଉଁ ଶୋଚନୀୟ ସ୍ଥିତି ଦେଶରେ ଦେଖିବାକୁ ମିଳିଲାଣି, ତାହା ଏବେ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଦେଇଛି। ଜଳର ମାନ ଦିନକୁ ଦିନ ବିଗୁଡୁଥିବାବେଳେ ଭୂତଳ ଜଳରେ ବିପୁଳ ପରିମାଣରେ ହାନିକାରକ ପଦାର୍ଥ ରହିଥିବା ସରକାର କହିଛନ୍ତି। ମଙ୍ଗଳବାର ରାଜ୍ୟ ସଭାରେ ଦେଶରେ ପାନୀୟ ଜଳର ମାନକୁ ନେଇ ସରକାର ରିପୋର୍ଟ ପ୍ରକାଶ କରିଛନ୍ତି। ପ୍ରଦତ୍ତ ତଥ୍ୟ କେବଳ ଯେ, ଲୋକଙ୍କୁ ଆଶ୍ଚର୍ଯ୍ୟ ଲାଗିବ ତାହାନୁହେଁ ଏହା ଦେଶବାସୀଙ୍କୁ ଡରାଉଛି ମଧ। ସବୁ ରାଜ୍ୟର ଅଧିକାଂଶ ଜିଲାରେ ଭୂତଳ ଜଳର ମାନ ବିଗିଡ଼ିବାରେ ଲାଗିଛି। ଜଳ ଶକ୍ତି ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ, ଦେଶର ମୋଟ ଜନସଂଖ୍ୟାରୁ ୮୦ ପ୍ରତିଶତ ଲୋକ ଅପରିଷ୍କାର ଭୂତଳ ଜଳ ଉପରେ ନିର୍ଭରଶୀଳ। ଜଳରେ ବିଷାକ୍ତ ପଦାର୍ଥର ମାତ୍ରା ବୃଦ୍ଧି ପାଇବା କାରଣରୁ ମାଟିତଳେ ଗଚ୍ଛିତ ଜଳ ଦିନ ପରେ ଦିନ ଅଧିକ ବିଷାକ୍ତ ହେବାରେ ଲାଗିଛି।



ରିପୋର୍ଟ ମୁତାବକ, ୨୫ ରାଜ୍ୟର ୨୦୯ ଜିଲାର ଭୂତଳ ଜଳରେ ଆର୍ସେନିକର ପରିମାଣ ଲିଟର ପିଛା ୦.୦୧ ଏମ୍‌ଜି (ମିଲିଗ୍ରାମ୍) ରହିଛି। ସେହିପରି ୨୯ ରାଜ୍ୟର ୪୯୧ ଜିଲାରେ ଭୂତଳ ଜଳରେ ଲିଟର ପିଛା ୧ ଏମ୍‌ଜି ଆଇରନ୍ ରହିଛି। ଗୋଟିଏ ଲିଟର ଭୂତଳ ଜଳ ପିଛା ୦.୦୦୩ ଏମ୍‌ଜି ପରିମାଣର କାଡମିୟମ୍ ପ୍ରାୟ ୧୧ ରାଜ୍ୟର ୨୯ ଜିଲାରେ ଦେଖାଯାଇଛି। ୧୬ ଜିଲାର ୬୨ ରାଜ୍ୟର ଭୂତଳ ଜଳରେ ପ୍ରତି ଲିଟର ପିଛା ୦.୦୫ ଏମ୍‌ଜି କ୍ରୋମିୟମ୍ ମିଳିଛି। ସେହିପରି ୧୮ ରାଜ୍ୟର ୧୫୨ ଜିଲାରେ ଲିଟର ପିଛା ଜଳରେ ୦.୦୩ ଏମ୍‌ଜି ୟୁରାନିୟମ୍ ମିଳିଥିବା ରିପୋର୍ଟରେ ଦର୍ଶାଯାଇଛି।

ଦେଶର ପାଖାପାଖି ୬୭୧ ଅଞ୍ଚଳର ଭୂତଳ ଜଳରେ ହାନିକାରକ ଫ୍ଲୋରାଇଡ୍ ମିଳିଛି। ପ୍ରତ୍ୟେକ ବ୍ୟକ୍ତି ଦୈନିକ ୨ ଲିଟର ଜଳ ପିଇବା ଦରକାର। ଯଦି ସେ ପ୍ରତିଦିନ ବିଷାକ୍ତ ଜଳ ପାନ କରନ୍ତି ତେବେ ଶରୀରରେ ବିଭିନ୍ନ ରୋଗ ଦେଖାଯିବା ଆଶଙ୍କା ରହିଛି। ସେହିପରି ଭୂତଳ ଜଳରେ ଥିବା ଆର୍ସେନିକ, ଆଇରନ୍, ସୀସା, କାଡମିୟମ୍, କ୍ରୋମିୟମ୍‌ଏବଂ ୟୁରାନିୟମ୍ ଆଦି ଶରୀରରେ ଦୁଃସାଧ୍ୟ ରୋଗ ସୃଷ୍ଟିକରିଥାନ୍ତି। ବିଷାକ୍ତ ଜଳ କାରଣରୁ ଶରୀରରେ କ୍ୟାନ୍‌ସର, ଚର୍ମ ରୋଗ, ବୃକକ୍ ସଂକ୍ରମିତ ହୋଇଥାଏ।

ଦେଶର ମୋଟ ଜନସଂଖ୍ୟାର ଅର୍ଦ୍ଧେକ ଭାଗ ଗ୍ରାମାଞ୍ଚଳରେ ବାସ କରନ୍ତି। ପାନୀୟ ଜଳ ପାଇଁ ସେମାନେ ମୁଖ୍ୟତଃ ପୋଖରୀ, ନଳକୂପ, କୂଅ ଏବଂନଦୀ ଉପରେ ନିର୍ଭରଶୀଳ। ଅନ୍ୟପଟେ ଏହି ଜଳର ବିଶୁଦ୍ଧୀକରଣ ପାଇଁ ଗ୍ରାମଗୁଡ଼ିକରେ କୌଣସି ପ୍ରକାର ସୁବିଧା ନ ଥିବାରୁ ସେମାନେ ବାଧ ହୋଇ ବିଷାକ୍ତ ଜଳ ପିଉଛନ୍ତି, ଯାହାଫଳରେ ସହରାଞ୍ଚଳ ତୁଳନାରେ ଗ୍ରାମବାସୀ ବିଷାକ୍ତ ଜଳ ଦ୍ୱାରା ଅଧିକମାତ୍ରାରେ ପ୍ରଭାବିତ ହେବା ଆଶଙ୍କା ରହିଛି।

ଭୂତଳ ଜଳର ମାନ ବୃଦ୍ଧି କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ହୋଇଥିବାବେଳେ ଲୋକଙ୍କ ଘରେ ଘରେ ଜଳ ଯୋଗାଇବା ପାଇଁ କେନ୍ଦ୍ର ସରକାର 'ଜଲ୍ ଜୀବନ ମିଶନ୍' ଭଳି ଯୋଜନା ଲାଗୁ କରିଛନ୍ତି। ଏହା ଜରିଆରେ ଦେଶର ୧୯.୧୫ କୋଟି ଘରକୁ ସରକାର ଜଳ ଯୋଗାଇଛନ୍ତି। ଆଗାମୀ ଦିନରେ ୯.୮ କୋଟି ଲୋକଙ୍କ ଘରକୁ ଜଳ ଯୋଗାଣ କରାଯିବ।

# ଆଲିଆଙ୍କ ଫର୍ମୁଲା



ଆଲିଆ ଭଟ୍ଟ

**ମୁମ୍ବାଇ:** ବଲିଉଡ୍‌ର ସ୍ଥିତି ବର୍ତ୍ତମାନ ସମୟରେ ଶୋଚନୀୟ ହେବାରେ ଲାଗିଛି। ରିଲିଜ୍ ହେଉଥିବା ଫିଲ୍ମ ସବୁ ବକ୍ସ ଅଫିସରେ ଆଶାନୁରୂପ ସଫଳତା ଦେଉନାହିଁ। ଦର୍ଶକ ହିନ୍ଦୀ ଫିଲ୍ମରୁ ଧୀରେ ଧୀରେ ବିମୁଖ ହେବାରେ ଲାଗିଛନ୍ତି। ତେବେ ଏ ନେଇ ବଲିଉଡ୍‌ର ବୁଲ୍‌ବୁଲି ନାୟିକା ଆଲିଆ ଭଟ୍ଟ ଏକ ଫର୍ମୁଲା କହିଛନ୍ତି। ସେ କହିଛନ୍ତି ଯେ, ଯଦି କୌଣସି ଫିଲ୍ମ ଫ୍ଲପ୍ ହେଉଛି ତେବେ ଅଭିନେତାମାନେ ଫିଲ୍ମ ପାଇଁ ନେଇଥିବା ପାରିଶ୍ରମିକ ଫେରାଇ ଦେବା ଉଚିତ। ନଚେତ୍ ଫିଲ୍ମ ପାଇଁ ବାକିଥିବା ପେଣ୍ଡିଂ ଫି ଆଉ ନେବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି। ଫିଲ୍ମ ଫ୍ଲପ୍ ହେବା କାରଣରୁ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବଡ଼ କ୍ଷତିର ସାମ୍ନା କରିବାକୁ ପଡୁଛି। ଏଥିରୁ ସେମାନଙ୍କୁ ରକ୍ଷା କରିବା ପାଇଁ ଏହା ଏକ ଭଲ ଉପାୟ ହେବ ବୋଲି ଆଲିଆ କହିଛନ୍ତି। ନାୟିକା ଜଣକ ଏବେ ତାଙ୍କ ଅପ୍‌କମିଂ ଫିଲ୍ମ 'ଡାର୍ଲିଂ'ର ପ୍ରମୋଶନ୍‌ରେ ବ୍ୟସ୍ତ ଅଛନ୍ତି। ଫିଲ୍ମଟି ଆସନ୍ତା ୫ ତାରିଖରେ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବାକୁ ଯାଉଛି। ଡାର୍ଲିଂ ଫିଲ୍ମରେ ଆଲିଆ ପ୍ରଥମ ଥର ପାଇଁ ସହ ପ୍ରଯୋଜକ ସାଜିଛନ୍ତି। ଶାହରୁଖଙ୍କ ରେଡ୍‌ଚିଲି କମ୍ପାନୀ ଏହାର ପ୍ରଯୋଜନା କରୁଛି। ଆଲିଆ ଫିଲ୍ମର ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବାବେଳେ ତାଙ୍କ ବ୍ୟତୀତ ଏଥିରେ ଶେଫାଲି ଶାହା, ବିଜୟ ବର୍ମା, ରୋଶନ ମାଥ୍ୟୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହା ଏକ ସିକ୍ରେଟ, ମିଷ୍ଟ୍ରି, ଡ୍ରାମା ଫିଲ୍ମ।

# ମାଛ ଖାଇଥିବା ଯୁବତୀଙ୍କ ନାଁରେ ମାମଲା

**ବେଜିଂ:** ଚାଇନାର ଟିଂଜି ନାମରେ ଜଣେ ୟୁଟ୍ୟୁବର୍ ବିଶାଳ ହ୍ୱାଇଟ୍ ସାର୍କ ମାଛ ରୋଷ୍ଟ କରି କ୍ୟାମେରା ସାମ୍ନାରେ ଖାଇବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଘଟଣାର ଯାଞ୍ଚ ମଧ ଆରମ୍ଭ କରିଛନ୍ତି। ଜୁଲାଇରେ ସେ ହ୍ୱାଇଟ୍ ସାର୍କ ଖାଉଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ମାଛର ଲମ୍ବ ୨ ମିଟର ଥିଲା। ଚାଇନାରେ ହ୍ୱାଇଟ୍ ସାର୍କ ସଂଖ୍ୟା କମୁଥିବାବେଳେ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଗଠନ ପକ୍ଷରୁ ଏହାକୁ ବିଲୁପ୍ତ ପ୍ରାଣୀଙ୍କ ଶ୍ରେଣୀଭୁକ୍ତ କରାଯାଇଛି। ତେବେ ଏହି ସୂଚୀରେ ଅନ୍ତର୍ଭୁକ୍ତ କୌଣସି ଜୀବଜନ୍ତୁଙ୍କୁ ଆଘାତ ଦେବା ପାଇଁ ଯଦି କୌଣସି ବ୍ୟକ୍ତି ଚେଷ୍ଟା କରନ୍ତି ତେବେ ସରକାରଙ୍କ ତରଫରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ତେବେ ଏ ନେଇ ଟିଂଜି କହିଛନ୍ତି ଯେ, ମୁଁ କୌଣସି ପ୍ରକାର ଅପରାଧ କରିନାହିଁ।



# ଏଲନଙ୍କ ପାଇଁ ଗର୍ବିତ ନୁହେଁ

**ୱାଶିଂଟନ:** ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଭାବେ ଜଣାଶୁଣା ଏଲନ ମସ୍କଙ୍କୁ ନେଇ ତାଙ୍କ ବାପା ଇରୋଲ ଗର୍ବିତ ନୁହନ୍ତି।। ରେଡିଓ ବାର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ରେଡିଓ ଜକି (ଆର୍.ଜେ)ଙ୍କ ପ୍ରଶ୍ନର ଉତ୍ତର ଦେଇ ସେ ଏ କଥା କହିଛନ୍ତି। ସୋମବାର ୭୬ ବର୍ଷୀୟ ଇରୋଲ ମସ୍କ କାଇଲ ଆଣ୍ଡ ଜ୍ୟାକି ଓଜ୍ ଶୋ'ରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ରେଡିଓ ଷ୍ଟେଶନ୍ କିସ୍ ଏଫ୍‌ଏମ୍ ପକ୍ଷରୁ ଆୟୋଜିତ ଏହି ୨୦ ମିନିଟର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଇରୋଲଙ୍କୁ ତାଙ୍କ ବ୍ୟକ୍ତିଗତ ଠାରୁ ଆରମ୍ଭ କରି ପାରିବାରିକ ଜୀବନ ବିଷୟରେ ଆଲୋଚନା କରାଯାଇଥିଲା।



ଏଲନଙ୍କୁ ନେଇ ଆର୍.ଜେଙ୍କ ପ୍ରଶ୍ନଥିଲା- ତୁମ ପୁଅ ଏଲନ ଜଣେ ଜ୍ଞାନୀ। ତାଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ଥିବା ସହ ସେ ଅନେକ ନୂଆ ଜିନିଷ ମଧ ତିଆରି କରିଛନ୍ତି। ବର୍ତ୍ତମାନ ସେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି। ତାଙ୍କୁ ନେଇ ଆପଣ ଗର୍ବିତ? ଏହି ପ୍ରଶ୍ନର ଉତ୍ତରରେ ଇରୋଲ୍ କହିଥିଲେ, ନା...ବହୁ ବର୍ଷ ଧରି ଆମ ପରିବାର ଅନେକ ପ୍ରଶଂସନୀୟ କାମ କରି ଆସିଛି। ପ୍ରଥମ ସ୍ତ୍ରୀ ମାୟା ମସ୍କଙ୍କ ତରଫରୁ ଜନ୍ମିତ ସନ୍ତାନ ଏଲନ, ଟୋସ୍କା, କିମ୍ବଲ ଆମେ ଏକାଠି ବହୁ ସମୟ କାଟିଛି। ବିଦେଶ ଭ୍ରମଣ କରିବା ସାଙ୍ଗକୁ ଅନେକ ସ୍ମରଣୀୟ ସମୟ ମଧ ଅତିବାହିତ କରିଛୁ, ତାହା ଏଲନ କେବେ କରିନାହାନ୍ତି। ଗତ ୫ ବର୍ଷ କାଳ ସେ ତାଙ୍କ ସିଡ୍ୟୁଲ୍ ଅନୁସାରେ ସବୁ କାମ କରୁଛନ୍ତି। ନିଜ ସଫଳତା ପାଇଁ ଆଜି ସେ ନିରାଶ। ହୁଏତ ମୋ କଥା ଶ୍ରୋତାଙ୍କୁ ପାଗଲାମୀ ଭଳି ଲାଗୁଥିବ କିନ୍ତୁ ଏହା ସତ। ଏଲନଙ୍କୁ ୫୦ ବର୍ଷ ହୋଇଥିଲେ ହେଁ ମୁଁ ସବୁବେଳେ ତାଙ୍କୁ ଏକ ଛୋଟ ପିଲା ଭଳି ଭାବିଥାଏ।

ସାନ ପୁଅ କିମ୍ବଲଙ୍କୁ ନେଇ ଇରୋଲ ଗର୍ବିତ ବୋଲି କହିଛନ୍ତି। କିମ୍ବଲ ଏବେ ସୁଖୀ ଦାମ୍ପତ୍ୟ ଜୀବନ ଅତିବାହିତ କରୁଛନ୍ତି। କ୍ରିଷ୍ଟିଆନା ୱିଲିଙ୍କୁ ବାହାହେବା ପରେ ସେ ତାଙ୍କ ସହ ଅଧିକ ସମୟ କାଟୁଛନ୍ତି। କିନ୍ତୁ ସ୍ପେସ୍‌ଏକ୍ସ ମାଲିକ ଏଲନ ବର୍ତ୍ତମାନ ସୁଦ୍ଧା ଗୋଟିଏ ଉତ୍ତମ ଜୀବନସାଥୀ ପାଇପାରି ନ ଥିବା ବାପା ଇରୋଲ କହିଛନ୍ତି। ଏଲନ ଏବେ ୯ ସନ୍ତାନଙ୍କର ବାପା, ଚାରିଜଣ ମହିଳାଙ୍କୁ ବାହାହୋଇଥିଲେ ହେଁ ଏବେ ସେ ଏକାକୀ ସିଙ୍ଗଲ୍ ଲାଇଫ୍ ବିତାଉଛନ୍ତି। ସେ ଜଣେଏମିତି ଜୀବନସାଥୀଙ୍କୁ ବାଛିବା କଥା ଯେ, ତାଙ୍କ ପାଇଁ କରୁଥିବା କାମକୁ ଛାଡ଼ିପାରିବେ ଯାହା ଆଦୌ ସହଜ ହୋଇ ନଥିବ। ଏଲନ ପୁଷ୍ଟିକର ଖାଦ୍ୟ ଖାଉ ନ ନାହାନ୍ତି ସେଥିପାଇଁ ସେ ଡାଏଟ୍ ପିଲ୍ ଖାଇବା ଦରକାର ବୋଲି ବାପା ଇରୋଲ କହିଛନ୍ତି।

**ହେଲିକପ୍ଟର ଦୁର୍ଘଟଣାରେ ପାକ୍ ସେନା ଅଧିକାରୀଙ୍କ ସମେତ ୬ ମୃତ**

ଇସ୍ଲାମାବାଦ: ପାକିସ୍ତାନର ବନ୍ୟା କ୍ଷତିଗ୍ରସ୍ତ ବେଲୁଚିସ୍ତାନ ପ୍ରଦେଶରେ ରିଲିଫ କାର୍ଯ୍ୟରେ ନିୟୋଜିତ ଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଶୀର୍ଷ ସେନା ଅଧିକାରୀଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟମାନେ ସୈନ୍ୟବାହିନୀର ଅଫିସର ଓ ଯବାନ। ଦ୍ୱାଦଶ କର୍ପସ୍‌ର କମାଣ୍ଡର ଥିବା ଲ୍ୟୁଟନାଣ୍ଟ ଜେନେରାଲ ସର୍ଫରାଜ ଅଲି ବନ୍ୟା ରିଲିଫ କାର୍ଯ୍ୟର ଅନୁଧାନ କରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।



# ତାଇଓ୍ୱାନ୍‌ରେ ପେଲୋସି

## ଚାଇନା ଧମକକୁ ଆମେରିକାର ବେଖାତିର

- ପରିଣାମ ଭୋଗିବ କହିଲା ବେଜିଂ
- ତାଇଓ୍ୱାନ ଖାଦ୍ୟ ଆମଦାନୀ ବନ୍ଦ କଲା ଚାଇନା
- ତାଇପେଇର ଯୁଦ୍ଧ ପ୍ରସ୍ତୁତି, ଲୋକଙ୍କୁ ସାମରିକ ତାଲିମ

ବେଜିଂ/ତାଇପେଇ, ୨।୮

ଏସିଆ ଗସ୍ତରେ ଥିବା ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସି ଚାଇନାର ଧମକକୁ ବେଖାତିର କରି ମଙ୍ଗଳବାର ତାଇଓ୍ୱାନରେ ପହଞ୍ଚିଛନ୍ତି। ଆମେରିକା ନୌସେନା ଏବଂ ବାୟୁସେନାର ଫାଇଟର ଜେଟ୍ ନାନ୍ସିଙ୍କ ବିମାନକୁ କଡ଼ା ସୁରକ୍ଷା ବଳୟରେ ତାଇଓ୍ୱାନ ରାଜଧାନୀ ତାଇପେଇରେ ଅବତରଣ କରାଇଥିଲା। ଫଳରେ ୧୯୯୭ ପରଠୁ ଆମେରିକାର କୌଣସି ଉଚ୍ଚସ୍ତରୀୟ ରାଜନେତା ଭାବେ ନାନ୍ସି ପ୍ରଥମ ବ୍ୟକ୍ତି ଭାବେ ଏହି ଦ୍ୱୀପରାଷ୍ଟ୍ରରେ ପହଞ୍ଚିଛନ୍ତି। ସ୍ୱୟଂଶାସିତ ତାଇଓ୍ୱାନକୁ ନିଜର ଦାବି କରିଆସୁଥିବା ଚାଇନା ନାନ୍ସିଙ୍କ ଗସ୍ତକୁ ନେଇ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇଛି। ନାନ୍ସିଙ୍କ ତାଇଓ୍ୱାନ ଗସ୍ତର ପରିଣାମ ଭୋଗିବାକୁ ଆମେରିକା ପ୍ରସ୍ତୁତ ହୋଇଯାଉ ବୋଲି ବେଜିଂ ଧମକ ଦେଇଛି। ଏଥିସହ ଏହି ପଡୋଶୀ ଦେଶ ସୀମା ନିକଟରେ ଚାଇନା ସାମରିକା ଅଭ୍ୟାସ ଆରମ୍ଭ କରିବା ସହ ତାହାର ଭିଡିଓ ଜାରି କରିଛି। ଆକ୍ରମଣ ଆଶଙ୍କାରେ ତାଇଓ୍ୱାନ ନିଜ ୩ ସୈନ୍ୟବାହିନୀକୁ ହାଇଆଲର୍ଟରେ ରଖିଛି।

ସୋମବାରଠାରୁ ଏସିଆ ଗସ୍ତ ଆରମ୍ଭ କରିଥିବା ନାନ୍ସି ପ୍ରଥମ ଦିନରେ ସିଙ୍ଗାପୁରରେ ପହଞ୍ଚିଥିଲେ। ପରେ ପ୍ରତିନିଧି ଦଳ ସହ ନାନ୍ସି ମାଲେସିଆ ଯାଇଥିଲେ। ମାଲେସିଆ ଏୟାର ଫୋର୍ସ ବେସ୍‌ରୁ ସେ ତାଇଓ୍ୱାନ ଅଭିମୁଖେ ବାହାରିଥିଲେ। ତାଇପେଇରେ ପହଞ୍ଚିବା ପରେ ତାଇଓ୍ୱାନର ଯୁଦ୍ଧବିମାନ ନାନ୍ସିଙ୍କୁ ଏକ୍ସର୍ଟ ପ୍ରଦାନ କରିଥିଲେ। ପରେ ନାନ୍ସି ଏ ନେଇ ଏକ ଟୁଇଟ୍ କରିଥିଲେ। 'ଆମ ପ୍ରତିନିଧିଙ୍କ ତାଇଓ୍ୱାନ ଗସ୍ତ ଏହି ଦ୍ୱୀପରାଷ୍ଟ୍ରର ଗଣତନ୍ତ୍ର ପ୍ରତି ଆମେରିକାର ସମର୍ଥନ ପ୍ରତିବଦ୍ଧତାକୁ ଦର୍ଶାଉଛି' ବୋଲି ସେ ଲେଖିଛନ୍ତି। ତାଇଓ୍ୱାନ ସହ ଆଲୋଚନା ଉଭୟ ରାଷ୍ଟ୍ରର ସହଭାଗିତାକୁ ନିଶ୍ଚିତ କରିବା ସହିତ ମୁକ୍ତ ଏବଂ ସ୍ୱାଧୀନ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଭାଗୀଦାରିକୁ ପ୍ରୋତ୍ସାହିତ କରିଛି ବୋଲି ନାନ୍ସି କହିଛନ୍ତି। ନାନ୍ସିଙ୍କ ତାଇଓ୍ୱାନ ଗସ୍ତକୁ ଚାଇନା ନିନ୍ଦା କରିଛି। ଆମେରିକା ଓ୍ୱାନ-ଚାଇନା ନୀତିର ଉଲ୍ଲଂଘନ କରିଛି। ଚାଇନା ନିଜ ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବ। ଏହାର ପରିଣାମ ଆମେରିକା ଓ ସ୍ୱାଧୀନତା ତାଇଓ୍ୱାନ ଦାବି କରୁଥିବା ବିଚ୍ଛିନ୍ନତାବାଦୀମାନେ ଭୋଗିବେ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ଓ୍ୱାଙ୍ଗ ୟି କହିଛନ୍ତି। ତାଇଓ୍ୱାନ ନିକଟ ୬ଟି ସ୍ଥାନରେ ଚାଇନା ସେନା ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମରାଭ୍ୟାସ କରିବ ବୋଲି କହିଛି। ଭାରତରେ ଥିବା ଚାଇନା ଦୂତାବାସ ମୁଖପାତ୍ର ଓ୍ୱାଙ୍ଗ୍ ଜିଆଓଜିଆନ୍ ମଧ୍ୟ ନାନ୍ସିଙ୍କ ଗସ୍ତକୁ ବିରୋଧ କରିଛନ୍ତି। ନାନ୍ସିଙ୍କ ତାଇଓ୍ୱାନ ଗସ୍ତ ଚାଇନାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ। ଏପରି କରି ଆମେରିକା ତାଇଓ୍ୱାନ ଜଳସୀମାରେ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି। 'ତାଇଓ୍ୱାନ ସ୍ୱାଧୀନତା' ପାଇଁ ବିଚ୍ଛିନ୍ନତାବାଦୀଙ୍କ ଉଦ୍ୟମକୁ ବେଜିଂ ଦୃଢ଼ ବିରୋଧ କରେ। 'ଓ୍ୱାନ-ଚାଇନା' ନୀତି ହିଁ ଚାଇନା ଓ ଆମେରିକା ସମ୍ପର୍କର ମୂଳଦୁଆ। କୌଣସି ବାହ୍ୟ ଶକ୍ତି ତାଇଓ୍ୱାନକୁ ପୃଥକ୍ ସ୍ୱାଧୀନ ରାଷ୍ଟ୍ର କରିବା ପ୍ରୟାସକୁ ଚାଇନା ପ୍ରଶ୍ରୟ ଦେବନାହିଁ ବୋଲି ସେ କହିଛନ୍ତି। ଏଥିଯୋଗୁ ଆମେରିକା ସହ ଚାଇନା ସମ୍ପର୍କ ଖରାପ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହା ପୂର୍ବରୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ମଧ୍ୟ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍‌ଙ୍କୁ ଚେତାବନୀ ଦେବା ସହ ତାଇଓ୍ୱାନ ପ୍ରସଙ୍ଗରେ ସହଯୋଗ କରିବାକୁ କହିଥିଲେ। ଏପରି କି ବେଜିଂର ଦୃଢ଼ ସମାଲୋଚକ ନାନ୍ସିଙ୍କ ଗସ୍ତକୁ ନେଇ ଚାଇନା ସାମରିକ କାର୍ଯ୍ୟାନୁଷ୍ଠାନ ନେବ ବୋଲି ମଧ୍ୟ ଧମକ ଦେଇଥିଲା। ଅନ୍ୟପକ୍ଷରେ ଆମେରିକାର ଏହି କାର୍ଯ୍ୟରେ ଉତ୍‌କ୍ଷିପ୍ତ ହୋଇ ଚାଇନା ତାଇଓ୍ୱାନ୍ ବିସ୍କୁଟ୍, ପେଷ୍ଟ୍ରି ଆଦି ସହ ୨୫ ଖାଦ୍ୟ ବ୍ରାଣ୍ଡ ଆମଦାନୀକୁ ବନ୍ଦ କରିଛି। ଚାଇନା କଷ୍ଟମ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ୩,୨୦୦ ତାଇଓ୍ୱାନ କମ୍ପାନୀ ମଧ୍ୟରୁ ୨,୦୬୬ କମ୍ପାନୀକୁ ସସ୍‌ପେଣ୍ଡ ତାଲିକାରେ ରଖାଯାଇଛି।

ନାନ୍ସି ପେଲୋସିଙ୍କ ତାଇଓ୍ୱାନ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଚାଇନା ପକ୍ଷରୁ ଆକ୍ରମଣ ଆଶଙ୍କାରେ ଏହି ଦ୍ୱୀପରାଷ୍ଟ୍ର ନିଜକୁ ଯୁଦ୍ଧ ପାଇଁ ପ୍ରସ୍ତୁତ କରୁଛି। ତାଇଓ୍ୱାନ ସେନା ଉଚ୍ଚସ୍ତରୀୟ ବୈଠକ କରିବା ସହ ଏୟାର ଡିଫେନ୍ସ ଫୋର୍ସକୁ ସକ୍ରିୟ ରଖାଯାଇଛି। ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ ପରଠାରୁ ଯୁଦ୍ଧରେ ସାଧାରଣ ଲୋକଙ୍କ ଭୂମିକାର ଗୁରୁତ୍ୱକୁ ତାଇଓ୍ୱାନ ବୁଝିଛି। ତେଣୁ ସେଠାକାର ଲୋକଙ୍କୁ ତାଇପେଇ ଯୁଦ୍ଧକୌଶଳ ତାଲିମ ପ୍ରଦାନ କରାଯାଉଛି।


ତାଇପେଇରେ ପହଞ୍ଚିବା ପରେ ନାନ୍ସି ପେଲୋସିଙ୍କୁ ସ୍ୱାଗତ କରୁଛନ୍ତି ତାଇଓ୍ୱାନ ବହିର୍ବ୍ୟାପାର ମନ୍ତ୍ରୀ ଜୋସେଫ୍ ଓ୍ୟୁ (ବାମ)।

## ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି ଓ୍ୱାଶିଂଟନ୍: ମସ୍କୋ


ମାରିଆ ଜାଖାରୋଭା

**ମସ୍କୋ, ୨।୮:** ନାନ୍ସିପେଲୋସିଙ୍କ ତାଇଓ୍ୱାନ ଗସ୍ତକୁ ନେଇ ରୁଷିଆ ଆମେରିକାକୁ କଡ଼ା ସମାଲୋଚନା କରିଛି। ସାରା ବିଶ୍ୱରେ ଓ୍ୱାଶିଂଟନ୍ ଅସ୍ଥିରତା ସୃଷ୍ଟି କରୁଛି। ନିକଟ ଦଶନ୍ଧିରେ କୌଣସି ଗୋଟିଏ ସମସ୍ୟା ସମାଧାନ ହୋଇପାରୁ ନ ଥିବାବେଳେ ଆହୁରି ବିବାଦ ସୃଷ୍ଟିକୁ ଉସୁକାଯାଉଛି ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି। ୟୁକ୍ରେନ୍ ଉପରେ ଆକ୍ରମଣ ପରେ ରୁଷିଆକୁ ଚାଇନା ଖୋଲାଖୋଲି ସମର୍ଥନ କରିଥିବାବେଳେ ଏବେ ମସ୍କୋ ବେଜିଂ ସପକ୍ଷରେ ବାହାରିଛି।

## ରାଷ୍ଟ୍ରପତି ଅଫିସ୍‌ର ୱେବ୍‌ସାଇଟ୍ ହ୍ୟାକ୍

ତାଇପେଇ, ୨।୮

ନାନ୍ସି ପେଲୋସିଙ୍କ ଗସ୍ତ ପୂର୍ବରୁ ତାଇଓ୍ୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ଓ୍ୱେନ୍‌ଙ୍କ ଅଫିସ୍‌ର ୱେବ୍‌ସାଇଟ ହ୍ୟାକ୍ ହୋଇଛି। ଏହି ସାଇବର ଆକ୍ରମଣ ପଛରେ ଚାଇନାର ହାତ ଥିବା କୁହାଯାଉଛି। କିଛି ସମୟ ପାଇଁ ରାଷ୍ଟ୍ରପତି କାର୍ଯ୍ୟାଳୟ ୱେବସାଇଟ କାମ କରିବା ବନ୍ଦ କରିଦେଇଥିଲା। ପରେ ତାହାକୁ ସ୍ୱାଭାବିକ କରାଯାଇଥିବା ଜଣାପଡ଼ିଛି।

## ଆମେରିକାର ୪ ଯୁଦ୍ଧପୋତ ମୁତୟନ



**ଓ୍ୱାଶିଂଟନ୍, ୨।୮:** ଚାଇନା ପକ୍ଷରୁ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ଆଶଙ୍କାରେ ଆମେରିକା ନୌସେନା ସତର୍କ ରହିଛି। ଆମେରିକା ପୂର୍ବ ତାଇଓ୍ୱାନରେ ୪ ଯୁଦ୍ଧପୋତ ମୁତୟନ କରିଛି। ଏୟାରକ୍ରାଫ୍ଟ କ୍ୟାରିୟର ୟୁଏସ୍‌ଏସ୍ ରୋନାଲ୍ଡ ରେଗାନ୍ ଦକ୍ଷିଣ ଚାଇନା ସାଗରରେ ନିୟୋଜିତ କରାଯାଇଥିବାବେଳେ ଏବେ ତାହା ପୂର୍ବ ତାଇଓ୍ୱାନରେ ଫିଲିପାଇନ୍ସ ସାଗରରେ ରହିଛି। ଜାପାନିଜ୍ ଏୟାରକ୍ରାଫ୍ଟ କ୍ୟାରିୟର ରେଗାନ୍‌ରେ ଗାଇଡେଡ୍ ମିଶାଇଲ କ୍ରୁଜର, ୟୁଏସ୍‌ଏସ୍ ଆଣ୍ଟାଇଟାମ୍ ଏବଂ ୟୁଏସ୍ ହିଗିନ୍ସ ଡେଷ୍ଟ୍ରୟର ରହିଛି। ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଏହା ସକ୍ଷମ ଥିଲେ ମଧ୍ୟ ଏବେ କେବଳ ରୁଟିନ୍ କାର୍ଯ୍ୟ ନିମନ୍ତେ ମୁତୟନ ହୋଇଥିବା ଆମେରିକା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଏଥିସହ ଆକ୍ରମଣକାରୀ ଜାହାଜ ୟୁଏସ୍‌ଏସ୍ ତ୍ରିପୋଲିକୁ ମଧ୍ୟ ତାଇଓ୍ୱାନ ନିକଟରେ ମୁତୟନ କରାଯାଇଛି।

## ମେଟା ସିଓଓ ପଦରୁ ଶେରିଲଙ୍କ ଇସ୍ତଫା



ଓ୍ୱାଶିଂଟନ,୨।୮: ଫେସ୍‌ବୁକ୍‌ର ମୂଳ କମ୍ପାନୀ ମେଟାରେ ୧୪ ବର୍ଷ କାର୍ଯ୍ୟ କରିବା ପରେ ଏହାର ମୁଖ୍ୟ ଅପରେଟିଂ ଅଫିସର (ସିଓଓ) ପଦରୁ ଶେରିଲ ସ୍ୟାଣ୍ଡବର୍ଗ ଇସ୍ତଫା ଦେଇଛନ୍ତି। ମେଟା ସଫଳତା ପଛରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତାଙ୍କ ଇସ୍ତଫା ସମ୍ପର୍କରେ ସୋମବାର ମେଟା ପକ୍ଷରୁ ସିକ୍ୟୁରିଟି ଏକ୍ସଚେଞ୍ଜ କମିଶନ (ଏସ୍‌ଇସି)କୁ ଜଣାଇଦିଆଯାଇଛି। ତାଙ୍କ ସ୍ଥାନରେ ଜାଭିଅର ଓଲିଭାନ୍‌ଙ୍କୁ ନୂଆ ସିଓଓ ନିଯୁକ୍ତ କରାଯାଇଛି। ୫୨ ବର୍ଷୀୟା ଶେରିଲ ମେଟା ବୋର୍ଡ ସଦସ୍ୟ ଭାବେ କାର୍ଯ୍ୟ କରିବେ ଏବଂ ଜଣେ ଅଣକର୍ମଚାରୀ ନିର୍ଦ୍ଦେଶକ ଭାବେ କମ୍ପେନ୍‌ସେଶନ ପାଇବେ।

## କୋଭିଡ୍ ଟିକାକରଣ ପରେ ସିଏଏ ଲାଗୁ ହେବ: ଶାହା



ନୂଆଦିଲ୍ଲୀ,୨।୮: ଦେଶରେ କୋଭିଡ୍ ଟିକାକରଣ ଅଭିଯାନ ଶେଷ ହେବା ପରେ ନାଗରିକତ୍ୱ (ସଂଶୋଧନ) ଆଇନ(ସିଏଏ) ଲାଗୁ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଉକ୍ତ ଆଇନ ଅନୁଯାୟୀ ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରୁ ବେଆଇନ ଭାବେ ଆସି ଭାରତରେ ରହିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ। ମଙ୍ଗଳବାର ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ପାର୍ଲାମେଣ୍ଟ ପରିସରରେ ଶାହାଙ୍କୁ ଭେଟିବା ବେଳେ ସେ ଉପରୋକ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଶୁଭେନ୍ଦୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ପଶ୍ଚିମବଙ୍ଗରେ ଭାଜପାର ବିଭିନ୍ନ କାର୍ଯ୍ୟକ୍ରମ ଓ ସାଂଗଠନିକ ପ୍ରସଙ୍ଗରେ ଅବଗତ କରାଇଥିଲେ। ଗତ ଏପ୍ରିଲରୁ ଦେଶରେ କୋଭିଡ୍ ଟିକାର ପ୍ରିକଶନ ଡୋଜ୍ ଦିଆଯିବା ଆରମ୍ଭ ହୋଇଥିଲା। ୯ ମାସ ମଧ୍ୟରେ ଏହା ଶେଷ ହେବା ଆଶା କରାଯାଉଛି।

## ମୁଦ୍ରାସ୍ଫୀତି ରୋକିବାକୁ ପଦକ୍ଷେପ ନିଆଯାଇଛି: ନିର୍ମଳା

ନୂଆଦିଲ୍ଲୀ, ୨।୮

ବିକଶିତ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତୀୟ ଅର୍ଥନୀତି ଉନ୍ନତ ସ୍ଥିତିରେ ରହିଛି। ବିଶ୍ୱ ବଜାରରେ ସାମଗ୍ରୀ ମହଙ୍ଗା ହେବା ଏବଂ ବାହାର ଦେଶରୁ ଆମଦାନି ମୁଦ୍ରାସ୍ଫୀତି ଯୋଗୁ ଭାରତର ବଜାର ପ୍ରଭାବିତ ହୋଇଛି। ଦରବୃଦ୍ଧିକୁ କେହି ଅସ୍ୱୀକାର କରୁନାହିଁ। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଲାଗି ସରକାର ଓ ରିଜର୍ଭ ବ୍ୟାଙ୍କ ଆବଶ୍ୟକ ପଦକ୍ଷେପ ନେଇଥିବା ରାଜ୍ୟ ସଭାରେ ମୂଲ୍ୟ ବୃଦ୍ଧି ପ୍ରସଙ୍ଗ ଆଲୋଚନାର ଉତ୍ତରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ବିରୋଧୀ ଦଳ ଆଲୋଚନାର ରାଜନୀତିକରଣ କରୁଥିବାରୁ ସେ ଏହାର ସମାଲୋଚନା କରିଛନ୍ତି।

ସରକାର ମୁଦ୍ରାସ୍ଫୀତି ବୃଦ୍ଧି ଜନିତ ସମସ୍ୟାକୁ ସ୍ୱୀକାର କରନ୍ତୁ ଓ ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସଭାରେ ଦାବି କରିଥିଲେ। ରୁଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହେବା ଫଳରେ ଇନ୍ଧନ ଓ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ସମସ୍ୟା ଦେଖାଯାଇଛି, ଯାହା କୌଣସି ଦେଶର ନିୟନ୍ତ୍ରଣ ବାହାରେ ବୋଲି ଭାଜପା ପକ୍ଷରୁ କୁହାଯାଇଥିଲା। ଦରଦାମ୍ ହ୍ରାସ ଲାଗି କେନ୍ଦ୍ର ସରକାର କ୍ରମାଗତ ପଦକ୍ଷେପ ନେଉଥିବା ଭାଜପା ନେତା ପ୍ରକାଶ ଜାଭଡେକର କହିଥିଲେ। ମୁଦ୍ରାସ୍ଫୀତି ଏବେ ୭ ପ୍ରତିଶତ ରହିଛି, ପୂର୍ବର ଉପା ସରକାର ସମୟରେ ଏହା ଦୁଇଅଙ୍କରେ ପହଞ୍ଚିଥିଲା ବୋଲି ସେ କହିଥିଲେ। କେନ୍ଦ୍ର ଓ ଭାଜପା ଶାସିତ ସରକାର ପେଟ୍ରୋଲ, ଡିଜେଲ ଉପରୁ ଟିକସ ହ୍ରାସ କରିଛନ୍ତି। ଅଣଭାଜପା ଶାସିତ ରାଜ୍ୟ ଭାଟ୍ ହ୍ରାସ କରିଥିଲେ ଲୋକଙ୍କ ଉପରେ ପଡୁଥିବା ମହଙ୍ଗା ମାଡ଼ କମିଥାନ୍ତା ବୋଲି ଜାଭଡେକର କହିଛନ୍ତି।



ଗୃହରେ ମୂଲ୍ୟବୃଦ୍ଧି ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି ସିପିଆଇ(ଏମ୍) ସଦସ୍ୟ ଏଲାମରାମ କରିମ କହିଥିଲେ, ୮ ବର୍ଷର ନରେନ୍ଦ୍ର ମୋଦି ସରକାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର କ୍ରମାଗତ ଭାବେ ବଢ଼ିଚାଲିଛି। ଖାଦ୍ୟଶସ୍ୟ ଦର ରେକର୍ଡ ସ୍ତରରେ ପହଞ୍ଚିଛି। ବଳକା ଖାଦ୍ୟଶସ୍ୟ ପିଡିଏସ୍ ବ୍ୟବସ୍ଥା ମାଧ୍ୟମରେ ଗରିବ ଜନସାଧାରଣଙ୍କୁ ମାଗଣା ବଣ୍ଟନ କରାଯିବାକୁ ସେ ଦାବି କରିଥିଲେ। ଦର ବୃଦ୍ଧି ସାଙ୍ଗକୁ ପ୍ୟାକ୍ ହୋଇ ନ ଥିବା ଖାଦ୍ୟସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହୋଇ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ାଇ ଦେଇଛି ବୋଲି ଟିଏମ୍‌ସି ନେତା ଡେରେକ ଓ'ବ୍ରିଏନ୍ କହିଥିଲେ।

### ଅହଂକାରରେ ସରକାର ଅନ୍ଧ


ରାହୁଲ ଗାନ୍ଧୀ

ପାର୍ଲାମେଣ୍ଟରେ ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଉତ୍ତରକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଜୋର୍‌ଦାର ବର୍ଷିଛନ୍ତି। ଭାରତ ମାନ୍ଦାବସ୍ଥାକୁ ଯିବାର ପ୍ରଶ୍ନ ଉଠୁନାହିଁ ବୋଲି ସୋମବାର ଲୋକ ସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଥିଲେ। ଭାଜପା ସରକାର ଦେଶର ସମ୍ପତ୍ତିକୁ ଏହାର ବନ୍ଧୁମାନଙ୍କୁ ଶାଗମାଛ ଦରରେ ବିକି ଦେଉଛି। ଅହଂକାରରେ ଅନ୍ଧ ହୋଇଥିବା ସରକାରଙ୍କୁ ଦେଶର ମୁଦ୍ରାସ୍ଫୀତି ଦେଖାଯାଉ ନାହିଁ ବୋଲି ରାହୁଲ କହିଛନ୍ତି।

## କେରଳରେ ୫, ଦିଲ୍ଲୀରେ ୩ ମଙ୍କିପକ୍ସ ସଂକ୍ରମିତ

**ନୂଆଦିଲ୍ଲୀ,୨।୮:** ଭାରତରେ ମଙ୍କିପକ୍ସ ସଂକ୍ରମିତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। କେରଳରେ ଅଦ୍ୟାବଧି ୫ ଜଣ ଏବଂ ଦିଲ୍ଲୀରେ ୩ ଜଣ ମଙ୍କିପକ୍ସ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସ୍ଥିତି ଅନୁଧ୍ୟାନ ଏବଂ ନିଦାନ ଓ ଟିକାର ବିକାଶ ଲାଗି ଜାତୀୟ ଟାସ୍କଫୋର୍ସ ଗଠନ କରାଯାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ୮ ମାମଲା ମଧ୍ୟରୁ ୫ ଜଣ ବିଦେଶ ଭ୍ରମଣରେ ଯାଇଥିଲେ। ଦିଲ୍ଲୀରେ ଜଣେ ୩୫ ବର୍ଷୀୟ ବିଦେଶୀ ମଙ୍ଗଳବାର ମଙ୍କିପକ୍ସ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ସେ ନିକଟରେ ବିଦେଶ ଭ୍ରମଣରେ ଯାଇ ନ ଥିଲେ। ତାଙ୍କୁ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାରତରେ ପ୍ରଥମ ମଙ୍କିପକ୍ସ ରୋଗୀ ଜୁଲାଇ ୧୪ରେ କେରଳରେ ଚିହ୍ନଟ ହୋଇଥିଲେ। ମଙ୍କିପକ୍ସ ସଂକ୍ରମଣ ରୋକିବା ଲାଗି ଗତ ମେ' ୧ରେ କେନ୍ଦ୍ର ପକ୍ଷରୁ ସମସ୍ତ ରାଜ୍ୟ ନିମନ୍ତେ ଗାଇଡ୍‌ଲାଇନ ଜାରି ହୋଇଥିଲା।


ଇରାନ୍ ସମର୍ଥିତ ଇରାକର ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କୁ ବିରୋଧ କରି ଲୋକପ୍ରିୟ ନେତା ମୁକ୍ତାଦା ଅଲ୍-ସଦରଙ୍କ ସମର୍ଥକମାନେ ବାଗଦାଦ୍‌ସ୍ଥିତ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ କରୁଛନ୍ତି।

## ନ୍ୟାଶନାଲ ହେରାଲ୍ଡ କାର୍ଯ୍ୟାଳୟରେ ଇଡି ଚଢ଼ାଉ

### ଅଫିସ ବାହାରେ କଂଗ୍ରେସର ବିକ୍ଷୋଭ

ନୂଆଦିଲ୍ଲୀ,୨।୮

ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଜେରା କରିବା ପରେ ମଙ୍ଗଳବାର ଦଳ ମାଲିକାନାରେ ଥିବା ନ୍ୟାଶନାଲ ହେରାଲ୍ଡ ଖବରକାଗଜ ମୁଖ୍ୟାଳୟ ସମେତ ଆସୋସିଏଟେଡ୍ ଜର୍ନାଲ୍ସ ଲିଃ (ଏଜେଏଲ୍) ସହ ସମ୍ପୃକ୍ତ ଅନ୍ୟ ୧୧ଟି ସ୍ଥାନରେ ଚଢ଼ାଉ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଆପରାଧିକ ଧାରା ଅନୁଯାୟୀ ଅଧିକ ତଥ୍ୟ ପ୍ରମାଣ ସଂଗ୍ରହ ଲାଗି ଏହି ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ପରେ ତଦନ୍ତକାରୀ ସଂସ୍ଥା ସମ୍ପତ୍ତି ଜବତ କରିପାରେ ବୋଲି କେତେକ ସୂତ୍ରରୁ କୁହାଯାଇଛି।

ଅନ୍ୟପକ୍ଷରେ ଇଡି ଚଢ଼ାଉ ପ୍ରତିବାଦରେ ନ୍ୟାଶନାଲ ହେରାଲ୍ଡ ଅଫିସ ବାହାରେ ବହୁସଂଖ୍ୟାରେ କଂଗ୍ରେସ କର୍ମୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପ୍ଲାକାର୍ଡ ଧରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ମୁଦ୍ରାସ୍ଫୀତି, ବେରୋଜଗାରୀ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିରୋଧୀ ଦଳ ପ୍ରଶ୍ନର ଜବାବ ଦେଇପାରୁ ନ ଥିବା କେନ୍ଦ୍ର ସରକାର ଏଭଳି ଜେରା ଓ ଚଢ଼ାଉ କରି ପ୍ରଶ୍ନ କରୁଥିବା ବ୍ୟକ୍ତିଙ୍କୁ ଅପମାନିତ ଓ ବ୍ଲାକ୍‌ମେଲ୍ କରିବାକୁ ଉଦ୍ୟମ କରୁଛି ବୋଲି କଂଗ୍ରେସ କହିଛି। କେବଳ କଂଗ୍ରେସ ନୁହେଁ ଅଧିକାଂଶ ବିରୋଧୀ ଦଳକୁ ଅସୁବିଧାରେ ପକାଯାଉଛି। ତେବେ କଂଗ୍ରେସ ଏଥିରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ଦଳ ମୁଖପାତ୍ର ସୟେଦ ନାସିର ହୁସେନ କହିଛନ୍ତି। ସରକାରଙ୍କ ବିରୋଧରେ କହୁଥିବା ଲୋକଙ୍କ ପଛରେ ପ୍ରତିଶୋଧ ରାଜନୀତିକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି। ଆମ ପାଟି ବନ୍ଦ କରିପାରିବ ନାହିଁ ବୋଲି କଂଗ୍ରେସ ଏମ୍‌ପି ଜୟରାମ ରମେଶ ଟୁଇଟ୍ କରିଛନ୍ତି।

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ସୋନିଆଙ୍କୁ ୧୨ ଘଣ୍ଟାରେ ଶତାଧିକ ପ୍ରଶ୍ନ କରାଯାଇଥିଲା। ଏହା ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୫ ଦିନରେ ୧୫୦ ଘଣ୍ଟା ଜେରା କରାଯାଇଥିଲା। ଏହା ପୂର୍ବରୁ ଗତ ଏପ୍ରିଲରେ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପଓ୍ୱନ ବଂଶଲଙ୍କୁ ମଧ୍ୟ ଇଡି ଜେରା କରିଥିଲା।


ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟମାନେ ନ୍ୟାଶନାଲ ହେରାଲ୍ଡ ଅଫିସ୍ ବାହାରେ ବିକ୍ଷୋଭ କରୁଛନ୍ତି।

## ୭ ଜଣଙ୍କ ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡାଦେଶ

**ଗାଜିଆବାଦ,୨।୮:** ୨୦୧୩ରେ ଜଣେ ବ୍ୟବସାୟୀ ଓ ତାଙ୍କ ପରିବାରର ୬ ଜଣ ସଦସ୍ୟଙ୍କୁ ହତ୍ୟା କରିଥିବା ଡ୍ରାଇଭର ରାହୁଲ ବର୍ମାଙ୍କୁ ସୋମବାର ଗାଜିଆବାଦର ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ବ୍ୟବସାୟୀ ସତୀଶ ଚନ୍ଦ୍ର ଗୋଏଲ୍ ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ମାମଲାରେ ଅତିରିକ୍ତ ସେସନ୍ସ ଜଜ୍ ନିର୍ମଳ ଚନ୍ଦ୍ର ସେମଓ୍ୱାଲ ଦୋଷୀସାବ୍ୟସ୍ତ କରିଥିଲେ। ୨୦୧୩ ମେ' ୨୨ରେ ବ୍ୟବସାୟୀଙ୍କ ପରିବାରର ୩ ପିଢ଼ିଙ୍କୁ ହତ୍ୟା କରାଯାଇଥିଲା ବୋଲି ବିଚାରପତି କହିଛନ୍ତି। ସରକାରୀ ଓକିଲ ରାଜେଶ ଚନ୍ଦ୍ର ଶର୍ମାଙ୍କ କହିବା ଅନୁଯାୟୀ ବ୍ୟବସାୟୀ ଗୋଏଲଙ୍କ ଘରୁ ୪.୫ ଲକ୍ଷ ଟଙ୍କା ଗାଏବ ହେବା ପରେ ଡ୍ରାଇଭର ବର୍ମାଙ୍କୁ ସେ ଚାକିରିରୁ ବାହାର କରିଦେଇଥିଲେ। ଏହାର ୧୫ ଦିନ ପରେ ହତ୍ୟାକାଣ୍ଡ ଘଟିଥିଲା।

# ଭାରୋତ୍ତୋଳନରେ ବିକାଶଙ୍କୁ ରୌପ୍ୟ



ପୁରୁଷ ଟେବୁଲ ଟେନିସ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳ।



ଭାରୋତ୍ତୋଳନ ଅବସରରେ ଭାରତର ବିକାଶ ଠାକୁର।

**ବର୍ମିଂହାମ୍, ୨।୮ (ପି.ଟି.)**

ଭାରତର ହେଭିୱେଟ୍ ଲିଫ୍ଟର ବିକାଶ ଠାକୁର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦେଶ ପାଇଁ ଆଉ ଏକ ପଦକ ଆଣିଦେଇଛନ୍ତି। ମଙ୍ଗଳବାର ପୁରୁଷ ୯୬କେଜି ଶ୍ରେଣୀରେ ସେ ରୌପ୍ୟ ପଦକ ଲାଭ କରିଛନ୍ତି। ପୁରୁଖା ଭାରୋତ୍ତୋଳକ ସମୁଦାୟ ୩୪୬କେଜି ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ତିନୋଟି ସଂସ୍କରଣରେ ସେ ତିନୋଟି ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଠାକୁରଙ୍କର ଏହା ଥିଲା ଦ୍ୱିତୀୟ ରୌପ୍ୟ। ୨୦୧୪ ଗ୍ଲାସ୍‌ଗୋ ସଂସ୍କରଣରେ ସେ ଦ୍ୱିତୀୟ ହୋଇଥିଲେ। ଗୋଲ୍ଡ କୋଷ୍ଟରେ ସେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ସାମୋଆର ଡନ୍ ଓପେଲୋଗେ ୩୮୧କେଜି (୧୭୧ କେଜି+ ୨୧୦କେଜି) ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓପେଲୋଗେ ହେଉଛନ୍ତି ୨୦୧୮ ସଂସ୍କରଣର ରୌପ୍ୟ ବିଜେତା। ଫିଜିର ଟାନିଲା ଟୁଇସୁଭା ରେନିବୋଗି ମୋଟ ପ୍ରଚେଷ୍ଟା ୩୪୩କେଜି (୧୫୫କେଜି+୧୮୮କେଜି) ସହ ବ୍ରୋଞ୍ଜ ପଦକ ପାଇଥିଲେ। ୫ଥର ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ପଦକ ବିଜେତା ଠାକୁରଙ୍କର ତିନୋଟି କ୍ଲିନ୍ ଲିଫ୍ଟ ୧୪୯କେଜି, ୧୫୩ କେଜି ଓ ୧୫୫କେଜି ରହିଥିଲା। ସ୍ନାଚ ରାଉଣ୍ଡ ପରେ ସେ ମିଳିତ ତୃତୀୟ ସ୍ଥାନରେ ରହିଥିଲେ। କ୍ଲିନ ଓ ଜର୍କ ବିଭାଗରେ ଠାକୁର ପ୍ରଥମେ ୧୮୭ କେଜି ସହଜରେ ଲିଫ୍ଟ କରିଥିଲେ। ଦ୍ୱିତୀୟ ପ୍ରଚେଷ୍ଟାରେ ସେ ୧୯୧କେଜି ଉଠାଇଥିଲେ। ଏଥିପାଇଁ ତାଙ୍କୁ ଅତିରିକ୍ତ ଉଦ୍ୟମ କରିବାକୁ ପଡ଼ିଥିଲା। ତାଙ୍କର ରୌପ୍ୟ ପଦକ ପକ୍କା ହୋଇଯାଇଥିଲା। ପରେ ତାଙ୍କ ତୃତୀୟ ପ୍ରଚେଷ୍ଟାରେ ସେ ୧୯୮କେଜି ଓଜନ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ, ଯାହାକୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠଠାରୁ ଗୋଟିଏ କିଲୋଗ୍ରାମ ଅଧିକ ଥିଲା। କିନ୍ତୁ କହିବାକୁ ଗଲେ ଏହି ଇଭେଣ୍ଟ ଓପେଲୋଗେଙ୍କର ଥିଲା। ସେ ସ୍ନାଚ, କ୍ଲିନ ଆଣ୍ଡ ଜର୍କ ଏବଂ ଟୋଟାଲ ଲିଫ୍ଟରେ ଗେମ୍ସ ରେକର୍ଡ କରିଥିଲେ।

**ମୁରଲୀ ଶ୍ରୀଶଙ୍କର, ୟାହିୟା ଫାଇନାଲରେ**

ଜାତୀୟ ରେକର୍ଡଧାରୀ ମୁରଲୀ ଶ୍ରୀଶଙ୍କର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଲଙ୍ଗ ଜମ୍ପ କ୍ୱାଲିଫିକେଶନ ରାଉଣ୍ଡରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ମହମ୍ମଦ ଆନିସ ୟାହିୟା ୮ମ ଶ୍ରେଷ୍ଠ ଭାବେ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୩ ବର୍ଷୀୟ ଶ୍ରୀଶଙ୍କର ଜଣେ ସ୍ୱର୍ଣ୍ଣ ପଦକ ଦାବିଦାର। ସେ ୮ ମିଟର କ୍ୱାଲିଫିକେଶନ ଅଙ୍କ ହାସଲ କରି ଯୋଗ୍ୟତା ହାସଲ କରିବାରେ ଏକମାତ୍ର ଆଥଲେଟ। ଗ୍ରୁପ୍ ଏ' ଓପନିଂ ରାଉଣ୍ଡରେ ସେ ୮.୦୫ ମିଟର ଜମ୍ପ କରିଥିଲେ। ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାର ଇଉଜିନ୍‌ଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ୭ମ ସ୍ଥାନ ଅଧିକାର କରିଥିବା ଶ୍ରୀଶଙ୍କରଙ୍କ ସିଜନର ବ୍ୟକ୍ତିଗତ ଶ୍ରେଷ୍ଠ ୮.୩୬ ମିଟର ରହିଛି। ଯେଉଁମାନେ ସ୍ୱାଭାବିକ କ୍ୱାଲିଫିକେଶନ ଅଙ୍କ ୮ମିଟର ଅବା ଶ୍ରେଷ୍ଠ ୧୨ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହିଲେ ସେମାନେ ଅଗଷ୍ଟ ୪ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

**ସୁଇମିଂ: ପେଜ୍, ରାଓ୍ୱତ ୧୫୦୦ ମିଟର ଫାଇନାଲରେ**

ଭାରତୀୟ ସୁଇମର ଆଡ୍‌ଭେଟ୍ ପେଜ୍ ଓ କୁଶାଗ୍ରା ରାଓ୍ୱତ ପୁରୁଷ ୧୫୦୦ ମିଟର ଫ୍ରିଷ୍ଟାଇଲ୍ ଫାଇନାଲରେ ପ୍ରବେଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଙ୍ଗଳବାର ଉଭୟେ ସେମାନଙ୍କ ହିଟ୍‌ରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ଦୁଇ ଭାରତୀୟ ସୁଇମରଙ୍କ ମଧ୍ୟରେ ପେଜଙ୍କ ଟାଇମିଂ ଭଲ ରହିଥିଲା। ହିଟ୍-୧ରେ ତାଙ୍କ ଟାଇମିଂ ୧୫:୩୯.୨୫ ସେକେଣ୍ଡ ରହିଥିଲା। ହିଟ୍-୨ରେ ରାଓ୍ୱତଙ୍କ ଟାଇମିଂ ୧୫:୪୭.୭୭ ସେକେଣ୍ଡ ରହିଥିଲା। ଦୁଇଟି ହିଟ୍‌ରୁ ଶ୍ରେଷ୍ଠ ୮ଜଣ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଶ୍ରୀହରି ନଟରାଜ ଶ୍ରେଷ୍ଠ ଭାରତୀୟ ଟାଇମିଂ ସହ ହିଟ୍ ନମ୍ବର-୨ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ପୁରୁଷ ୨୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହୋଇଥିଲେ। ନଟରାଜଙ୍କ ଟାଇମିଂ ୨:୦୦.୮୪ ସେକେଣ୍ଡ ରହିଥିଲା। ତେବେ ଇଭେଣ୍ଟର ସେ ପ୍ରଥମ ରିଜର୍ଭ ସୁଇମର ହୋଇଛନ୍ତି। ଏହା ପୂର୍ବରୁ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ୨୦୧୯ ଫିନା ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ଦେଖିବାକୁ ମିଳିଥିଲା। ସେତେବେଳେ ତାଙ୍କ ଟାଇମିଂ ୨:୦୧.୭୦ ସେକେଣ୍ଡ ରହିଥିଲା। ସନ୍ତରଣରେ ଜାତୀୟ ରେକର୍ଡ ଟାଇମିଂ କେବଳ ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ହାସଲ କରାଯାଇପାରିଥାଏ। ଫଳତଃ ଅନ୍ୟ ମିଟ୍‌ଗୁଡ଼ିକରେ ଶ୍ରେଷ୍ଠ ଭାରତୀୟ ଟାଇମ୍ ବୋଲି କୁହାଯାଇଥାଏ। ଇଂଲଣ୍ଡର ଲ୍ୟୁକ ଗ୍ରୀନ୍ ବ୍ୟାଙ୍କ୍ ୧:୫୬.୩୩ ସେକେଣ୍ଡ ଟାଇମିଂରେ ହିଟ୍ ଜିତିଥିବା ବେଳେ ଦକ୍ଷିଣ ଆଫ୍ରିକାର ପିଟର କୋଜି (୧:୫୮.୦୮ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହିଥିଲେ। ତିନୋଟି ହିଟ୍‌ର ଶ୍ରେଷ୍ଠ ୮ ସନ୍ତରଣକାରୀ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଭାରତୀୟ ସୁଇମର ଓଭରାଲ ୯ମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ପ୍ରଥମ ରିଜର୍ଭ ରଖାଯାଇଛି। କୌଣସି କାରଣରୁ ଜଣେ ଫାଇନାଲରୁ ଓହରି ଗଲେ ତାଙ୍କୁ ରେସ୍‌ରେ ଭାଗନେବା ଲାଗି ସୁଯୋଗ ମିଳିବ।

**ଶଟ୍‌ପୁଟ୍‌ରେ ମନ୍‌ପ୍ରୀତ**

ଶଟପୁଟରେ ମନପ୍ରୀତ କୌର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାଲିଫିକେଶନ ଅଙ୍କ ୧୮ ମିଟର ହାସଲ ନ କରି ଯେଉଁ ୯ଜଣ ମହିଳା ଫାଇନାଲକୁ ଉନ୍ନୀତ ହୋଇଛନ୍ତି ସେମାନଙ୍କ ମଧ୍ୟରେ ସେ ଅନ୍ୟତମ। ଶ୍ରେଷ୍ଠ ୧୨ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହି ଯୋଗ୍ୟତା ଅର୍ଜନ କରିଥିଲେ। ୩୨ ବର୍ଷୀୟା କୌର ଗ୍ରୁପ୍ ବି' କ୍ୱାଲିଫିକେଶନ ରାଉଣ୍ଡରେ ଏକ ଶ୍ରେଷ୍ଠ ଥ୍ରୋ ୧୬.୭୮ମିଟର ସହ ଚତୁର୍ଥ ଏବଂ ଓଭରାଲ ୭ମ ସ୍ଥାନରେ ରହିଥିଲେ। ତାଙ୍କର ସିଜନ ଶ୍ରେଷ୍ଠ ୧୮.୦୬ ମିଟର ଏବଂ ବ୍ୟକ୍ତିଗତ ଶ୍ରେଷ୍ଠ ୧୮.୮୬ ମିଟର ରହିଛି।





ମଙ୍ଗଳବାର ଅଷ୍ଟ୍ରେଲିଆ ଓ ୱେଲ୍ସ ମଧ୍ୟରେ ଅନୁଷ୍ଠିତ ମହିଳା ନେଟ୍‌ବଲ ମ୍ୟାଚ। ମହିଳା ହେପ୍‌ଟାଥଲନ ଇଭେଣ୍ଟର ୧୦୦ ମିଟର ହର୍ଡଲ୍ସ ଅବସରରେ ଇଂଲଣ୍ଡର କାଟାରିନା ଜନସନ-ଥମ୍ପସନ ଓ ଅଷ୍ଟ୍ରେଲିଆର ଟାନିଲେ କ୍ରାସେ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ାଗ୍ରାମରେ ପୋଲାର୍ଡ

**ବର୍ମିଂହାମ୍, ୨।୮ (ପି.ଟି):** ରାଜ୍ୟଗୋଷ୍ଠୀ କ୍ରୀଡ଼ାଗ୍ରାମରେ କିରନ ପୋଲାର୍ଡଙ୍କୁ ନେଇ ବେଶ୍ ଚର୍ଚ୍ଚା। ତେବେ ଚର୍ଚ୍ଚାର ଶିରୋନାମା ପାଲଟିଥିବା ଏହି ଖେଳାଳି ଜଣଙ୍କ କିନ୍ତୁ କ୍ରିକେଟର ନୁହନ୍ତି ବରଂ ସନ୍ତରଣକାରୀ। ପଶ୍ଚିମ ଅଷ୍ଟ୍ରେଲିଆର ଏହି ୨୩ ବର୍ଷୀୟ ଖେଳାଳି ଜଣଙ୍କ ଚଳିତ ବର୍ଷ ୩ଟି ବର୍ଗରେ ଅଂଶଗ୍ରହଣ କରୁଥିବା ବେଳେ ୨୦୦ ମି. ବଟରଫ୍ଲାଏ ବର୍ଗରେ ଶ୍ରୀହରି ନଟରାଜଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପୂର୍ବରୁ ୨୦୧୯ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ପଦକ ହାସଲ କରି ସାରିଥିବା ବେଳେ ଏହା ତାଙ୍କର ସବୁଠୁ ବଡ ଇଭେଣ୍ଟ। ୱେଷ୍ଟର୍ନ ଅଷ୍ଟ୍ରେଲିଆ ୱେବ୍‌ସାଇଟରେ ରହିଥିବା ପୋଲାର୍ଡଙ୍କ ବାୟୋ ମଧ୍ୟ ବେଶ୍ ଚମତ୍କାର। ଯେଉଁ ଦିନଗୁଡ଼ିକରେ ଶରୀର ଯନ୍ତ୍ରଣା କାରଣରୁ ଅନ୍ୟମାନେ ବିଶ୍ରାମ ନିଅନ୍ତି ସେହି ଦିନଗୁଡ଼ିକରେ ଚାମ୍ପିୟନମାନେ ଅଭ୍ୟାସ କରନ୍ତି ବୋଲି ସେ ଲେଖିଛନ୍ତି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ୟାମସୁନ୍ଦର ପଟ୍ଟନାୟକ

ଦାଣ୍ଡିମାଳ ସାହି, ପୁରୀ

ବାପା! ଚାହୁଁ ଚାହୁଁ ବର୍ଷେ ବିତିଗଲା। ଆମକୁ ଛାଡ଼ି ସବୁ ମୋହମାୟା ତୁଟାଇ କେଉଁ ଅଫେରା ରାଇଜକୁ ଚାଲିଗଲ, ଖାଲି ଫଟୋରେ ଶୋଭା ପାଇଲ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର ପ୍ରାର୍ଥନା।

ଇତି: ତୁମର ଶୋକସନ୍ତପ୍ତ ପରିବାରବର୍ଗ।

ଧ-୭୩୫୧୩

### ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୩୨ | ୨୨ | ୨୩ | ୭୭ |
| ଇଂଲଣ୍ଡ | ୨୪ | ୨୬ | ୧୨ | ୬୨ |
| ନ୍ୟୁଜିଲାଣ୍ଡ | ୧୩ | ୭ | ୫ | ୨୫ |
| କାନାଡ଼ା | ୭ | ୧୧ | ୧୮ | ୩୬ |
| ଦକ୍ଷିଣ ଆଫ୍ରିକା | ୫ | ୪ | ୪ | ୧୩ |
| **ଭାରତ** | **୫** | **୪** | **୩** | **୧୨** |
| ସ୍କଟଲାଣ୍ଡ | ୨ | ୮ | ୧୪ | ୨୪ |
| ୱେଲ୍ସ | ୨ | ୨ | ୭ | ୧୧ |
| ମାଲେସିଆ | ୨ | ୨ | ୨ | ୬ |
| ସାଇପ୍ରସ୍ | ୨ | ୧ | ୪ | ୭ |
| ନାଇଜେରିଆ୨ | ୧ | ୨ | ୫ | |
| ସିଙ୍ଗାପୁର | ୧ | ୩ | ୧ | ୫ |

(ମଙ୍ଗଳବାର ରାତି ୯.୩୦ଟା ସୁଦ୍ଧା)

## ସୁନ୍ଦରୀ ପ୍ରତିଯୋଗିତାରୁ ରାଜ୍ୟଗୋଷ୍ଠୀ ପଦକ

**ବର୍ମିଂହାମ୍, ୨।୮**

ଇଂଲଣ୍ଡ ଭାରୋତ୍ତୋଳିକା ସାରା ଡେଭିସ୍ ୭୧ କିଗ୍ରା ଓଜନ ବର୍ଗରେ ରେକର୍ଡ କରିବା ସହିତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। କ୍ଲିନ୍ ଆଣ୍ଡ ଜର୍କରେ ୧୨୬ କିଗ୍ରାର ଓଜନ ଉଠାଇ ରାଜ୍ୟଗୋଷ୍ଠୀ ରେକର୍ଡ ନିଜ ନାମରେ କରିଥିଲେ ସାରା। ଏହା ସହିତ ସ୍ୱର୍ଣ୍ଣ ପଦକ ଉପରେ ମଧ୍ୟ କବଜା କରି ନେଇଥିଲେ। ତେବେ ସାରାଙ୍କ ବିଷୟରେ ଏକ ମଜାଦାର ତଥ୍ୟ ହେଉଛି ଜଣେ ଭାରୋତ୍ତୋଳିକା ହେବା ପୂର୍ବରୁ ସେ ବିଭିନ୍ନ ସୁନ୍ଦର ପ୍ରତିଯୋଗିତା(ବ୍ୟୁଟି ପିଜାଣ୍ଟ)ରେ ଅଂଶଗ୍ରହଣ କରିଥିଲେ। ମିସ୍ ଲିଡ୍‌ସ ଓ ମିସ୍ ଇଣ୍ଟରକଣ୍ଟିନେଣ୍ଟାଲ ଇଂଲଣ୍ଡ ପରି ବ୍ୟୁଟି ପିଜାଣ୍ଟ ଟାଇଟଲ ହାସଲ କରିଥିଲେ ସାରା। ଏହାପରେ ଭାରୋତ୍ତୋଳନ ଆରମ୍ଭ କରିବା ସହିତ ୨୦୧ ରାଜ୍ୟଗୋଷ୍ଠୀ କ୍ରୀଡା ଏବଂ ୨୦୨୧ ବିଶ୍ୱ ଚାମ୍ପିୟନଶିପରେ ରୌପ୍ୟ ପଦକ ହାସଲ କରିଥିଲେ। ଦୁଇଟି ଭିନ୍ନ ଭିନ୍ନ ଓଜନ ବର୍ଗରେ ସାରାଙ୍କ ନାମରେ ୬ଟି ଅଲଗା ଅଲଗା ବ୍ରିଟିଶ ରେକର୍ଡ ରହିଛି। ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ୫ ନମ୍ବର ସ୍ଥାନରେ ରହିଥିବା ସାରା ୬ଥର ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛନ୍ତି।



## ହରଜିନ୍ଦରଙ୍କୁ ୪୦ ଲକ୍ଷ

**ଚଣ୍ଡିଗଡ, ୨।୮ (ପି.ଟି):** ରାଜ୍ୟଗୋଷ୍ଠୀ କ୍ରୀଡାରେ ମହିଳା ୭୧ କିଗ୍ରା ଭାରୋତ୍ତୋଳନରେ ବ୍ରୋଞ୍ଜ ପଦକ ବିଜୟିନୀ ହରଜିନ୍ଦର କୌରଙ୍କ ପାଇଁ ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ପଞ୍ଜାବ ସରକାର। ପଟିଆଲା ଜିଲାର ନାଭାରେ ରହୁଥିବା ଏହି ଆଥ୍‌ଲେଟ ଜଣଙ୍କ ସମୁଦାୟ ୨୧୨ କିଗ୍ରାର ଓଜନ ଉଠାଇଥିଲେ। ସେ ସ୍ନାଚରେ ୯୩ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୯ କିଗ୍ରା ଭାର ଉଠାଇବା ସହିତ ପୋଡିୟମ ଫିନିଶ କରିଥିଲେ। ୨୨୯ କିଗ୍ରା ଓଜନ ଉଠାଇବା ସହିତ ଇଂଲଣ୍ଡର ସାରା ଡେଭିସ୍ ସ୍ୱର୍ଣ୍ଣ ଓ କାନାଡାର ଆଲେକ୍ସିସ୍ ଆଶଓର୍ଥ ୨୧୪ କିଗ୍ରା ସହିତ ରୌପ୍ୟ ପଦକ ହାସଲ କରିଥିଲେ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ଏହି ପୁରସ୍କାର ରାଶି ଘୋଷଣା କରିବା ସହିତ ହରଜିନ୍ଦରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମାନ୍ କହିଛନ୍ତି, ଲକ୍ଷ ଲକ୍ଷ ପଞ୍ଜାବୀ ଝିଅଙ୍କ ପାଇଁ ତୁମେ ପ୍ରେରଣାର ଉତ୍ସ ପାଲଟିଛ ଏବଂ ଆଗାମୀ ଦିନରେ ଅନେକ କ୍ରୀଡାବିତ୍ ତୁମକୁ ନିଜ ଆଦର୍ଶ ମନେ କରିବେ। ପଞ୍ଜାବ କ୍ରୀଡାମନ୍ତ୍ରୀ ଗୁରମିତ ସିଂ ମିତ ହେୟର ହରଜିନ୍ଦର ଓ ତାଙ୍କ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଗଷ୍ଟ ୨୮ରେ ଭାରତ-ପାକିସ୍ତାନ ମ୍ୟାଚ୍

**ଦୁବାଇ, ୨।୮ (ପି.ଟି)**

ପ୍ରକାଶ ପାଇଛି ଏସିଆ କପ୍ ୨୦୨୨ର କାର୍ଯ୍ୟସୂଚୀ। ପୁଣି ଥରେ କ୍ରିକେଟ ଫ୍ୟାନମାନଙ୍କୁ ଦେଖିବାକୁ ମିଳିବ ଭାରତ ଓ ପାକିସ୍ତାନ ଲଢେଇ। ଶ୍ରୀଲଙ୍କାରେ ଚଳିତ ସଂସ୍କରଣର ଏସିଆ କପ୍ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଦେଶରେ ଦେଖା ଦେଇଥିବା ଅର୍ଥନୈତିକ ସଙ୍କଟ କାରଣରୁ ଏହାକୁ ଦୁବାଇକୁ ସ୍ଥାନାନ୍ତର କରାଯାଇଛି। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟଟି ଟି୨୦ ଫର୍ମାଟରେ ଖେଳାଯିବ। ୨୦୧୬ ପରେ ଦ୍ୱିତୀୟ ଥର ପାଇଁ ଏହି ଫର୍ମାଟରେ ଏସିଆ କପ୍ ଖେଳାଯିବ। ଉକ୍ତ ବର୍ଷ ଭାରତ ବାଂଲାଦେଶକୁ ହରାଇ ଚାମ୍ପିୟନ୍ ହୋଇଥିଲା। ବିସିସିଆଇ ସମ୍ପାଦକ ତଥା ଏସିଆନ୍ କ୍ରିକେଟ କାଉନସିଲର ମୁଖ୍ୟ ଜୟ ଶାହ ଟୁଇଟ୍ କରି ସୂଚୀ ଘୋଷଣା କରିଛନ୍ତି।

ଚଳିତ ବର୍ଷ ଅଗଷ୍ଟ ୨୭ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ୨୮ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ ଭାରତ। ଷଡ଼ରାଷ୍ଟ୍ରୀୟ ଟୁର୍ନାମେଣ୍ଟଟି ସୁପର୍-୪ ଫର୍ମାଟରେ ଖେଳାଯିବ। ୬ଟି ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ରଖାଯାଇଛି। ଭାରତ, ପାକିସ୍ତାନ ଓ ଏକ ଯୋଗ୍ୟତା ହାସଲକାରୀ ଦଳ ଗ୍ରୁପ୍ ଏ'ରେ ରହିଥିବା ବେଳେ ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ବାଂଲାଦେଶ ଗ୍ରୁପ୍ ବି'ରେ ସ୍ଥାନ ପାଇଛନ୍ତି। ଦୁଇ ଗ୍ରୁପ୍‌ର ଶୀର୍ଷ ଦୁଇ ଦଳ ସୁପର-୪ ଖେଳିବେ। ସୁପର୍-୪ରେ ଥିବା ଟପ୍-୨ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଫାଇନାଲ ମ୍ୟାଚ ୧୧ ସେପ୍ଟେମ୍ବର ରବିବାର ଖେଳାଯିବ।

### ଏସିଆ କପ୍ କାର୍ଯ୍ୟସୂଚୀ ଘୋଷିତ

୨୭ ଅଗଷ୍ଟ: ଶ୍ରୀଲଙ୍କା ବନାମ ଆଫଗାନିସ୍ତାନ
୨୮ ଅଗଷ୍ଟ: ଭାରତ ବନାମ ପାକିସ୍ତାନ
୩୦ ଅଗଷ୍ଟ: ବାଂଲାଦେଶ ବନାମ ଆଫଗାନିସ୍ତାନ
୩୧ ଅଗଷ୍ଟ: ଭାରତ ବନାମ ଯୋଗ୍ୟତା ହାସଲକାରୀ ଦଳ
୧ ସେପ୍ଟେମ୍ବର: ଶ୍ରୀଲଙ୍କା ବନାମ ବାଂଲାଦେଶ
୨ ସେପ୍ଟେମ୍ବର: ପାକିସ୍ତାନ ବନାମ ଯୋଗ୍ୟତା ହାସଲକାରୀ ଦଳ
୩ ସେପ୍ଟେମ୍ବର: ବି୧ ବନାମ ବି୨
୪ ସେପ୍ଟେମ୍ବର: ଏ୧ ବନାମ ଏ୨
୬ ସେପ୍ଟେମ୍ବର: ଏ୧ ବନାମ ବି୧
୭ ସେପ୍ଟେମ୍ବର: ଏ୨ ବନାମ ବି୨
୮ ସେପ୍ଟେମ୍ବର: ଏ୧ ବନାମ ବି୨
୯ ସେପ୍ଟେମ୍ବର: ବି୧ ବନାମ ଏ୨
୧୧ ସେପ୍ଟେମ୍ବର: ଫାଇନାଲ

## ହିଟ୍‌ରୁ ଦୂତୀଙ୍କ ଅଭିଯାନ ଶେଷ

**ଭୁବନେଶ୍ୱର, ୨।୮ (କ୍ରୀଡ଼ା ପ୍ରତିନିଧି)**- ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୧୦୦ ମିଟର ରେସ୍‌ର ହିଟ୍‌ରେ ଓଡ଼ିଶାର ଦୂତୀ ଚାନ୍ଦ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ଫଳରେ ସେ ସେମିଫାଇନାଲରେ ପ୍ରବେଶ କରିପାରିନାହାନ୍ତି। ମଙ୍ଗଳବାର ହିଟ୍ ନମ୍ବର ୫ରେ ରେସ୍ କରିଥିବା ଦୂତୀ ୧୧.୫୫ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନରେ ରହିଥିଲେ। ଏହି ହିଟ୍‌ରୁ ତ୍ରିନିଦାଦ ଆଣ୍ଡ ଟବାଗୋର ମିଚେଲି-ଲି ଆୟେ ୧୧.୧୪, ବାହାରିନର ଟିମିଆ ଗାଇଥେର ୧୧.୧୯ ଓ ନାଇଜେରିଆର ଜୋୟ ଚିନେନ୍ୟା ଉଡୋ ଗାବ୍ରିଏଲ ୧୧.୪୩ ସେକେଣ୍ଡ ସମୟ ନେଇ ଯୋଗ୍ୟତା ଅର୍ଜନ କରିଥିଲେ। ଟାଇମିଂ ଭିତ୍ତିରେ ହିଟ୍-୧ରୁ ୫ ଜଣ, ହିଟ୍ ୨ ଓ ୩ରୁ ୩ ଜଣ ଲେଖାଏ, ହିଟ୍-୪ରୁ ୪ ଜଣ ଏବଂ ହିଟ୍ ୬ ଓ ୭ରୁ ୩ ଜଣ ଲେଖାଏ ସେମିଫାଇନାଲ ପାଇଁ ଯୋଗ୍ୟତା ପାଇଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣ ନାଇଜେରିଆର ଏନ୍‌ଜୁବେଚି ଗ୍ରେସ ନୋକୋଚା ଏବଂ ଜାମାଇକାର ଇଲାଇନେ ଥମ୍ପସନ-ହେରା ୧୧ ସେକେଣ୍ଡରୁ କମ୍ ଅର୍ଥାତ୍ ୧୦.୯୯ ସେକେଣ୍ଡ ଲେଖାଏ ସମୟ ନେଇଥିଲେ। ୧୦୦ ମିଟର ଇଭେଣ୍ଟର ସେମିଫାଇନାଲ ଓ ଫାଇନାଲ ବୁଧବାର ଅନୁଷ୍ଠିତ ହେବ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ
ଭଡା 80,000/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
Call or SMS
7735130553

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭରା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବର୍ଷାଦିନିଆ ପନିପରିବା



ଉଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳ କରି ଦୁଇତିନି ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଲାଗି ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପର ଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍÷ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଲଗାନ୍ତୁ । ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଏଥିସହ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରନ୍ତୁ।

## କପା ଚାଷରେ କୋଡାଖୁସା

କପା ଚାଷରେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରିପାରିବେ।



## ଚିନାବାଦାମରେ ରୋଗ ନିୟନ୍ତ୍ରଣ



ଚିନାବାଦାମରେ ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜିପାରିବ। ବର୍ତ୍ତମାନ ତ ବର୍ଷା ଦିନ। ତେଣୁ ଚିନାବାଦାମ ଚାଷ କରିଥିବା ଜମିରୁ ପାଣି କାଟି ଦିଅନ୍ତୁ । ଏଠାରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର।

# ଧାନଜମିରୁ ଜଳ ନିଷ୍କାସନ

### ଏ ମାସର କୃଷି ସୂଚନା



ଅଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନ ଜମିରେ କରନାଳୀଗୁଡ଼ିକୁ ସଫା କରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ସୀମା ଅତିକ୍ରମ କଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ। ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ। ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ। ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଢିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍÷୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ବିଷଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ।

**ମକା :** ମକା ଫସଲ ୬-୭ ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ଘାସବାଛି ହେକ୍ଟର ପ୍ରତି ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ କୌଣସି ମତେ ଠିଆପାଣି ରଖନ୍ତୁ ନାହିଁ ।

**ମାଣ୍ଡିଆ :** ମାଣ୍ଡିଆ ରୁଆହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣାଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

**ଝୋଟ :** ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡଶଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ ସହ ମାଙ୍କୋଜେବ୍(୨ ଗ୍ରାମ୍କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧ ଗ୍ରାମ୍କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଏ ମାସର ଶେଷ ଆଡ଼କୁ ନଳିତା କାଟି ବିଡ଼ାକରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

**ଅଳସୀ :** ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବରଖତ ସହିତ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ।

**ଫଳଚାଷ :** ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜରରେ ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

**ମାଛଚାଷ :** ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ ।



**ଯାଆଁଳ ଛାଡ଼ିବାର ପରିମାଣ ଓ ଅନୁପାତ :** ସଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଚଳିତ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର -୩

## ଡାଲିଜାତୀୟ ଫସଲରେ ଘାସ ଦମନ



ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ଲାଗି ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ। ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

### ଜାଣି ରଖନ୍ତୁ



- ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । -ମକା ଫସଲରେ କୋଡ଼ାଖୁସା କରି ଘାସବାଛି ହେକ୍ଟର ପ୍ରତି ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।
- ଆମ ରାଜ୍ୟର ଜଳବାୟୁରେ ଡିସେମ୍ବର ମାସ ପର୍ଯ୍ୟନ୍ତ ସଜନା ଗଛ ଲଗାଯାଇପାରିବ। ପି.କେ. ଏମ୍ -୧ କିସମ ଲଗାନ୍ତୁ। ଏକରକୁ ଅଢେଇ ଶହ ଗ୍ରାମ୍ ବିହନ ଦରକାର। ମଞ୍ଜିକୁ ସିଧା ଗାତରେ ଲଗାନ୍ତୁ ବା ଜରି ମୁଣାରେ ଚାରା ତିଆରି କରନ୍ତୁ। ୨.୫ x ୨.୫ ମିଟର ଦୂରତାରେ ୦.୪୫ x ୦.୪୫ x ୦.୪୫ ମିଟର ଗାତ କରନ୍ତୁ।

### ବର୍ଷାଦିନେ ପ୍ରାଣୀଙ୍କ ଯତ୍ନ



ବର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗୋରୁ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବା ଆଶଙ୍କା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ। ହାଇବ୍ରିଡ୍ ନାପିଅର, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ। ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତ। ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ। ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । ଭିତରକୁ ବର୍ଷାପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତଗୁଣ୍ଡ ପକାନ୍ତୁ।

## ପାଳଛତୁ ଚାଷ କରୁଥିଲେ...

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡାବିଡାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା ପରେ ନଡା ଛାଣି ନଡାରୁ ଅଧିକ ପାଣି ନିଗାଡି ଦେବା ପାଇଁ ବିଡାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ଦ୍ୱିତୀୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।



## ଆଖୁରେ ଅଗବିନ୍ଧା ପୋକ ଲାଗିଲେ..

ଆଖୁରେ ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ। କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ । ଆଖୁ କିଆରୀରେ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅଗଷ୍ଟ ୩/୨୦୨୨ Sambalpur, Wednesday, August 3/ 2022

# ଭାରତ-ବାଂଲାଦେଶ ଫାଇନାଲ

**ଭୁବନେଶ୍ୱର, ୨।୮ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଭାରତ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ଭାରତ ୧-୦ ଗୋଲରେ ମାଳଦ୍ୱୀପକୁ ପରାସ୍ତ କରି ଫାଇନାଲ ପାଇଁ ଟିକେଟ କାଟିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ମାଳଦ୍ୱୀପ।

**ସାଫ୍ ଫୁଟ୍‌ବଲ**

ତେବେ ୯୦ତମ ମିନିଟରେ ଭାରତ ପକ୍ଷରୁ ଗୁରକୀରଟ ସିଂ ବହୁ ପ୍ରତୀକ୍ଷିତ ଗୋଲଟି ସ୍କୋର କରି ଆଶଙ୍କାର ଅବସାନ ଘଟାଇଥିଲେ। ଭାରତ ପାଇଁ ଏହି ମ୍ୟାଚ ଜିତିବା ଅତ୍ୟନ୍ତ ଜରୁରୀ ଥିଲା। ଆସନ୍ତା ୫ ତାରିଖରେ ଭାରତ ଓ ବାଂଲାଦେଶ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଲିଗ୍ ମ୍ୟାଚ ଶେଷରେ ବାଂଲାଦେଶ ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଭାରତ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟରେ ରହି ଦ୍ୱିତୀୟ ଦଳଭାବେ ଟାଇଟଲ ମୁକାବିଲାରେ ପହଞ୍ଚିଛି। ଅନ୍ୟପକ୍ଷରେ ନେପାଳ ୪ ମ୍ୟାଚରୁ ୭ ପଏଣ୍ଟରେ ରହି ଅଭିଯାନ ଶେଷ କରିଛି। ମାଳଦ୍ୱୀପ ଓ ଶ୍ରୀଲଙ୍କା ୪ଟି ଲେଖାଏ ମ୍ୟାଚ ଖେଳିଥିଲେ ହେଁ ମାତ୍ର ୧ ପଏଣ୍ଟ ଲେଖାଏ ପାଇଥିଲେ।


ଗୋଲ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

# ଓଡ଼ିଶା ରେଡ୍, ଭାଓଲେଟ ବିଜୟୀ

**ଭୁବନେଶ୍ୱର, ୨।୮ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଟାଙ୍ଗିସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ମହିଳା ଟି୨୦ କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚରେ ଓଡ଼ିଶା ରେଡ୍ ଏବଂ ଓଡ଼ିଶା ଭାଓଲେଟ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ରେଡ୍ ଦଳ ଓଡ଼ିଶା ଗ୍ରୀନ୍‌କୁ ୫ ଉଇକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ ୨୦ ଓଭରରେ ୫ ଉଇକେଟ ହରାଇ ୭୬ ରନ କରିଥିଲା। ଜବାବରେ ରେଡ୍ ୧୭.୧ ଓଭରରେ ୫ ଉଇକେଟ ହରାଇ ୭୭ ରନ ସଂଗ୍ରହ କରି ନେଇଥିଲା। ମାଧୁରୀ ମେହେଟା ୩୫ ରନକରି ଅପରାଜିତ ରହିଥିଲେ। ଓସିଏ ଆପେକ୍ସ କାଉନ୍‌ସିଲ ସଦସ୍ୟ ଶଉଭାଶିଷ ସେନାପତି ଅତିଥିଭାବେ ଯୋଗଦେଇ ମାଧୁରୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଭାଓଲେଟ ଦଳ ୭ ଉଇକେଟରେ ଓଡ଼ିଶା ୟେଲୋକୁ ହରାଇ ଦେଇଥିଲା। ୟେଲୋ ୨୦ ଓଭରରେ ୮ ଉଇକେଟ ହରାଇ ୧୦୪ ରନ କରିଥିଲା। ସରିତା ମେହେର ସର୍ବାଧିକ ୫୩ ରନକରି ଅପରାଜିତ ରହିଥିଲେ। ଓଡ଼ିଶା ଭାଓଲେଟ ୧୭.୪ ଓଭରରେ ୩ ଉଇକେଟ ହରାଇ ୧୦୬ ରନ କରି ବିଜୟୀ ହୋଇଥିଲା। ୨ଟି ଉଇକେଟ ନେବାସହ ୩୩ ବଲ୍‌ରୁ ୪୬ ରନ କରିଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। କଟକ ଡିସିପି ପିନାକ ମିଶ୍ର ଅତିଥିଭାବେ ଯୋଗଦେଇ ସୁଶ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ନେପାଳ-ବାଂଲାଦେଶ ଖେଳାଳି ହାତାହାତି

**ଭୁବନେଶ୍ୱର, ୨।୮ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ନେପାଳ ଓ ବାଂଲାଦେଶ ଲିଗ୍ ମ୍ୟାଚ ଅବସରରେ ଦୁଇ ଦଳର ଖେଳାଳିଙ୍କ ମଧ୍ୟରେ ଗଣ୍ଡଗୋଳ ଚର୍ଚ୍ଚାର କେନ୍ଦ୍ରରେ ରହିଥିଲା। ଦୁଇ ଖେଳାଳିଙ୍କ ମଧ୍ୟରେ ବାକ୍ ବିନିମୟରୁ ଆରମ୍ଭ ହୋଇଥିବା ଏହି ଗଣ୍ଡଗୋଳ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ପରେ ଏଥିରେ ଅନ୍ୟ ଖେଳାଳିମାନେ ସାମିଲ ହୋଇଥିଲେ। ଫଳରେ ମ୍ୟାଚ କିଛି ସମୟ ବନ୍ଦ ରହିଥିଲା। ରେଫରିଙ୍କ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମ୍ୟାଚର ୫୨ତମ ମିନିଟରେ ରେଫରି ନେପାଳ ଦଳର ଦୀପେଶ ଗୁରୁଙ୍ଗ୍ ଏବଂ ରୋହିତ ସୁଦ୍ଧାଙ୍କୁ ରେଡ୍‌କାର୍ଡ ଦେଖାଇ ପଡ଼ିଆରୁ ବିଦା କରିଥିଲେ। ଶେଷରେ ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ୬୩ତମ ମିନିଟରେ ବାଂଲାଦେଶର ମହମ୍ମଦ ଫ୍ଲାସ ଅହମଦ ନୋଭା ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ୬୯ତମ ମିନିଟରେ ନେପାଳର ନିରଞ୍ଜନ ମଲ୍ଲ ଗୋଲ ପରିଶୋଧ କରି ଦେଇଥିଲେ। ଆଉ ଗୋଲ ହୋଇ ନ ପାରିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ।


କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମ୍ୟାଚ ଅବସରରେ ନେପାଳ ଓ ବାଂଲାଦେଶ ଖେଳାଳିଙ୍କ ମଧ୍ୟରେ ଧସ୍ତାଧସ୍ତି।

# ମିକ୍ସଡ ୪x୪୦୦ମିଟରରେ ଭାରତର ରେକର୍ଡ

**କାଲି (କଲମ୍ବିଆ), ୨।୮ (ପି.ଟି.):** ଏଠାରେ ଚାଲିଥିବା ୨୦ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲକୁ ଯୋଗ୍ୟତା ଅର୍ଜନ ପଥରେ ଭାରତୀୟ ମିକ୍ସଡ ୪x୪୦୦ ମିଟର ରିଲେ ଟିମ୍ ଏକ ଏସିଆନ ଜୁନିୟର ରେକର୍ଡ ପ୍ରତିଷ୍ଠା କରିଛି। ବାରାଥ ଶ୍ରୀଧର, ପ୍ରିୟା ମୋହନ, କପିଳ ଓ ରୁପାଲ ଚୌଧାରୀଙ୍କୁ ନେଇ ଭାରତୀୟ ଦଳ ୩ ମିନିଟ ୧୯.୬୨ ସେକେଣ୍ଡ ଟାଇମିଂରେ ହିଟ୍ ନମ୍ବର ୩ ଜିତିଥିଲେ। ତିନୋଟି ଓଭରାଲ ହିଟ୍‌ରେ ଭାରତ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ) ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଆମେରିକା ନମ୍ବର ୨ ହିଟ୍ ଚାମ୍ପିୟନଶିପ୍ ରେକର୍ଡ ଟାଇମିଂ ୩:୧୮.୬୫ ସେକେଣ୍ଡରେ ଜିତିଥିଲା। ଫାଇନାଲ ବୁଧବାର ରାତି ୩ଟା ୨୦ ମିନିଟରେ ହେବ। ୨୦୨୧ରେ କେନିୟାର ନାଇରୋବିରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ମିକ୍ସଡ ୪x୪୦୦ ମିଟର ରିଲେରେ ଏକ ବ୍ରୋଞ୍ଜ ଜିତିଥିଲା, ଯେଉଁଠାରେ ଏହି ଇଭେଣ୍ଟକୁ ପ୍ରଥମ ଥର ସାମିଲ କରାଯାଇଥିଲା। ଗତଥର ବ୍ରୋଞ୍ଜ ଜିତିଥିବା ଦଳର ଶ୍ରୀଧର, ପ୍ରିୟା ଓ କପିଳଙ୍କୁ ଛାଡ଼ି ଦେଲେ ରୁପାଲ ଏହି ୪ ଜଣିଆ ଦଳର ନୂଆ ସଦସ୍ୟ। ୧୫ ବର୍ଷୀୟା ଆଶା କିରଣ ବାର୍ଲା ମହିଳା ୮୦୦ ମିଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ହିଟ୍ ନମ୍ବର ୱାନରେ ୨:୦୯.୦୧ ସେକେଣ୍ଡ ଟାଇମିଂରେ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ।

# ଅଷ୍ଟ୍ରେଲୀୟ ସୁଇମିଂ କୋଚ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା

**ସିଡ୍‌ନୀ, ୨।୮ (ଏପି)**

୧୯୭୦ ଦଶକରେ ଯୁବ ସନ୍ତରଣକାରୀମାନଙ୍କୁ ଯୌନ ନିର୍ଯ୍ୟାତନା ଦେଉଥିଲେ ଅଷ୍ଟ୍ରେଲିଆର ଜଣେ ଉଚ୍ଚସ୍ତରର ସୁଇମିଂ କୋଚ୍। ତାଙ୍କ ବିରୋଧରେ ୨୦ଟି ଯୌନ ନିର୍ଯାତନା ଅଭିଯୋଗ ରହିଛି। ୭୬ ବର୍ଷୀୟ ଡିକ୍ କେନ୍‌ଙ୍କୁ ଜୁନ୍ ୨୨ରେ ନ୍ୟୁ ସାଉଥ ୱେଲ୍ସ ପୋଲିସ ଜୁନ୍ ୨୨ରେ ସିଡ୍‌ନୀସ୍ଥିତ ତାଙ୍କ ବାସଭବନରୁ ଗିରଫ କରିଥିଲା। ମଙ୍ଗଳବାର ସଦରଲାଣ୍ଡ ସ୍ଥାନୀୟ କୋର୍ଟରେସାନି ୧୧ଟି ଅଭିଯୋଗ ଦରଜ କରାଯାଇଛି। ଏମାନଙ୍କ ମଧ୍ୟରେ ୧୯୭୦ ଦଶକରେ କେନ୍‌ଙ୍କ ନିକଟରେ କୋଚିଂ ନେଇଥିବା ୫ ବାଳିକା ରହିଛନ୍ତି। ୧୯୯୨ରେ ସେ ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ସିଡ୍‌ନୀ ମର୍ନିଂ ହେରାଲ୍ଡ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁସାରେ ଟର୍ମିନାଲ କ୍ୟାନସରରେ ପୀଡ଼ିତ ହୋଇଥବବାରୁ କେନ୍‌ଙ୍କୁ ଜାମିନ ମଞ୍ଜୁର ହୋଇଛି। ମାମଲାର ଶୁଣାଣି ଅଗଷ୍ଟ ୩୦କୁ ଘୁଞ୍ଚାଇ ଦିଆଯାଇଛି। କେନ୍ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଣେ କୋଚ୍ ଭାବେ କାର୍ଯ୍ୟ କରିଥିଲେ। ୨୦୨୦ରେ ଅବସର ନେବା ପୂର୍ବରୁ ସେ ୧୧ଜଣ ବିଶ୍ୱ କିମ୍ବା ଅଲିମ୍ପିକ ଚାମ୍ପିୟନଙ୍କ ସହ କାର୍ଯ୍ୟ କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଥାନା ପରିସରରୁ ଅଜଗର ଉଦ୍ଧାର

ଅମ୍ବାଭୋନା,(ଡି.ଏନ.ଏ): ବରଗଡ଼ ଜିଲା ଅମ୍ବାଭୋନା ଥାନା ପରିସରରୁ ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ଏକ ଅଜଗର ସାପ ଉଦ୍ଧାର ହୋଇଛି। ଅଜଗରର ଲମ୍ବ ୧୦ଫୁଟ୍ ଏବଂ ଓଜନ ୧୫ କି.ଗ୍ରା. ରହିଛି। ଅବସରପ୍ରାପ୍ତ ସେନା କର୍ମଚାରୀ ରବିନ୍ଦ୍ର କୁମାର ମହାପାତ୍ର ଅଜଗରକୁ ଧରିଥିଲେ। ଭଟଲି ଫରେଷ୍ଟ ରେଞ୍ଜକୁ ସୂଚନା ଦେବା ପରେ ବନ କର୍ମଚାରୀମାନେ ସେଠାକୁ ପହଞ୍ଚିଥିଲେ। ଉଦ୍ଧାର ହୋଇଥିବା ଅଜଗର ସେମାନଙ୍କୁ ହସ୍ତାନ୍ତର କରାଯାଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

ଉଲୁଣ୍ଡା/ବୀରମହାରାଜପୁର ,୨।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ କୁମରକେଲି ଗାଁରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କୁମରକେଲି ଗ୍ରାମର କାଲୁ ସୁରଜାଲଙ୍କ ସ୍ତ୍ରୀ ନିରୁ(୩୦)। ମୃତା ମହିଳାଙ୍କ ଗୋଟିଏ ଛୋଟ ପୁଅ ଅଛି। ମିଳିଥିବା ସୂଚନା ଅନୁଯାୟୀ, ଘରେ ଶାଶୁ ଶଶୁର ପହ୍ଲା ରୋଇବାକୁ ବିଲକୁ ଯାଇଥିଲେ। ହେଲେ ଗରମ ଯୋଗୁ ନିରୁ ଘରେ ଥିବା କୁଲର ଚଳାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ପଡୋଶୀ ବୀରମହାରାଜପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରଣୀ ଅଞ୍ଜଳି କୁମ୍ଭାର ପ୍ରକାଶ କରିଛନ୍ତି।

### ସ୍ୱଚ୍ଛତା ଉପରେ କୁଇଜ୍ ପ୍ରତିଯୋଗିତା




ବରଗଡ଼ ଅଫିସ୍,୨।୮: ବରଗଡ଼ ଜିଲା ଲେବିଡ଼ି ହାଇସ୍କୁଲରେ ମଙ୍ଗଳବାର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର, ବରଗଡ଼ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

### ୨୧ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୨।୮: ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବନଛୋରଡ଼ିହି (ଚଢ଼େଇଗାଁ) ଗ୍ରାମରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବନଛୋରଡ଼ିହି ଯୁବକ ସଂଘ ଏବଂ ସଂକଳ୍ପ ପରିବାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ୨୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସତ୍ୟବତୀ ସାହୁ ମୁଖ୍ୟଅତିଥି, ରବି ଭୁଏ, ମଦନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଆୟୋଜକ ଏବଂ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

### ସ୍କୁଲ ପୁନଃ ଖୋଲିବାକୁ ଜିଲାପାଳଙ୍କୁ ନିବେଦନ

ଜାମଟିକ୍ରା,୨।୮(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଲଚିଦା ପଞ୍ଚାୟତର କଲଙ୍ଗାପାଲି ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା ୨୦ରୁ କମ୍ ଥିବା ଦର୍ଶାଇ ୨୦୨୦ରେ ଏହାକୁ ବନ୍ଦ କରାଯାଇଛି। ଫଳରେ ଗାଁର କୁନିକୁନି ଛାତ୍ରୀଛାତ୍ର ୨କି.ମି. ଦୂରରେ ଥିବା କତାବଗା ସ୍କୁଲକୁ ପାଠ ପଢ଼ିବାକୁ ଯାଉଛନ୍ତି। ବର୍ଷା ହେଲେ ଗାଁ ନଳିଆରେ ବଢ଼ି ପାଣି ଆସୁଥିବାରୁ ସେମାନେ ସ୍କୁଲକୁ ଯାଇପାରନ୍ତିନାହିଁ। ଏପରିକି ପିଚୁ ରାସ୍ତାରେ ଚାଲି ଚାଲି ଯିବାବେଳେ ପିଲାମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏବେ ଗାଁରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ପ୍ରାୟ ୩୦ ଥିବାରୁ ବନ୍ଦ ଥିବା ଉକ୍ତ ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବାକୁ ଗ୍ରାମବାସୀ ଜିଲାପାଳକୁ ନିବେଦନ କରିଛନ୍ତି ।

### ସୋହେଲା ହାଇସ୍କୁଲରୁ ଚୋରି

ସୋହେଲା,୨।୮(ଡି.ଏନ.ଏ.): ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟରୁ ରବିବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ସ୍କୁଲ ଭିତରେ ପଶି ଟିଭି, ଷ୍ଟାବିଲାଇଜର, ଇନଭର୍ଟର, ବ୍ୟାଟେରୀ, ସାଉଣ୍ଡ ସିଷ୍ଟମ ଆଦି ଲକ୍ଷାଧିକ ଟଙ୍କାର ଜିନିଷ ଚୋରି କରି ନେଇଯାଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ରାଜେଶ ସାହୁ ସୋମବାର ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଏ ସମ୍ପର୍କରେ ସୋହେଲା ଥାନାଧିକାରୀ ହାଡ଼ିବନ୍ଧୁ ଗଡ଼ତିଆଙ୍କୁ ପଚାରିବାରୁ କେତେକଙ୍କୁ ଅଟକ ରଖାଯାଇଛି, ବହୁତ ଶୀଘ୍ର ଦୋଷୀଙ୍କୁ ଧରାଯିବ ବୋଲି ସେ କହିଛନ୍ତି ।



ବିକାଶରେ ଅନୁଷ୍ଠିତ ସିଆର୍‌ପି-୨୦୨୨ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରବୃନ୍ଦ।

# ବିକାଶରେ ସିଆର୍‌ପି-୨୦୨୨ ଉଦ୍‌ଯାପିତ

ବରଗଡ଼ ଅଫିସ୍,୨।୮

ଏଜୁକେଶନ ୱାର୍ଲ୍ଡ ଦ୍ୱାରା ଏକ୍‌ଷ୍ଟ୍ରା ଅଡ଼ିନାରୀ ଲିଡର୍‌ସିପ୍ ବିଭାଗରେ ରାଜ୍ୟରେ ପ୍ରଥମ ଏବଂ ଦେଶରେ ପଞ୍ଚମ ସ୍ଥାନ ଅଧିକାର କରିଥିବା ବିକାଶ ଡିଗ୍ରୀ କଲେଜରେ ଦଶ ଦିବସୀୟ କର୍ପୋରେଟ୍ ରେଡିନେସ୍ ପ୍ରୋଗ୍ରାମ-୨୦୨୨ ଉଦ୍‌ଯାପିତ ହୋଇଛି। କଳା ବିଭାଗର ୫ଟି ଓ ସମ୍ମାନ ବିଭାଗର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ସ୍କିଲ ଡେଭଲପମେଣ୍ଟ ସେଲ୍, ବିକାଶ ଡିଗ୍ରୀ କଲେଜ ପକ୍ଷରୁ ଆୟୋଜିତ ହୋଇଥିଲା। ପ୍ରଥମ ଦିବସରେ ଯୋଗଦେଇ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନ ଏବଂ ଉପାଧ୍ୟକ୍ଷ ତଥା ଜେସିଆଇ ସ୍ୱୀକୃତିପ୍ରାପ୍ତ ଜାତୀୟ ପ୍ରଶିକ୍ଷକ ଆର୍.ଏସ.ଭି କ୍ରିଷ୍ଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟବସ୍ତୁ ଉପରେ ତାଲିମ ଦିଆଯାଇଥିଲା। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ମନୋବଳ ଏବଂ ଦକ୍ଷତା ବୃଦ୍ଧି ହେବ ବୋଲି ମତପ୍ରକାଶ ପାଇଥିଲା। ଅନ୍ତର୍ଜାତୀୟ ପ୍ରଶିକ୍ଷକ ଜେ. ପି. ଶତପଥୀ କର୍ପୋରେଟ୍ ଜଗତର ପରିବର୍ତ୍ତିତ ରୂପ ତଥା ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଡଃ ରାଜେନ୍ଦ୍ର ପାଢ଼ୀ ହ୍ୟୁମାନ ଭେଲ୍ୟୁସ୍ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଜେସିଆଇ ଇଣ୍ଡିଆ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜାତୀୟ ପ୍ରଶିକ୍ଷକ ହରିଶ ଅଗ୍ରୱାଲ ଭଲ ବକ୍ତା ହେବା ପାଇଁ ଆବଶ୍ୟକ ଉପାଦାନ ଉପରେ ବ୍ୟବହାରିକ ଶୈଳୀରେ ତାଲିମ ଦେଇଥିଲେ। ରିଜ୍ୟୁମ୍ ରାଇଟିଂ, ଗ୍ରୁପ୍ ଡିସ୍‌କସନ୍, ଟିମ୍ ୱାର୍କ, ଲିଡରସିପ୍ ତଥା କମ୍ୟୁନିକେଶନ ସ୍କିଲ ଏବଂ ବଡ଼ି ଲାଙ୍ଗୁଏଜ୍ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ହୃଦବୋଧ ହେବା ଢଙ୍ଗରେ ଉପାଧ୍ୟକ୍ଷ ଆର.ଏସ୍.ଭି କ୍ରିଷ୍ଣା ତାଲିମ ପ୍ରଦାନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ଶିକ୍ଷାନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଯୋଗଦେଇ ସମସ୍ତ ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିବା ସହିତ ସିଆର୍‌ପି-୨୦୨୨ର ସଫଳ ଉଦ୍‌ଯାପନ ଏବଂ ସମ୍ବଲପୁରୀ ଦିନ୍‌ର ଅଭିନନ୍ଦନ ଜଣାଇଥିଲେ। ସୁରଜ ପଣ୍ଡା, କେ. ସି. ସୁନା, ଏଲିଜା ଭୋଇ ଏବଂ ଅଧ୍ୟାପିକା, ଅଧ୍ୟାପକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅଜଣା ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୨।୮

ବରଗଡ଼ ସଦର ଥାନା ଅନ୍ତର୍ଗତ ନୂଆ ଗୁଡ଼େଶିରା କେନାଲରୁ ଉଦ୍ଧାର ହୋଇଥିବା ଅଜଣା ମୃତଦେହକୁ ମଙ୍ଗଳବାର ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ସତ୍କାର କରିଛନ୍ତି। ବରଗଡ଼ ନଦୀପଡ଼ା ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା। ଅନୁଷ୍ଠାନର ମାନସ ମେହେର, ରାଜେଶ ପ୍ରଧାନ, ଆତିସ ଦାଶ, ମୀନକେତନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଗତ ୨୯ତାରିଖରେ ଏହି ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ ତାକୁ ଜବତ କରି ବରଗଡ଼ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଥିଲା। ମାତ୍ର ମୃତଦେହର ପରିଚୟ ମିଳି ନ ଥିଲା। ସଦର ଥାନା ପୋଲିସ ସୂଚନା ଦେବା ପରେ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ପହଞ୍ଚି ମୃତଦେହ ସତ୍କାର କରିଥିଲେ।

## ଓଏଭି ଛାତ୍ରୀ ନିବାସର ଭୂମିପୂଜନ


ଓଏଭି ଛାତ୍ରୀ ନିବାସ ଭୂମିପୂଜନ ସମାରୋହରେ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୨।୮

ବରଗଡ଼ ସହର ଉପକଣ୍ଠ ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରୀ ନିବାସ ୨କୋଟି ୮୦ଲକ୍ଷ ୯୪ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବ। ଏହି କ୍ରମରେ ସୋମବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭୂମିପୂଜନ କରିଥିଲେ। ଭୂମିପୂଜନ ସମାରୋହରେ ବିଭାଗୀୟ ଯନ୍ତ୍ରୀ ପବିତ୍ର ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତି ସଭ୍ୟ ଜ୍ଞାନରଞ୍ଜନ ବିଶ୍ୱାଳ, ଶିକ୍ଷକ ନବୀନ କୁମାର ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁରୀ ପୋଷାକ ପିନ୍ଧି ପାଠ ପଢ଼ାଇଲେ


ସମ୍ବଲପୁରୀ ପୋଷାକରେ ରାଣାପ୍ରତାପ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ।

ବରଗଡ଼ ଅଫିସ୍,୨।୮

ବରଗଡ଼ ଜିଲାରେ ସମ୍ବଲପୁରୀ ଦିନକୁ ସୋମବାର ଉତ୍ସାହ, ଉଦ୍ଦୀପନା ସହିତ ପାଳନ କରାଯାଇଥିଲା। ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ମଧ୍ୟ ଏହା ନିଆରା ଢ଼ଙ୍ଗରେ ପାଳିତ ହୋଇଥିଲା। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସମ୍ବଲପୁରୀ ପୋଷାକ ପରିଧାନ କରି ସ୍କୁଲକୁ ଆସିଥିଲେ ଏବଂ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଥିଲେ। ଏହି ଅବସରରେ ସ୍କୁଲରେ ଗୁରୁ ସତ୍ୟନାରାୟଣ ବହିଦାର ଏବଂ କବି ଶ୍ରୀଧର ପ୍ରଧାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସମ୍ବଲପୁରୀ ବସ୍ତ୍ର, କଳା, ସାହିତ୍ୟ, ସଂସ୍କୃତିର ପଟାନ୍ତର ନାହିଁ ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସମ୍ବଲପୁରୀ ଦିନ୍‌କୁ ନିଆରା ଭାବେ ପାଳନ କରିବା ଗୌରବର ବିଷୟ ବୋଲି ପ୍ରଧାନଶିକ୍ଷକ ରଥ ମତପ୍ରକାଶ କରିଛନ୍ତି।

## ଶ୍ରୀ ଅରବିନ୍ଦ ପାଠଚକ୍ରର ୫୫ତମ ବାର୍ଷିକୋତ୍ସବ

ବରପାଲି,୨।୮(ଡି.ଏନ.ଏ.)

ଶ୍ରୀଅରବିନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେଲେ ଏହି ସମାଜ ଆପେ ସୁଧୁରିଯିବ ବୋଲି ଶ୍ରୀଅରବିନ୍ଦ ପାଠଚକ୍ରର ୫୫ତମ ବାର୍ଷିକୋତ୍ସବରେ ବିଶିଷ୍ଟ ବକ୍ତା ମତପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ସାମୂହିକ ଧ୍ୟାନ ପ୍ରାର୍ଥନା କରାଯାଇଥିଲା। ସନ୍ଧ୍ୟାରେ ପାଠଚକ୍ର ସଭାପତି ବାଲକିଶୋର ଖାଡଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ତଥା ଶ୍ରୀ ଅରବିନ୍ଦ ସାଧକ ରାଧାକାନ୍ତ ମିଶ୍ର ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ସାବିତ୍ରୀ ମହାକାବ୍ୟ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଧ୍ୟାନ ପ୍ରାର୍ଥନା ପରେ ଦୁର୍ଗାସ୍ତୋତ୍ର ପାଠ କରାଯାଇଥିଲା। ଏଥିରେ ନିତ୍ୟାନନ୍ଦ ମିର୍ଦ୍ଧା, ଯୁଧିଷ୍ଠିର ସ୍ୱାଇଁ, ବିଜୟ ସାହୁ, ରୋହିତ ମହାରଣା, ଉଦ୍ଧବ ପଟେଲ, ବିଭୂତି ଭୂଷଣ ମିଶ୍ର, ଗୋକୁଳାନନ୍ଦ ସ୍ୱାଇଁ, ବିଚିତ୍ରାନନ୍ଦ ସାହୁ, ସରୋଜ ତ୍ରିପାଠୀ, ପରମାନନ୍ଦ ସ୍ୱାଇଁ, ସହଦେବ ପାଢ଼ୀଙ୍କ ସମେତ ବହୁ ସଭ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସମ୍ବଲପୁରୀ ଦିନ୍‌ରେ ସମ୍ମାନିତ


ଜନକଲ୍ୟାଣ ସେବା ଟ୍ରଷ୍ଟକୁ ସମ୍ମାନିତ କରାଯାଉଛି।

ବରଗଡ଼ ଅଫିସ୍,୨।୮

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନୂଆଗଡ଼ ଗ୍ରାମବାସୀ ଏବଂ ପଶ୍ଚିମାଞ୍ଚଳ କଳାକାର ମହାମଞ୍ଚ ତରଫରୁ ସୋମବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଛି। ନୂଆଗଡ଼ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ମୁଖ୍ୟଅତିଥି, ଡଃ ତପସ୍ୱିନୀ ଗୁରୁ, କଂସ ଅଭିନେତା ହୃଷିକେଶ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜନକଲ୍ୟାଣ ସେବା ଟ୍ରଷ୍ଟକୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶ ସମ୍ମାନ ଗ୍ରହଣ କରିଥିଲେ। ଟ୍ରଷ୍ଟର ସତ୍ୟଜିତ ଦାଶ, ସୁରେଶ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମରେ ବେକାରୀ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜନକଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଗ୍ରାମକୁ ଏକ ସିଲେଇ ମେଶିନ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟର ମୁଖ୍ୟ ଦାଶ ଘୋଷଣା କରିଥିଲେ।

## କଳାପଥର କଲେଜରେ ସମ୍ବଲପୁରୀ ଦିନ ପାଳନ

ଅମରପାଲି,୨।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ଜୁନିୟର କଲେଜ ଠାରେ ସୋମବାର ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜରେ ସମସ୍ତ କର୍ମଚାରୀ ସମ୍ବଲପୁରୀ ପୋଷାକ ପିନ୍ଧିଥିଲେ। ଏହାଛଡା ସମ୍ବଲପୁରୀ ବସ୍ତ୍ରର ପ୍ରଚାର ପ୍ରସାର କରିବା ତଥା ଉତ୍ସାହିତ କରାଇବା ପାଇଁ ଶିକ୍ଷାର୍ଥି ମାନଙ୍କ ୟୁନିଫର୍ମ ମଧ୍ୟ ସମ୍ବଲପୁରୀ କରାଯାଇଛି। ପରିବେଶ ସୁରକ୍ଷା ବାର୍ତ୍ତା ଦେବାକୁ ଯାଇ କଲେଜ ପରିସର ତଥା କଲେଜ ନିକଟସ୍ଥ ରାସ୍ତା କଡରେ ବିଭିନ୍ନ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହାପରେ କବି ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ନିଷ୍ଠା ଭବନରେ କୋଭିଡ୍ ଟିକାକରଣ

ବରଗଡ଼ ଅଫିସ୍,୨।୮

ବରଗଡ଼ ବ୍ଲକ ଖଣ୍ଡହଥା ଆନ୍ଧ୍ରକ୍ୟାମ୍ପ ଛକ ସ୍ଥିତ ନିଷ୍ଠା ଭବନରେ ସୋମବାର ଦୁଇଦିନିଆ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଷ୍ଠା ପରିବାର ଏବଂ କଟାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଉଦ୍ୟମରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ଦିବସରେ ୪୬୫ ଏବଂ ଦ୍ୱିତୀୟ ଦିବସରେ ୪୪୫ ଏହିପରି ମୋଟ୍ ୯୧୦ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଦୁର୍ବାଦଳ ଷଡ଼ଙ୍ଗୀ, ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଜୟନ୍ତ ପ୍ରଧାନ, ରିଙ୍କି କର, ବବୁନୁ କର ପ୍ରମୁଖ ଟିକାକରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୃତ କଳାକାରଙ୍କ ପରିବାରକୁ ସହାୟତା

ବରଗଡ଼ ଅଫିସ୍,୨।୮

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ ଛତିଶଗଡ଼ ରାଜ୍ୟ ବରମକେଲା ବ୍ଲକ ତହଁସିର୍ ଗ୍ରାମର ମୃତ କଳାକାର ନିରଞ୍ଜନ ନାଏକଙ୍କ ପରିବାରବର୍ଗଙ୍କୁ ସୋମବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ତତ୍ତ୍ୱାବଧାନରେ ପରିଷଦର ଓଡ଼ିଶା-ଛତିଶଗଡ଼ ସଂଯୋଜକ ବୃନ୍ଦାବନ ମାଲେକର, ପଣ୍ଡିତ ଜୟଦେବ ପଣ୍ଡା ପ୍ରମୁଖ ମୃତ କଳାକାରଙ୍କ ବାସଗୃହକୁ ଯାଇଥିଲେ। ମୃତ କଳାକାରଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ସେମାନେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।


ମୃତ କଳାକାରଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ନିଶାଦ୍ରବ୍ୟ ନିରାକରଣ ପାଇଁ ଜିଲାସ୍ତରୀୟ ବୈଠକ

ସୋନପୁର,୧।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲାରେ ନିଶାଦ୍ରବ୍ୟ ବ୍ୟବହାରରେ ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ଜିଲାସ୍ତରୀୟ ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ହୋଇଥିବା ଏହି ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନିଶାଦ୍ରବ୍ୟର ବ୍ୟବହାରକୁ ନିୟନ୍ତ୍ରଣ କରିବା ସହ ନିରାକରଣ ନିମନ୍ତେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଅଦାବର ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଗୀତାଞ୍ଜଳି ମେହେର ଜିଲାରେ ନିଶାଦ୍ରବ୍ୟ ବ୍ୟବହାରର ତଥ୍ୟ ଓ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାରେ ଥିବା ଜିଲା କାର୍ଯ୍ୟାଳୟ, ସମସ୍ତ ବ୍ଲକସ୍ତରୀୟ କାର୍ଯ୍ୟାଳୟ ପରିସରକୁ ନିଶାଦ୍ରବ୍ୟ ମୁକ୍ତ ଅଞ୍ଚଳ ଘୋଷଣା କରାଯିବାକୁ ସମସ୍ତ କାର୍ଯ୍ୟାଳୟର ମୁଖ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ଅଧ୍ୟକ୍ଷ ଦାଶ ପରାମର୍ଶ ଦେଇଥିଲେ। ସେହିପରି ବ୍ଲକ ଓ ଗ୍ରାମାଞ୍ଚଳ ସ୍ତରରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ଓ ନିରାକରଣ କମିଟି ଗ୍ରହଣ ପୂର୍ବକ ଆବଶ୍ୟକ ସଚେତନତା ଉପରେ ଆଲୋଚନା କରାଯାଇଛି। ବ୍ଲକ ଓ ଗ୍ରାମ୍ୟ ସ୍ତରରେ ଗଠିତ କମିଟିରେ ସ୍ଥାନୀୟ ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାମିଲ କରି ବ୍ୟାପକ ସଚେତନତା କରାଯିବା ଉପରେ ଆଲୋଚନା ହୋଇଥିଲା। ଜିଲା ମୁଖ୍ୟ କାର୍ଯ୍ୟାଳୟ ସହ ଗ୍ରାମାଞ୍ଚଳଗୁଡିକରେ ନିଶାଦ୍ରବ୍ୟ କାରବାର ତଥା ବ୍ୟବହାରକୁ ନିୟନ୍ତ୍ରଣ କରିବା ଉପରେ ଗଠିତ ଚଢ଼ାଉ ଟିମ ଦ୍ୱାରା ନିୟମିତ ଯାଞ୍ଚ କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ, ଏଡିଏମଓ(ପରିବାର କଲ୍ୟାଣ) ଡା.ଦୈତ୍ୟ ନାରାୟଣ ପାଢ଼ୀ,ଏଡିପିଏଚଓ(ରୋଗ ନିୟନ୍ତ୍ରଣ) ରମେଶ ଚନ୍ଦ୍ର ସ୍ୱାଇଁ, ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ମହାବିଦ୍ୟାଳୟର ଅଧକ୍ଷା ଅଧକ୍ଷ ପ୍ରମୁଖ ଯୋଗଦାନ କରିଥିଲେ। ଜିଲାରେ ୧୮ ଗୋଟି ଶିକ୍ଷାନୁଷ୍ଠାନକୁ ନିଶାଦ୍ରବ୍ୟ ମୁକ୍ତ ପରିସର କରିଥିବା ହେତୁ ଅତିଥି ବୃନ୍ଦ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଂକ୍ରମକ ରୋଗ ବିଜ୍ଞାନୀ ଡା. ବିଷ୍ଣୁ ଚରଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିରିକ୍ତ ଜିଲାପାଳ ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ମେଧାବୀ ଗରିବ ଛାତ୍ରଙ୍କୁ ସାହାଯ୍ୟ କଲେ ଅବକାରୀ ଉପ ନିରୀକ୍ଷକ

**ଖଡ଼ିଆଳ,(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଅବକାରୀ ଉପ ନିରୀକ୍ଷକ ଡମ୍ବରୁଧର ହରିଜନ ଗରିବ ଛାତ୍ର ପ୍ରକାଶ ସୁନାନୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ମେଧାବୀ ଛାତ୍ର ଯୁକ୍ତ ଦୁଇ ବିଜ୍ଞାନରେ ପଢୁଛନ୍ତି। ତାଙ୍କର ଆର୍ଥିକ ସ୍ଥିତି ଠିକ ନ ଥିବାରୁ ସେ ବହି କିଣିବାକୁ ସକ୍ଷମ ନୁହଁନ୍ତି। କୌଣସି ସୂତ୍ରରୁ ଖବର ପାଇ ତାଙ୍କ ଦରକାର ମୁତାବକ ବହି କିଣି ଦେଇଛନ୍ତି। ଆଗାମୀ ଦିନରେ ଯେ କୌଣସି ସାହାଯ୍ୟ ଦରକାର ପଡ଼ିଲେ ଯୋଗାଇ ଦେବେ ବୋଲି ଖଡ଼ିଆଳ ଅବକାରୀ ଉପ ନିରୀକ୍ଷକ ହରିଜନ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଜାଲିଆତି

**୭୦ରୁ ଊର୍ଦ୍ଧ୍ୱ ଚାଷୀ କୃଷି ଅଧିକାରୀଙ୍କୁ କଲେ ଅଭିଯୋଗ**

**କଣ୍ଟାବାଞ୍ଜି,୨।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକରେ ଚଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ୨୦୨୨-୨୩ ରେ ପୁଣି ଚଞ୍ଚକତା କରି କେତେକ ବ୍ୟକ୍ତି ଅନ୍ୟ ମାଲିକଙ୍କ ଜମିରେ ଫସଲ ବୀମା କରିଥିବା ଅଭିଯୋଗ ହୋଇଛି। କଣ୍ଟାବାଞ୍ଜି ସହକାରୀ କୃଷି ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ମଧ ୭୦ ଜଣ ଅଭିଯୋଗକାରୀଙ୍କ ଜମିକୁ କେତେକ ବ୍ୟକ୍ତି ଫସଲ ବୀମାଭୁକ୍ତ କରାଯାଇଛି। ଏ ନେଇ ସମ୍ପୃକ୍ତ ଚାଷୀମାନେ ଲିଖିତ ଭାବେ ଜଣାଇଛନ୍ତି। ସମ୍ପୃକ୍ତ ସିଏସସି ସେଣ୍ଟର ପରିଚାଳକମାନେ ସଂଶ୍ଳିଷ୍ଟ ରହି ଏପରି ଫସଲ ବୀମା କରାଉଥିବା ଅଭିଯୋଗ ହୋଇଛି। ଗତ ୨୦୨୧-୨୨ ଓ ୨୦୧୯-୨୦ ବର୍ଷରେ ଫସଲ ବୀମା ଚଞ୍ଚକତା କରି ଉଭୟେ ସିଏସସି ସେଣ୍ଟର ପରିଚାଳକ ଏବଂ ବୀମାକାରୀ ଜେଲ ହାଜତକୁ ଯାଇଥିଲେ। ଚଳିତ ବର୍ଷ ମଧ ଜିଲାପାଳ, କୃଷି ଅଧିକାରୀ ତଥା ବୀମା କମ୍ପାନୀ ଏପରି ନକଲି ଫସଲ ବୀମାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀ ମହଲରେ ଦାବି ହେଉଛି।

### ନଳକୂପ ନିକଟ ଗାତ ଖୋଳାରେ ଦୁର୍ନୀତି ଅଭିଯୋଗ

**ନିମ୍ନମାନର କାମ ହୋଇଥିବାରୁ ୯୩ ଲକ୍ଷ ଟଙ୍କା ବରବାଦ**

**ସଇଁତଲା,୨।୮(ଡି.ଏନ.ଏ.):** ଜଳ ସଞ୍ଚୟ ପାଇଁ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଞ୍ଚଳରେ ନଳକୂପ ନିକଟରେ ହୋଇଥିବା ଗାତ ଖୋଳାରେ ବ୍ୟାପକ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି। ଗତ ୨୦୨୧-୨୨ ମସିହାରେ ଖୋଳା ଯାଉଥିବା ଏହି ଗାତ ନିର୍ମାଣ ଅତ୍ୟନ୍ତ ନିମ୍ନମାନର କରାଯାଇଛି। ଏଥିଯୋଗୁ ସରକାରଙ୍କ ଲକ୍ଷାଧିକ ଟଙ୍କା ଠିକାଦାରଙ୍କ ପକେଟକୁ ଚାଲି ଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ବଲାଙ୍ଗୀର ଜିଲା ଜଳ ପରିମଳ ମିଶନ ତରଫରୁ ଏହି ଯୋଜନାରେ ବ୍ଲକର ୨୨ଗୋଟି ପଞ୍ଚାୟତରେ ୧୩୩୦ଟି ନଳକୂପ ଗାତ ଖୋଳାଯିବାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏଥିପାଇଁ ସରକାରଙ୍କ ତରଫରୁ ୯୩ଲକ୍ଷ ୧୦ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲା। ତେବେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧରେ ମଧୁଚନ୍ଦ୍ରିକା ଯୋଗୁ ନଳକୂପ ନିକଟରେ ଖୋଳା ଯାଇଥିବା ଗାତ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିଲା। ଫଳରେ ନିର୍ମାଣ କାର୍ଯ୍ୟ ନ ସରୁଣୁ ପ୍ରାୟ ସମସ୍ତ ଗାତ ପୋତି ହୋଇଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ସେହିଭଳି ବ୍ଲକର କେତେକ ପଞ୍ଚାୟତରେ ଗାତ ନିର୍ମାଣ କାର୍ଯ୍ୟ ଅସଂପୂର୍ଣ୍ଣ ଥିବା ଓ କେତେକ ଗାତରେ ଢ଼ାଙ୍କୁଣି ନ ଥିବା ବେଳେ ଠିକାଦାର ନିଜ ପ୍ରାପ୍ୟ ନେଇ ସାରିଥିବା ଅଭିଯୋଗ ହେଉଛି। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଦୁର୍ନୀତି ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ ସଇଁତଲା ବିଡ଼ିଓ ଚନ୍ଦ୍ରମଣି ନାଗଙ୍କୁ ପଚାରିବାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

### ଧଳପୁରରେ ଧାନମଣ୍ଡି ଖୋଲିବାକୁ ଗ୍ରାମବାସୀଙ୍କ ଦାବି

**ବୌଦ୍ଧ,୨।୮(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଧଳପୁରଠାରେ ଧାନମଣ୍ଡି (କ୍ରୟକେନ୍ଦ୍ର) ଖୋଲିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ବୌଦ୍ଧ ଏକ କୃଷିପ୍ରଧାନ ଜିଲା ହୋଇଥିବା ବେଳେ ଜିଲାର ଚାଷୀଙ୍କ ମୁଖ୍ୟ ଚାଷ ହେଉଛି ଧାନ। ଧାନ ଚାଷରୁ ହିଁ ଚାଷୀ ବିକ୍ରି କରି ମୁଖ୍ୟତଃ ପରିବାର ପ୍ରତିପୋଷଣ କରିଥାଏ। ଜିଲାରେ ସରକାରୀ ମଣ୍ଡିଗୁଡିକରେ (ଧାନ କ୍ରୟ କେନ୍ଦ୍ର) ଧାନ ବିକ୍ରି କଲେ ଚାଷୀ ଉଚିତ ମୂଲ୍ୟ ପାଇଥାଏ। କିନ୍ତୁ ଧଳପୁର ଗ୍ରାମପଞ୍ଚାୟତରେ ଧାନମଣ୍ଡି ନ ଥିବାରୁ ସ୍ଥାନୀୟ ଚାଷୀମାନେ ଧଳପୁରଠାରେ ଏକ ମଣ୍ଡି ଖୋଲିବାକୁ ମଙ୍ଗଳବାର ବୌଦ୍ଧ ଜିଲା ସମବାୟ ନିବନ୍ଧକଙ୍କ ପାଖରେ ଦାବି କରିଛନ୍ତି। ଚାଷୀଙ୍କ କହିବା କଥା, ଧଳପୁରଠାରେ ମଣ୍ଡି ନ ଥିବାରୁ ଏଠାକାର ଚାଷୀ ୮ କି.ମି ଦୂର ରାମଗଡ଼ ମଣ୍ଡିକୁ ଧାନ ନେଇଥାନ୍ତି। ରାମଗଡ ଯିବାକୁ ହେଲେ ଏକ ନାଳ ପାରହୋଇଯିବାକୁ ପଡିଥାଏ। ଫଳରେ ଚାଷୀମାନେ ବହୁ ହଇରାଣ ହୋଇଥାନ୍ତି। ଏଣୁ ଚାଷୀମାନଙ୍କ ହିତ ଦୃଷ୍ଟିରୁ ଧଳପୁରଠାରେ ଏକ ନୂତନ ଧାନମଣ୍ଡି କେନ୍ଦ୍ର ଖୋଲିବାକୁ ଧଳପୁର ଗ୍ରାମବାସୀ ଦାବି କରିଛନ୍ତି।

# ଦାଣ୍ଡିଭଜା ପ୍ରାଥମିକ ସ୍କୁଲରେ ବ୍ୟାପକ ଦୁର୍ନୀତି

**■ସ୍କୁଲକୁ ପିଲାଙ୍କୁ ଛାଡୁ ନାହାନ୍ତି ଅଭିଭାବକ**

**■ଏମ୍‌ଡିଏମ୍‌ରେ ଅଣ୍ଡା ପରିବର୍ତ୍ତେ ବିସ୍କୁଟ ପ୍ରଦାନ**

**କର୍ଲାମୁଣ୍ଡା,୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଦାଣ୍ଡିଭଜା ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ୨୦୧୩ରୁ ପ୍ରଧାନ ଶିକ୍ଷକ ଶଙ୍କର ବାଗ୍ ବିଦ୍ୟାଳୟରେ ବ୍ୟାପକ ଦୁର୍ନୀତି କରିଥିବା ସୋମବାର ଭବାନୀପାଟଣାଠାରେ ଆୟୋଜିତ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ କେନ୍ଦ୍ର କରି ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ଅଭିଭାବକ ଛାଡୁ ନ ଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏମାନଙ୍କ ପାଇଁ ୨ ଜଣ ଶିକ୍ଷକ ଅଛନ୍ତି। ୨୦୧୩ରୁ ପ୍ରଧାନ ଶିକ୍ଷକ ଭାବେ ଶଙ୍କର ବାଗ ରହିଥିବା ବେଳେ ସୁବାଷ ସାହୁ ସହକାରୀ ଶିକ୍ଷକ ରହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ସ୍କୁଲ ନିକଟରେ ପ୍ରଧାନ ଶିକ୍ଷକଙ୍କ ଘର ରହିଛି। ଫଳରେ ଅଧିକ ସମୟରେ ପ୍ରଧାନ ଶିକ୍ଷକ ଘରେ ରହୁଥିବା, ସ୍କୁଲ ପାଇଖାନା ଓ ସ୍କୁଲ ସାମଗ୍ରୀ ତାଙ୍କ ପରିବାର ଲୋକେ ବ୍ୟବହାର କରୁଛନ୍ତି। କୋଭିଡ୍-୧୯ ୧୬।୩।୨୦୨୦ରୁ ୩୧।୩।୨୦୨୨ ପର୍ଯ୍ୟନ୍ତ (ଫୁଡ ସିକ୍ୟୁରିଟି ଏଲାଉନ୍ସ) ସରକାରୀ ଅନୁଦାନକୁ ଛାତ୍ରୀଛାତ୍ରମାନଙ୍କ ଜାଲ ଦସ୍ତଖତ କରି ଅର୍ଥ ହଡ଼ପ କରିଥିବା, ଏମ୍‌ଡିଏମ (ମଧ୍ୟାହ୍ନ ଭୋଜନ)ରେ ଅଣ୍ଡା ପରିବର୍ତ୍ତେ ବିସ୍କୁଟ ଦେବା, ପରିଚାଳନା କମିଟି ବୈଠକ ନ କରି ଘର ଘର ବୁଲି କମିଟି ଦସ୍ତଖତ କରାଉଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏ ନେଇ ପ୍ରଧାନ ଶିକ୍ଷକ ଶଙ୍କର ବାଗଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ମିଥ୍ୟା, ମତେ ଫସାଇବାକୁ କିଛି ବ୍ୟକ୍ତି ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି। ବ୍ଲକ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରୁ ସେ ଫୋନ ଗ୍ରହଣ କରୁ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସହଦେବ ସୁନାଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ପରେ ପ୍ରଧାନ ଶିକ୍ଷକ ବାଗଙ୍କୁ ବଦଳି କରିବା ସହ ତାଙ୍କ ବିରୋଧରେ ଥିବା ଅଭିଯୋଗଗୁଡିକର ତଦନ୍ତ କରାଯାଉଛି ବୋଲି କହିଛନ୍ତି। ସ୍କୁଲକୁ ପିଲାଙ୍କୁ ଛାଡିବା ପାଇଁ ଅଭିଭାବକଙ୍କୁ ଅନୁରୋଧ କରିଛୁ ବୋଲି କହିଛନ୍ତି। ତେବେ ଛାତ୍ରୀଛତ୍ରମାନଙ୍କୁ କୋଭିଡ୍-୧୯ର ସରକାରୀ ସହାୟତା ଅନୁଦାନ ରାଶି ନ ଦେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ଛଡାଯିବ ନାହିଁ ସ୍କୁଲ କମିଟି ସଭାନେତ୍ରୀ ଦିପାଞ୍ଜଳୀ ସାହୁ ଓ ଘନଶ୍ୟାମ ସାହୁ କହିଛନ୍ତି।



ଦାଣ୍ଡିଭଜା ପ୍ରାଥମିକ ବିଦ୍ୟାଳୟ।

# ଟ୍ରାଫିକ ବ୍ୟବସ୍ଥା ନେଇ ଖଡ଼ିଆଳ ବନ୍ଦ ଆଜି


ବୁଧବାର ଖଡ଼ିଆଳ ବନ୍ଦ ସମ୍ପର୍କରେ ଆଲୋଚନା କରାଯାଉଛି।

**ଖଡ଼ିଆଳ,୨।୮(ଡି.ଏନ.ଏ.)**

ନୂଆପଡା ଜିଲାର ଖଡ଼ିଆଳ ଏକ ପ୍ରମୁଖ ସହର। ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ବ୍ୟବସାୟ ପାଇଁ ଜିଲାର ଅଧିକାଂଶ ଲୋକ ଏହି ସହର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଟ୍ରାଫିକ ବ୍ୟବସ୍ଥା ଠିକ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ସୋମବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଖଡ଼ିଆଳ ସଚେତନ ନାଗରିକ ମଞ୍ଚ ଉଦବେଗ ପ୍ରକାଶ କରି ବୁଧୁବାର ବିଭିନ୍ନ ଦାବି ନେଇ ଖଡ଼ିଆଳ ସହର ବନ୍ଦ ଡାକରା ଦେଇଛି। ଖଡ଼ିଆଳ ସହର ବିଭିନ୍ନ ମୁଖ୍ୟ ରାସ୍ତାରେ ମନମୁଖି ଭାରୀଯାନ ଗାଡି ଚଳାଚଳ ବନ୍ଦ କରିବା ସହ ବିଭିନ୍ନ ପ୍ରମୁଖ ଜନଗହଳି ଛକରେ ଟ୍ରାଫିକ ପୋଲିସ ମୁତୟନ, ରାସ୍ତାର ସ୍ପିଡ୍ ବ୍ରେକର ସହ ସ୍ପିଡ ନିୟନ୍ତ୍ରଣ, ବାଇପାସ ରାସ୍ତା ନିର୍ମାଣ ଆଦି ଦାବି ନେଇ ସହରବାସୀ ଖଡ଼ିଆଳ ଏନ୍‌ଏସି କାର୍ଯ୍ୟାଳୟ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବୁଧୁବାର ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖଡ଼ିଆଳ ସହରର ଦୋକାନ ବଜାର ବନ୍ଦ ରହିବା ସହ ଯାନବାହନ ଯାତାୟାତ ବନ୍ଦ ରହିବ। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ଜଟଗଡ଼ରେ ଝାଡ଼ାବାନ୍ତି ଥମୁନାହିଁ

**■ଶତାଧିକରୁ ଊର୍ଦ୍ଧ୍ୱ ଆକ୍ରାନ୍ତ**

**■ନାମକୁ ମାତ୍ର ଚାଲିଛି କ୍ୟାମ୍ପ, ଡାକ୍ତର ନ ଥିବା ଅଭିଯୋଗ**

**ନୂଆପଡ଼ା ଅଫିସ,୨।୮**

ନୂଆପଡା ଜିଲା କୋମନା ବ୍ଲକ ଜଟଗଡ ଗ୍ରାମରେ ଝାଡ଼ାବାନ୍ତି ଥମିବାର ନାଁ ନେଉ ନାହିଁ। ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। ସୋମବାର ମୁରଲି ହଂସ (୬୫), ଗୋବର୍ଦ୍ଧନ ହଂସ (୪୦), ମନୋରଞ୍ଜନ ହଂସ (୮) ଓ ୧୦ ମାସର ଶିଶୁ ସାହିଲ ସୁନାନୀ ଆକ୍ରାନ୍ତ ହୋଇ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ମଙ୍ଗଳବାର ଜ୍ୟୋସ୍ନା ବିଶ୍ୱାଳ (୨୩), ପାର୍ବତୀ ନାଗ (୬୩) ଓ ତପସ୍ୱନୀ ସାହୁ (୨୫) ଆକ୍ରାନ୍ତଙ୍କୁ ଗାଁରେ ଚିକିତ୍ସା କରାଯାଉଛି। ଜୁଲାଇ ୧୩ ତାରିଖରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ବେସକାରୀ ସୂତ୍ରରୁ ୧୨୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଥିବା ବେଳେ ଡାକ୍ତରୀ କ୍ୟାମ୍ପରେ ୪୯ଜଣଙ୍କ ନାମ ପଞ୍ଜୀକରଣ ହୋଇଛି। କୋମନା ଡାକ୍ତର ଲୋପାମୁଦ୍ରା ବାରିକ ୫୧ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ଓ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ବୋଲି କହିଛନ୍ତି। ଡାକ୍ତରୀ ଦଳ କ୍ୟାମ୍ପ କରି ୩ଜଣ ଡାକ୍ତର, ଏଏନଏମ, ଆଶା, ଅଙ୍ଗନୱାଡି କର୍ମୀମାନଙ୍କୁ ସେଠାରେ ଅସ୍ଥାୟୀ ଭାବେ ନିଯୁକ୍ତ କରିଛନ୍ତି। ସେମାନେ ସେଠାରେ ରହି ଲୋକଙ୍କୁ ଉଚିତ ସେବା ଯୋଗାଇବା କଥା। ହେଲେ ଗାଁର ଅଙ୍ଗନୱାଡି କେନ୍ଦ୍ରରେ କ୍ୟାମ୍ପ ଖୋଲା ଯାଇଛି, ହେଲେ ଡାକ୍ତର ନାହାନ୍ତି। ନାମକୁ ମାତ୍ର କ୍ୟାମ୍ପ ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ପ୍ରତିଦିନ ଗାଁରେ ୨ରୁ ୩ ଜଣ ନୂତନ ଆକ୍ରାନ୍ତ ଚିହ୍ନଟ ହେଉଥିଲେ ମଧ୍ୟ ପ୍ରକୃତ କାରଣ ଜାଣି ପାରୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ଗାଁର ଦୁଇଟି ବନ୍ଧରେ ଡାଇରିଆ ଜୀବାଣୁ ଅଛି। ସେହି ବନ୍ଧ ପାଣି ବ୍ୟବହାର କରିବ ନାହିଁ ବୋଲି ଡାକ୍ତରୀ ଦଳ ଗ୍ରାମବାସୀଙ୍କୁ ନିଷିଦ୍ଧ କରିଛନ୍ତି। ବନ୍ଧ ପାଣି ଗାଁ କୌଣସି ଲୋକ ବ୍ୟାବହାର କରୁନାହାନ୍ତି। ହେଲେ ମଧ୍ୟ ଗାଁରେ ପ୍ରତିଦିନ ୨/୩ ଜଣ ନୂତନ ଆକ୍ରାନ୍ତ ରୋଗୀ ଚିହ୍ନଟ ହେଉଛନ୍ତି। ଟ୍ୟାଙ୍କରରେ ପାଣି ଦିଆଯାଉଥିଲେ ମଧ୍ୟ ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ଏହି ରୋଗର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ କାରଣ ବାହାର କରି ଶୀଘ୍ର ମୂଳୋପାଟନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି।

## ଯୁବତୀଙ୍କୁ ହତ୍ୟା ଅଭିଯୋଗରେ ଯୁବକ ଗିରଫ

**ଭବାନୀପାଟଣା,୨।୮(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ସିକେରଗୁଡା ଗ୍ରାମ ନିକଟ ଜଙ୍ଗଲରୁ ସୋମବାର ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଜବତ କରିଥିଲା। ମୃତ ଯୁବତୀ ଜଣକ ସିକେରଗୁଡା ଗ୍ରାମର ଦୀପା ମାଝି। ତେବେ ତାଙ୍କୁ ହତ୍ୟା କରାଯାଇଥିବା ପରିବାରବର୍ଗ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୯୪/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଯୁବତୀଙ୍କୁ ଗୁଡାଙ୍ଗ ଗ୍ରାମର ସୋନୁମାଝିହତ୍ୟା କରିଥିବା ଜାଣିବାକୁ ପାଇଥିଲା। ପୋଲିସ ସୋନୁଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନା ଯେ, ଦୀପା ଗତ ବୁଧବାର ପାଖ ନାଳକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ଶେଷରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# କୃଷକ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ଠାରେ ୨୦୨୨-୨୩ ଖରିଫ ଧାନ ବିକ୍ରି ଏବଂ ପଞ୍ଜିକରଣ ଉପରେ କୃଷକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋର୍ଡ ସଭ୍ୟ ଏବଂ ଚାଷୀମାନେ ଅଂଶଗ୍ରହଣ କରିଥିଲେ। ସହସମ୍ପାଦକ ନିରୋଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ନବ ନିର୍ବାଚିତ ସଭାପତି ବାଳଗୋପାଳ ସାହୁ ଅଧ୍ୟକ୍ଷତା କରିଥିଲେ। ସରକାର ଚଳିତବର୍ଷ ଚାଷୀ ନବିକରଣ ନ କରି ନୂତନ ଭାବେ ଧାନ ବିକ୍ରି ପାଇଁ ପଞ୍ଜିକରଣ ବ୍ୟବସ୍ଥା କରିଛନ୍ତି। ଗତ ଜୁଲାଇ ୧୫ ରୁ ଫର୍ମ ବିକ୍ରି ସହ ପଞ୍ଜିକରଣ ଆରମ୍ଭ ହୋଇଛି। ହେଲେ ସମିତି ଅଧୀନ ୧୨ ଶହରୁ ଅଧିକ ଥିବା ସଭ୍ୟ ମଧ୍ୟରୁ ୫୩୦ ଜଣ ଚାଷୀ ପଞ୍ଜିକରଣ ପାଇଁ ଫର୍ମ ନେଇଛନ୍ତି। ହେଲେ ଅଦ୍ୟାବଧି ୧୩୦ ଜଣ ଚାଷୀଙ୍କ ପଞ୍ଜିକରଣ ହୋଇଛି। କେବଳ ବୁର୍ଡା ସମିତି ନୁହେଁ ଜିଲାରେ ପଞ୍ଜିକରଣ ଧିମେଇ ଯାଇଛି। ତେଣୁ ସମବାୟ ବିଭାଗ ପକ୍ଷରୁ ଏନେଇ ଚାଷୀ ସଚେତନତା ପାଇଁ ଗୁରୁତ୍ୱ ଦିଆଯାଉଛି। ଅଗଷ୍ଟ ୧୬ ପଞ୍ଜିକରଣର ଶେଷ ଦିବସ ଥିବାରୁ ଅଧିକରୁ ଅଧିକ ଚାଷୀ ପଞ୍ଜିକୃତ ହେବାକୁ ସହସମ୍ପାଦକ ସାହୁ ଆହ୍ୱାନ ଦେଇଥିଲେ। ଅପରପକ୍ଷେ ନୂତନ ସେଟେଲମେଣ୍ଟ ହୋଇନାହିଁ। ଫଳରେ ଆଗୁଆ ପଞ୍ଜିକରଣ କରୁଥିବା ବ୍ୟକ୍ତି ଅନ୍ୟ ଭାଇର ପ୍ଲଟକୁ ପଞ୍ଜିକୃତ କରୁଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଥିବା ପାକ୍ସ କର୍ମଚାରୀ କହିଥିଲେ। ଆଦୌ ଚାଷ ଜମି ନ ଥିବା କିମ୍ବା ଭାଗଚାଷୀ ହୋଇ ନ ଥିବା ବ୍ୟକ୍ତି ପଞ୍ଜିକରଣ କରି ଧାନ ବିକ୍ରି କରୁଥିବା ନଜିର ରହିଛି। ନକଲି ଚାଷୀ ଯୋଗୁ ପ୍ରକୃତ ଚାଷୀ ଧାନବିକ୍ରିରୁ ବଞ୍ଚିତ ହେଉଛି। ଏଣୁ ନକଲି ଚାଷୀଙ୍କୁ ପଞ୍ଜିକରଣରୁ ବାଦ ଦେବାକୁ ଉପସ୍ଥିତ ଚାଷୀମାନେ ପାକ୍ସ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ।

## ଆତ୍ମା ପକ୍ଷରୁ ମତ୍ସ୍ୟ ଚାଷୀଙ୍କୁ ତାଲିମ ଶିବିର

**କୋକସରା,୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ର ଓ ଆତ୍ମାର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ମାଛ ଚାଷର ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବ୍ଲକ ଆତ୍ମା ଅଧ୍ୟକ୍ଷ ଋତୁରାଜ ମାଝି ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ମତ୍ସ୍ୟ ଅଧିକାରୀ ଲଳିତ ମହାନନ୍ଦ ବିଭିନ୍ନ ପଞ୍ଚାୟତରୁ ଉପସ୍ଥିତ ରହିଥିବା ମତ୍ସ୍ୟ ଚାଷୀଙ୍କୁ ଉନ୍ନତ ମାଛ ଚାଷ ସମ୍ପର୍କରେ ଉପଯୋଗୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ବିଭାଗ କର୍ମଚାରୀ ଆଶିଷ କୁମାର ପାଟିଲଙ୍କ ସମେତ ମତ୍ସ୍ୟ ଚାଷୀ ମିନିକେତନ ପ୍ରଧାନୀ, ଘନଶ୍ୟାମ ନାଏକ, ଯୁଗଳ ପଟେଲ, ହରେକୃଷ୍ଣ ନାଏକ ଉପସ୍ଥିତ ରହିଥିଲେ। ଆତ୍ମା ପକ୍ଷରୁ ଚାଷୀଙ୍କୁ ମାଗଣାରେ ମାଛ ଯାଆଁଳା ବଣ୍ଟନ କରାଯାଇଥିଲା।

# ଚାରୁ, କାରୁକଳା ପ୍ରଦର୍ଶନୀ


ଛାତ୍ରୀଛାତ୍ରଙ୍କ ଦ୍ୱାରା କଳା ପ୍ରଦର୍ଶନ କରାଯାଉଛି।

**ବୌଦ୍ଧ,୨।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବଘିଆପଡା ପାଳଝାର ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଚାରୁ ଓ କାରୁକଳା ପ୍ରଦର୍ଶନୀ, କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଜଲି ଟମିଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟର କଳା ଶିକ୍ଷକ ଅଲେଖ ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କର ସୃଜନାତ୍ମକ ବିକାଶ, ନବିନତା ତଥା ଭିନ୍ନତାର ପରିପ୍ରକାଶ ନିମନ୍ତେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୬୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଚ୍ଚପ୍ରାଥମିକ କନକପୁର ବିଦ୍ୟାଳୟର ୩ ଜଣ ଶିକ୍ଷକ ଓ ୫୦ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# କଳାହାଣ୍ଡି ଜିଲା: ଭୋଟର ତାଲିକା ସଂଶୋଧନ ବୈଠକ

**ଭବାନୀପାଟଣା,୨।୮(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଅଗଷ୍ଟ ୧ରୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ପ୍ରକ୍ରିୟା ଆରମ୍ଭ ହୋଇଛି। ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାଶ, ନିର୍ବାଚନ ଅଧିକାରୀ ସୁଶ୍ରୀ ପ୍ରଧାନ, ଡିଆଇପିଆରଓ ମନୋଜ ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ରାଜନେତା, ଗଣମାଧ୍ୟମ ପ୍ରତିନିଧି ସମେତ ଏନଜିଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟର ତା.୧୬।୭।୨୦୨୨ର ବିଜ୍ଞପ୍ତି ଦ୍ୱାରା ଲୋକପ୍ରତିନିଧି ଆଇନ-୧୯୫୦ଧାର ୨୮ ଅନୁସାରେ ଭୋଟର ପଞ୍ଜୀକରଣ ସଂଶୋଧନ ଆଇନ-୨୦୨୨ଅନୁଯାୟୀ ପଞ୍ଜୀକରଣ କରାଯିବ। ଏଥର ପଞ୍ଜୀକରଣ ଫର୍ମରେ କେତେକ ସଂଶୋଧନ କରାଯାଇଛି। ରୂପାନ୍ତରିତ ପଞ୍ଜୀକରଣ ଫର୍ମ ଅଗଷ୍ଟ ୧ ତାରିଖରୁ କାର୍ଯ୍ୟକାରୀ ହେବ। ଏହି ପଞ୍ଜୀକରଣ ଫର୍ମରେ ୯ଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ରହିଛି। ବିଶେଷକରି ଆଧାର ବିବରଣୀ ଦାଖଲ କରିବା ନିମନ୍ତେ ଏକ ନୂତନ ଫର୍ମ (୬) ଖ ପ୍ରଚଳନର ଆରମ୍ଭ, ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ, ଭୋଟର ତାଲିକାରୁ ନାମ ବାଦଦେବା କିମ୍ବା ନାମ ଅନ୍ତର୍ଭୁକ୍ତ ଥିଲେ ଆପତ୍ତି ଅଭିଯୋଗ କରିବା ପାଇଁ ଆବେଦନ ବ୍ୟବସ୍ଥା ଥିଲା। ବର୍ତ୍ତମାନ ଏଥିରେ ସାମାନ୍ୟ ପରିବର୍ତ୍ତନ ସହ ଏହି ଉପରୋକ୍ତ ତଥ୍ୟ ପୂରଣ ସହ ମୃତ୍ୟୁ ପ୍ରମାଣ ପତ୍ର ସଂଲଗ୍ନ କରାଯିବ,୧।୪।୨୦୨୩ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କ ଆଧାର ନଂ ନିର୍ବାଚନ ଅଧିକାରୀଙ୍କୁ ଜଣାଇବେ ଓ ଭୋଟର କାର୍ଡ ସହିତ ଏଥର ଆଧାର କାର୍ଡ ଲିଙ୍କ ହେବା ଆଦି ରହିଛି।

# ଗାଁରେ ପଶିଲା ଭାଲୁ, ଲୋକେ ଆତଙ୍କିତ

**ଖଡ଼ିଆଳ,୨।୮(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ କିରିକିଟା ଗ୍ରାମରେ ମଙ୍ଗଳବାର ସକାଳ ୬ଟାରେ ଗୋଟିଏ ଭାଲୁ ବୁଲୁଥିବା ଦେଖିବାକୁ ଦେଖିବାକୁ ମିଳିଛି। ପାଣି କିମ୍ବା ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶି ଆସିଥିବା ଅନୁମାନ କରାଯାଉଛି। ଦୀର୍ଘ ୬ ଘଣ୍ଟାରୁ ଅଧିକ ସମୟ ଜନବସତିରେ ଭାଲୁ ବୁଲୁଥିଲା। ହେଲେ ବନ ବିଭାଗ ପାଖରେ ଖବର ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୁଭାଗ୍ୟ ବଶତଃ ଭାଲୁ କୌଣସି ଲୋକଙ୍କୁ ଆକ୍ରମଣ କରି ନ ଥିବା ଜଣାପଡ଼ିଛି। ଭାଲୁ ସକାଳେ କିରିକିଟା ଗ୍ରାମ ପାର୍ଶ୍ୱରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ଆତଙ୍କିତ ହୋଇଥିଲେ। ଭାଲୁକୁ ଦେଖି ଗ୍ରାମବାସୀ ହୋହଲ୍ଲା କରିବାରୁ ସକାଳ ୬ଟାରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଗ୍ରାମର ଚାଷ ଜମି, ପଡିଆରେ ଘୁରି ବୁଲୁଥିଲା। ଭାଲୁ ଯେଉଁ ଆଡେ ଗଲେ ଲୋକେ ହୋହଲ୍ଲା କରିବାରୁ ଏଣେ ତେଣେ ଦୌଡ଼ି ଦୌଡ଼ି ହାଲିଆ ହୋଇଯାଇଥିଲା।


ଖଡ଼ିଆଳ ବ୍ଲକ କିରିକିଟା ଗ୍ରାମର ଏକ ଜମିରେ ଭାଲୁ ବୁଲୁଛି।

# ସମ୍ଭାବ୍ୟ ଝାଡ଼ାବାନ୍ତି ରୋକିବାକୁ ଗୁରୁତ୍ୱ

**ଜିଲା ସ୍ୱାସ୍ଥ୍ୟ ସମିତିର ଗଭର୍ନିଂ ବଡି ବୈଠକ**

**ଭବାନୀପାଟଣା,୨।୮(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତିର ଗଭର୍ନିଂ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ତଥା ଜିଲା ସ୍ୱାସ୍ଥ୍ୟ ସମିତି ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓଙ୍କ ଅଧ୍ୟକ୍ଷତାରେ ଜିଲାପାଳ ତଥା ଜିଲା ସ୍ୱାସ୍ଥ୍ୟ ସମିତି ଉପାଧ୍ୟକ୍ଷ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ପଟେଲ, ଧର୍ମଗଡ଼ ଉପଜିଲାପାଳ ସଚିନ ପାୱାର ପ୍ରକାଶ, ଭବାନୀପାଟଣା ଉପଜିଲାପାଳ ଡ ବିଶ୍ୱଜିତ୍ ଦାସ, ସିଡିଏମଓ ଡ. ରଞ୍ଜନ ମିତ୍ରଙ୍କ ସହ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡିପିଏମ ଅବନୀ ମହାପାତ୍ର ଜିଲାରେ ସ୍ୱାସ୍ଥ୍ୟ ବିଭାଗର ରୋଗୀ ସେବା, ଟୀକାକରଣ, ଆମ୍ବୁଲାନ୍ସ ସୁବିଧା, ଡାକ୍ତର ନିଯୁକ୍ତି, ଭିତ୍ତିଭୂମି ବିକାଶ, କାୟକଳ୍ପ ପୁରସ୍କାର, ସ୍ୱାସ୍ଥ୍ୟ ଶିବିର, ଡିଏଚଏଚ, ସିଏଚସି, ପିଏଚ୍‌ସି, ସବସେଣ୍ଟର, ମ୍ୟାଲେରିଆ ଓ ଯକ୍ଷ୍ମା ନିରାକରଣ ନିମନ୍ତେ କାର୍ଯ୍ୟକ୍ରମ, କୋଭିଡ୍ ବୁଷ୍ଟର ଡୋଜ, କୋଭିଡ ଟେଷ୍ଟ, ବାଇକ୍ ଆମ୍ବୁଲାନ୍ସ ଇତ୍ୟାଦି ଉପରେ ସବିଶେଷ ବିବରଣୀ ସ୍ଲାଇଡ ମାଧ୍ୟମରେ ଗୃହରେ ପରିବେଷଣ କରିଥିଲେ। ସ୍ୱାସ୍ଥ୍ୟ ସେବା ଏକ ଜରୁରୀ କାର୍ଯ୍ୟ। ଏଥିରେ ସମ୍ପୃକ୍ତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ନିଜ ଦାୟିତ୍ୱକୁ ନିର୍ବାହ କରନ୍ତୁ ଓ ଜିଲାରେ ଟୀକାକରଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ, ରକ୍ତହୀନତା ଦୂରୀକରଣ, ଯକ୍ଷ୍ମା ଓ ମ୍ୟାଲେରିଆ ରୋଗର ନିରାକରଣ, ଶିଶୁ ମୃତ୍ୟୁହାର ତଥା ବର୍ତ୍ତମାନ ସମ୍ଭାବ୍ୟ ଝାଡ଼ାବାନ୍ତି ରୋକିବାକୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଡିପିଏଚଓ ଡ. ରାକେଶ ସାହୁ, ଡିଏମ୍‌ଓ ଡ. ମନୋଜ ମାଝି, ଡିଆଇପିଆର୍‌ଓ ମନୋଜ ବେହେରା, ପ୍ରକାଶ ସେନାପତି, ସନ୍ତୋଷ କୁମାର ବାଗଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡି ବୈଠକରେ ଆଲୋଚନା ଚାଲିଛି।

## ଗଞ୍ଜେଇ ଜବତ, ୨ ଗିରଫ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ପାବଲି ଘାଟି ତଳେ ଗଞ୍ଜେଇ ଆସୁଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବାଇକ୍‌ରେ ଆସୁଥିବା ୨ଜଣ ଯୁବକଙ୍କୁ ବିଭାଗ ପକ୍ଷରୁ ଅଟକ କରାଯାଇଥିଲା। ସେମାନଙ୍କଠାରୁ ଏକ ବସ୍ତାରେ ୧୮ କେଜି ୮ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ବାଇକ୍ ଓ ମୋବାଇଲ ଅବକାରୀ ବିଭାଗ ଜବତ କରିଥିଲା। ଏହି ଘଟଣାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଅଞ୍ଚଳର ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ଅଙ୍ଗନଦୀ ଘାଟରୁ ଯୁବକଙ୍କ ମୃତଦେହ ଜବତ

ଡୁଙ୍ଗୁରିପାଲି,୨।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କର୍ଲାଜୁରୀ ନିକଟ ଅଙ୍ଗନଦୀରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ କର୍ଲାଜୁରୀ ଗ୍ରାମର ରଶିକ ଚନ୍ଦ୍ର ଗୁରୁ (୪୨)। ପ୍ରକାଶ ଯେ, ରଶିକ ସକାଳେ ଅଙ୍ଗ ନଦୀକୁ ଗାଧୋଇବାକୁ ଯାଇଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। କେତେଜଣ ବ୍ୟକ୍ତି ନଦୀରେ ଗାଧୋଉ ଥିବା ବେଳେ ସେ ବୁଡି ଯାଇଥିବା ସନ୍ଦେହ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଡୁଙ୍ଗୁରିପାଲି ଅଗ୍ନିଶମ ବାହିନୀ ନଦୀରେ ଖୋଜାଖୋଜି କରି ରଶିକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଡୁଙ୍ଗୁରିପାଲି ପୋଲିସକୁ ଖବର ଦେଇଥିଲେ। ଏ ନେଇ ଥାନାରେ ନମ୍ବର ୧୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଏଏସଆଇ କୃଷ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

### କୋକସରାରେ ନୂତନ ତହସିଲଦାର

କୋକସରା,୨।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟରେ ରାକେଶ ପରୁଆ ନୂତନ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ତହସିଲଦାର ମନୋଜ ପାଢ଼ୀଙ୍କୁ କନ୍ଧମାଳ ଜିଲା ଟିକାବାଲି ବିଡିଓ ହୋଇ ବଦଳି ହେବା ପରେ ତାଙ୍କ ସ୍ଥାନରେ କୋକସରା ତହସିଲଦାର ଭାବେ ପରୁଆ ଯୋଗ ଦେଇଛନ୍ତି। କୋକସରା ତହସିଲ ଅଧୀନରେ ଆସୁଥିବା ବିଭିନ୍ନ ରାଜସ୍ୱ ସର୍କଲ ଜନସାଧାରଣଙ୍କୁ ଉତ୍ତମ ସେବା ସହ ଯେ କୌଣସି ସମୟରେ ଯାହା ସହାୟତା ତହସିଲ ପକ୍ଷରୁ ମିଳିବା କଥା ତାହା ହିତାଧିକାରୀଙ୍କୁ ଦିଆଯିବ ବୋଲି ପରୁଆ କହିଛନ୍ତି। ଏଥିସହ ସେ ଜନସାଧାରଣଙ୍କ ସହଯୋଗ କାମନା ମଧ କରିଛନ୍ତି।

### ୧୪୦ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ଗୁଡ଼ଭେଲା,୨।୮(ଡି.ଏନ.ଏ.): ମଙ୍ଗଳବାର ଧାନଘରା-କପସିଲା ରାସ୍ତାରେ ତୁଷୁରା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବାଇପାସ୍ ଠାରେ ୧୪୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଏକ ଟାଟା ଏସଇ (ନମ୍ବର ଓଡି ୧୭ ୱାଇ ୪୪୭୧ ) ଜବତ ହୋଇଥିବା ବେଳେ ଏସ-ରାମପୁର ଗ୍ରାମର ବିନ୍ଦୁ ସରାଫ (୩୫)ଙ୍କୁ ପୋଲିସ ଗିରଫ କରିଛି। ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲଙ୍କ ଉପସ୍ଥିତରେ ଉକ୍ତ ଗାଡିରେ ଥିବା ଗଞ୍ଜେଇ ଓଜନ କରାଯାଇଥିଲା। ଥାନା ଅଧିକାରୀ ସଞ୍ଜୀବ ପ୍ରଧାନ, ଏସ୍‌ଆଇ ଆଲୋକ ପ୍ରସାଦ ଭୋଇ, ଅନନ୍ତ ସାହୁ ପ୍ରମୁଖ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ଏହି ଗାଡି ଧରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା।

### କୋଭିଡ଼ କଟକଣାରେ ପାଳନ ହେବ ସ୍ୱାଧୀନତା ଦିବସ

ବଲାଙ୍ଗୀର ଅଫିସ,୨।୮: ବଲାଙ୍ଗୀର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ-୧୯ କଟକଣା ଅନୁସାରେ ସ୍ଥାନୀୟ ମନୋହରପୁର ପୋଲିସ ରିଜର୍ଭ ପଡିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସକୁ ସୀମିତ ଅତିଥିଙ୍କ ଗହଣରେ ପାଳନ କରାଯିବ। ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପ୍ରାତଃ ସମୟରେ ସହରରେ ରାମଧୂନ ପ୍ରଚାର କରାଯିବ। ସକାଳ ସାଢ଼େ ୭ଟା ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡିକରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ୭ଟା ୪୫ ମିନିଟ୍ ସମୟରେ ମନୋହରପୁର ରିଜର୍ଭ ପୋଲିସ ପଡିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ କେବଳ ପୋଲିସ ବ୍ୟାଣ୍ଡ ଏବଂ ପୋଲିସ କଣ୍ଟିନ୍‌ଜେଣ୍ଟ ଅଂଶଗ୍ରହଣ କରିବେ। ସ୍ୱାଧୀନତା ଦିବସରେ ପରେଡ ହେବ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଉପଜିଲାପାଳ ଲମ୍ବୋଦର ଧରୁଆ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସଏ, ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଗୁଣନିଧି ନାଏକ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମ୍ପର୍କିତ ବିବରଣୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥାପନ କରିଥିଲେ।

# ଭୂତକୋଠି ପାଲଟିଛି ପଶୁ ସମ୍ପଦ ସହାୟକ କେନ୍ଦ୍ର

- ନୂତନ କୋଠାରେ ମଦୁଆଙ୍କ ଆଡାସ୍ଥଳି
- ଡାକ୍ତରଙ୍କ ଦେଖା ନାହିଁ

ସିନାପାଲି,୨।୮(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ପଶୁ ସମ୍ପଦ ସହାୟକ କେନ୍ଦ୍ର ଏବେ ଭୂକୋଠି ପାଲଟିଛି। ଅନ୍ୟପକ୍ଷେ ୫ ବର୍ଷ ହେବ ଉକ୍ତ କେନ୍ଦ୍ର ପାଇଁ ନୂତନ କୋଠା ନିର୍ମାଣ ହୋଇଥିବା ବେଳେ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ତାହା ମଦୁଆଙ୍କ ଆଡାସ୍ଥଳି ପାଲଟିଛି। ଅନ୍ୟପକ୍ଷେ ବର୍ଷ ବର୍ଷ ଧରି ଡାକ୍ତର ଆସୁ ନ ଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ, କେନ୍ଦୁମୁଣ୍ଡା ପଶୁ ସମ୍ପଦ ସହାୟକ କେନ୍ଦ୍ର ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଉକ୍ତ କୋଠା ଭାଙ୍ଗି ପଡିଥିବାବେଳେ ଦୀଘ ୫ ବର୍ଷ ହେଲା ଠିକାଦାର ଓ ଯନ୍ତ୍ରୀଙ୍କ ଖାମଖିଆଲି ଯୋଗୁ ଦୀର୍ଘ ୫ ବର୍ଷ ହେଲା ନୂତନ କୋଠା ନିର୍ମାଣ ଶେଷ ହୋଇପାରୁନାହିଁ। ଡାକ୍ତରଙ୍କ ମଧ ଦେଖା ନ ଥିବା ବେଳେ ଅଞ୍ଚଳର ହଜାର ହଜାର ଚାଷୀ ଉକ୍ତ ବିଭାଗର ସୁବିଧାରୁ ବଞ୍ଚିତ ରହୁଛନ୍ତି। ଏ ନେଇ ଉକ୍ତ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ବରନିଧି ପାତ୍ରଙ୍କୁ ପଚାରିବାରୁ ମୁଁ କରଣବାହାଲି ଦାୟିତ୍ୱରେ ଥିବାବେଳେ ସେଠାରେ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱରେ କାର୍ଯ୍ୟ କରୁଛି। ପୁରୁଣା କୋଠା ଭାଙ୍ଗି ପଡିଥିବା ବେଳେ ନୂତନ କୋଠା ହସ୍ତାନ୍ତର କରିନାହାନ୍ତି। ଫଳରେ ବସିବା ପାଇଁ ମଧ ଯାଗାଟିଏ ନାହିଁ। ତଥାପି ମୁଁ ମୋ ମୋବାଇଲ ନମ୍ବର ଦେଇଛି, ଲୋକେ ଫୋନକଲ କଲେ ଯାଇ ଚିକିତ୍ସା କରୁଥିବା ବେଳେ ଅନେକ ସୁବିଧା ହେଉଛି ବୋଲି କହିଛନ୍ତି। ଏ ନେଇ ପ୍ରାଣି ଚିକିତ୍ସା ଅଧିକାରୀ ବିକାଶ ସେଠୀଙ୍କୁ ପଚାରିବାରୁ ସେଠାକାର ଗୃହ ଅବସ୍ଥା ଠିକନାହିଁ ଓ ଡାକ୍ତର କରଣବାହାଲି ଦାୟିତ୍ୱରେ ରହିଥିବା ବେଳେ କେନ୍ଦୁମୁଣ୍ଡା ଭାରପ୍ରାପ୍ତ ଦାୟିତ୍ୱରେ ଅଛନ୍ତି। ଫଳରେ ଅଞ୍ଚଳର ଚାଷୀମାନେ ବିଭାଗୀୟ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଆଗକୁ କିଭଳି ଲୋକେ ସୁବିଧା ପାଇ ପାରିବେ ତାହା ଚେଷ୍ଟା କରୁଛି ବୋଲି କହିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ନୂତନ କୋଠା ନିର୍ମାଣ ସରିଛି, ରହିଥିବା ସ୍ୱଳ୍ପ କାମ ଶେଷ ପରେ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।


କେନ୍ଦୁମୁଣ୍ଡା ପଶୁ ସମ୍ପଦ ସହାୟକ କେନ୍ଦ୍ର।

# ଜମି ହସ୍ତାନ୍ତର ଶୀଘ୍ର ନ ହେଲେ ଆଗକୁ ଆନ୍ଦୋଳନ

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିଜସ୍ୱ ଜମିପଟ୍ଟା ପ୍ରସଙ୍ଗ**

- ଜିଲାପାଳଙ୍କୁ ଲିଖିତ ଜଣାଇଲେ ଛାତ୍ର କଂଗ୍ରେସ ସଙ୍ଗଠନ

ବଲାଙ୍ଗୀର ଅଫିସ,୨।୮

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ନିଜସ୍ୱ ଜମି ନାହିଁ। ସରକାରୀ ସ୍ତରରେ ବିଶ୍ୱବିଦ୍ୟାଳୟ ନାଁରେ ଶୀଘ୍ର ଜମି ଯୋଗାଇବାକୁ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇ ଆସୁଛି। ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ଛାତ୍ର ପ୍ରତିନିଧି ଦଳ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଜମିପଟ୍ଟା ନଥିବାରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହେଉଥିବା ଅସୁବିଧା, ଛାତ୍ରୀଛାତ୍ରଙ୍କ ସମସ୍ୟା ବିଷୟରେ ଉଲ୍ଲେଖ କରାଯାଇଛି। ପ୍ରତିନିଧି ମଣ୍ଡଳୀ କହିଥିଲେ ଯେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାଁରେ ଇଞ୍ଚେ ମଧ ଜମି ନାହିଁ। କେବଳ ମାତ୍ର ଏକ ସାଇନବୋର୍ଡ ଅନୁଷ୍ଠାନ ପରିଣତ ହୋଇଛି। ବିଶ୍ୱବିଦ୍ୟାଳୟ ନାଁରେ ଜମି ନ ଥିବାରୁ ବିଗତ ଦିନରେ ଅନେକ ବିଭାଗରେ ନାମଲେଖା ସମ୍ଭବ ହୋଇପାରି ନ ଥିବା ଜଣାଇଥିଲେ। ନ୍ୟାଶନାଲ କାଉନସିଲ ଫର ଟିଚର ଏଜୁକେଶନ୍ (ଏନ୍‌ଇଟିଇ) ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବିଇଡି ନାମଲେଖାକୁ ବାରଣ କରିବାରୁ ପଛୁଆ ଅଞ୍ଚଳ ଭାବେ ଖ୍ୟାତ ଏହି ଅଞ୍ଚଳର ଛାତ୍ରୀଛାତ୍ରମାନେ ବିଇଡି ନାମଲେଖାରୁ ବଞ୍ଚିତ ହୋଇଥିଲେ। ଏଭଳି ସମସ୍ୟା ଆଗକୁ ନ ଉପୁଜିବା ପାଇଁ ତୁରନ୍ତ ଜମି ସମସ୍ୟାର ସମାଧାନ କରି ବିଶ୍ୱବିଦ୍ୟାଳୟ ନାଁରେ ଜମିପଟ୍ଟା କରିବାକୁ ଦାବି କରିଥିଲେ। ଏହି ସମସ୍ୟାର ସମାଧାନ ଶୀଘ୍ର କରା ନ ଗଲେ ଆଗକୁ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଏଡିଏମ୍‌ଙ୍କୁ ଜଣାଇଥିଲେ। ଛାତ୍ର ପ୍ରତିନିଧି ମଣ୍ଡଳୀରେ ନୀତିଶ ପ୍ରଧାନ, ନିରଞ୍ଜନ ମିଶ୍ର, ଶୁଭେନ୍ଦୁ ସାହୁ, ସୁଜିତ କୁମ୍ଭାର, ମନୋରଞ୍ଜନ ବିଶ୍ୱାଳ, ଅଞ୍ଚଳ ପଣ୍ଡା, କାହ୍ନୁଚରଣ ବହିଦାର, ଅମନ ଅଲି, ସମୀର କୁମ୍ଭାର, ଚିନ୍ମୟ ସାହୁ ଏବଂ ସୁମିତ ବାଗ ଉପସ୍ଥିତ ଥିଲେ।

# ଜିଲା ସଡ଼କ ସୁରକ୍ଷା ସମିତି ବୈଠକ

- ଆର୍‌ଟିଓ ବିଭାଗ ଦ୍ୱାରା କଡ଼ାଯାଞ୍ଚ

ଭବାନୀପାଟଣା,୨।୮(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ମଙ୍ଗଳବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଅମ୍ରି କୁମାର ଟୁଡୁ ଗତ ୨୫।୪।୨୦୨୨ ତାରିଖରେ ଅନୁଷ୍ଠିତ ସଡ଼କ ସୁରକ୍ଷା ବୈଠକ ସମୀକ୍ଷା ଓ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଏଥିରେ ଜିଲାରେ ମୋଟ ୯ଟି ବ୍ଲାକ୍ ସ୍ପଟରୁ ଦୁର୍ଘଟଣା ହ୍ରାସ ପାଇଁ ବର୍ତ୍ତମାନ ୬ଟି ବ୍ଲାକ ସ୍ପଟ କନ୍ତେଶିର, ଉତ୍କେଲା, ଚାଞ୍ଚେର, ହାତୀ ବ୍ରିଜ, ଆମପାଣି, କାଉଡୋଳା ଛକରୁ ହାଇସ୍କୁଲ ପର୍ଯ୍ୟନ୍ତ ସୀମିତ ରହିଛି। ସ୍କୁଲ ଓ ହସ୍ପିଟାଲ ଛାଡ଼ି ଜାତୀୟ ରାଜପଥ ସମସ୍ତ ହମ୍ପସ ଓ ସ୍ପିଡ ବ୍ରେକରକୁ ହଟାଇ ଦିଆଯାଇଛି। ବର୍ଷା ଋତୁରେ ରାଜପଥ କଡ଼ରେ ଅନାବନା ଗଛ ଓ ବଡ଼ ଗଛ ଡ଼ାଳକୁ ସଫା କରାଯାଇଛି। ସେଭଳି ଏନ୍‌ଏଚ୍ କଡ଼ରେ ମଲ ଓ ସପିଂ ସେଣ୍ଟର୍ ଯୋଗୁ ଟ୍ରାଫିକ ସମସ୍ୟା ଗୁରୁତର ଯୋଗୁ ଭବାନୀପାଟଣା ମ୍ୟୁନିସିପାଲଟି, ଜୁନାଗଡ଼ ଓ କେସିଙ୍ଗା ଏନ୍‌ଏସିକୁ ପଦକ୍ଷେପ ନେବାକୁ କୁହାଯାଇଛି। ଦେପୁର୍‌ରୁ ମାଡିଂ ଭାୟା ପାଷ୍ଟିକୁଡ଼ି, ଛତିକୁଡ଼ାରୁ ବିଶ୍ୱନାଥପୁର୍ ଛକ ଆର୍‌ଏଣ୍ଡବି ଦାରା ଶୀଘ୍ର କାର୍ଯ୍ୟ ସମାପନ ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଟିଓ ରାମ ନିବାସ ସିଁକା ମେ ୨୦୨୨ରୁ ଜୁଲାଇ ୨୦୨୨ ମଧ୍ୟରେ ନିଆଯାଇଥିବା କାର୍ଯ୍ୟକାରୀ ପଦକ୍ଷେପ ଉପରେ ସବିଶେଷ ସୂଚନା ଦେଇଥିଲେ। ସିଟ ବେଲଟ ନ ପିନ୍ଧିବା, ବିନା ହେଲମେଟରେ ଗାଡି ଚାଳନା, ଦ୍ରୁତ ଗତି, ମୋବାଇଲରେ କଥା ହୋଇ ଗାଡ଼ି ଚାଳନା, ମଦ୍ୟପାନ ସହ ଗାଡ଼ି ଚାଳନା, ଅଧିକ ଓଜନ ନେଇ ଏବଂ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନରେ ମେ ମାସରେ ୯୭ ଡିଏଲ, ଜୁନରେ ୪୦ଟି ଡିଏଲ ଓ ଜୁଲାଇରେ ୫୯ଟି ଡିଏଲ ସସ୍ପେଣ୍ଡ କରାଯାଇଛି। ସେଭଳି ଇ ଚାଲାଣ ମାଧ୍ୟମରେ ଏହି ତିନି ମାସରେ ୧୫, ୫୬, ୪୬୬ ଟଙ୍କା ଆଦାୟ ହୋଇଛି। ଜିଲାପାଳ ରେଡ୍ଡୀ ଆମପାଣି ଘାଟି ରାସ୍ତା ମୋଡ଼ରେ ଦର୍ପଣ ବ୍ୟବସ୍ଥା କିମ୍ବା ଉଜ୍ଜଳ ଷ୍ଟିକରିଂ, ପୋଲିସ ଏବଂ ଆର୍‌ଟିଓ ବିଭାଗ ଦ୍ୱାରା କଡ଼ାଯାଞ୍ଚ, ଏନ୍‌ଏସି ଓ ମ୍ୟୁନିସିପାଲଟି ପକ୍ଷରୁ ଗାଈଙ୍କୁ ରାସ୍ତାରୁ ହଟାଇ କାଞ୍ଜିଆହୁଦାରେ ରଖିବା ଉପରେ ଗୁରୁତ୍ୱ ଦେଲେ। ସେଭଳି ମାଲବାହୀ ଟ୍ରକ, ଓଜନିଆ ଯାନ ସହର ମଧ୍ୟରେ ପ୍ରବେଶ ସମୟ ସ୍ଥିର କରିବାକୁ ଟ୍ରକ ମାଲିକ ସଂଘ ତଥା ବସ ମାଲିକ ସଂଘ ସହିତ ଏକ ବୈଠକ କରିବାକୁ ଆର୍‌ଟିଓଙ୍କୁ କହିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ପରିଷଦ ସୁଶାନ୍ତ କୁମାର ପଟେଲ, ସିଡିଏମଓ ଡ. ରଞ୍ଜନ ମିତ୍ର, ଏଡିଆଇପିଆର୍‌ଓ ମନୋଜ ବେହେରା, କେସିଙ୍ଗା ଏନ୍‌ଏସି ନିର୍ବାହୀ ଅଧିକାରୀ, ଅବକାରୀ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁଇ ଟ୍ରକ ମୁହାଁମୁହିଁ ଧକ୍କା: ଜଣେ ଗୁରୁତର

ଦେଓଗାଁ,୨।୮(ଡି.ଏନ.ଏ.)

ମଙ୍ଗଳବାର ଭୋର ସମୟରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନାଇକେନଶିରା ଛକ ନିକଟରେ ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ରାୟଗଡରୁ ଏକ ଖାଲି ଟ୍ରକ ଯାଉଥିବା ବେଳେ କେସିଙ୍ଗାରୁ ଆସୁଥିବା ଗ୍ୟାସ ବୋଝେଇ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ରାୟଗଡ ପଟୁ ଆସୁଥିବା ଟ୍ରକର ଡ୍ରାଇଭର ଅନିଲ ଯାଦବ ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ଦେଓଗାଁ ପୋଲିସ ଏସଆଇ ଜଗତ ଜୀବନ ସା ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିବା ଜଣାପଡିଛି । ଗ୍ୟାସ ବୋଝେଇ ଟ୍ରକର ଡ୍ରାଇଭର ଦୁର୍ଘଟଣା ପରେ ଫେରାର ହୋଇଯାଇଥିବା ପୋଲିସ କହୁଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରି ଦେଓଗାଁ ପୋଲିସ ତଦନ୍ତ ଚଳାଇଛି ।

# ସ୍ନାତକ, ସ୍ନାତକୋତ୍ତର ବିଭାଗରେ ସିଟ୍ ବୃଦ୍ଧି ଦାବି

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**

- କୁଳପତିଙ୍କୁ ଭେଟି ଦାବିପତ୍ର ଦେଲେ ବିଜୁ ଛାତ୍ର ଜନତା ଦଳ ପ୍ରତିନିଧି

ବଲାଙ୍ଗୀର ଅଫିସ,୨।୮

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ସମସ୍ତ ବିଷୟରେ ସିଟ୍ ବୃଦ୍ଧି କରିବା ସକାଶେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ସୁମନ କୁମାର ନନ୍ଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ରାଜ୍ୟ ସମ୍ପାଦକ ନନ୍ଦ କହିଥିଲେ ଯେ, ଚଳିତବର୍ଷ ବିଶ୍ୱବିଦ୍ୟାଳୟର ପାସ୍ ହାରକୁ ଦେଖିଲେ ସିଟ୍ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ବିଭିନ୍ନ ବିଭାଗରେ ଥିବା ବିଭିନ୍ନ ବିଷୟରେ ସିଟ୍ ସଂଖ୍ୟା ଯେତିକି ରହିଛି ତାହା ବୃଦ୍ଧି ନ ପାଇଲେ ଅନେକ ଛାତ୍ରୀଛାତ୍ର ସେମାନଙ୍କ ମନ ପସନ୍ଦର ବିଷୟରେ ପାଠ ପଢ଼ିପାରିବେ ନାହିଁ। ଏଣୁ ତୁରନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ସମସ୍ତ ବିଷୟରେ ସିଟ୍ ବଢ଼ାଇବାର ଆବଶ୍ୟକତା ରହିଛି। ଷ୍ଟାଟିଷ୍ଟିକ୍, ଫିଲୋସଫି, ଏଜୁକେଶସନ୍ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବାକୁ ଦାବି କରିଥିଲେ। ଏଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କୁଳପତି ପ୍ରଫେସର ମହାପାତ୍ର କହିଥିଲେ। ପ୍ରତିନିଧି ଦଳରେ ଆଶିଷ ଗଡତିଆ, ଦିବ୍ୟରଞ୍ଜନ, ଶରତ ବାଗ, ଅଙ୍କିତ ପଟେଲ, ସଞ୍ଜିତ ମେର୍ଲି, ନେପାଳ ବାଗ, ରାଜେନ୍ଦ୍ର ହେର୍ଣ୍ଣା, ରସାନନ୍ଦ ଷାଣ୍ଡ, ଅମିରାଜ ନାୟକ, ରାଜ ବିଶ୍ୱାଳ ଓ ଉଦିତ ମହାପାତ୍ର ଉପସ୍ଥିତ ଥିଲେ।

# ଭୋଟର ସଂଶୋଧନ ପ୍ରକ୍ରିୟା ଆରମ୍ଭ



ଜିଲାପାଳ ସମ୍ମିଳନୀ କକ୍ଷରେ ଭୋଟର ସଂଶୋଧନ ପାଇଁ ସୂଚନା ଦେଉଛନ୍ତି।

ନୂଆପଡ଼ା ଅଫିସ,୨।୮

କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡ଼ିଏ ସଂଶୋଧନ କରାଯାଇଛି। ଏହା ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି ବୋଲି ନୂଆପଡା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ହେମକାନ୍ତ ସାଏ ସୂଚନା ଦେଇଛନ୍ତି। ଏହି ସଂଶୋଧନ ଚଳିତ ବର୍ଷ ଅଗଷ୍ଟ ୧ରୁ କାର୍ଯ୍ୟକାରୀ କରାଯିବ। ଫର୍ମ-୬ରେ କେବଳ ନୂତନ ଭୋଟରମାନଙ୍କ ନାମ ପଞ୍ଜୀକରଣ କରାଯିବ। ଫର୍ମ-୬(କ)ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଫର୍ମ-୭ରେ ଭୋଟର ତାଲିକାରୁ ବାଦ ପାଇଁ ମୃତ୍ୟୁ ପ୍ରମାଣ ପତ୍ର ସଂଲଗ୍ନ କରିବାକୁ ପଡିବ। ଫର୍ମ-୮ରେ ପୂର୍ବରୁ ଭୋଟର ତାଲିକାରେ ତ୍ରୁଟି ବିବରଣୀଗୁଡିକ ସଂଶୋଧନ କରାଯାଉଥିଲା। ବର୍ତ୍ତମାନ ନିଜ ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାସସ୍ଥାନ ସ୍ଥାନାନ୍ତରଣ ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ, ଭୋଟର ପରିଚୟପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ଆଦି ବିଭିନ୍ନ ନୂତନା ପ୍ରଦାନ କରାଯାଇଛି। ନୂଆପଡାରେ ଏହି ସଂଶୋଧନକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର ଭାବେ ପଞ୍ଚାୟତସ୍ତରରେ ଓ ବିଭିନ୍ନ ମହାବିଦ୍ୟାଳୟରେ ସଚେତନ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଫର୍ମ-୬(ଖ)ରେ ନିର୍ବାଚନ ଆୟୋଗଙ୍କ ୱେବସାଇଡ ଇଆରଓଏନଇଟି, ଜିଏଆରୟୁଡିଏ, ଏନଭିଏସପି, ଭିଏଚଏ ରେ ଉପଲବ୍ଧ ହେବ।

## ଗୌନ୍ତିଆ ମିନିକେତନ ପାଣିଗ୍ରାହୀଙ୍କ ପରଲୋକ

ବେଲପଡା, ୨।୮(ଡି.ଏନ.ଏ.)

ଘାଗୁର୍ଲୀ ଗ୍ରାମର ଗୌନ୍ତିଆ ତଥା ଆଦର୍ଶ ଶିକ୍ଷକ ମିନିକେତନ ପାଣିଗ୍ରାହୀ (୮୬)ଙ୍କ ମଙ୍ଗଳବାର ସକାଳେ ବେଲପଡାସ୍ଥିତ ତାଙ୍କ ପୁଅଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପାଣିଗ୍ରାହୀ ଗତ ୩ ମାସ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ,ବୋହୂ, ନାତି ନାତୁଣି ଉପସ୍ଥିତ ଥିଲେ। ମରଶରୀରକୁ ଘାଗୁର୍ଲୀ ବାସଭବନକୁ ନିଆଯାଇଥିଲା। ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଦିଲିପ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ। ସେ ଜଣେ ଭଗବତ ପ୍ରେମୀ ଓ ଦରଦୀ ମଣିଷ ଭାବରେ ଘାଗୁର୍ଲୀ ତଥା ବେଲପଡା ବ୍ଲକ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ପ୍ରଚେଷ୍ଟାରେ ଘାଗୁର୍ଲୀ ଗ୍ରାମରେ ଦଧିବାମନ ମନ୍ଦିର ନିର୍ମାଣ ହୋଇଥିଲା।

# ଏପିଜେ ଫୁଟବଲ ଦଳର ଅଭ୍ୟାସ ଆରମ୍ଭ

ଲୋଇସିଂହା,୨।୮(ଡି.ଏନ.ଏ.)

କୋଭିଡ ଯୋଗୁ ବଲାଙ୍ଗୀର ଜିଲା ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ବନ୍ଦ ଥିଲା । କୋଭିଡ ପ୍ରଭାବ କମିବା ପରେ ଜିଲା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ସେପ୍ଟେମ୍ବର ୪ ତାରିଖରୁ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ୨୦୧୯ ଚାମ୍ପିୟନ ଲୋଇସିଂହା ଏପିଜେ ଦଳ ମଙ୍ଗଳବାର ଠାରୁ ଅଭ୍ୟାସ ଆରମ୍ଭ କରିଛି । ଲକ୍ଷ୍ୟ ପୂରଣ ପାଇଁ ନବାଗତ ଟିମ୍ ଓ ମ୍ୟାନେଜମେଣ୍ଟ ପକ୍ଷରୁ ରଣନୀତି ଆରମ୍ଭ ହୋଇଛି । ମଙ୍ଗଳବାର ପୂର୍ବାହ୍ନରେ ଲୋଇସିଂହା ଷ୍ଟାଡିୟମଠାରେ ଦଳର ଯୁବ ଖେଳାଳି, କୋଚ ଏବଂ ମ୍ୟାନେଜମେଣ୍ଟ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ପୂଜକ ଟିଙ୍କୁ ପାଣ୍ଡିଆ ଓ ସହଯୋଗୀ ପ୍ରକାଶ ମହାରଣା ପୂଜାପାଠ କରି ଦଳର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ମ୍ୟାନେଜର ଅଶୋକ କୁମାର ବରିହା, କୋଚ ବିଜୟ ରଣା,ସୁରେଶ ସଲତରଙ୍କ ସମେତ ଶୁଭେଚ୍ଛୁ ମୋହିତ ମିଶ୍ର, ରଞ୍ଜନ ବେହେରା, ଭାଗବତିଆ ଭୋଇ, ନୟୁ ଖାନ ଉପସ୍ଥିତ ଥିଲେ । ନକ୍‌ଆଉଟ ଚାମ୍ପିୟନ ଲକ୍ଷ୍ୟରେ ଦଳର ଅଭ୍ୟାସ ଆରମ୍ଭ ହୋଇଯାଇଛି ବୋଲି ସୂଚନା ଦିଆଯାଇଛି।

# କୋସଲି ଭାଷା ବିଶ୍ୱର ଶ୍ରେଷ୍ଠ ଭାଷା ମଧ୍ୟରୁ ଅନ୍ୟତମ

**ସତ୍ୟ ନାରାୟଣ ବହିଦାରଙ୍କ ଜୟନ୍ତୀରେ ବିଶିଷ୍ଟ ବ୍ୟକ୍ତିଙ୍କ ମତ**

ସୋନପୁର,୨।୮(ନି.ପ୍ର.)

ପଶ୍ଚିମ ଓଡିଶାବାସୀଙ୍କ ବ୍ୟବହାରିକ କୋସଲି ଭାଷା ହେଉଛି ବିଶ୍ୱର ଶ୍ରେଷ୍ଠ ଭାଷା ମଧ୍ୟରୁ ଅନ୍ୟତମ। ସୋନପୁରରେ କବି ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ସୋମବାର ଏହି ମତପ୍ରକାଶ କରିଛନ୍ତି। ପୌରାଣିକ, ଐତିହାସିକ ଦୃଷ୍ଟିରୁ ଓ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଏବଂ ଭାରତର ରାଷ୍ଟ୍ରପତି ଏହି ଭାଷାକୁ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଏହାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବାକୁ କେନ୍ଦ୍ର ସରକାର ବାଧ ବୋଲି ବକ୍ତାମାନେ ଯୁକ୍ତି ବାଢ଼ିଥିଲେ। ଏହି ଭାଷାର ଉତ୍କର୍ଷ ସକାଶେ ପଦ୍ମଶ୍ରୀ ହଳଧର ନାଗ ଓ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କୁ ପଦ୍ମସମ୍ମାନ ପ୍ରଦାନ ଉପରୋକ୍ତ ଯୁକ୍ତିକୁ ଦୃଢ଼ୀଭୂତ କରୁଛି ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଓ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ ସାଧାରଣ ସଭା ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ପ୍ରଫେସର ଡ. ସନ୍ତୋଷ ପାଢ଼ୀ, ପ୍ରଫେସର ଡ. ଜ୍ୟୋତିରଞ୍ଜନ ବହିଦାର, ପ୍ରଫେସର ଶମ୍ଭୁଭୂଷଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ମୀନା ମହାରଣା, କବି ଆର୍ତ୍ତତ୍ରାଣ ବାବୁ, ପୁଷ୍ପା ମେହେର, ଦିଲିପ କୁମାର ରଥ ଓ ଜ୍ୟୋତି ରଞ୍ଜନ ପଟ୍ଟନାୟକ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ସତ୍ୟନାରାୟଣ ବହିଦାରଙ୍କ ନାତୁଣି ଗୀତା ବହିଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳ୍ପନା ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍ଥାୟୀ ଅଧିକାରୀ ନିଯୁକ୍ତି ଦାବି କଲେ ବ୍ଲକ ଅଧ୍ୟକ୍ଷ

- ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଲେ
- ଦାବି ପୂରଣ ନ ହେଲେ ଧାରଣା ଦେବେ

ଭବାନୀପାଟଣା,୨।୮(ସ୍ୱ.ପ୍ର.)


ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ୨୮ଟି ପଞ୍ଚାୟତ ରହିଥିବା ବେଳେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବାସ କରୁଛନ୍ତି। ସେହିପରି ଗୋଲାମୁଣ୍ଡା ବ୍ଲକ ମାଇଗ୍ରେସନ ବ୍ଲକ ହେଇଥିବାରୁ ଏଠାରେ ସ୍ଥାୟୀ ଯୋଗାଣ ନିରୀକ୍ଷକ, ଏଏଓ, ବିଏସଏସଓ, ଏପିଓ, ଡବ୍ଲ୍ୟୁଇଓ, କନିଷ୍ଠ ଯନ୍ତ୍ରୀ ସମେତ ୨ ଜଣ ବରିଷ୍ଠ କିରାଣୀ ରହି ନ ଥିବାରୁ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଏଥିପ୍ରତି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ । ହେଲେ ଜିଲାପାଳଙ୍କୁ ଜଣାଇବା ପରେ ମଧ ଗୋଲାମୁଣ୍ଡା ବ୍ଲକରେ କାର୍ଯ୍ୟରତ ପି.ଏ ହେମନ୍ତ ଭୋଇଙ୍କୁ ଜୟପାଟଣା ବ୍ଲକକୁ ବଦଳି କରାଯାଇଛି। ବର୍ତ୍ତମାନ ଗୋଷ୍ଠୀ କୃଷି ଅଧିକାରୀଙ୍କର ମଧ ଅନ୍ୟତ୍ର ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନ ଖାଲି ପଡ଼ିଛି। ସେହିପରି ବ୍ଲକର ୨ଜଣ ବରିଷ୍ଠ କିରାଣୀଙ୍କୁ ଅନ୍ୟତ୍ର ବଦଳି କରିଥିବା ବେଳେ ତାଙ୍କ ବଦଳରେ କେବଳ ଜଣେ ନିଯୁକ୍ତ ହୋଇଛନ୍ତି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ବଦଳି କରାଯାଇଥିବା ବେଳେ ସେହି ପଦବୀ ଖାଲିପଡ଼ିଛି। ଜିଲା ପ୍ରଶାସନ ଗୋଲାମୁଣ୍ଡା ବ୍ଲକକୁ ଅନ୍ୟତ୍ର ଚକ୍ଷୁରେ ଦେଖୁଥିବା ଅଧ୍ୟକ୍ଷ ମହାନନ୍ଦ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଦିନ ମୁ ଜନଶୁଣାଣି କରେ ଓ ଏହି ସମୟରେ ବ୍ଲକର ଲୋକେ ବିଭିନ୍ନ ପ୍ରକାର ସମସ୍ୟା ନେଇ କି ମୋ ପାଖକୁ ଆସିଥାନ୍ତି। ହେଲେ ବିଭାଗୀୟ ଅଧିକାରୀମାନେ ନ ଥିବାରୁ ସମସ୍ୟା ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଚିଠି କିମ୍ବା ଫୋନ କରି ପାରୁ ନି ବୋଲି ଅଧ୍ୟକ୍ଷ ମହାନନ୍ଦ ପ୍ରକାଶ କରିଛନ୍ତି। ସ୍ଥାୟୀ ଅଫିସର୍ ନ ଥିବାରୁ ପୋଲିସ ଓ ତହସିଲ ବିଭାଗ ସମସ୍ୟା ବ୍ୟତିତ କୌଣସି ସମସ୍ୟା ସମାଧାନ ହେଇପାରୁନାହିଁ। ବ୍ଲକରୁ ବଦଳି ହୋଇଥିବା ପିଏ ହେମନ୍ତ ଭୋଇଙ୍କୁ ତୁରନ୍ତ ବାତିଲ କରିବା ସହ ମୋର ଦାବିଗୁଡାକ ଯଦି ସମାଧାନ ନ କରନ୍ତି ତେବେ ମୁଁ ଜିଲାପାଳ କାର୍ଯ୍ୟାଳୟ ସାମ୍ନାରେ ବାଧ ହୋଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବି ବୋଲି ଅଧ୍ୟକ୍ଷ ମହାନନ୍ଦ ପ୍ରକାଶ କରିଛନ୍ତି। ଏହି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ, ୫-ଟି ସଚିବ, ଜିଲା ପରିଷଦ ସଭାପତି ପୁଷ୍ପେନ୍ଦୁ ସିଂଦେଓ ଓ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଜଣାଇଛି ବୋଲି ବ୍ଲକ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।